# ଧରିତ୍ରୀ DHARITRI

51 Years

ଭୁବନେଶ୍ୱର,ଗୁରୁବାର, ଜୁଲାଇ ୩୧/୨୦୨୫ (୧୮ ପୃଷ୍ଠା) | Bhubaneswar, Thursday, July 31/2025 | Page 18 | ₹ 7.00 | SAMBALPUR

୫୧ଶ ଭାଗ ୨୪୬ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 51 ISSUE 246 | ମୂଲ୍ୟ ₹୭/-




## ଯୋଦ୍ଧା ଭୂମିକାରେ ରିଷଭ

ଅଶ୍ୱିନ ଗଙ୍ଗାରାଜୁଙ୍କ ନିର୍ଦ୍ଦେଶନାରେ ନିର୍ମାଣ ହେବାକୁ ଥିବା ଏକ ଐତିହାସିକ ଆକ୍ସନ ଡ୍ରାମା ଫିଲ୍ମରେ ଅଭିନେତା ରିଷଭ ଶେଟ୍ଟୀ ମୁଖ୍ୟ ଭୂମିକାରେ ନଜରକୁ ଆସିବେ। ୦୨

୧୮

## ଓଲି ପୋପ୍ ଇଂଲଣ୍ଡ ଦଳର ନେତୃତ୍ୱ ନେବେ

ବେନ୍ ଷ୍ଟୋକ୍ସ ଆହତ ଥିବାରୁ ଗୁରୁବାର ଓଭାଲରେ ଆରମ୍ଭ ହେବାକୁ ଯାଉଥିବା ଭାରତ ବିପକ୍ଷ ୫ମ କ୍ରିକେଟ ଟେଷ୍ଟରେ ଓଲି ପୋପ୍ ଇଂଲଣ୍ଡ ଦଳର ନେତୃତ୍ୱ ନେବେ।





ରୁଷିଆର କାମଚଟକା ଉପଦ୍ୱୀପରେ ୮.୮. ତୀବ୍ରତାର ଭୂକମ୍ପ ହେବା ପରେ ସୁନାମି ଢେଉ ଜନବସତି ଆଡ଼କୁ ମାଡ଼ିଯାଉଥିବାର ଦୃଶ୍ୟ। (ଫଟୋ ସୌଜନ୍ୟ: ରଏଟର୍ସ)

# ରୁଷିଆରେ ୮.୮ ତୀବ୍ରତାର ଭୂକମ୍ପ

## ଅନେକ ଦେଶରେ ସୁନାମି ଆଲର୍ଟ ଜାରି

ରୁଷିଆରେ ବୁଧବାର ଆସିଥିବା ଏକ ଶକ୍ତିଶାଳୀ ଭୂକମ୍ପ ବିଶ୍ୱର ଅର୍ଦ୍ଧାଧିକ ଭାଗକୁ ଦୋହଲାଇ ଆତଙ୍କ ସୃଷ୍ଟି କରିଛି। କାମଚଟକା ଉପଦ୍ୱୀପରେ ୮.୮ ତୀବ୍ରତାର ଭୂକମ୍ପ ସୃଷ୍ଟି ହୋଇଛି। ଏହା ବିଶ୍ୱର ଷଷ୍ଠ ବୃହତ୍ ଭୂକମ୍ପ, ଯାହାର କେନ୍ଦ୍ରସ୍ଥଳ ୧୯.୩ କି.ମି. ଗଭୀରତାରେ ରହିଥିବା ଆମେରିକୀୟ ଭୂବୈଜ୍ଞାନିକ ସର୍ବେକ୍ଷଣ (ୟୁଏସ୍‌ଜିଏସ୍) ପକ୍ଷରୁ ସୂଚନା ଦିଆଯାଇଛି। ଏହାର ପ୍ରଭାବରେ କାମଚଟକା ଉପଦ୍ୱୀପରେ ୫ ମିଟର ଉଚ୍ଚତା ବିଶିଷ୍ଟ ସୁନାମି ସୃଷ୍ଟି ହୋଇଥିଲା। ପ୍ରଥମେ ଏଠାରେ ସୁନାମି ଆଲର୍ଟ ଜାରି କରାଯାଇଥିବାବେଳେ ପରବର୍ତ୍ତୀ ସମୟରେ ଏହାକୁ ହଟାଇ ଦିଆଯାଇଥିଲା। ଅନ୍ୟପକ୍ଷେ ସୁନାମି ଢେଉର ପ୍ରଭାବରୁ ଲୋକଙ୍କ ଧନଜୀବନ ନଷ୍ଟ ହେବା ଆଶଙ୍କାରେ ଜାପାନ, ଆମେରିକା, ହୱାଇ ସମେତ ଅନେକ ଦେଶରେ ଆଲର୍ଟ ଜାରି କରାଯାଇଛି। ଇକ୍ୱେଡର, କଲମ୍ବିଆ, ମେକ୍ସିକୋ, ଚାଇନା, ଫିଲିପାଇନ୍ସ, ଇଣ୍ଡୋନେସିଆ, ନ୍ୟୁଜିଲାଣ୍ଡ, ପେରୁ, ଚିଲି ଓ କୋଷ୍ଟାରିକା ପକ୍ଷରୁ ନିଜ ନାଗରିକମାନଙ୍କୁ ଉପକୂଳବର୍ତ୍ତୀ ଅଞ୍ଚଳକୁ ଅନ୍ୟୁନ ଦିନକ ପାଇଁ ନ ଯିବାକୁ ବାରଣ କରାଯାଇଛି। କେବଳ ଟୋକିଓରୁ ୨୦ ଲକ୍ଷ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। କାମଚଟକା ସମେତ ଅନେକ ସ୍ଥାନରେ ଭୂକମ୍ପ ଯୋଗୁ ଘରଦ୍ୱାର ଧରାଶାୟୀ ହୋଇଯାଇଛି। ବଡ଼ବଡ଼ କୋଠା, ଆସବାବପତ୍ର ଓ କାର୍ ଆଦି ସମୁଦ୍ରର ଢେଉ ସ୍ରୋତରେ ଭାସିଯାଇଥିବା ଦେଖିବାକୁ ମିଳିଛି। ସୋସିଆଲ ମିଡିଆରେ ଧ୍ୱଂସଲୀଳାର ଫଟୋ ଓ ଭିଡିଓଗୁଡ଼ିକ ବହୁଳ ପ୍ରସାରିତ ହେବାରେ ଲାଗିଛି।

(ସବିଶେଷ ରିପୋର୍ଟ: ପୃଷ୍ଠା-୨)

# ଭାରତ ଉପରେ ଟ୍ରମ୍ପଙ୍କ ୨୫% ଟାରିଫ୍, ଜରିମାନା

- ରୁଷିଆ ସହ ବାଣିଜ୍ୟକୁ ବରଦାସ୍ତ କରୁନି ଆମେରିକା
- ଅଗଷ୍ଟ ୧ରୁ ଲାଗୁହେବ ନୂଆ ଟାରିଫ୍

**ରୁଷିଆ ସହ ଭାରତର ବାଣିଜ୍ୟକୁ ଆମେରିକା ବରଦାସ୍ତ କରୁନାହିଁ। ବିଶେଷକରି ରୁଷିଆଠାରୁ ଭାରତ ବିପୁଳ ପରିମାଣର ତୈଳ ଓ ପ୍ରତିରକ୍ଷା ସାମଗ୍ରୀ କିଣୁଛି। ଏହାକୁ ରୋକିବା ପାଇଁ ଆମେରିକା ବିଭିନ୍ନ ଉପାୟରେ ଚାପ ସୃଷ୍ଟି କରିଆସୁଥିବାବେଳେ ଭାରତୀୟ ସାମଗ୍ରୀ ଉପରେ ଉଚ୍ଚ ଟାରିଫ୍ (ଟିକସ) ଲଗାଇବାକୁ ଧମକ ଦେଉଥିଲେ ଏବଂ ତାହା ଅଗଷ୍ଟରେ ଲାଗୁ ହେବ ବୋଲି କହି ଆସୁଥିଲା। ସତକୁ ସତ ଆମେରିକା ବୁଧବାର ଭାରତ ବିରୋଧରେ କଠୋର ପଦକ୍ଷେପ ଗ୍ରହଣ କରିଛି। ଆସନ୍ତା ୧ ତାରିଖଠାରୁ ଭାରତୀୟ ସାମଗ୍ରୀ ଉପରେ ଆମେରିକା ୨୫% ଟାରିଫ୍ ଲଗାଇଛି। ଏହାସହ ରୁଷିଆ ସହ କାରବାର ପାଇଁ ଜରିମାନା ମଧ୍ୟ ଲଗାଇଛି। ଏନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ 'X'ରେ ସୂଚନା ଦେଇ କହିଛନ୍ତି ଯେ, ଭାରତ ଆମର ବନ୍ଧୁ। କିନ୍ତୁ ଏହାର ଅତ୍ୟଧିକ ଉଚ୍ଚ ଟାରିଫ୍ ଯୋଗୁ ଭାରତ ସହ ଆମେରିକାର ବାଣିଜ୍ୟ କାରବାର ଆଖିଦୃଶିଆ ହୋଇପାରୁନାହିଁ। ଗୋଟିଏ ପଟେ ୟୁକ୍ରେନ୍‌ରେ ରୁଷିଆର ନରସଂହାରକୁ ରୋକିବା ପାଇଁ ସମସ୍ତେ ଚାହୁଁଥିବାବେଳେ ରୁଷିଆର ତୈଳ ଓ ପ୍ରତିରକ୍ଷା ସାମଗ୍ରୀର ବଡ଼ କ୍ରେତା ପାଲଟିଛି ଭାରତ। ଏ କ୍ଷେତ୍ରରେ ଟ୍ରମ୍ପ ଭାରତ ଓ ଚାଇନାକୁ ଗୋଟିଏ ବର୍ଗରେ ସାମିଲ କରିଛନ୍ତି। ଟ୍ରମ୍ପଙ୍କ ଏହି ଟିକସ ପ୍ରହାର ଭାରତୀୟ ଅର୍ଥନୀତି ଉପରେ ଗୁରୁତର ପ୍ରଭାବ ପକାଇବ ବୋଲି ବଜାର ବିଶେଷଜ୍ଞ ଓ ଅର୍ଥନୀତିଜ୍ଞମାନେ ଆକଳନ କରୁଛନ୍ତି। ଅନ୍ୟପକ୍ଷରେ କେନ୍ଦ୍ର ସରକାରଙ୍କ କୂଟନୈତିକ ବିଫଳତା ଦର୍ଶାଇ ବିରୋଧୀ ସମାଲୋଚନା କରିଛନ୍ତି।**



ଡୋନାଲ୍ଡ ଟ୍ରମ୍ପ

**ୱାଶିଂଟନ/ନୂଆଦିଲ୍ଲୀ, ୩୦।୭ (ପି.ଟି./ରଏଟର୍ସ)**

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବୁଧବାର ଭାରତ ଉପରେ ୨୫% ଟାରିଫ୍ କଷିଛନ୍ତି। ଫଳରେ ଆମେରିକାକୁ ଭାରତରୁ ରପ୍ତାନି ହେବାକୁ ଥିବା ସାମଗ୍ରୀଗୁଡ଼ିକ ଉପରେ ଅଗଷ୍ଟ ୧ ତାରିଖରୁ ୨୫% ଆମଦାନୀ ଶୁଳ୍କ ଲାଗିବ। ଏହାବାଦ୍ ରୁଷିଆଠାରୁ ଭାରତ କ୍ରୁଡ୍ ଅଏଲ୍ ଓ ସାମରିକ ଉପକରଣ କିଣୁଥିବାରୁ ଏକ ଅନିର୍ଦ୍ଦିଷ୍ଟ ଜରିମାନା ମଧ୍ୟ ଲଗାଯିବ ବୋଲି ଟ୍ରମ୍ପ ଘୋଷଣା କରିଛନ୍ତି।

ଟ୍ରେଡ୍ ଡିଲ୍ ପାଇଁ ଆମେରିକାର ଏକ ଟିମ୍ ଅଗଷ୍ଟ ୨୫ରେ ଭାରତ ଗସ୍ତ କରିବେ ବୋଲି ନୂଆଦିଲ୍ଲୀ ସ୍ପଷ୍ଟ କରିବାର ଦିନକ ପରେ ଟ୍ରମ୍ପଙ୍କ ପକ୍ଷରୁ ଏହି ବିସ୍ମିତ କରିଦେବା ଭଳି ଘୋଷଣା କରାଯାଇଛି। ଟ୍ରମ୍ପ ନିଜ ସାମାଜିକ ଗଣମାଧ୍ୟମ ଟ୍ରୁଥ୍ ସୋସିଆଲରେ ଏନେଇ ଏକ ପୋଷ୍ଟ କରିଛନ୍ତି। ଏଥିରେ ସେ ଉଲ୍ଲେଖ କରିଛନ୍ତି, ଅଗଷ୍ଟ ୧ରୁ 'ବନ୍ଧୁ' ଭାରତକୁ ୨୫% ଟାରିଫ୍ ପଇଠ କରିବାକୁ ପଡ଼ିବ। ବନ୍ଧୁରାଷ୍ଟ୍ର ହୋଇଥିଲେ ମଧ୍ୟ ଭାରତ ଓ ଆମେରିକା ଅପେକ୍ଷାକୃତ କମ୍ ବ୍ୟବସାୟ କରିଛନ୍ତି। ଏଥିପାଇଁ ସେ ଭାରତର ଉଚ୍ଚ ଟାରିଫ୍‌କୁ ଦାୟୀ କରିଛନ୍ତି। ଭାରତର କଠୋର ଓ କ୍ଷତିକାରକ ଟାରିଫ୍ ବିଶ୍ୱରେ ସର୍ବାଧିକ ଟାରିଫ୍ କଷୁଥିବା ଦେଶଗୁଡ଼ିକ ମଧ୍ୟରୁ ଅନ୍ୟତମ, ଯାହାକି କୌଣସି ରାଷ୍ଟ୍ର ସହ ବାଣିଜ୍ୟ କାରବାରରେ ବଡ଼ ପ୍ରତିବନ୍ଧକ ବୋଲି ଟ୍ରମ୍ପ ନିଜ ପୋଷ୍ଟରେ ଉଲ୍ଲେଖ କରିଛନ୍ତି। ଏଥିରେ ଟ୍ରମ୍ପ ଆହୁରି ଉଲ୍ଲେଖ କରିଛନ୍ତି, ଭାରତ ନିଜର ଅଧିକାଂଶ ସାମରିକ ଉପକରଣ ରୁଷିଆଠାରୁ କିଣୁଛି। ୟୁକ୍ରେନ୍‌ରେ ମସ୍କୋ ହତ୍ୟା କରୁଥିବାରୁ ରୁଷିଆ ଉପରେ କଟକଣା ଜାରି ପାଇଁ ସମସ୍ତେ ଚାହୁଁଥିବାବେଳେ ଏହାର ସର୍ବବୃହତ୍ ଶକ୍ତି କ୍ରେତା ଭାରତ ଓ ଚାଇନା। ତେଣୁ ଭାରତକୁ ୨୫% ଟାରିଫ୍ ଦେବାକୁ ପଡ଼ିବ ବୋଲି ଟ୍ରମ୍ପ ସ୍ପଷ୍ଟ କରିଛନ୍ତି।

ଟ୍ରମ୍ପଙ୍କ ଏହି ଘୋଷଣାକୁ ନୂଆଦିଲ୍ଲୀ ଉପରେ ☞ପୃଷ୍ଠା-୪

### ସୋସିଆଲ ମିଡିଆରେ କ'ଣ ହେଉଛି ଚର୍ଚ୍ଚା

ଭାରତ ଉପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ୨୫% ଟାରିଫ ଘୋଷଣା କରିବା ପରେ ସୋସିଆଲ ମିଡିଆରେ ନାନା ଚର୍ଚ୍ଚା ହେଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆମେରିକାର ନିର୍ବାଚନୀ ରାଜନୀତିରେ ସାମିଲ ହୋଇ ଟ୍ରମ୍ପଙ୍କ ପାଇଁ ପ୍ରଚାର କରିବା ଯୋଗୁ ଭାରତୀୟଙ୍କୁ ଗତ ପ୍ରାୟ ୬ ବର୍ଷ ହେଲା (ଜୋ ବାଇଡେନ୍‌ଙ୍କ ସମୟରୁ) କ୍ଷତି ସହିବାକୁ ପଡୁଛି ବୋଲି ଅନେକେ କହୁଛନ୍ତି। ସେହିପରି ମୋଦି ଅନେକ ଥର ଟ୍ରମ୍ପଙ୍କୁ ଆଲିଙ୍ଗନ କରି ବନ୍ଧୁ ବୋଲି କହିଆସୁଥିବାବେଳେ ସେ ଭାରତକୁ ପ୍ରହାର ପରେ ପ୍ରହାର କରିଚାଲିଛନ୍ତି, ଯାହାକୁ 'ଅପରେଶନ ସିନ୍ଦୂର' ସମୟରେ ପରୋକ୍ଷରେ ଦେଖିବାକୁ ମିଳିଥିଲା। ଏବେ ଟ୍ରମ୍ପ ପ୍ରତ୍ୟକ୍ଷ ଭାବେ ଭାରତ ବିରୋଧରେ ମଞ୍ଚା ବାନ୍ଧିଛନ୍ତି ବୋଲି କେତେଜଣ ମତ ଦେଇଛନ୍ତି।

## ପହିଲାରେ ରାଜ୍ୟ କ୍ୟାବିନେଟ୍

### ଆସିପାରେ ୭ରୁ ଅଧିକ ପ୍ରସ୍ତାବ

**ଭୁବନେଶ୍ୱର,୩୦।୭ (ରବିନାରାୟଣ ଜେନା)**

ରାଜ୍ୟ ସରକାରଙ୍କ ପକ୍ଷରୁ ଅଗଷ୍ଟ ପହିଲାରେ ରାଜ୍ୟ କ୍ୟାବିନେଟ୍ ବୈଠକ ଅନୁଷ୍ଠିତ ହେବ। ଲୋକସେବା ଭବନର ତୃତୀୟ ମହଲାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅପରାହ୍ନ ୫ଟାରେ ଅନୁଷ୍ଠିତ ହେବାକୁ ଥିବା ଏହି କ୍ୟାବିନେଟ୍ ବୈଠକରେ ୬ଟି ବିଭାଗର ୭ଟିରୁ ଊର୍ଦ୍ଧ୍ୱ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବରେ ମୋହର ବାଜିବାକୁ ରହିଛି। ସେଥିମଧ୍ୟରେ ରାଜ୍ୟର ରାଜସ୍ୱ ନୀତିରେ କେତେକ ସଂଶୋଧନ ସହ ଶିକ୍ଷା, ସ୍ୱାସ୍ଥ୍ୟ ଭଳି ବିଭିନ୍ନ ବିଭାଗର ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବମାନ ରହିଛି ☞ପୃଷ୍ଠା-୪

## ସରକାରୀ କାର୍ଯ୍ୟାଳୟରେ 'ସିଙ୍ଗଲ ୟୁଜ୍ ପ୍ଲାଷ୍ଟିକ୍' ମନା

**ଭୁବନେଶ୍ୱର, ୩୦।୭ (ରବିନାରାୟଣ ଜେନା)**

ରାଜ୍ୟରେ ଗତ ୬ ବର୍ଷ ତଳୁ ବ୍ୟାନ୍ ହୋଇଥିବା 'ସିଙ୍ଗଲ ୟୁଜ୍ ପ୍ଲାଷ୍ଟିକ୍' ନିୟମ ଏବେ କଡ଼ାକଡ଼ି କରାଯିବ। ସରକାରୀ କାର୍ଯ୍ୟାଳୟରେ ଯେପରି ଆଉ ସିଙ୍ଗଲ ୟୁଜ୍ ପ୍ଲାଷ୍ଟିକ୍ ଦେଖିବାକୁ ନ ମିଳିବ, ସେଥିନେଇ ଜଙ୍ଗଲ ଓ ପରିବେଶ ବିଭାଗ



ଅଣ୍ଟା ଭିଡ଼ିଛି। ଏନେଇ ଜଙ୍ଗଲ ଓ ପରିବେଶ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ(ଏସିଏସ୍) ସତ୍ୟବ୍ରତ ସାହୁ ସମସ୍ତ ବିଭାଗର ସଚିବଙ୍କୁ ଚଳିତମାସ ୧୭ରେ ପତ୍ର ଲେଖି ତୁରନ୍ତ ଏହାକୁ ସରକାରୀସ୍ତରରେ ଲାଗୁ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

ଏସିଏସ୍ ସାହୁ ପ୍ରଦାନ କରିଥିବା ପତ୍ରରେ ଦର୍ଶାଇଛନ୍ତି ଯେ, ୨୦୧୯ ଗାନ୍ଧୀ ଜୟନ୍ତୀରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏ ସଂକ୍ରାନ୍ତରେ ଏକ ନିର୍ଦ୍ଦେଶନାମା ଜାରି ହୋଇଥିଲା। ଏହାସହିତ ଭାରତ ସରକାରଙ୍କ ☞ପୃଷ୍ଠା-୪

## ୧୭୦ ଘଣ୍ଟା ଭାରତନାଟ୍ୟମ୍ ନୃତ୍ୟ କରି ବିଶ୍ୱ ରେକର୍ଡ

**ମାଙ୍ଗାଲୁରୁ, ୩୦।୭**

କର୍ନାଟକର ମାଙ୍ଗାଲୋରସ୍ଥିତ ସେଣ୍ଟ ଆଲୋୟସିଅସ୍ ୟୁନିଭର୍ସିଟିର ଛାତ୍ରୀ ରେମୋନା ଏଭେଟ ପରେରା ୧୭୦ ଘଣ୍ଟା ପର୍ଯ୍ୟନ୍ତ ଭାରତନାଟ୍ୟମ୍ ନୃତ୍ୟ ପ୍ରଦର୍ଶନ କରି ବିଶ୍ୱ ରେକର୍ଡ ସ୍ଥାପନ କରିଛନ୍ତି। ଗୋଲ୍ଡେନ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡ୍ସରେ ତାଙ୍କ ନାମ ସ୍ଥାନ ପାଇଛି। ଏହାସହ ସର୍ବାଧିକ ସମୟ ପର୍ଯ୍ୟନ୍ତ ନିରନ୍ତର ଭାବେ



ରେମୋନା ଏଭେଟ ପରେରା

କୌଣସି ଶାସ୍ତ୍ରୀୟ ଭାରତୀୟ ନୃତ୍ୟ ପ୍ରଦର୍ଶନ କରିବାରେ ରେମୋନା ପ୍ରଥମ ବ୍ୟକ୍ତି ହୋଇପାରିଛନ୍ତି।

ବିଏ ଅନ୍ତିମ ବର୍ଷର ଛାତ୍ରୀ ରେମୋନା ଜୁଲାଇ ୨୧ ପୂର୍ବାହ୍ନ ୧୦ଟାରେ ସେଣ୍ଟ ଆଲୋୟସିଅସ୍ ୟୁନିଭର୍ସିଟିର ରୋବର୍ଟ ସେକ୍ୟୁରା ହଲ୍‌ରେ ଭାରତନାଟ୍ୟମ୍ ନୃତ୍ୟ ପ୍ରଦର୍ଶନ କରିବା ଆରମ୍ଭ କରିଥିଲେ। ଜୁଲାଇ ୨୮ ମଧ୍ୟାହ୍ନ ୧୨ଟାରେ ସେ ତାଙ୍କ ଅନବରତ ନୃତ୍ୟ ପ୍ରଦର୍ଶନକୁ ସମାପ୍ତ କରି ବିଶ୍ୱ ରେକର୍ଡ ହାସଲ କରିଥିଲେ। ଏହାପରେ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଗୋଲ୍ଡେନ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡ୍ସର ଭାରତ ପ୍ରତିନିଧି ମନୀଷ ବିଷ୍ଣୋଇ ରେମୋନାଙ୍କୁ ବିଶ୍ୱ ରେକର୍ଡର ପ୍ରମାଣପତ୍ର ପ୍ରଦାନ କରିଥିଲେ। ସେଣ୍ଟ ଆଲୋୟସିଅସ୍ ୟୁନିଭର୍ସିଟିସ୍ଥିତ ରଙ୍ଗା ଅଧ୍ୟୟନ କେନ୍ଦ୍ରର ନିର୍ଦ୍ଦେଶକ କ୍ରିଷ୍ଟୋଫର ଡିସୁଜା କହିଛନ୍ତି, ☞ପୃଷ୍ଠା-୪


**ଆଜିର ସମ୍ପାଦକୀୟ**

ବାଣିଜ୍ୟ ଓ ଚାଇନାର ହିନ୍ଦୁ ମନ୍ଦିର



BGU BIRLA GLOBAL UNIVERSITY BHUBANESWAR

ADMISSIONS OPEN www.bgu.ac.in

A Hub of Excellence in Education

BIRLA SCHOOL OF ENGINEERING & TECHNOLOGY

Your Gateway to a Tech-Driven Future!

ACADEMIC PROGRAM OFFERED

B.Tech in Computer Science & Engineering (Regular Entry - 4 yrs. & Lateral Entry - 3 yrs.)

OUR EDGE
- Cutting-Edge Curriculum
- Focus on Emerging Technologies such as Artificial Intelligence & Machine Learning, Robotics etc.
- Practical Learning Experience
- Innovation & Tech Communities
- Empowering Coding skills
- B.K. Birla & Sarala Birla Academic Merit Scholarships

ADMISSIONS OPEN FOR OUR OTHER PROGRAMS
- MBA
- M.Com
- M.Sc. Financial Economics
- MA in Journalism & Mass Comm
- LLM (1 yr.)
- MCA
- BBA (3/4 yrs.)
- B.Com (3/4 yrs.)
- B.Sc. Economics (3/4 yrs.)
- BA in Journalism & Mass Comm (3/4 yrs.)
- BBA LLB
- BCA (3/4 yrs.)

IDCO Plot No. 2, Institutional Area, Gothapatna, Bhubaneswar – 751029

WhatsApp/Call: 9776129900/7381058307 Email: admission@bgu.ac.in



# ରୁଷିଆରେ ୮.୮ ତୀବ୍ରତାର ଭୂକମ୍ପ


ରୁଷିଆର କାମଚଟକାରେ ଭୂକମ୍ପ ପରେ ଏକ କିଣ୍ଡରଗାର୍ଟେନ୍ ଭାଙ୍ଗିଯାଇଛି।


ଜାପାନରେ ସୁନାମି ଆଲର୍ଟ ଜାରି କରାଯିବା ପରେ ହୋକ୍କାଇଡୋରେ ଲୋକେ ଏକ କୋଠା ଉପରେ ଆଶ୍ରୟ ନେଇଛନ୍ତି।

## ଅନେକ ଦେଶରେ ସୁନାମି ଆଲର୍ଟ ଜାରି

ମସ୍କୋ/ଟୋକିଓ/ୱାଶିଂଟନ, ୩୦।୭(ପି.ଟି./ଏ.ପି./ରଏଟର୍ସ)

ରୁଷିଆର ୧,୨୫୦ କି.ମି. ଲମ୍ବ ଦୂରପ୍ରାନ୍ତ୍ୟ କାମଚଟକା ଉପଦ୍ୱୀପ ୨ ଲକ୍ଷ ୭୦ ହଜାର ବର୍ଗ କିଲୋମିଟର ଅଞ୍ଚଳରେ ପରିବ୍ୟାପ୍ତ। ସ୍ଥାନୀୟ ସମୟ ପୂର୍ବାହ୍ନ ୧୧ଟା ୨୪ ମିନିଟ (ଭାରତୀୟ ସମୟ ଭୋର ୪ଟା ୪୫)ରେ ଏହି ସାମୁଦ୍ରିକ ଅଞ୍ଚଳ ଏକ ଶକ୍ତିଶାଳୀ ଭୂକମ୍ପରେ ଥରହର ହୋଇ ଉଠିଛି। ଏହାର ବନ୍ଦରଗୁଡ଼ିକ ଧରାଶାୟୀ ହୋଇଯାଇଛି। ସମୁଦ୍ରରେ ୫ ମିଟର ଉଚ୍ଚତାର ଢେଉ ଉଠିବା ପରେ ଆତଙ୍କିତ ଲୋକେ ସୁରକ୍ଷିତ ସ୍ଥାନକୁ ପଳାୟନ କରିବାରେ ଲାଗିଲେ। ଏହା ଜନବହୁଳ ଅଞ୍ଚଳ ହୋଇ ନ ଥିବାରୁ କାହାର ପ୍ରାଣହାନି ଘଟି ନ ଥିବା ଜଣାପଡ଼ିଛି। ତେବେ ଧାଁ ଦୌଡ଼ବେଳେ ଅନେକେ ଆହତ ହୋଇଛନ୍ତି, ଯାହାଙ୍କ ପ୍ରକୃତ ସଂଖ୍ୟା ସାମ୍ନାକୁ ଆସିନାହିଁ।

ସେହିପରି ଜାପାନରେ ମଧ୍ୟ ଭୂକମ୍ପର ପ୍ରଭାବ ଅନୁଭୂତ ହୋଇଛି। ଦେଢ଼ ଫୁଟ୍ ଉଚ୍ଚତାର ଫେଣଯୁକ୍ତ ଜୁଆର ଜାପାନର ଉତ୍ତର ଉପକୂଳ ହୋକ୍କାଇଡୋ ଦ୍ୱୀପକୁ ମାଡ଼ିଯିବାରୁ ସୁନାମି ଆଲର୍ଟ ଜାରି କରାଯାଇଛି। ଜାପାନରେ ୨୦୧୧ର ସୁନାମିକୁ ସ୍ମରଣକରି ଲୋକେ ପ୍ରଭାବିତ ଅଞ୍ଚଳରୁ ଇଭାକ୍ୟେଶନ୍ ସେଣ୍ଟରକୁ ଧାଇଁବାରେ ଲାଗିଛନ୍ତି। ପୂର୍ବ ସୁନାମି ବେଳେ ଜାପାନ ରିଏକ୍ଟର ସେଣ୍ଟର ପ୍ରଭାବିତ ହୋଇଥିବାରୁ ଏଥର କୌଣସି ପ୍ରକାର ଅଘଟଣ ଏଡ଼ାଇବା ପାଇଁ ଜରୁରୀ ପଦକ୍ଷେପ ନିଆଯାଇଛି। ଆମେରିକାର ହ୍ୱାଇସ୍ଥିତ ରାଜପଥଗୁଡ଼ିକରେ କାର୍‌ଗୁଡ଼ିକ ଫସିରହିଛି। ଏପରି କି ଉପକୂଳ ଦୂରବର୍ତ୍ତୀ ଅଞ୍ଚଳରେ ମଧ୍ୟ ଟ୍ରାଫିକ୍ ଜାମ୍ ହୋଇଥିବା ଦେଖିବାକୁ ମିଳିଛି। ତେବେ ହ୍ୱାଇରେ ପ୍ରଥମେ ଜାରି କରାଯାଇଥିବା ସୁନାମି ଆଲର୍ଟକୁ ପରବର୍ତ୍ତୀ ସମୟରେ କୋହଳ କରାଯାଇ 'ଆଡ୍‌ଭାଇଜରି'ରେ ପରିବର୍ତ୍ତିତ କରାଯାଇଛି। ଜାପାନର ମେଟେରୋଲୋଜିକାଲ ଏଜେନ୍ସି ମଧ୍ୟ ଦକ୍ଷିଣ ପାସିଫିକ୍ ଫୁକୁସିମାରେ ଉକ୍ତ ଆଲର୍ଟକୁ ଆଡ୍‌ଭାଇଜରିକୁ ଖସାଇ ଦେଇଛି। ହ୍ୱାଇ ପ୍ରତିରକ୍ଷା ବିଭାଗର ମେଜର ଜେନେରାଲ ଷ୍ଟିଫେନ୍ ଲୋଗାନ୍ କହିଛନ୍ତି, ଆଡଭାଇଜରିର ତାତ୍ପର୍ଯ୍ୟ ହେଉଛି ଶକ୍ତିଶାଳୀ ସ୍ରୋତର ଆଶଙ୍କା ଓ ବିପଦପୂର୍ଣ୍ଣ ଢେଉ। ଏଥିସହ ପୋତାଶ୍ରୟ ଓ ବନ୍ଦରଗୁଡ଼ିକୁ ଲଂଘିଲା ଭଳି ବନ୍ୟା ସ୍ଥିତି ଉପୁଜିପାରେ ବୋଲି ସେ ସତର୍କ କରାଇଛନ୍ତି। ସେହିପରି ଆଲାସ୍କାର ନ୍ୟାଶନାଲ ସୁନାମି ୱାର୍ନିଂ ସେଣ୍ଟର କୋଅର୍ଡିନେଟର ଡାଭେ ସ୍ନିଡେର କହିଛନ୍ତି, ସୁନାମିର ପ୍ରଭାବ କିଛି ଘଣ୍ଟା କିମ୍ବା ଏକାଧିକ ଦିନ ପର୍ଯ୍ୟନ୍ତ ରହିପାରେ। ସୁନାମି କେବଳ ଏକ ଢେଉ ନୁହେଁ। ଏହା ଏକ ଶକ୍ତିଶାଳୀ ସ୍ରୋତ, ଯାହାକି ଦୀର୍ଘ ସମୟ ଧରି ରହିଥାଏ। ସୁନାମି ଘଣ୍ଟା ପ୍ରତି ଅନେକ ଶହ ମାଇଲ ତୀବ୍ର ଗତିରେ ସମୁଦ୍ରକୁ ଅତିକ୍ରମ କରିଥାଏ। ସମୁଦ୍ରର ଗଭୀର ଜଳରାଶି ଭିତରେ ଏହାର ସ୍ରୋତ ଜେଟ୍ ଏୟାରପ୍ଲେନ୍‌ର ଗତି ସଦୃଶ। କିନ୍ତୁ ତାହା ଉପକୂଳକୁ ନିକଟବର୍ତ୍ତୀ ହେବାବେଳକୁ ଗତି ମନ୍ଥର ହେବାରେ ଲାଗିଥାଏ। ଏଭଳି ସ୍ଥିତିରେ ସେନାର ବ୍ଲାକ୍ ହକ୍ ହେଲିକପ୍ଟର ଓ ହାଇ-ୱାଟର ଭେହିକିଲଗୁଡ଼ିକୁ ମୁତୟନ କରାଯାଇଛି। ଉଦ୍ଧାର କାର୍ଯ୍ୟ ଜାରି ରହିଛି। ତେବେ ଜନସାଧାରଣ ନିଜ କ୍ଷତି ରୋକିବା ପାଇଁ ତତ୍ପର ରହିବା ଜରୁରୀ ବୋଲି ହ୍ୱାଇ ଗଭର୍ନର ଜୋଶ ଗ୍ରୀନ୍ ଏକ ବିବୃତିରେ କହିଛନ୍ତି। ଓରେଜିଓନ୍‌ର ଜରୁରୀ ପରିଚାଳନା ବିଭାଗ ଏକ ଫେସ୍‌ବୁକ୍ ପୋଷ୍ଟରେ ଉଲ୍ଲେଖ କରିଛି, ସ୍ଥାନୀୟ ସମୟ ପୂର୍ବାହ୍ନ ୧୧ଟା ୪୦ରୁ ଛୋଟ ଛୋଟ ସୁନାମି ଢେଉ ଉପକୂଳକୁ ମାଡ଼ିଆସିପାରେ, ଯାହାର ଉଚ୍ଚତା ୧-୨ ଫୁଟ୍ ରହିବା ଅନୁମାନ କରାଯାଉଛି। ଆଡ୍‌ଭାଇଜରି ନ ହଟିବା ପର୍ଯ୍ୟନ୍ତ ଲୋକେ ସମୁଦ୍ରକୂଳ ଓ ପୋତାଶ୍ରୟଗୁଡ଼ିକୁ ନ ଯାଇ ସୁରକ୍ଷିତ ସ୍ଥାନରେ ଆଶ୍ରୟ ନିଅନ୍ତୁ। ଏହା ଏକ ବୃହତ୍ ସୁନାମି ହୋଇ ନ ଥିଲେ ମଧ୍ୟ ବିପଜ୍ଜନକ ସ୍ରୋତ ଓ ଶକ୍ତିଶାଳୀ ଢେଉ ଜଳ ନିକଟରେ ଥିବା ଲୋକଙ୍କ ପାଇଁ ରିସ୍କ ଆସିପାରେ ବୋଲି ବିଭାଗ ପକ୍ଷରୁ ସତର୍କ କରାଯାଇଛି। କାଲିଫର୍ନିଆରୁ ଆରମ୍ଭ କରି ୱେଷ୍ଟ କୋଷ୍ଟ, ୱାଶିଂଟନ୍ ରାଜ୍ୟ ଓ କାନାଡୀୟ ପ୍ରଦେଶ ବ୍ରିଟିଶ୍ କଲମ୍ବିଆରେ ମଧ୍ୟ ସୁନାମି ଆଡ୍‌ଭାଇଜରି ଜାରି କରାଯାଇଛି।

୧,୬୫,୦୦୦ ଜନସଂଖ୍ୟା ବିଶିଷ୍ଟ ରୁଷୀୟ ସହର ପେଟ୍ରୋପାଭ୍‌ଲୋଭ୍‌ସ୍କ-କାମକଚାଟ୍‌ସ୍କିର ପୂର୍ବ-ଦକ୍ଷିଣପୂର୍ବର ୧୧୯ କି.ମି. ଗଭୀରତାରେ ଭୂକମ୍ପ ସୃଷ୍ଟି ହୋଇଥିବା ନେଇ ପ୍ରଥମେ ରିପୋର୍ଟ ପ୍ରକାଶ ପାଇଥିଲା। କିନ୍ତୁ ତାହା ୧୯.୩ କି.ମି. ଗଭୀରତାରେ ଥିବା ନେଇ ପରବର୍ତ୍ତୀ ସମୟରେ ଜଣାପଡ଼ିଛି। ଭୂକମ୍ପ ପରେ ଅନେକ ଥର ଝଟକା ଲାଗିଥିଲା। ଘରଦ୍ୱାର, ଆସବାବପତ୍ର, ଗାଡ଼ି, ଡଙ୍ଗା ଆଦି ଭାସିଯାଇଥିବାବେଳେ ବଡ଼ଧରଣର କ୍ଷତି ହୋଇ ନ ଥିବା ସେଭେରୋକୁରିଲସ୍କ ମେୟର ଆଲେକ୍‌ଜାଣ୍ଡାର ଓଭସ୍ୟାନ୍ନିକୋଭ୍ ସୂଚନା ଦେଇଛନ୍ତି। ବିଦ୍ୟୁତ୍ ସଂଯୋଗକୁ ବିଚ୍ଛିନ୍ନ କରାଯାଇଛି। ବନ୍ୟା ସ୍ଥିତି ଉପୁଜିଥିବାରୁ କର୍ତ୍ତୃପକ୍ଷମାନଙ୍କୁ ଆଲର୍ଟ କରାଯାଇଛି। ୧୯୫୨ ମସିହା ପରେ ରୁଷିଆରେ ଏହା ସବୁଠୁ ବଡ଼ ଭୂକମ୍ପ ବୋଲି ରୁଷିଆନ୍ ସାଇନ୍ସ ଏକାଡେମୀ ପକ୍ଷରୁ କୁହାଯାଇଛି।


ହ୍ୱାଇର ଓଆହୁଠାରେ ସୁନାମି ଭୟରେ ଲୋକେ ସୁରକ୍ଷିତ ସ୍ଥାନକୁ ପଳାୟନ କରୁଛନ୍ତି।

# ସିଜେଆଇଙ୍କ ଅଫିସ ଡାକଘର ନୁହେଁ

## ଜଷ୍ଟିସ୍ ବର୍ମାଙ୍କ ଘରୁ ଟଙ୍କା ମିଳିବା ପ୍ରସଙ୍ଗ: ସୁପ୍ରିମକୋର୍ଟରେ ରାୟ୍ ସଂରକ୍ଷିତ

ନୂଆଦିଲ୍ଲୀ,୩୦।୭

ଭାରତର ପ୍ରଧାନ ବିଚାରପତି (ସିଜେଆଇ)ଙ୍କ ଅଫିସ ଏକ ପୋଷ୍ଟ ଅଫିସ ନୁହେଁ। ଯେଉଁ ବ୍ୟକ୍ତି ଏହି ପଦବୀ ଅଳଙ୍କୃତ କରୁଛନ୍ତି, ଦେଶ ପ୍ରତି ତାଙ୍କର ଏକ କର୍ତ୍ତବ୍ୟ ରହିଛି ବୋଲି ବୁଧବାର ସୁପ୍ରିମକୋର୍ଟ ଦିଲ୍ଲୀ ହାଇକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ୍ ଯଶୱନ୍ତ ବର୍ମାଙ୍କ ଉଦ୍ଦେଶ୍ୟରେ କହିଛନ୍ତି। ଏଥିସହ ଜଷ୍ଟିସ୍ ବର୍ମାଙ୍କ ଆବେଦନର ରାୟକୁ ସଂରକ୍ଷିତ ରଖିଛନ୍ତି।

ଆଲ୍ଲାହାବାଦ ହାଇକୋର୍ଟ ବିଚାରପତି ଜଷ୍ଟିସ୍ ବର୍ମା ଦିଲ୍ଲୀ ହାଇକୋର୍ଟରେ କାର୍ଯ୍ୟରତ ଥିବାବେଳେ ମାର୍ଚ୍ଚ ୧୪ ରାତିରେ ତାଙ୍କ ବାସଭବନରେ ନିଆଁ ଲାଗିଯାଇଥିଲା। ସେଠାକୁ ନିଆଁ ଲିଭାଇବାକୁ ଯାଇଥିବା ଅଗ୍ନିଶମ କର୍ମଚାରୀମାନେ ବିପୁଳ ପରିମାଣର ୫୦୦ ଟଙ୍କିଆ ନୋଟ୍ ପାଇଥିଲେ। ଏହି ପ୍ରସଙ୍ଗରେ ସୁପ୍ରିମକୋର୍ଟଙ୍କ ଦ୍ୱାରା ଗଠିତ ୩ ବିଚାରପତି ବିଶିଷ୍ଟ ପ୍ୟାନେଲ ଜଷ୍ଟିସ୍ ବର୍ମାଙ୍କୁ ପଦରୁ ହଟାଇବା ପାଇଁ ସୁପାରିସ କରିଥିବାବେଳେ ସେ ଏହାକୁ ସର୍ବୋଚ୍ଚ ଅଦାଲତରେ ଚ୍ୟାଲେଞ୍ଜ କରିଛନ୍ତି। ଏସବୁ ଜଷ୍ଟିସ ସଞ୍ଜୀବ ଖାନ୍ନା ସିଜେଆଇ ଥିବାବେଳେ ହୋଇଥିଲା। ତେବେ ଜଷ୍ଟିସ୍ ଦୀପଙ୍କର ଦତ୍ତା ଓ ଅଗଷ୍ଟାଇନ୍ ଜର୍ଜ ମନୀଷଙ୍କ ଖଣ୍ଡପୀଠ ବୁଧବାର ଶୁଣାଣି କରୁଥିବାବେଳେ ଜଷ୍ଟିସ୍ ବର୍ମାଙ୍କ ପକ୍ଷରୁ ମାମଲା ଲଢୁଥିବା ବରିଷ୍ଠ ଆଇନଜୀବୀ କପିଲ ସିବଲ ଇନ୍-ହାଉସ୍ କମିଟିରେ ଯୁକ୍ତି ବାଢ଼ିଥିଲେ ଯେ, ଜଣେ ବିଚାରପତିଙ୍କୁ ପଦରୁ ହଟାଇବା ନେଇ ପ୍ୟାନେଲର କ୍ଷମତା ନାହିଁ। ସମ୍ବିଧାନର ଅନୁଚ୍ଛେଦ ୧୨୪ ଏବଂ ଜଜେସ୍ (ଇନ୍‌କ୍ୱାରି) ଆକ୍ଟ ଅନୁସାରେ ନିୟମକୁ ଅଣଦେଖା କରି ସମ୍ବିଧାନ ବହିର୍ଭୂତ ବ୍ୟବସ୍ଥା ଗଢ଼ିବାକୁ ଉଦ୍ୟମ ହୋଇଛି। ଯୁକ୍ତିତର୍କ ଆଗକୁ ବଢ଼ି କୋର୍ଟଙ୍କ କ୍ଷମତା ବିଷୟ ଆସିବାରୁ ଜଷ୍ଟିସ୍ ଦତ୍ତା କହିଲେ, ସିଜେଆଇଙ୍କ ଅଫିସ ପୋଷ୍ଟ ଅଫିସ ବା ଡାକଘର ନୁହେଁ। ନ୍ୟାୟପାଳିକାର ନେତା ରୂପେ ଦେଶ ପ୍ରତି ତାଙ୍କର କର୍ତ୍ତବ୍ୟ ରହିଛି। ଯଦି ପ୍ରମାଣଗୁଡ଼ିକ ଜଷ୍ଟିସ୍ ବର୍ମାଙ୍କ ବିରୋଧରେ ଆସିଥିବ, ତେବେ ସିଜେଆଇ ସେଗୁଡ଼ିକୁ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ନିକଟକୁ ପଠାଇବା ଜରୁରୀ। ଜଷ୍ଟିସ୍ ବର୍ମାଙ୍କ ଆଚରଣ ଆତ୍ମବିଶ୍ୱାସ ସୃଷ୍ଟି କଲା ଭଳି ନୁହେଁ।। ଇନ୍-ହାଉସ୍ କମିଟି ତାଙ୍କୁ ଦୋଷୀ ସାବ୍ୟସ୍ତ କରି ତାଙ୍କ ଭୁଲ୍ ଆଚରଣ ଦେଖିବାକୁ ପାଇବା ପରେ ବର୍ମା କାହିଁକି ତା'ର ସୁପାରିସକୁ ଚ୍ୟାଲେଞ୍ଜ କରିବାକୁ ସୁପ୍ରିମକୋର୍ଟକୁ ଆସିଲେ ବୋଲି ଖଣ୍ଡପୀଠ ପ୍ରଶ୍ନ କରିଛନ୍ତି।


ଜଷ୍ଟିସ୍ ଯଶୱନ୍ତ ବର୍ମା

# ମିଶନ 'ନିସାର'ର ସଫଳ ଉତ୍କ୍ଷେପଣ

ଶ୍ରୀହରିକୋଟା, ୩୦।୭

ମହାକାଶ କ୍ଷେତ୍ରରେ ଭାରତ ପୁଣିଥରେ ଇତିହାସ ରଚିଛି। ବୁଧବାର ସନ୍ଧ୍ୟା ୫ଟା ୪୦ରେ ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାସ୍ଥିତ ସତୀଶ ଧାୱନ ମହାକାଶ କେନ୍ଦ୍ରରୁ ଆମେରିକୀୟ ମହାକାଶ ସଂସ୍ଥା ନାସା ଏବଂ ଭାରତୀୟ ମହାକାଶ ଗବେଷଣା ସଙ୍ଗଠନ (ଇସ୍ରୋ)ର ମିଳିତ 'ନିସାର' ମିଶନର ସଫଳ ଉତ୍କ୍ଷେପଣ ହୋଇଛି। ଇସ୍ରୋର ଜିଏସ୍ଏଲ୍‌ଭି-ଏଫ୍୧୬ ରକେଟ ଯୋଗେ ନାସା-ଇସ୍ରୋ ସିନ୍ଥେଟିକ ଆପାରଚର ରାଡାର (ନିସାର) ସାଟେଲାଇଟକୁ ଉତ୍କ୍ଷେପଣ କରାଯାଇଛି। ପୃଥିବୀ କକ୍ଷପଥକୁ ଏହି ସାଟେଲାଇଟ ପଠାଯାଇଛି ଯାହା ଭୂମିକମ୍ପ, ସୁନାମି, ଭୂସ୍ଖଳନ ଆଦି ପ୍ରାକୃତିକ ବିପର୍ଯ୍ୟୟ ପାଇଁ ଆଗୁଆ ସତର୍କତା ପ୍ରଦାନ କରିବ। ୧.୫ ବିଲିୟନ ଡଲାରର ନିସାର ସାଟେଲାଇଟ ଭୂମିକମ୍ପ ପୂର୍ବରୁ ଭୂମିର ସାମାନ୍ୟ ଗତିବିଧିକୁ ଚିହ୍ନଟ କରିପାରିବା ସହ ସୁନାମିର ମଧ୍ୟ ପୂର୍ବାନୁମାନ କରିପାରିବ। ଏହି ପୃଥିବୀ ପର୍ଯ୍ୟବେକ୍ଷଣ ସାଟେଲାଇଟର ତଥ୍ୟ ବିପର୍ଯ୍ୟୟ ପରିଚାଳନା ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ, ଯାହା ଧନଜୀବନ ଏବଂ ଧନସମ୍ପତ୍ତି କ୍ଷତିକୁ ହ୍ରାସ କରିବ।



# ଲଶ୍କର ସମର୍ଥନ ବିନା ପହଲଗାମ୍ ଆକ୍ରମଣ ସମ୍ଭବ ନୁହେଁ

## ୟୁଏନ୍‌ଏସ୍‌ସି ରିପୋର୍ଟରେ ଟିଆର୍‌ଏଫ୍

ନୂଆଦିଲ୍ଲୀ,୩୦।୭ (ପି.ଟି.)

ଗତ ଏପ୍ରିଲ ୨୨ରେ ଜମ୍ମୁ-କଶ୍ମୀରର ପହଲଗାମ୍‌ରେ ଆତଙ୍କବାଦୀ ଆକ୍ରମଣକୁ ନେଇ ବୁଧବାର ମିଳିତ ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍‌ଏସ୍‌ସି)ର ଏକ ରିପୋର୍ଟ ସାମ୍ନାକୁ ଆସିଛି। ପାକିସ୍ତାନର ଆତଙ୍କବାଦୀ ସଙ୍ଗଠନ ଲଶ୍କର-ଇ-ତୋଇବାର ବିନା ସହାୟତାରେ ପହଲଗାମ୍ ଆକ୍ରମଣ ସମ୍ଭବ ନୁହେଁ ବୋଲି ୟୁଏନ୍‌ଏସ୍‌ସି ମନିଟରିଂ ଟିମ୍‌ର ଉକ୍ତ ରିପୋର୍ଟରେ ଉଲ୍ଲେଖ ରହିଛି। ରିପୋର୍ଟ ଅନୁଯାୟୀ, ପହଲଗାମ୍ ଆକ୍ରମଣ ଦିନ ହିଁ ଲଶ୍କର-ଇ-ତୋଇବାର ପ୍ରକ୍ସି ସଙ୍ଗଠନ ଦି ରେସିଷ୍ଟାନ୍ସ ଫ୍ରଣ୍ଟ (ଟିଆର୍‌ଏଫ୍) ଆକ୍ରମଣ ପାଇଁ ନିଜକୁ ଦାୟୀ କରିଥିଲା। ଟିଆରଏଫ୍ ପକ୍ଷରୁ ଆକ୍ରମଣ ସ୍ଥାନର ଫଟୋ ମଧ୍ୟ ଜାରି କରାଯାଇଥିଲା। ତେବେ ଏପ୍ରିଲ ୨୬ରେ ଟିଆରଏଫ୍ ଉକ୍ତ ଦାବିରୁ ପଛକୁ ହଟିଥିଲା। ଏହାପରଠାରୁ ଟିଆରଏଫ୍ ପକ୍ଷରୁ ପହଲଗାମ୍ ଆକ୍ରମଣକୁ ନେଇ କୌଣସି ବୟାନ ଦିଆଯାଇ ନ ଥିଲା ଏବଂ ଅନ୍ୟ କୌଣସି ଆତଙ୍କବାଦୀ ସଙ୍ଗଠନ ମଧ୍ୟ ପହଲଗାମ୍ ଆକ୍ରମଣ ପାଇଁ ନିଜକୁ ଦାୟୀ କରି ନ ଥିଲେ। ଲଶ୍କର ଏବଂ ଟିଆରଏଫ୍ ମଧ୍ୟରେ ସମ୍ପର୍କ ଥିବା ନେଇ ଏହି ରିପୋର୍ଟରେ ଉଲ୍ଲେଖ ରହିଛି। ଏହି ରିପୋର୍ଟ ପାକିସ୍ତାନ ସମର୍ଥିତ ସୀମାପାର ଆତଙ୍କବାଦକୁ ନେଇ ଭାରତର କୂଟନୈତିକ ରଣନୀତିକୁ ମଜଭୁତ କରିବ ବୋଲି ବିଶେଷଜ୍ଞମାନେ ଆକଳନ କରିଛନ୍ତି।

# ଶିକ୍ଷକଙ୍କୁ ଜଣାନାହିଁ 'ଇଲେଭେନ୍' ବନାନ

ରାୟପୁର, ୩୦।୭

ସମ୍ପ୍ରତି ସୋସିଆଲ ମିଡିଆରେ ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି, ଯେଉଁଥିରେ ସରକାରୀ ସ୍କୁଲର ଶିକ୍ଷକମାନେ ଏକ ଶ୍ରେଣୀଗୃହର କଳାପଟାରେ ଇଲେଭେନ୍ ଏବଂ ନାଇଣ୍ଟିନ ସଂଖ୍ୟାର ଇଂଲିଶ ବନାନକୁ ଠିକ୍ ଭାବେ ଲେଖିପାରୁ ନ ଥିବାର ଦେଖିବାକୁ ମିଳିଛି। ବିଭିନ୍ନ ଜାତୀୟ ଗଣମାଧ୍ୟମର ରିପୋର୍ଟ ଅନୁଯାୟୀ, ଛତିଶଗଡ଼ର ବଳରାମପୁର ଜିଲା ମଡ୍ୱା ଗ୍ରାମ ପଞ୍ଚାୟତ ଅଧୀନ ଘୋଡ଼ାସୋତ ଗ୍ରାମରେ ଥିବା ଏକ ସରକାରୀ ସ୍କୁଲରୁ ଏହି ଭିଡିଓ ସାମ୍ନାକୁ ଆସିଛି। ସ୍କୁଲର ପ୍ରଧାନ ଶିକ୍ଷକଙ୍କ ସମେତ ୨ ଅନ୍ୟ ଶିକ୍ଷକ ବିଭିନ୍ନ ମୌଳିକ ପ୍ରଶ୍ନର ଉତ୍ତର ଦେଇ ପାରୁ ନ ଥିବା ନେଇ ଭିଡିଓରେ ଦେଖିବାକୁ ମିଳିଛି। ସେହିପରି ଶିକ୍ଷକମାନେ ବଳରାମପୁର ଜିଲାପାଳ ଏବଂ ରାଜ୍ୟ ଡିଜିପିଙ୍କ ନାମ ମଧ୍ୟ କହିପାରି ନ ଥିଲେ। ଶିକ୍ଷକମାନେ ସରଳ ଇଂଲିଶ ଶବ୍ଦର ବନାନକୁ ଠିକ୍ ଭାବେ ଲେଖି ପାରି ନ ଥିବାରୁ ଛତିଶଗଡ଼ର ଶିକ୍ଷା ବ୍ୟବସ୍ଥାକୁ ନେଇ ଅନେକ ୟୁଜର୍ସ ଚିନ୍ତା ପ୍ରକଟ କରିଛନ୍ତି।




## ଫୁର୍‌ସତ୍

# ଯୋଦ୍ଧା ଭୂମିକାରେ ରିଷଭ


ରିଷଭ ଶେଟ୍ଟୀ

ବେଙ୍ଗାଲୁରୁ

ଅଭିନେତା ରିଷଭ ଶେଟ୍ଟୀଙ୍କର ପରବର୍ତ୍ତୀ ଫିଲ୍ମର ଘୋଷଣା ବୁଧବାର କରାଯାଇଛି। ଅଶ୍ୱିନ ଗଙ୍ଗାରାଜୁଙ୍କ ନିର୍ଦ୍ଦେଶନାରେ ନିର୍ମାଣ ହେବାକୁ ଥିବା ଏକ ଐତିହାସିକ ଆକ୍ସନ ଡ୍ରାମା ଫିଲ୍ମରେ ରିଷଭ ମୁଖ୍ୟ ଭୂମିକାରେ ନଜରକୁ ଆସିବେ। ବୁଧବାର ଫିଲ୍ମ ନିର୍ମାତାଙ୍କ ପକ୍ଷରୁ ଏହି ଫିଲ୍ମର ଏକ ପୋଷ୍ଟର ଜାରି କରାଯାଇଛି। ଏହି ପୋଷ୍ଟରରେ ଫିଲ୍ମର ଟାଇଟଲ ସମ୍ପର୍କରେ ଘୋଷଣା କରାଯାଇ ନାହିଁ। ପୋଷ୍ଟରରେ ଜଣେ ଯୋଦ୍ଧା ମୁହଁରେ କପଡ଼ା ବାନ୍ଧିଥିବା ସହ ପିଠିରେ ୨ଟି ଖଣ୍ଡା ଧରିଥିବାର ଦେଖିବାକୁ ମିଳିଛି। ଏହାସହ ଅନେକ ହଜାର ସୈନିକ ଯୁଦ୍ଧକ୍ଷେତ୍ରରେ ଲଢ଼ିବାକୁ ଆଗ୍ରହୀ ରହିଛନ୍ତି। ସୈନିକମାନଙ୍କୁ ସାମ୍ନା କରିବା ପାଇଁ ଏକ ତୋପ ଏବଂ ଅନେକ ବନ୍ଧୁକ ମଧ୍ୟ ଉକ୍ତ ପୋଷ୍ଟରରେ ଦୃଶ୍ୟମାନ ହେଉଛି। କ୍ୟାପ୍‌ଶନ୍‌ରେ ଲେଖାହୋଇଛି, ଜଣେ ଯୋଦ୍ଧାଙ୍କ କାହାଣୀ ଖୁବ୍‌ଶୀଘ୍ର ଆପଣମାନଙ୍କ ପାଇଁ ଆସୁଛି।

# ଟ୍ରାଫିକ୍ ପୋଲିସଙ୍କ ତାଗିଦାରୁ ବଞ୍ଚିଗଲା ଜୀବନ

ମୁମ୍ବାଇ

ମହାରାଷ୍ଟ୍ରର ରାଜଧାନୀ ମୁମ୍ବାଇରେ ଏକ ଦମ୍ପତି ସଡ଼କ ଦୁର୍ଘଟଣାର ସମ୍ମୁଖୀନ ହୋଇ ମୃତ୍ୟୁମୁଖରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି। କାର୍ ମଧ୍ୟରେ ସିଟ୍‌ବେଲ୍ଟ ପିନ୍ଧିଥିବାରୁ ଉଭୟଙ୍କର ଜୀବନ ବଞ୍ଚିଯାଇଥିଲା। ଦୁର୍ଘଟଣାର ମାତ୍ର ୧୫ ମିନିଟ୍ ପୂର୍ବରୁ ମୁମ୍ବାଇର ଜଣେ ଟ୍ରାଫିକ୍ ପୋଲିସ ଉକ୍ତ ଦମ୍ପତିଙ୍କ କାର୍‌କୁ ଅଟକାଇଥିଲେ ଏବଂ ସିଟ୍‌ବେଲ୍ଟ ପିନ୍ଧିବାକୁ ତାଗିଦା କରିଥିଲେ।

ସୋମବାର ରାତିରେ ଗୌତମ ରୋହରା ଓ ତାଙ୍କ ସ୍ତ୍ରୀ କାର୍‌ରେ ଯାଉଥିବା ସମୟରେ ବାନ୍ଦ୍ରା କୁର୍ଲା କମ୍ପ୍ଲେକ୍ସ (ବିକେସି) ନିକଟରେ ତାଙ୍କୁ ମୁମ୍ବାଇ ପୋଲିସର ଟ୍ରାଫିକ କନ୍‌ଷ୍ଟେବଲ ପ୍ରବୀଣ କ୍ଷୀରସାଗର ଅଟକାଇଥିଲେ। ଗୌତମ ନିଜେ ସିଟ୍‌ବେଲ୍ଟ ଲଗାଇ କାର୍ ଡ୍ରାଇଭିଂ କରୁଥିଲେ। ତେବେ ତାଙ୍କ ସ୍ତ୍ରୀ କାର୍‌ର ଆଗ ସିଟ୍‌ରେ ବସି ମଧ୍ୟ ସିଟ୍‌ବେଲ୍ଟ ପିନ୍ଧି ନ ଥିଲେ। ସିଟ୍‌ବେଲ୍ଟ ପିନ୍ଧିବାକୁ ପ୍ରବୀଣ ଗୌତମଙ୍କ ସ୍ତ୍ରୀଙ୍କୁ ତାଗିଦା କରିଥିଲେ। ପୋଲିସ କଥା ମାନି ସେ ସିଟ୍‌ବେଲ୍ଟ ପିନ୍ଧିଥିଲେ। ଏହାପରେ ଉକ୍ତ ଦମ୍ପତି ପ୍ରବଳ ବର୍ଷା ମଧ୍ୟରେ କାର୍‌ରେ ଅନ୍ଧେରୀ ଅଭିମୁଖେ ଯାଇଥିଲେ। ତେବେ ଏକ ଉଚ୍ଚ ଅଞ୍ଚଳରୁ ତଳିଆ ଅଞ୍ଚଳକୁ ଯାଉଥିବା ରାସ୍ତାରେ କାର୍ ଚଲାଉଥିବା ସମୟରେ ଗୌତମ କାର୍‌ର ନିୟନ୍ତ୍ରଣ ହରାଇ ବସିଥିଲେ। ଫଳରେ କାର୍‌ଟି ୨ ଥର ଓଲଟି ପଡ଼ିଥିଲା ଏବଂ ଗୁରୁତର ଭାବେ କ୍ଷତିଗ୍ରସ୍ତ ହେଲା। ତେବେ ସିଟ୍‌ବେଲ୍ଟ ପିନ୍ଧିଥିବାରୁ ଗୌତମ ଓ ତାଙ୍କ ସ୍ତ୍ରୀଙ୍କୁ କେବଳ ସାମାନ୍ୟ ଆଘାତ ଲାଗିଥିଲା ଏବଂ ସେମାନେ ନିଶ୍ଚିତ ମୃତ୍ୟୁମୁଖରୁ ବଞ୍ଚିଯାଇଥିଲେ।

ଟ୍ରାଫିକ୍ କନ୍‌ଷ୍ଟେବଲ ପ୍ରବୀଣଙ୍କର ଏକ ଛୋଟ ପରାମର୍ଶ ଗୌତମଙ୍କ ସ୍ତ୍ରୀଙ୍କର ଜୀବନ ବଞ୍ଚାଇଥିଲା। ତେଣୁ ଏହି ଦମ୍ପତି ହସ୍ପିଟାଲରୁ ଚିକିତ୍ସିତ ହେବା ପରେ ତୁରନ୍ତ ବିକେସି ଟ୍ରାଫିକ୍ ଛକରେ ପହଞ୍ଚି କନ୍‌ଷ୍ଟେବଲ ପ୍ରବୀଣ ଓ ତାଙ୍କ ସହକର୍ମୀଙ୍କ ନିକଟରେ କୃତଜ୍ଞତା ପ୍ରକାଶ କରିଥିଲେ। ମଙ୍ଗଳବାର ଗୌତମ ପୂରା ଘଟଣା ସମ୍ପର୍କରେ ସୋସିଆଲ ମିଡିଆରେ ସୂଚନା ଦେଇଛନ୍ତି। ମୁମ୍ବାଇ ଟ୍ରାଫିକ୍ ପୋଲିସ ପକ୍ଷରୁ ଦିଆଯାଉଥିବା ସତର୍କତା ଏବଂ ଜୀବନ ରକ୍ଷାକାରୀ ପରାମର୍ଶଗୁଡ଼ିକୁ ସେ ପ୍ରଶଂସା କରିଛନ୍ତି। ମୁମ୍ବାଇ ପୋଲିସ କମିଶନର ଦେବେନ ଭାରତୀ ମଧ୍ୟ ଟ୍ରାଫିକ୍ କନ୍‌ଷ୍ଟେବଲ ପ୍ରବୀଣଙ୍କୁ ପ୍ରଶଂସା କରିଛନ୍ତି। କାର୍‌ରେ ଯିବା ସମୟରେ ସିଟ୍‌ବେଲ୍ଟ ପିନ୍ଧିବା ନିତାନ୍ତ ଜରୁରୀ, ତାହା ଏହି ଘଟଣା ପ୍ରମାଣିତ କରିଥିବା ସେ କହିଛନ୍ତି।


ଟ୍ରାଫିକ କନ୍‌ଷ୍ଟେବଲ ପ୍ରବୀଣ କ୍ଷୀରସାଗରଙ୍କ ସହ ଗୌତମ ରୋହରା ଓ ତାଙ୍କ ସ୍ତ୍ରୀ।

# ବଦଳୁନି ବିଜେଡି ଆଭିମୁଖ୍ୟ

## ରାଜ୍ୟ ସଭାରେ 'ସିନ୍ଦୂର' ଆଲୋଚନା

## ସୁଯୋଗ ପାଇଲେନି ଦେବାଶିଷ, ମୁନ୍ନା

ଭୁବନେଶ୍ୱର,୩୦।୭(ସୁନିତ୍ ମିଶ୍ର)

ୱକଫ୍ ବିଲ୍ ଭଳି ଅପରେଶନ ସିନ୍ଦୂର ପ୍ରସଙ୍ଗରେ ରାଜ୍ୟ ସଭାରେ ଆଲୋଚନା ସମୟରେ ବିଜେଡିର ନୀତିରେ କୌଣସି ପରିବର୍ତ୍ତନ ଦେଖିବାକୁ ମିଳିନାହିଁ। କେନ୍ଦ୍ର ସରକାରଙ୍କୁ ସୁହାଇଲା ଭଳି ଯାହା ଉଦ୍ୟମ କରାଯାଇପାରିବ, ସେଥିପାଇଁ ବିଜେଡି ସବୁ ପ୍ରକାର ଚେଷ୍ଟା କରିଛି। ଅପରେଶନ ସିନ୍ଦୂର ଆଲୋଚନାରେ ବିଜେଡିକୁ ୨୮ ମିନିଟ୍ ସମୟ ମିଳିଥିଲା। ଏଥିରେ ଦଳର ୫ ଜଣ ରାଜ୍ୟ ସଭା ସଦସ୍ୟ ଅଂଶଗ୍ରହଣ କରିଥିଲେ। ସୁବାଶିଷ ଖୁଣ୍ଟିଆ ୫ ମିନିଟ୍, ମାନସ ମଙ୍ଗରାଜ ୪ ମିନିଟ୍, ସୁଲତା ଦେଓ ୮ ମିନିଟ୍, ସସ୍ମିତ ପାତ୍ର ୭ ମିନିଟ୍, ନିରଞ୍ଜନ ବିଶି ୪ ମିନିଟ୍ ଆଲୋଚନାରେ ଭାଗନେଇଥିଲେ। ମାତ୍ର ଦଳର ଅନ୍ୟତମ ବରିଷ୍ଠ ନେତା ଦେବାଶିଷ ସାମନ୍ତରାୟ ଏବଂ ମୁଜିବୁଲ୍ଲା (ମୁନ୍ନା) ଖାଁକୁ ଏହି ଆଲୋଚନାରେ ଅଂଶଗ୍ରହଣ କରିବାକୁ ଦଳ ପକ୍ଷରୁ ସୁଯୋଗ ଦିଆଯାଇ ନ ଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ୪ ଜଣ ବିଜେଡି ରାଜ୍ୟ ସଭା ସଦସ୍ୟ ଚିରାଚରିତ ଢଙ୍ଗରେ ଭାରତୀୟ ବାୟୁସେନାକୁ ପ୍ରଶଂସା କରିଥିଲେ। ହେଲେ ସେମାନେ କୌଣସି ନୀତିଗତ ପ୍ରଶ୍ନ ଉଠାଇ ନ ଥିଲେ। ସ୍ୱଷ୍ଟ ନୀତି ନ ଥିବାରୁ ବିଜେଡିକୁ ୨ ଦିନ ହେଲା ଓଡ଼ିଶାର ବୁଦ୍ଧିଜୀବୀ ମହଲ ଓ ଗଣମାଧ୍ୟମରେ ବହୁଳ ଭାବେ ସମାଲୋଚିତ ହେବାକୁ ପଡ଼ିଥିଲା। ଏମିତିକି ଦଳ ପରିଚାଳନା କରୁଥିବା ଗୋଷ୍ଠୀ ସହ ମୁନ୍ନା ଓ ଦେବାଶିଷଙ୍କ ବିବାଦ ନେଇ ଖବର ପ୍ରକାଶ ପାଇଥିଲା। ତେଣୁ ସବୁଆଡୁ ସମାଲୋଚନା ହେବା ପରେ ଅତ୍ୟନ୍ତ ସତର୍କତାର ସହ ସସ୍ମିତ ପାତ୍ର ଭାରତ ସରକାରଙ୍କଠାରୁ ଗୋଟିଏ ପ୍ରସଙ୍ଗରେ ସ୍ୱଷ୍ଟୀକରଣ ଚାହୁଁଥିଲେ। ତାହା ହେଉଛି କେନ୍ଦ୍ର ସରକାର ଅପରେଶନ ସିନ୍ଦୂର ଚାଲିଥିବା ବେଳେ ଆନୁଷ୍ଠାନିକ ଭାବେ ଆମେରିକା ପ୍ରଶାସନର ଯୋଗାଯୋଗରେ ରହିଥିଲେ କି ନାହିଁ? କାହିଁକି ଆମେରିକା ରାଷ୍ଟ୍ରପତି ସାର୍ବଜନୀନ ଭାବେ ଭାରତ-ପାକିସ୍ତାନ ଯୁଦ୍ଧ ବିରତି ନେଇ ଉଲ୍ଲେଖ କରୁଥିଲେ ବୋଲି ପାତ୍ର ପ୍ରଶ୍ନ କରିଥିଲେ। ବିଜେଡିର ଅନ୍ୟ ରାଜ୍ୟ ସଭା ସଦସ୍ୟମାନେ ପରୋକ୍ଷରେ କେନ୍ଦ୍ର ସରକାରଙ୍କୁ ବହୁ ମାତ୍ରାରେ ପ୍ରଶଂସା କରିଥିଲେ। ଯେଉଁ କଥା କହିବାକୁ ନବୀନ ନିବାସ ପକ୍ଷରୁ ପ୍ରସ୍ତୁତ ହୋଇଥିବା ଲେଖାରେ ଉଲ୍ଲେଖ ଥିଲା, ବିଜେଡି ସାଂସଦମାନେ ପ୍ରାୟ ସେଇଆ କହିଥିଲେ। ସୂଚନାଯୋଗ୍ୟ, ନବୀନ ନିବାସରୁ ସାଂସଦମାନେ କ'ଣ କହିବେ ତାହା ପ୍ରସ୍ତୁତକରି ଫୋନ ଯୋଗେ ସେମାନଙ୍କୁ ପଠାଯାଇଥିଲା। ତାକୁ ନେଇ ସାଂସଦମାନଙ୍କ ଭିତରେ ଅସନ୍ତୋଷ ଦେଖାଦେଇଥିଲା। ମାତ୍ର ଦେବାଶିଷ ଓ ମୁନ୍ନା ଆଲୋଚନାରେ ଭାଗ ନ ନେବା ନେଇ ଦଳର ସାଂସଦମାନଙ୍କ ଭିତରେ ସବୁ ଠିକ୍ ନ ଥିବା କଥା ଏକ ପ୍ରକାର ସ୍ୱଷ୍ଟ ହୋଇଛି। କେନ୍ଦ୍ରର ଭାଜପାକୁ ବିଜେଡିର ସମର୍ଥନ କଥା ନେଇ ଦଳ ଭିତରେ ଅସନ୍ତୋଷ ବଢ଼ିଥିବା ଚର୍ଚ୍ଚା ହେଉଛି।




# କ୍ଷୟକ୍ଷତି ରିପୋର୍ଟ ତୁରନ୍ତ ଦେବାକୁ ଜିଲାପାଳମାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର/ବାଲେଶ୍ୱର/ ଭଦ୍ରକ, ୩୦।୭ (ସୁନିତ୍ ମିଶ୍ର/ ବାଞ୍ଛାନିଧି ଦେ/ସନାତନ ରାଉତ)



ଆକାଶ ମାର୍ଗରୁ ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ବନ୍ୟା ପ୍ରଭାବିତ ଅଞ୍ଚଳ ଦେଖୁଛନ୍ତି।

- ଆକାଶମାର୍ଗରୁ ବନ୍ୟା ପରିସ୍ଥିତିର ଅନୁଧ୍ୟାନକଲେ ମୁଖ୍ୟମନ୍ତ୍ରୀ
- ୩ ଜିଲାର ୮ ବ୍ଲକ୍, ୮୧ ଗାଁ, ୩୦ ହଜାରରୁ ଅଧିକ ପ୍ରଭାବିତ
- ୫୮୬୯ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର, ୧୦ ହଜାର ଲୋକଙ୍କୁ ଦିଆଯାଉଛି ରନ୍ଧାଖାଦ୍ୟ

ରାଜ୍ୟର ଯେଉଁ ସ୍ଥାନରେ ବନ୍ୟା ଯୋଗୁ କ୍ଷୟକ୍ଷତି ହୋଇଛି ସେମାନଙ୍କୁ ତୁରନ୍ତ ସହାୟତା ମିଳିବ। କ୍ଷୟକ୍ଷତିର ତୁରନ୍ତ ଆକଳନକରି ରିପୋର୍ଟ ଦେବାକୁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରିପୋର୍ଟ ପାଇବା ପରେ କ୍ଷତିଗ୍ରସ୍ତ ଲୋକଙ୍କୁ ଉପଯୁକ୍ତ ସହାୟତା ଯୋଗାଇଦିଆଯିବ। ଘରଭଙ୍ଗା ଏବଂ ଗୋସମ୍ପଦର କ୍ଷୟକ୍ଷତି ରିପୋର୍ଟ ମଗାଯିବା ସହ ଯେଉଁ ଗାଁଗୁଡ଼ିକରେ ରାସ୍ତା ଖରାପ ହୋଇଯାଇଛି ସେଗୁଡିକ ତୁରନ୍ତ ମରାମତିକରି ଯୋଗାଯୋଗ ବ୍ୟବସ୍ଥା ପୁନଃ ସ୍ଥାପନ କରାଯିବ। ପ୍ରଭାବିତ ଅଞ୍ଚଳରେ ପର୍ଯ୍ୟାପ୍ତ ପରିମାଣରେ ପଶୁଖାଦ୍ୟ ଯୋଗାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ମଙ୍ଗଳବାର ମୁଖ୍ୟମନ୍ତ୍ରୀ ଆକାଶମାର୍ଗରୁ ବାଲେଶ୍ୱର, ଭଦ୍ରକ ଓ ଯାଜପୁର ଜିଲାର ବନ୍ୟା ପରିସ୍ଥିତି ଅନୁଧ୍ୟାନ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସହ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏବଂ ସ୍ୱତନ୍ତ୍ର ରିଲିଫ କମିଶନର ଦେଓରଞ୍ଜନ କୁମାର ସିଂ ଉପସ୍ଥିତ ଥିଲେ।

ବନ୍ୟା ପରିସ୍ଥିତି ଅନୁଧ୍ୟାନ ପରେ ଲୋକସେବା ଭବନଠାରେ ଗଣମାଧ୍ୟମକୁ ବିବୃତି ରଖି ମୁଖ୍ୟମନ୍ତ୍ରୀ କହିଛନ୍ତି, ୩ ଜିଲାର ୮ଟି ବ୍ଲକ୍‌ର ୮୧ଟି ଗାଁ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛି। ବାଲେଶ୍ୱରର ୪ଟି ବ୍ଲକ୍ ଯଥା ବସ୍ତା, ବାଲିଆପାଳ, ଭୋଗରାଇ ଓ ଜଳେଶ୍ୱର ଏବଂ ଭଦ୍ରକର ଧାମନଗର ଓ ଭଣ୍ଡାରିପୋଖରୀ ଏବଂ ଯାଜପୁରର ଯାଜପୁର ଓ ଦଶରଥପୁର ବ୍ଲକ୍ ପ୍ରଭାବିତ ହୋଇଛି। ବନ୍ୟା ଦ୍ୱାରା ପ୍ରାୟ ୩୦ ହଜାର ଲୋକ ପ୍ରଭାବିତ ହୋଇଥିବା ବେଳେ ୫୮୬୯ ଜଣ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ବର୍ତ୍ତମାନ ବିଭିନ୍ନ ନଦୀରେ ଜଳସ୍ତର କମୁଛି। ବାଲେଶ୍ୱର ଜିଲାର ସୁବର୍ଣ୍ଣରେଖା ଓ ଜଳକା ଆଦି ନଦୀରେ ପାଣି କମିବାରେ ଲାଗିଛି। ବନ୍ୟା ପରିସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ଅଛି। କେନ୍ଦୁଝରର ଏବଂ ଅନ୍ୟ କିଛି ଜିଲାରେ ବନ୍ୟା ହୋଇଥିଲେ ମଧ୍ୟ ଏହାର ବିଶେଷ ପ୍ରଭାବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ବନ୍ୟା ପ୍ରଭାବିତ ଅଞ୍ଚଳର ଲୋକମାନଙ୍କୁ ଶୁଖିଲା ଖାଦ୍ୟ ଏବଂ ଆବଶ୍ୟକସ୍ଥଳେ ଗରମ ରନ୍ଧାଖାଦ୍ୟ ପ୍ରଦାନ କରାଯାଉଛି। ଏଥିପାଇଁ ବାଲେଶ୍ୱରରେ ୧୬ଟି, ଭଦ୍ରକରେ ୧୦ଟି ଓ ଯାଜପୁରରେ ୩ଟି ଫ୍ରି କିଚେନ୍‌ର ବ୍ୟବସ୍ଥା କରାଯାଇଛି। ସମୁଦାୟ ପ୍ରାୟ ୧୦ ହଜାର ପ୍ରଭାବିତ ଲୋକଙ୍କୁ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଉଛି ଏବଂ ଆଗାମୀ ୭ ଦିନ ପର୍ଯ୍ୟନ୍ତ ରନ୍ଧାଖାଦ୍ୟ ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ବନ୍ୟା ପରବର୍ତ୍ତୀ ସମୟରେ ଅନେକ ସମସ୍ୟା ଦେଖାଦିଏ ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ବିଶେଷକରି ଡାଇରିଆ ଓ ଅନ୍ୟାନ୍ୟ ଜଳବାହିତ ରୋଗର ନିୟନ୍ତ୍ରଣ ପାଇ ଜଳଉତ୍ସଗୁଡିକର ବିଶୁଦ୍ଧୀକରଣ ଉପରେ ଗୁରୁତ୍ୱ ଦିଆଯାଇଛି। ଏହାକୁ ଜାରି ରଖିବା ପାଇଁ ସ୍ଥାନୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କୌଣସି ପରିସ୍ଥିତିରେ ଯେପରି ଡାଇରିଆ ରୋଗର ପ୍ରଭାବ ଦେଖା ନ ଯିବ, ସେଥିପ୍ରତି ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି ବୋଲି ସେ କହିଥିଲେ। ଅନେକ ସ୍ଥାନରେ ସାପ କାମୁଡ଼ା ପରି ଘଟଣା ଘଟେ ବୋଲି ପ୍ରକାଶ କରି ସେ କହିଥିଲେ, ଏଥିପାଇଁ ବ୍ୟାପକ ପରିମାଣରେ ଆଣ୍ଟିଭେନମ୍ ଓ ଅନ୍ୟାନ୍ୟ ଆବଶ୍ୟକ ଔଷଧ ମହଜୁଦ ରଖିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ଜିରୋ କାଜୁଆଲଟି ଉପରେ ଗୁରୁତ୍ୱଦେଇ ରାଜ୍ୟ ସରକାରଙ୍କ ପକ୍ଷରୁ ବାଲେଶ୍ୱର ଜିଲାରେ ୧୭ଟି ଓଡ୍ରାଫ ଓ ୧୩ଟି ଅଗ୍ନିଶମ ସେବା ଟିମ୍, ଭଦ୍ରକ ଜିଲାରେ ଗୋଟିଏ ଏନ୍‌ଡିଆର୍‌ଏଫ୍, ଗୋଟିଏ ଓଡ୍ରାଫ ଓ ୧୩ଟି ଅଗ୍ନିଶମ ସେବା ଟିମ୍, ଯାଜପୁର ଜିଲାରେ ଗୋଟିଏ ଓଡ୍ରାଫ୍ ଓ ୧୪ଟି ଅଗ୍ନିଶମ ସେବା ଟିମ୍ ମୁତୟନ କରାଯାଇଛି।

# ୧୧ ବ୍ଲକ୍ ଶିକ୍ଷା ଅଧିକାରୀଙ୍କ ଦରମା ବନ୍ଦ ନିର୍ଦ୍ଦେଶ

ବଲାଙ୍ଗୀର, ୩୦।୭ (ବୀରେନ୍ଦ୍ର କୁମାର ଝାଙ୍କର)

- ଗଛ ନ ଲଗାଇବା ମହଙ୍ଗା ପଡ଼ିଲା
- ପାଳନ କରି ନ ଥିଲେ 'ଏକ୍ ପେଡ୍ ମା' କେ ନାମ୍' କାର୍ଯ୍ୟକ୍ରମ
- ଶତ ପ୍ରତିଶତ ଗଛ ଲଗାଇଲେ ମିଳିବ ଦରମା

ଗଛ ନ ଲଗାଇବାରୁ ୧୧ ଜଣ ବ୍ଲକ୍ ଶିକ୍ଷା ଅଧିକାରୀଙ୍କ ଦରମା ବନ୍ଦ କରାଯାଇଛି। କଥାଟି ବିଶ୍ୱାସ ହେଉ ନ ଥିଲେ ମଧ୍ୟ ସତ। ବଲାଙ୍ଗୀର ଜିଲା ଶିକ୍ଷା ବିଭାଗରେ ଏଭଳି ଘଟଣା ଘଟିଛି। ଜିଲାର ୧୧ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଦରମା ବନ୍ଦ କରିବାକୁ ଜିଲା ଶିକ୍ଷା ଅଧିକାରୀ (ଡିଇଓ) ପ୍ରଦୀପ କୁମାର ନାଗ ନିର୍ଦ୍ଦେଶ ଦେଇଛନ୍ତି। 'ଏକ୍ ପେଡ୍ ମା' କେ ନାମ୍' କାର୍ଯ୍ୟକ୍ରମରେ ଅନ୍ୟ ଜିଲା ତୁଳନାରେ ବଲାଙ୍ଗୀର ଜିଲା ପଛେଇ ଯିବାରୁ ଏଭଳି କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ଜଣାପଡିଛି।

ଡିଇଓ ଅଫିସରୁ ଜାରି କରାଯାଇଥିବା ଚିଠିରେ 'ଏକ୍ ପେଡ୍ ମା' କେ ନାମ୍' କାର୍ଯ୍ୟକ୍ରମରେ ସ୍କୁଲଗୁଡିକରେ ଗଛ ଲଗାଇବା ପାଇଁ ବାରମ୍ବାର ନିର୍ଦ୍ଦେଶ ସତ୍ତ୍ୱେ ଜିଲାର ବିଭିନ୍ନ ବ୍ଲକ୍‌ର ଗୋଷ୍ଠୀ ଶିକ୍ଷା ଅଧିକାରୀ (ବିଇଓ)ମାନେ ଏନେଇ ଆଶାନୁରୂପକ କାର୍ଯ୍ୟ ସମ୍ପାଦନ କରି ନ ଥିବା ଦେଖାଯାଇଥିଲା। ଏଭଳି ଅବହେଳା ପାଇଁ ବଲାଙ୍ଗୀର ଡିଇଓ ନାଗ ଜିଲାର ଆଗଲପୁର ବିଇଓ ତଥା ଲୋଇସିଂହା ଅତିରିକ୍ତ ଦାୟିତ୍ୱରେ ଥିବା ଶ୍ୟାମ ମେହେର, ସଇଁନ୍ତଲା ବିଇଓ ତଥା ବଲାଙ୍ଗୀର ଅତିରିକ୍ତ ଦାୟିତ୍ୱରେ ଥିବା ଦିଲୀପ କୁମାର ଯୋଶୀ, ଟିଟିଲାଗଡ଼ ବିଇଓ ଆର୍ତ୍ତତ୍ରାଣ ରଥ, ଦେଓଗାଁ ବିଇଓ ମମତା ମାହାଡ଼ିକ, ଗୁଡ଼ଭେଲା ବିଇଓ ନମିତାରାଣୀ ଭୋଇ, ବଙ୍ଗୋମୁଣ୍ଡା ବିଇଓ ବୈକୁଣ୍ଠ ଶବର, ମୁରିବାହାଲ ବିଇଓ ଶାନ୍ତନୁ କୁମାର ପଡ଼ିହାରୀ, ତୁରେକେଲା ବିଇଓ ଗୌତମ ପଟେଲ, ବେଲପଡ଼ା ବିଇଓ ତଥା ଖପ୍ରାଖୋଲ ଅତିରିକ୍ତ ଦାୟିତ୍ୱରେ ଥିବା ଅଭିନବ ମିଶ୍ର, ପାଟଣାଗଡ଼ ବିଇଓ ଶଙ୍କର ପ୍ରସାଦ ମାଝି ଏବଂ ପୁଇଁନ୍ତଲା ବିଇଓ ରତ୍ନମୟ ପୁରୋହିତଙ୍କ ଚଳିତ ଜୁଲାଇ ମାସର ଦରମା ବନ୍ଦ ପାଇଁ ଜିଲା ଟ୍ରେଜେରି ଅଫିସ ଏବଂ ବିଭିନ୍ନ ବ୍ଲକର ସବ୍‌ଟ୍ରେଜେରିକୁ ଚିଠି କରିଛନ୍ତି। ସେହି ଚିଠିରେ ଉକ୍ତ କାର୍ଯ୍ୟକ୍ରମ ଅନୁଯାୟୀ ୧୦୦ ପ୍ରତିଶତ ଗଛ ନ ଲଗାଇବା ପର୍ଯ୍ୟନ୍ତ ବା ଡିଇଓଙ୍କ ପରବର୍ତ୍ତୀ ନିର୍ଦ୍ଦେଶ ନ ହେବା ଯାଏ ଉପରୋକ୍ତ ୧୧ଜଣ ବିଇଓଙ୍କ ଦରମା ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବଲାଙ୍ଗୀର ଡିଇଓ ନାଗଙ୍କୁ ଏନେଇ ପଚରାଯିବାରୁ 'ଏକ୍ ପେଡ୍ ମା' କେ ନାମ୍' କାର୍ଯ୍ୟକ୍ରମରେ ବଲାଙ୍ଗୀର ଜିଲା ଯେଉଁ ପଛେଇ ଯାଇଥିଲା ତାକୁ ଆଖି ଆଗରେ ରଖି ବିଇଓମାନଙ୍କୁ ସକ୍ରିୟ କରିବା ପାଇଁ ଏଭଳି ପଦକ୍ଷେପ ନିଆଯାଇଛି ବୋଲି କହିଥିଲେ। ଗଛ ନ ଲଗାଇବାରୁ ବିଇଓମାନଙ୍କ ଦରମା ବନ୍ଦ କରାଯିବାକୁ ନିର୍ଦ୍ଦେଶ ଜାରି କରିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି।

# ଇବ୍ ନଦୀରେ ବୁଡ଼ିଗଲେ ୨ ଯୁବକ

ସୁନ୍ଦରଗଡ଼/ବାଲିଶଙ୍କରା, ୩୦।୭ (ଜୟ ନାରାୟଣ ମେଣ୍ଟୁଲି/ସତ ସେଠ)

ସୁନ୍ଦରଗଡ ଜିଲା ତଳସରା ଥାନା ବାଲିଶଙ୍କରା ପଞ୍ଚାୟତର ଘୋଘର ପର୍ଯ୍ୟଟନ ସ୍ଥଳୀ କନାକୁଣ୍ଡ ନିକଟ ଇବ୍ ନଦୀରେ ବୁଧବାର ୨ ଯୁବକ ଭାସିଯାଇ ନିଖୋଜ ଅଛନ୍ତି। ସେମାନେ ହେଲେ ସମ୍ବଲପୁର ଜିଲା କୁଚିଣ୍ଡା ଉପଖଣ୍ଡ ବାମରା ବ୍ଲକ ଗୋବିନ୍ଦପୁର ଗ୍ରାମର ରୋଶନ ପାଶୱାନ (୧୮) ଓ ଜୟନାରାୟଣ ପାତ୍ର(୨୦)। ବାଲିଶଙ୍କରା ଅଗ୍ନିଶମ ବିଭାଗ ପହଞ୍ଚି ଉଦ୍ଧାର କାର୍ଯ୍ୟ ଚଳାଇଛନ୍ତି। ଖବର ଲେଖାହେବା ପର୍ଯ୍ୟନ୍ତ ନିଖୋଜ ୨ ଯୁବକଙ୍କ ସନ୍ଧାନ ମିଳିପାରି ନାହିଁ। ଗୋବିନ୍ଦପୁର ଗ୍ରାମର ୩ ସାଙ୍ଗ ଆକାଶ ସାହୁ, ରୋଶନ ଏବଂ ଜୟନାରାୟଣ ଘୋଘର ପର୍ଯ୍ୟଟନ ସ୍ଥଳୀକୁ ବୁଲିବାକୁ ଆସିଥିଲେ। ପରେ ଇବ୍ ନଦୀର କନାକୁଣ୍ଡ ଘାଟକୁ ଗାଧୋଇବାକୁ ଯାଇଥିଲେ। ଗାଧୋଇବା ସମୟରେ ନଦୀର ପ୍ରଖର ସ୍ରୋତରେ ରୋଶନ ଏବଂ ଜୟନାରାୟଣ ହଠାତ୍ ଭାସି ଯାଇଥିଲେ।




# ବନ୍ୟାଜଳରେ ପଶି ଗର୍ଭବତୀଙ୍କୁ ମେଡିକାଲ ଆଣିଲେ ୨ ଡାକ୍ତର

ରାଜନଗର,୩୦।୭ (ଭାସ୍କର ରାଉତରାୟ)



୨ ଡାକ୍ତର ଓ ପରିବାର ଲୋକେ ବନ୍ୟାଜଳରେ ପଶି ଗର୍ଭବତୀଙ୍କୁ ଏକ ଟ୍ରଲିରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଉଛନ୍ତି।

ବ୍ରାହ୍ମଣୀ ନଦୀରେ ଦ୍ୱିତୀୟ ଥର ବନ୍ୟା ଆସିବା ପରେ କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକର ୩ ପଞ୍ଚାୟତ ଏବେ ବି ବନ୍ୟାଜଳ ଘେରରେ ରହିଛି। ପ୍ରାୟ ୨୦ ହଜାର ଲୋକେ ନାନା ସମସ୍ୟା ମଧ୍ୟରେ ଦିନ କାଟୁଛନ୍ତି। ଏପରି ସ୍ଥିତିରେ ବନ୍ୟା ବିପନ୍ନଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇବାରେ ଉଦାହରଣ ସୃଷ୍ଟି କରିଛନ୍ତି ୨ଜଣ ଡାକ୍ତର। ସେମାନେ ଗାମୁଛା ପିନ୍ଧି ବନ୍ୟା ପାଣିରେ ପଶି ଏକ ଟ୍ରଲିରେ ଜଣେ ଗର୍ଭବତୀଙ୍କୁ ଆଣି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚାଇ ଚିକିତ୍ସା ସେବା ଯୋଗାଇ ଦେବା ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି।

ସୂଚନା ଅନୁଯାୟୀ, ରାଜନଗର ବ୍ଲକ ବନ୍ଦପଡ଼ା, ଓସ୍ତିଆ, ବେଲପାଳ, ପଞ୍ଚାୟତ ଏବେ ବନ୍ୟାପାଣି ଘେରରେ ରହିଛି। ବନ୍ଦପଡା ପଞ୍ଚାୟତ ଚକିବାଙ୍କ ଗାଁର ପ୍ରସନ୍ନ କୁମାର ରାଉତଙ୍କ ସ୍ତ୍ରୀ ସଂଘମିତ୍ରା ଗର୍ଭଯନ୍ତ୍ରଣା ଯୋଗୁ ବୁଧବାର ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଫୋନ କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ରଶ୍ମି ରଞ୍ଜନ ମହାନ୍ତି ଓ ଡାକ୍ତର ମନୋରଞ୍ଜନ ନାଥ ଅଡାଯୋଡି ନିକଟରେ ପହଞ୍ଚିଥିଲେ। ହେଲେ ପ୍ରଶାସନ ପକ୍ଷରୁ ଗାଁକୁ ଯିବା ଆସିବା ପାଇଁ ଡଙ୍ଗାର ବ୍ୟବସ୍ଥା କରାଯାଇ ନ ଥିଲା। ଏପରି ସ୍ଥିତିରେ ଅନ୍ୟ କୌଣସି ଉପାୟ ବି ନ ଥିଲା। ଅଡ଼ାଯୋଡ଼ିଠାରୁ ଚକିବାଙ୍କ ଗାଁର ଦୂରତା ପ୍ରାୟ ୧ କି.ମି. ଥିଲା। ଗାଁରେ ପ୍ରାୟ ୩ ଫୁଟ ଉଚ୍ଚର ବନ୍ୟାଜଳ ଜମି ରହିଥିଲା। ଫଳରେ ୨ ଡାକ୍ତର ଗାମୁଛା ପିନ୍ଧି, ଛତା ଓ ବାଡି ଧରି ବନ୍ୟାଜଳରେ ପଶି ଚକିବାଙ୍କ ଗାଁର ସଂଘମିତ୍ରାଙ୍କ ଘରେ ପହଞ୍ଚି ଥିଲେ। ସଂଘମିତ୍ରାଙ୍କ ଅବସ୍ଥା ଦେଖି ତାଙ୍କୁ ତୁରନ୍ତ ଡାକ୍ତରଖାନାକୁ ନେବାର ବ୍ୟବସ୍ଥା କରିଥିଲେ। ଏହାପରେ ଗାଁ ଲୋକଙ୍କ ସହଯୋଗରେ ୨ ଡାକ୍ତର ଏକ ଟ୍ରଲିରେ ସଂଘମିତ୍ରାଙ୍କୁ ଆଣି ଅଡାଯୋଡି ନିକଟରେ ପହଞ୍ଚିଥିଲେ। ସେଠାରେ ପୂର୍ବରୁ ଥିବା ଆମ୍ବୁଲାନ୍ସରେ ତାଙ୍କୁ ତୁରନ୍ତ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଏହି ଘଟଣା ଜଣାପଡିବା ପରେ ସମସ୍ତେ ସମ୍ପୃକ୍ତ ୨ ଡାକ୍ତରଙ୍କ କାର୍ଯ୍ୟାନୁଷ୍ଠାନକୁ ପ୍ରଶଂସା କରିଛନ୍ତି। ସେହିଭଳି ଟାଙ୍ଗଣତେଲା ଗାଁର ପ୍ରଭାତ ରାଉତଙ୍କ ଗର୍ଭବତୀ ସ୍ତ୍ରୀ ରୀତାଞ୍ଜଳିଙ୍କୁ ମଧ୍ୟ ବନ୍ୟାଜଳ ଘେରରୁ ଅଣାଯାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିବା ସୂଚନା ମିଳିଛି।

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଆଇସିସି ପକ୍ଷରୁ ମେଡ଼ିଆ ଏବଂ ଏଣ୍ଟରଟେନ୍‌ମେଣ୍ଟ ସିମ୍ପୋସିଅମ୍ ୨୦୨୫, ସ୍ଥାନ: ହୋଟେଲ୍ ମେ ଫେୟାର୍ (ଓର୍‌ଚିଡ୍ ହଲ୍), ସମୟ: ପୂର୍ବାହ୍ନ ୧୦ଟା ୩୦।
- ପୂର୍ତ୍ତ ବିଭାଗର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା, ସ୍ଥାନ: ଲୋକସେବା ଭବନ କନ୍‌ଭେନଶନ ହଲ୍, ସମୟ: ପୂର୍ବାହ୍ନ ୧୧ଟା।
- 'ଏକ ଶାମ୍ ରଫି କେ ନାମ୍' ସଂଗୀତ ଉପାସନା, ସ୍ଥାନ: ସୂଚନା ଭବନ, ସମୟ: ଅପରାହ୍ନ ୫ଟା ୩୦।

## କଟକ
- ଗୋସ୍ୱାମୀ ତୁଳସୀ ଦାସଙ୍କ ଜୟନ୍ତୀ ସମାରୋହ, ସ୍ଥାନ: ସିଦ୍ଧେଶ୍ୱରପୁର (କଟକସଦର), ସମୟ: ଅପରାହ୍ନ ୫ଟା।
- କଳକୀ ସେନା ପକ୍ଷରୁ ଦଶାବତାର କଥାମୃତର ଉଦ୍‌ଯାପନୀ ଓ ବିଶ୍ୱ କଳକୀ ଜୟନ୍ତୀ, ସ୍ଥାନ: ଟାଉନ୍ ହଲ, ସମୟ: ସନ୍ଧ୍ୟା ୬ଟା।
- ତୁଳସୀ ସାହିତ୍ୟ ସଂସଦ ପକ୍ଷରୁ ସନ୍ଥ ତୁଳସୀ ଦାସଙ୍କ ଜୟନ୍ତୀ ଉପଲକ୍ଷେ ଶ୍ରୀରାମ ଚରିତ ମାନସ ପାରାୟଣର ତୃତୀୟ ଦିବସ, ସ୍ଥାନ: ଶ୍ରୀରାମଚନ୍ଦ୍ର ଭବନ, ସମୟ: ସନ୍ଧ୍ୟା ୬ଟା।

## ବାଲେଶ୍ୱର
- 'ଛାତ୍ର ଜୀବନରେ ନୈତିକ ଶିକ୍ଷା' ଆଲୋଚନାଚକ୍ର, ସ୍ଥାନ: ରେମୁଣା ଡିଗ୍ରୀ କଲେଜ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ନାଟକ 'ମିଛ ରାଗ' ମଞ୍ଚସ୍ଥ, ସ୍ଥାନ: ସ୍ରଷ୍ଟା ନାଟ୍ୟାଳୟ, ମାକଲପୁର, ବାଲେଶ୍ୱର, ସମୟ: ରାତି ୭ଟା ୩୦।

## ଭଦ୍ରକ
- ବରିଷ୍ଠ ଆଇନଜୀବୀ ସଚ୍ଚିଦାନନ୍ଦ ମହାନ୍ତି ସ୍ମାରକୀ ଆଲୋଚନା ଚକ୍ର ଓ ମେଧାବୀ ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: ଭଦ୍ରକ କଲେଜ, ସମୟ: ଅପରାହ୍ନ ୩ଟା।

## କେନ୍ଦୁଝର
- ଲକ୍ଷ୍ମୀ ନାରାୟଣ ମନ୍ଦିରରେ ପୂଜାର୍ଚ୍ଚନା, ଭଜନ କୀର୍ତ୍ତନ, ସ୍ଥାନ: ଆଇତିପୁର, ଛେନାପଦି, ସମୟ: ସକାଳ ୬ ଟା ଓ ସନ୍ଧ୍ୟା ୭ ଟା।
- ଆକ୍ୟୁପ୍ରେସର ସ୍ୱାସ୍ଥ୍ୟ ଶିବିର ଉଦ୍‌ଘାଟନ, ସ୍ଥାନ: ରୋଟାରୀ କାର୍ଯ୍ୟାଳୟ ପରିସର, ବଡ଼ବିଲ, କେନ୍ଦୁଝର, ସମୟ: ପୂର୍ବାହ୍ନ ୧୦ ଟା ୩୦।

## ମୟୂରଭଞ୍ଜ
- ବନ ବିଭାଗ ଓ ପୋଲିସ ପକ୍ଷରୁ ମେଗା ଚାରା ରୋପଣ କାର୍ଯ୍ୟକ୍ରମ, ସ୍ଥାନ: ପୋଲିସ ରିଜର୍ଭ ପଡ଼ିଆ, ବାରିପଦା, ସମୟ: ସକାଳ ୮ଟା।
- ହ୍ୟାଣ୍ଡଲୁମ୍ ଫେବ ପ୍ରଦର୍ଶନୀ ମେଳା, ସ୍ଥାନ:ଛଉ ପଡ଼ିଆ ବାରିପଦା,ସମୟ:ପୂର୍ବାହ୍ନ ୧୧ଟା।

## ବ୍ରହ୍ମପୁର
- ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ବାର ଆସୋସିଏଶନ ହଲ, ସମୟ: ପୂର୍ବାହ୍ନ ୧୦ଟା।
- ଗାୟତ୍ରୀ ପରିବାରର ଜିଲାସ୍ତରୀୟ ବୈଠକ, ସ୍ଥାନ: ଗାୟତ୍ରୀ ଶକ୍ତି ପୀଠ, ସମୟ: ପୂର୍ବାହ୍ନ ୧୧ଟା।

## ଗଞ୍ଜାମ
- ଚକ୍ଷୁ ପରୀକ୍ଷା ଶିବିର,ସ୍ଥାନ: ବନାଞ୍ଚଳ କାର୍ଯ୍ୟାଳୟ, ଚାରିମଇଲି, ଆସିକା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦ୍ରାପଡ଼ା
- ମାଆ ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ:ବଗଡା, କେନ୍ଦ୍ରାପଡା, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର
- ବ୍ୟାସନଗର ପୌର ପରିଷଦ ଟେଣ୍ଡର ପ୍ରକ୍ରିୟା ଦାବି କରି କାଉନସିଲରଙ୍କ ଧାରଣା ଦ୍ୱିତୀୟ ଦିନରେ, ସ୍ଥାନ : ବ୍ୟାସନଗର ପୌର ପରିଷଦ କାର୍ଯ୍ୟାଳୟ ସମ୍ମୁଖ, ସମୟ : ପୂର୍ବାହ୍ନ ୯ଟାରୁ ସନ୍ଧ୍ୟା ୬ଟା।

## ନୟାଗଡ଼
- ଖଣ୍ଡପଡ଼ା ବ୍ଲକ କୁମ୍ଭାରପଡ଼ା ଲଡୁକେଶ୍ୱର ମହାବିଦ୍ୟାଳୟ ପ୍ରତିଷ୍ଠା ଦିବସ, ସ୍ଥାନ:ମହାବିଦ୍ୟାଳୟ ପରିସର, ସମୟ: ସକାଳ ୯ଟା।

## ରାୟଗଡ଼ା
- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ରାମନାଗୁଡା ବ୍ଲକ୍ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ନୂତନ ଗ୍ରାହକ ସେବା କେନ୍ଦ୍ର ଉଦ୍‌ଘାଟନ, ସ୍ଥାନ: ହନୁମନ୍ତପୁର, ଚନ୍ଦ୍ରପୁର ବ୍ଲକ୍, ସମୟ: ପୂର୍ବାହ୍ନ ୧୧ଟା।

## ନବରଙ୍ଗପୁର
- ସ୍ୱାଧୀନତା ଦିବସ ଉପଲକ୍ଷେ ପ୍ରସ୍ତୁତି ବୈଠକ, ସ୍ଥାନ: ନବରଙ୍ଗପୁର ମିଶନ ଶକ୍ତି ବୈଠକ ଗୃହ, ସମୟ: ଅପରାହ୍ନ ୪ ଟା।

## କୋରାପୁଟ
- ମାରୁତି ଫିଲିଙ୍ଗ ଷ୍ଟେସନର ଉଦ୍‌ଘାଟନ ଉତ୍ସବ, ସ୍ଥାନ: କୋଡ଼ିଗାଁ, ସେମିଳିଗୁଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା, ସ୍ଥାନ: ପଟାଙ୍ଗି ଅମ୍ବାବାଲି ୟୁ.ଜି. ହାଇସ୍କୁଲ, ସମୟ: ଅପରହ୍ନ ୪ଟା।
- ଜନ୍ମଶ୍ରୀ କାର୍ଯ୍ୟକ୍ରମ ଉପରେ ସମୀକ୍ଷା ବୈଠକ, ସ୍ଥାନ: କୋରାପୁଟ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୪ ଟା।
- ଜିଲା ସଡ଼କ ସୁରକ୍ଷା କମିଟି ସମୀକ୍ଷା ବୈଠକ, ସ୍ଥାନ: କୋରାପୁଟ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୫ ଟା।

## ମାଲକାନଗିରି
- ଗ୍ରାମବାସୀ, ଛାତ୍ରୀଛାତ୍ରଙ୍କ ଦ୍ୱାରା ଚାରାରୋପଣ, ସ୍ଥାନ: ମାଲକାନଗିରି କୋଇଲିପାଲି, ସମୟ: ପୂର୍ବାହ୍ନ ୧୦ଟା।

## ସମ୍ବଲପୁର
- ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ହୀରାକୁଦ କଲୋନୀ ସ୍ଥିତ ଯୋଗ କେନ୍ଦ୍ର, ସମୟ : ସକାଳ ୬ଟା।
- ଯୋଗ ପରିବାର ଆୟୋଜନରେ ଯୋଗ ଶିବର, ସ୍ଥାନ: ହାୱା ମଇଦାନ ସ୍ଥିତ ଗାନ୍ଧୀ ପାର୍କ, ସମୟ ସକାଳ ୬ଟା।
- ହିନ୍ଦୀ ଚଳଚ୍ଚିତ୍ର ପ୍ରଚ୍ଛଦପଟ ଗାୟକ ମହମ୍ମଦ ରଫିଙ୍କୁ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ପୂର୍ବାହ୍ନ ୧୦ଟା।
- ସମ୍ବଲପୁରୀ ଏକତା ମଞ୍ଚ ଆୟୋଜନରେ ଖୋଟି ପ୍ରତିଯୋଗିତା, ସ୍ଥାନ: ନାରୀ ସେବା ସଦନ,ସମୟ : ପୂର୍ବାହ୍ନ ୧୦ଟା।
- ପଶ୍ଚିମାଞ୍ଚଳ ଏକତା ମଞ୍ଚ ଆୟୋଜିତ ସମ୍ବଲପୁରୀ କବିତା ପାଠ, ସ୍ଥାନ : ସମ୍ବଲପୁରୀ ଡେରା, ସମୟ : ପୂର୍ବାହ୍ନ ୧୦ଟା।
- ସମ୍ବଲପୁରୀ ଫେଶନ ଶୋ, ସ୍ଥାନ : ଗଙ୍ଗାଧର ମୁକ୍ତ ମଞ୍ଚ, ସମୟ : ଅପରାହ୍ନ ୫ଟା।
- ସମ୍ବଲପୁରୀ ଦିନ୍ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ : ସମ୍ବଲପୁରୀ ଡେରା, ସମୟ : ଅପରାହ୍ନ ୫ଟା।

## ବଲାଙ୍ଗୀର
- ସନ୍ତରଣ ପ୍ରଶିକ୍ଷଣ, ସ୍ଥାନ: ଆରଏନ ସିଂଦେଓ ସ୍ପୋର୍ଟସ କମ୍ପ୍ଲେକ୍ସ, ବଲାଙ୍ଗୀର, ସମୟ: ସକାଳ ୬ଟା୩୦।

## ରାଉରକେଲା
- ରାଉରକେଲା ମହାବିଦ୍ୟାଳୟରେ ସାହିତ୍ୟ ଆଲୋଚନା, ସ୍ଥାନ: ସେକ୍ଟର-୪, ସମୟ: ପୂର୍ବାହ୍ନ ୧୦ଟା।
- ଯୁବ କଂଗ୍ରେସ ପକ୍ଷରୁ ଯୁବ କମ୍ପନ ସମାବେଶ, ସ୍ଥାନ: ଉଦିତନଗର ମା' ସିଂହାସିନୀ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।
- ଚରିତ୍ର ବିକାଶ କର୍ମଶାଳା, ସ୍ଥାନ: କୋଏଲନଗର ସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।
- ଏକତ୍ର ପରିବାର ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ସେକ୍ଟର-୬, ଇସ୍ପାତ ସରୋବର ଉଦ୍ୟାନ: ସମୟ: ଅପରାହ୍ନ ୪ଟା।
- ହମ୍ ନିଷାଦ୍ ପକ୍ଷରୁ ସାମ୍-ଏ--ରଫି ସଙ୍ଗୀତ ଭିତ୍ତିକ କାର୍ଯ୍ୟକ୍ରମ, ସ୍ଥାନ: ରାଉରକେଲା କ୍ଲବ, ସମୟ: ସନ୍ଧ୍ୟା ୬ଟା।

## ସୁନ୍ଦରଗଡ଼
- ଜିଲାସ୍ତରୀୟ ସମ୍ପୂର୍ଣ୍ଣତା ଅଭିଯାନ ସମ୍ମାନ ସମାରୋହ, ସ୍ଥାନ: ସୁନ୍ଦରଗଡ ସରକାରୀ ମେଡ଼ିକାଲ କଲେଜ ନିକଟ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।

## ବରଗଡ଼
- ଶକ୍ତି ସଂରକ୍ଷଣ ସେମିନାର୍,ସ୍ଥାନ:ଜନତା ସରକାରୀ ହାଇସ୍କୁଲ, ଭୁକ୍ତା, ଅମ୍ବାଭୋନା, ସମୟ,ଅପରାହ୍ନ ୨ଟା।

## କଳାହାଣ୍ଡି
- ମାନସିକ ସ୍ୱାସ୍ଥ୍ୟ ରୋଗୀଙ୍କ ଚିକିତ୍ସା ଓ ପରାମର୍ଶ ଶିବିର, ସ୍ଥାନ: ଲାଞ୍ଜିଗଡ଼ ବ୍ଲକ ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଯୌନ ନିର୍ଯାତନା ସୁରକ୍ଷା ଆଇନ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ମା' ମାଣିକେଶ୍ୱରୀ ପଞ୍ଚାୟତ ସମିତି ଉଚ୍ଚ ବିଦ୍ୟାଳୟ, ଥୁଆମୂଳ ରାମପୁର, ସମୟ: ପୂର୍ବାହ୍ନ ୧୦ଟା।
- ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ବିକ୍ଷୋଭ, ଦାବିପତ୍ର ପ୍ରଦାନ, ସ୍ଥାନ: ଜୁନାଗଡ଼ ବ୍ଲକ ଶିକ୍ଷା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ସଚେତନ ନାଗରିକ ମଞ୍ଚର ବୈଠକ, ସ୍ଥାନ: ଭବାନୀପାଟଣା କ୍ଲବ ହାଉସ, ସମୟ: ଅପରାହ୍ନ ୪ଟା।

## ବୌଦ୍ଧ
- ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ସଚିବଙ୍କ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହ, ବୌଦ୍ଧ, ସମୟ: ପୂର୍ବାହ୍ନ ୧୧ଟା।

## ଦେବଗଡ଼
- ଦେବଗଡ଼ ଜିଲା ଯୁବ ଏକତା ମଞ୍ଚ ପକ୍ଷରୁ ନୂତନ ହସ୍ପିଟାଲର ଅବ୍ୟବସ୍ଥା ନେଇ ବୈଠକ, ସ୍ଥାନ: ସ୍ଥାନୀୟ ଗୋପାଳଜୀଉ ମନ୍ଦିର, ସମୟ: ଅପରାହ୍ନ ୪ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ମଠସାହି, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ଡୁଙ୍ଗୁରିପାଲି ପହଣ୍ଡି କାଶୀନାଥ ମହାବିଦ୍ୟାଳୟ ହରପ୍ରିୟା ଛାତ୍ରୀ ନିବାସ ନୂତନ ଗୃହ ପୂଜା, ସ୍ଥାନ: ମହାବିଦ୍ୟାଳୟ ପରିସର, ସମୟ: ସକାଳ ୮ଟା
- ୭୯ତମ ଜିଲାସ୍ତରୀୟ ସ୍ୱାଧିନତା ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ସୁବର୍ଣ୍ଣପୁର ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୩ଟା।

## ନୂଆପଡ଼ା
- ମଦର ଟେରେସା ସେବା ସଂଗଠନ ପକ୍ଷରୁ ବୃକ୍ଷ ରୋପଣ କାର୍ଯ୍ୟକ୍ରମ, ସ୍ଥାନ: କୋମନା ବ୍ଲକ ନାଏକପଡ଼ା ଗାଁ, ସମୟ: ସକାଳ ୮ଟା।
- ନାଗବାଚା ପାର୍ଟି ପକ୍ଷରୁ ବୃକ୍ଷ ରୋପଣ କାର୍ଯ୍ୟକ୍ରମ, ସ୍ଥାନ: କୋମନା ବ୍ଲକ ଠିକପାଲି ପଞ୍ଚାୟତ ଶୁକ୍ଲିମୁଣ୍ଡି ଗାଁ, ସମୟ: ସକାଳ ୮ଟା ୩୦।
- ବୋଲବମ ସେବା ସମିତି ତରବୋଡ ପକ୍ଷରୁ ଅନ୍ନ ଓ ଜଳଛତ୍ର, ସ୍ଥାନ: ମା' ମଙ୍ଗଳା ଅଟୋ ପାର୍କ ତରବୋଡ଼, ସମୟ: ମଧ୍ୟାହ୍ନ ୧୨ଟା ୩୦।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ପରିବାରରେ ଅଯଥା ସନ୍ଦେହ ଓ ଭୁଲ୍ ବୁଝାମଣାଜନିତ ମତପାର୍ଥକ୍ୟର ଆଶଙ୍କା ରହିଛି। ଅଶ୍ୱିନୀ ନକ୍ଷତ୍ର ସକାଶେ ଅତି ଭଲସମ୍ପର୍କ ରହିଥିବା ବନ୍ଧୁଙ୍କ ଦୁଃଖଦ ପରିସ୍ଥିତି ପାଇଁ ମନ ଛଟପଟ ହେବ। ହାତମୁଠାରୁ ସୁଯୋଗ ଖସିଯିବାର ଆଶଙ୍କାକୁ ଏଡି ହେବନାହିଁ। ବ୍ୟବସାୟ, ପ୍ରକାଶନ, ପ୍ରଶାସନ, ଗବେଷଣା କ୍ଷେତ୍ରରେ ଶୁଭଫଳ ପାଇବେ।

**ବୃଷ**
ବନ୍ଧୁଙ୍କ ପରୋକ୍ଷ ବିରୋଧ କାମରେ ସମସ୍ୟା ସୃଷ୍ଟି କରିପାରେ। ଉଚ୍ଚ କର୍ତ୍ତୃପକ୍ଷଙ୍କ ଆଦେଶକ୍ରମେ କର୍ମକ୍ଷେତ୍ରରେ ନୂତନ ଦାୟିତ୍ୱ ହାତକୁ ନେଇପାରନ୍ତି। କଳା, ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ଉନ୍ନତମାନର ଫଳ ପାଇବେ। ମୃଗଶିରା ନକ୍ଷତ୍ରର ଚେଷ୍ଟା କରୁଥିବା କାର୍ଯ୍ୟହାନି କାରଣରୁ ମନରେ ସରସତା ରହିବ ନାହିଁ।

**ମିଥୁନ**
ଆଶା କରିଥିବା ଦିଗରୁ ଅର୍ଥ କିମ୍ବା ଇପ୍ସିତ କାର୍ଯ୍ୟ ହାସଲ ସକାଶେ ପର ଉପରେ ନିର୍ଭର କରିବାକୁ ପଡିପାରେ। ଆର୍ଦ୍ରା ନକ୍ଷତ୍ର ସମ୍ପର୍କୀୟଙ୍କ ସହ ସମ୍ପର୍କ ନିବିଡ଼ ହେବ। ବିଶିଷ୍ଟବ୍ୟକ୍ତିଙ୍କ ଅନୁରୋଧରେ ଧର୍ମକାର୍ଯ୍ୟରେ ବ୍ୟସ୍ତ ରହିବେ। ଋଣ ପରିଶୋଧ, ବ୍ୟବସାୟିକ, ଘରକାମ ସକାଶେ ଅଧିକାଂଶ ସମୟ ଅନ୍ୟମନସ୍କ ରହିବେ।

**କର୍କଟ**
ପ୍ରତିକୂଳ ପରିସ୍ଥିତି ମଧ୍ୟରେ ଗତି କରୁଥିଲେ ମଧ୍ୟ ଧୈର୍ଯ୍ୟହରା ନ ହୋଇ କାମ କରିପାରିବେ। ପୁନର୍ବସୁ ନକ୍ଷତ୍ର ଭାଇ କିମ୍ବା ନିଜ ପରିସରର ବନ୍ଧୁଙ୍କ କାମରେ ସନ୍ତୁଷ୍ଟ ହୋଇପାରିବେ ନାହିଁ। ଭୁଲ୍ ବୁଝାମଣାରୁ ଅଫିସ୍ କାମରେ ସମସ୍ୟା ସୃଷ୍ଟି ହେବ। ମକଦ୍ଦମା, ସଭାସମିତି, ବ୍ୟବସାୟ ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତିର ଆଶା ରହିଛି।

**ସିଂହ**
ଅନୁକୂଳ ଗ୍ରହସ୍ଥିତିର ପ୍ରଭାବରେ ଖୁସିର ବାତାବରଣ ମଧ୍ୟରେ ଦିନଟିକୁ କଟାଇବେ। ପୂର୍ବରୁ ପ୍ରସ୍ତୁତି ନ ଥାଇ ମଧ୍ୟ ଯଥେଷ୍ଟକିଛି ବ୍ୟୟ କରିବାକୁ ବାଧ ହୋଇପାରନ୍ତି। କୃତି ଓ କୃତିତ୍ୱ ହେତୁ କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତି ବିଶେଷ ସହାୟତା କରିବେ। ସାମାନ୍ୟ ଶାରୀରିକ ଅସୁସ୍ଥି କିମ୍ବା ସନ୍ତାନଙ୍କ ସକାଶେ ବ୍ୟସ୍ତତା ବଢ଼ିପାରେ।

**କନ୍ୟା**
କୁହୁଳୁଥିବା ଅଶାନ୍ତିଜନିତ ପାରିବାରିକ ସ୍ତରରେ ଦୁର୍ଭାବନା ବଢ଼ି ଚାଲିବ। କର୍ମକ୍ଷେତ୍ରରେ ବାରମ୍ବାର ଧୋକା ଖାଇ ଅନ୍ୟମାନଙ୍କୁ ସହଜରେ ବିଶ୍ୱାସ କରି ପାରିବେ ନାହିଁ। ନିଜର ବିଶ୍ୱସ୍ତ ବନ୍ଧୁମାନଙ୍କ ମାଧ୍ୟମରେ ସ୍ଥଗିତ କାର୍ଯ୍ୟକୁ ପୂର୍ଣ୍ଣାଙ୍ଗ କରିପାରିବେ। ହସ୍ତା ନକ୍ଷତ୍ର ଆଜିର ଯାତ୍ରା, ବାଣିଜ୍ୟ, ଗୁରୁତ୍ୱପୂର୍ଣ୍ଣ ଆଲୋଚନାରେ ସଫଳତା ପାଇବେ।

**ତୁଳା**
ସନ୍ତାନଙ୍କ ସ୍ୱାସ୍ଥ୍ୟ କିମ୍ବା କର୍ମକ୍ଷେତ୍ରରେ ସ୍ଥଗିତ କାମ ଆଜି ପାଇଁ ଚିନ୍ତାର କାରଣ ହେବ। ଦୀର୍ଘଦିନରୁ ଲାଗି ରହିଥିବା କ୍ରନିକ୍ ରୋଗ ପୀଡ଼ା ଯୋଗୁ ମନ ବିଚଳିତ ରହିପାରେ। ଆବଶ୍ୟକତା ଭରଣା କରିବା ସକାଶେ ଧାର ସୂତ୍ରରେ ଅର୍ଥ ପାଇବାକୁ ଚେଷ୍ଟା କରିପାରନ୍ତି। ବିଶାଖା ନକ୍ଷତ୍ର ବନ୍ଧୁଙ୍କ ପରାମର୍ଶରେ କୌଣସି ନୂତନ କର୍ମାରମ୍ଭ କରିବେ।

**ବିଛା**
ବିଶିଷ୍ଟବ୍ୟକ୍ତିଙ୍କ ସଙ୍ଗଲାଭରୁ ଆନୁଷ୍ଠାନିକ କାମରେ ସମ୍ମାନିତ ହେବେ। ଆଜି ଯାହା କରିବାକୁ ମନସ୍ଥ କରିଛନ୍ତି ତାହା ବିନା ବାଧାବିଘ୍ନରେ ସମାପନ ହେବ। ଜ୍ୟେଷ୍ଠା ନକ୍ଷତ୍ରର ପାରିବାରିକ ଅସ୍ଥିରତା କାରଣରୁ ସାୟାହ୍ନେ ମନ ଭଲ ରହି ନ ପାରେ। କର୍ମକ୍ଷେତ୍ରରେ ସ୍ଥଗିତ କାମ ପାଇଁ ପଦାଧିକାରୀଙ୍କୁ କୈଫିୟତ୍ ଦେବାକୁ ପଡିପାରେ।

**ଧନୁ**
ଅପ୍ରିୟ ସତ୍ୟ ଭାଷଣଜନିତ ଅନ୍ୟମାନଙ୍କ ଚକ୍ଷୁଶୂଳ ହେବାର ଆଶଙ୍କା ରହିଛି। ଉତ୍ତରାଷାଢ଼ା ନକ୍ଷତ୍ର ଆକସ୍ମିକ ଭାବରେ ଦୂରଯାତ୍ରା ପାଇଁ ପ୍ରସ୍ତୁତ ହେବାକୁ ପଡିପାରେ। କୌଣସି ଆଗନ୍ତୁକଙ୍କ ସହ ତର୍କ ଜନିତ ସକାଳୁ ସକାଳୁ ମନଟା ବିଗିଡି ଯିବାର ସୂଚନା ରହିଛି। ପାରିବାରିକ ସ୍ତରରେ ସ୍ତ୍ରୀଙ୍କ ଚିଡା ସ୍ୱଭାବ ପାଇଁ କ୍ଷୁବ୍ଧ ହୋଇପାରନ୍ତି।

**ମକର**
କର୍ମକ୍ଷେତ୍ରରେ ଗୁଜବ ମାନସିକ ସ୍ଥିତିକୁ ଦୋହଲାଇ ଦେବ। ବନ୍ଧୁମାନଙ୍କ କାର୍ଯ୍ୟକଳାପକୁ ନେଇ ଘଟଣାଗୁଡିକୁ ଅସ୍ୱାଭାବିକ ଭାବେ ଚିନ୍ତା କରିବେ। ଗତକାଲିଠାରୁ ଚେଷ୍ଟା କରୁଥିବା କାମରେ ଆଜି କେତେକାଂଶରେ ଆଂଶିକ ସଫଳତା ମିଳିବ। ଶ୍ରବଣା ନକ୍ଷତ୍ର ଜନହିତକର କାର୍ଯ୍ୟରେ ନିଜକୁ ଲିପ୍ତ ରଖି ପ୍ରଶଂସିତ ହୋଇପାରନ୍ତି।

**କୁମ୍ଭ**
ପ୍ରଶାସନିକ ସ୍ତରରେ ଗୁରୁତ୍ୱପୂର୍ଣ୍ଣ ବିଷୟ ନେଇ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି। କର୍ମକ୍ଷେତ୍ରରେ ଭୁଲ୍ ଖବର ପାଇ ବିବ୍ରତ ହେବାକୁ ପଡିପାରେ। ପରିବାରର ବାରମ୍ବାର ତାଗିଦା ଜନିତ ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାର ଅନୁଭବ କରିବେ। ଦୂରଯାତ୍ରା, ପରିଭ୍ରମଣ କିମ୍ବା ଦେବାର୍ଚ୍ଚନା ପାଇଁ ଅନୁକୂଳ ପରିବେଶ ସୃଷ୍ଟି ହେବ।

**ମୀନ**
ଯେତେ ପ୍ରକାର ଚେଷ୍ଟାକଲେ ମଧ୍ୟ ପରିସ୍ଥିତି ନ ବଦଳିବାରୁ ମାନସିକ ସ୍ଥିତି ଭଲ ରହିବ ନାହିଁ। ଇଚ୍ଛା ନ ଥିଲେ ମଧ୍ୟ ପରିସ୍ଥିତିକୁ ସାମ୍ନା କରିବାକୁ ଯାଇ ବନ୍ଧୁଙ୍କ ଦ୍ୱାରସ୍ଥ ହେବାକୁ ପଡିବ। ଗୋଟିଏ କାମ ନ ସରୁଣୁ ଏକାଧିକ କାମରେ ହାତଦେବା ଠିକ୍ ହେବନାହିଁ। ରେବତୀ ନକ୍ଷତ୍ର କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ।

ଆଜି ଜୁଲାଇ ୩୧ ତାରିଖ, ଶ୍ରାବଣ ଶୁକ୍ଳ ସପ୍ତମୀ, ଗୁରୁବାର। ରାଶିନକ୍ଷତ୍ର-ଚିତ୍ରା/କନ୍ୟା, ଦିବା ଘ୧୧।୧୫ ମି. ଗତେ ତୁଳା ଚନ୍ଦ୍ର, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୫।୨୫ ଗତେ ଘ.୦୭।୦୯ ମଧ୍ୟେ, ଘ.୧୦।୩୫ ଗତେ ଘ.୦୧।୧୦ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୧।୨୯ ଗତେ ଘ.୦୩।୦୬ ମଧ୍ୟେ ରାହୁ କାଳ।

# ସୁଭଦ୍ରା ଆବେଦନ ପାଇଁ ୯ ପରେ ଖୋଲିବ ପୋର୍ଟାଲ

ଭୁବନେଶ୍ୱର,୩୦।୭(ସୁଚିସ୍ମିତା ସାହୁ): ପୁଣି ଖୋଲିବ ସୁଭଦ୍ରା ପୋର୍ଟାଲ। ୨୧ ବର୍ଷ ହୋଇଥିବା ଯୁବତୀମାନେ ସୁଭଦ୍ରା ଯୋଜନା ପାଇଁ ଆବେଦନ କରିପାରିବେ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ସୂଚନା ଦେଇଛନ୍ତି। ସେ କହିଛନ୍ତି, ଆସନ୍ତା ଅଗଷ୍ଟ ୯ ରାକ୍ଷୀ ପୂର୍ଣ୍ଣିମା ଅବସରରେ ସୁଭଦ୍ରା ତୃତୀୟ କିସ୍ତି ମିଳିବ। ଏହାପରେ ସୁଭଦ୍ରା ପୋର୍ଟାଲ ଖୋଲିବ। ୨୧ ବର୍ଷ ହୋଇଥିବା ଯୁବତୀ ଆବେଦନ କରିପାରିବେ। ଏଥିସହ ପୂର୍ବରୁ ବାଦ୍ ପଡିଥିବା ୨ ଲକ୍ଷ ହିତାଧିକାରୀଙ୍କୁ ଯୋଡ଼ିବା ପାଇଁ ଆଉଥରେ ସର୍ଭେ କରାଯିବ। ଗାଡି କିଣି ଥିବା, ୫ ଏକର ଜମି ଥିବା ଓ ଆଇଟି ରିଟର୍ଣ୍ଣ କରିଥିବାରୁ ଏମାନଙ୍କୁ ବାଦ ଦିଆଯାଇଛି। ସେହିପରି ୯୩ ହଜାର ହିତାଧିକାରୀଙ୍କୁ ୬୦ ବର୍ଷ ହୋଇଥିବାରୁ ସାମାଜିକ ସୁରକ୍ଷା ବିଭାଗକୁ ସେମାନଙ୍କ ତାଲିକା ପଠାଇ ଦିଆଯାଇଛି। ଭତ୍ତା ପାଇଁ ସେମାନଙ୍କୁ ଆଉ ଆବେଦନ କରିବାକୁ ପଡିବ ନାହିଁ। ଏସବୁ ପ୍ରସଙ୍ଗକୁ ଆଧାରକୁ ନେଇ ପୁଣି ଥରେ ସୁଭଦ୍ରା ଯୋଜନାରେ ଯୋଗ୍ୟ ହିତାଧିକାରୀ ଚୟନ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କ୍ଷୀରରେ ନୀରକୁ ମିଶାଇ ବସାନ୍ତେ**
**ଉତୁରି ପଡ଼ିଲା ଚୁଲି**
**ଭାଇ ଶଳା ବୋଲି ଜାଣି ନ ଥିଲି ମୁଁ**
**ହସ୍ତମୁଦି ବନ୍ଧା ଦେଲି ।**

ପ୍ରେମ ଅନ୍ଧ ହୋଇଥାଏ। କେତେବେଳେ, କାହା ସହ ମନ ମିଶିଯାଏ ତାହା ସହଜରେ ବୁଝା ପଡ଼ି ନ ଥାଏ। ଭାଇ ଶଳା ପ୍ରତି ଭଉଣୀର ବାଉଳା ପ୍ରେମକୁ ଏଠାରେ ବର୍ଣ୍ଣନା କରାଯାଇଛି।

**କ୍ଷଣକୁ କ୍ଷଣ ଅନ୍ୟ କ୍ଷଣ**
**ଅନ୍ୟ କ୍ଷଣକୁ କିଛି ନାହିଁ ଗୋପନ**
**ଲୀଳା କରୁଥାଇ ଅଦୃଶେ ରହି**
**ନାମ ତା'ର ଅଟେ ଜଗତ ସାଇଁ ।**

ଦୁନିଆରେ ପ୍ରତିମୁହୂର୍ତ୍ତରେ କିଛି ନା କିଛି ପରିବର୍ତ୍ତନ ଘଟିଥାଏ। ଈଶ୍ୱର ବିଶ୍ୱନିୟନ୍ତା। ସେ ହିଁ ହର୍ତ୍ତା କର୍ତ୍ତା ଦଇବ ବିଧାତା। ତାଙ୍କ ନିର୍ଦ୍ଦେଶରେ ଦୁନିଆ ଆତଯାତ। ଜଗତ କର୍ତ୍ତା ହିଁ ପ୍ରତିମୁହୂର୍ତ୍ତରେ ସଂସାରରେ ତାଙ୍କ ଲୀଳା ଖେଳା ଭିଆଉଛନ୍ତି ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

# ବର୍ଷା ପାଇଁ ୩ ଜିଲାକୁ ଅରେଞ୍ଜ ୱାର୍ନିଂ

ଭୁବନେଶ୍ୱର,୩୦।୭
(ଅନୁରାଧା ମହାରଣା)

ରାଜ୍ୟରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ଥିବାରୁ ବିଭିନ୍ନ ଜିଲାରେ ବର୍ଷା ଲାଗିରହିଛି। ବୁଧବାର ଭଦ୍ରକରେ ସର୍ବାଧିକ ୪୩ ମିମି ବର୍ଷା ରେକର୍ଡ ହୋଇଥିବାବେଳେ ଯାଜପୁରରେ ୨୫ ମିମି. ଚାନ୍ଦବାଲିରେ ୨୪.୪ ମିମି, କେନ୍ଦୁଝରରେ ୮.୮ ମିମି, ବାରିପଦାରେ ୫.୮ ମିମି, କେନ୍ଦ୍ରାପଡ଼ାରେ ୬ ମିମି ଏବଂ ବାଲେଶ୍ୱରରେ ୩ ମିମି ବର୍ଷା ହୋଇଛି। ଗୁରୁବାର ମଧ୍ୟ ବିଭିନ୍ନ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। କେନ୍ଦୁଝର, ମୟୂରଭଞ୍ଜ ଏବଂ ଭଦ୍ରକ ଜିଲାରେ ବଜ୍ରପାତ ସହ ପ୍ରବଳରୁ ଅତି ପ୍ରବଳ ବର୍ଷା ସମ୍ଭାବନା ରହିଥିବାରୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ସେହିପରି ପ୍ରବଳ ବର୍ଷା ନେଇ ବାଲେଶ୍ୱର, କେନ୍ଦ୍ରାପଡ଼ା, ଯାଜପୁର, ସୁନ୍ଦରଗଡ଼, ଅନୁଗୋଳ, ଢେଙ୍କାନାଳ ଓ ଦେବଗଡ଼ ଜିଲାକୁ ୟେଲୋ ୱାର୍ନିଂ ରହିଛି। ବଜ୍ରପାତ ପାଇଁ ସତର୍କ ରହିବାକୁ କଟକ, ଜଗତ୍‌ସିଂହପୁର, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତି ଆଦି ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଅଗଷ୍ଟ ୧ ସକାଳ ୮ଟା ୩୦ ପର୍ଯ୍ୟନ୍ତ ଉତ୍ତର ଓ ଦକ୍ଷିଣ ଓଡ଼ିଶାର ବିଭିନ୍ନ ଜିଲାରେ ବର୍ଷା ହେବା ନେଇ ସତର୍କ କରାଯାଇଛି।

# ଆର୍‌ଆଇ, ଅମିନ, ଆଇସିଡିଏସ୍ ସୁପରଭାଇଜର ପରୀକ୍ଷା ବାତିଲ
## ୧୪ ଦିନ ଭିତରେ ସାନି ପ୍ରିଲିମ୍ ପରୀକ୍ଷା ବିଜ୍ଞପ୍ତି ପାଇଁ ହାଇକୋର୍ଟ ନିର୍ଦ୍ଦେଶ

ଭୁବନେଶ୍ୱର,୩୦।୭(ସୁଚିସ୍ମିତା ସାହୁ)
ଓଡ଼ିଶା ସବ୍‌ଅର୍ଡିନେଟ ଷ୍ଟାଫ୍ ସିଲେକ୍ସନ କମିଶନ (ଓଏସ୍‌ଏସ୍‌ଏସ୍‌ସି) ପକ୍ଷରୁ ପରିଚାଳିତ ଆର୍‌ଆଇ, ଏଆର୍‌ଆଇ, ଅମିନ, ଆଇସିଡିଏସ୍ ସୁପରଭାଇଜର ଓ ଏସ୍‌ଏଫ୍‌ଏସ୍ ପଦବୀ ପାଇଁ ହୋଇଥିବା ପ୍ରିଲିମ୍‌ନାରି ପରୀକ୍ଷାକୁ ବୁଧବାର ବାତିଲ କରାଯାଇଛି। ଫଳରେ ଅଗଷ୍ଟ ୧ରୁ ସେପ୍ଟେମ୍ବର ୪ ପର୍ଯ୍ୟନ୍ତ ହେବାକୁ ଥିବା ମେନ୍ ପରୀକ୍ଷା ମଧ୍ୟ ବାତିଲ ହୋଇଛି। ଏନେଇ ଆଡ୍‌ଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ଓଡ଼ିଶା ହାଇକୋର୍ଟଙ୍କୁ ଅବଗତ କରିଛନ୍ତି। ପରୀକ୍ଷା ବାତିଲ ହେବାର ୧୪ଦିନ ଭିତରେ ସାନି ପ୍ରିଲିମ୍ ପରୀକ୍ଷା ନେଇ ବିଜ୍ଞପ୍ତି ପ୍ରକାଶ କରିବାକୁ କମିଶନଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହି ପରୀକ୍ଷା ପାଇଁ ପ୍ରାର୍ଥୀଙ୍କୁ ପୁନଶ୍ଚ ଆବେଦନ କରିବାକୁ ପଡ଼ିବ ନାହିଁ। ପୂର୍ବରୁ ଆବେଦନ କରିଥିବା ସମସ୍ତ ପ୍ରାର୍ଥୀଙ୍କୁ ଏହି ପରୀକ୍ଷାରେ ଅଂଶଗ୍ରହଣ କରିବାର ସୁଯୋଗ ମିଳିବ। ନୂଆ ପରୀକ୍ଷା ନିରପେକ୍ଷ ଭାବେ ପରିଚାଳନା କରାଯିବ ବୋଲି ଓଏସ୍‌ଏସ୍‌ଏସ୍‌ସି ପ୍ରତିଶ୍ରୁତି ଦେଇଛି। ପରୀକ୍ଷା ସମୟ ସୂଚୀ ଓ ଅନ୍ୟାନ୍ୟ ସୂଚନା ଶୀଘ୍ର ଅଫିସିଆଲ ୱେବ୍‌ସାଇଟ୍ www.osssc.gov.inରେ ପ୍ରକାଶ କରାଯିବ।

ଗତବର୍ଷ ସେପ୍ଟେମ୍ବର ୨୦ରୁ ଅକ୍ଟୋବର ୮ ପର୍ଯ୍ୟନ୍ତ ରେଭିନ୍ୟୁ ଇନ୍ସପେକ୍ଟର (ଆର୍‌ଆଇ), ଆସିଷ୍ଟାଣ୍ଟ ରେଭିନ୍ୟୁ ଇନ୍ସପେକ୍ଟର (ଏଆର୍‌ଆଇ), ଅମିନ, ଆଇସିଡିଏସ୍ ସୁପରଭାଇଜର ଓ ଷ୍ଟାଟିଷ୍ଟିକାଲ ଫିଲ୍ଡ ସର୍ଭେୟର (ଏସ୍‌ଏଫ୍‌ଏସ୍) ପଦବୀ ପାଇଁ ପ୍ରିଲିମ୍ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ପରୀକ୍ଷାରେ ବ୍ୟାପକ ଅନିୟମିତତା ହୋଇଥିବା ନଜରକୁ ଆସିଥିଲା। କଳା ତାଲିକାଭୁକ୍ତ ଏଜେନ୍ସିକୁ ପରୀକ୍ଷା ପରିଚାଳନା ଦିଆଯିବାଠାରୁ ଆରମ୍ଭ କରି ଏସବୁ ପଦବୀରେ ନିଯୁକ୍ତି ଦେବା ନାଁରେ ଆଶାୟୀଙ୍କଠାରୁ ଲକ୍ଷ ଲକ୍ଷ ଟଙ୍କା ନିଆଯାଇଥିବା ଭଳି ଗୁରୁତର ଅଭିଯୋଗ ଉଠିଥିଲା। ଏହାକୁ ନେଇ ଦୀର୍ଘଦିନ ପର୍ଯ୍ୟନ୍ତ ପରୀକ୍ଷାର୍ଥି ଓ ବିଭିନ୍ନ ସଙ୍ଗଠନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ତଦନ୍ତ ରିପୋର୍ଟ ମିଳିବା ପରେ ଓଏସ୍‌ଏସ୍‌ଏସ୍‌ସି ଏକ ଅଭୂତପୂର୍ବ ନିଷ୍ପତ୍ତି ନେଇ ପ୍ରିଲିମ ପରୀକ୍ଷାରେ ଅଂଶଗ୍ରହଣ କରିଥିବା ସମସ୍ତ ପ୍ରାର୍ଥୀଙ୍କୁ ପାସ୍ ଘୋଷଣା କରିବା ସହ ସମସ୍ତେ ମେନ୍ ପରୀକ୍ଷା ଦେଇପାରିବେ ବୋଲି ସୁଯୋଗ ଦେଇଥିଲା। ନିଷ୍ପତ୍ତି ଅନୁଯାୟୀ, ପ୍ରାୟ ୫ ଲକ୍ଷ ପରୀକ୍ଷାର୍ଥୀ ମେନ୍ ପରୀକ୍ଷା ପାଇଁ ଯୋଗ୍ୟ ହୋଇଥିଲେ। କିନ୍ତୁ ଓଏସ୍‌ଏସ୍‌ଏସ୍‌ସିର ବିଜ୍ଞପ୍ତି ଅନୁସାରେ, ମେନ୍ ପରୀକ୍ଷା ପାଇଁ ଖାଲି ପଦବୀର ୫ ଗୁଣ ପ୍ରାର୍ଥୀଙ୍କୁ ଶର୍ଟଲିଷ୍ଟ କରାଯିବାର ନିୟମ ଥିଲା। ଏହି ନିୟମର ଉଲ୍ଲଂଘନ ହୋଇଥିବାରୁ କେତେଜଣ ପରକ୍ଷାର୍ଥୀ ଓଡ଼ିଶା ହାଇକୋର୍ଟରେ ପିଟିଶନ ଦାଖଲ କରିଥିଲେ। ପିଟିଶନର ଶୁଣାଣି କରି ହାଇକୋର୍ଟ ପ୍ରିଲିମ୍ ପରୀକ୍ଷା ବାତିଲ ନିର୍ଦ୍ଦେଶ ଦେଇଛନ୍ତି। ଏହି ପରୀକ୍ଷା ପାଇଁ ଅନ୍ୟ ଆଶାୟୀମାନେ ଅବେଦନ କରିପାରିବେ ନାହିଁ। କେବେଳ ଯେଉଁମାନେ ଏହି ପରୀକ୍ଷା ପାଇଁ ଆବେଦନ କରିଥିଲେ ସେମାନେ ହିଁ ଏହି ପରୀକ୍ଷା ଦେଇପାରିବେ। ପୁନଃ ପ୍ରିଲିମ ପରୀକ୍ଷା ହେବ। ଏହି ସମସ୍ତ ପ୍ରକ୍ରିୟା ଶୀଘ୍ର ସାରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ତେବେ ଓଏସ୍‌ଏସ୍‌ଏସ୍‌ସି ପକ୍ଷରୁ ଅଗଷ୍ଟ ୧୫ ସୁଦ୍ଧା ପ୍ରିଲିମ ପରୀକ୍ଷା ନେଇ ବିଜ୍ଞପ୍ତି ପ୍ରକଶ ପାଇପାରେ ବୋଲି ସୂଚନା ମିଳିଛି।

# ପ୍ରଥମ ପୃଷ୍ଠାରୁ...

## ଭାରତ ଉପରେ ...
ଚାପ ସୃଷ୍ଟି ଉଦ୍ଦେଶ୍ୟରେ ଏକ କୌଶଳ ରୂପେ ଦେଖାଯାଉଛି। ନିକଟରେ ଆମେରିକା ଏଭଳି ଚାପ ଜାପାନ, ବ୍ରିଟେନ୍ ଓ ୟୁରୋପୀୟ ସଂଘ (ଇୟୁ) ଉପରେ ପକାଇଥିଲା। ଭାରତ ହେଉଛି ରୁଷିଆଠାରୁ ତୈଳ ଓ ଯୁଦ୍ଧାସ୍ତ୍ରର ସବୁଠୁ ବଡ଼ କ୍ରେତା। ତେଣୁ ଭାରତକୁ ଏହାର ବହୁମୂଲ୍ୟ ଦେବାକୁ ପଡ଼ିଛି ବୋଲି ସୋସିଆଲ ମିଡିଆରେ ଚର୍ଚ୍ଚା ହେଉଛି।

## ସରକାରୀ କାର୍ଯ୍ୟାଳୟରେ ...
ପକ୍ଷରୁ ମଧ୍ୟ ୨୦୨୨ ଜୁଲାଇ ପହିଲାରେ ଅନୁରୂପ ଭାବେ ଆଉ ଏକ ନିର୍ଦ୍ଦେଶନାମା ଜାରି ହୋଇଥିଲା। ଏହାକୁ ନେଇ ବିଭିନ୍ନ ସହରାଞ୍ଚଳରେ ଚଢ଼ାଉ କରାଯାଉଛି। ଏହାସତ୍ତ୍ୱେ ରାଜ୍ୟରେ ସିଙ୍ଗଲ ୟୁଜ୍ ପ୍ଲାଷ୍ଟିକ୍ ବ୍ୟବହାର କମୁନାହିଁ। ରାଜ୍ୟ ସରକାରଙ୍କ ନିଷ୍ପତ୍ତିକ୍ରମେ ଏଣିକି ସରକାରଙ୍କ ପକ୍ଷରୁ ବିଭିନ୍ନ ବୈଠକ, କର୍ମଶାଳାଗୁଡ଼ିକରେ ଆଉ ସିଙ୍ଗଲ ୟୁଜ୍ ପ୍ଲାଷ୍ଟିକ୍ ବ୍ୟବହାର କରାଯାଇପାରିବ ନାହିଁ। ଏହା ବଦଳରେ ଷ୍ଟିଲ୍, ତମ୍ବା, ବାଉଁଶ ପାତ୍ର ବ୍ୟବହାର କରାଯିବ। ଅଫିସ୍ ପରିସରରେ ପ୍ଲାଷ୍ଟିକ୍/ଥର୍ମୋକୁଲ୍ ପ୍ଲେଟ୍, ଟ୍ରେ, ବାଓ୍ୱଲ, କପ୍ସ, ଗ୍ଲାସ୍, ଚାମଚ ଓ କଣ୍ଟେନର ଆଦି ଆଉ ବ୍ୟବହାର ହେବନାହିଁ।

ସେହିପରି ସରକାରୀ କାର୍ଯ୍ୟାଳୟଗୁଡ଼ିକରେ ଆଉ ପଲିଥିନ୍ ବ୍ୟାଗ୍ ବ୍ୟବହାର କରାଯିବ ନାହିଁ। ଏହା ବଦଳରେ କାଗଜ ତିଆରି ବ୍ୟାଗ୍, ଖୋଟରୁ ପ୍ରସ୍ତୁତ ବ୍ୟାଗ୍ କିମ୍ବା ଜୈବିକ ପଦ୍ଧତିରେ ପ୍ରସ୍ତୁତ ବ୍ୟାଗ୍ ବ୍ୟବହାର କରାଯିବ। ଏସିଏସ୍ ପୁଣି କହିଛନ୍ତି, ଏଣିକି ସରକାରୀ କାର୍ଯ୍ୟାଳୟକୁ ଆସୁଥିବା ଖାଦ୍ୟ ଓ ତରଳ ଖାଦ୍ୟ ଚା' ଆଦି ଆଉ ପଲିଥିନରେ ଆସିପାରିବ ନାହିଁ। ଏଥିପାଇଁ ବିଭିନ୍ନ ଧାତବରେ ପ୍ରସ୍ତୁତ କଣ୍ଟେନର ବ୍ୟବହାର କରାଯିବ। ସେହିପରି ସରକାରୀ କର୍ମଚାରୀଙ୍କୁ ନୂଆବର୍ଷ ଓ ଅନ୍ୟାନ୍ୟ ସମୟରେ ଦିଆଯାଉଥିବା ଫୁଲତୋଡ଼ା କିମ୍ବା ଗିଫ୍ଟ ଆଇଟମ୍ ମଧ୍ୟ ସରକାରୀ କାର୍ଯ୍ୟାଳୟରେ ନ ପଶିବା ଲାଗି ଅଧସ୍ତନ ସମସ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବାକୁ ଏସିଏସ୍ ସାହୁ ଉଲ୍ଲେଖ କରିଛନ୍ତି। ସରକାରଙ୍କ ପକ୍ଷରୁ ଜାରି କରାଯାଇଥିବା ବିଜ୍ଞପ୍ତିକୁ ନେଇ ଏସିଏସ୍ ଦର୍ଶାଇଛନ୍ତି, ଯଦି ଏସବୁକୁ ପାଳନ କରିବା ଦିଗରେ କେହି ବି ଅବହେଳା କରନ୍ତି, ତେବେ ପରିବେଶ ସୁରକ୍ଷା ଆଇନ-୧୯୮୬ ଅନୁଯାୟୀ ସରକାରୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହାକୁ ନେଇ ଏବେ ସରକାରୀ ଓ ବ୍ୟବସାୟୀ ମହଲରେ ଭାଳେଣି ଦେଖାଦେଇଛି।

## ପହିଲାରେ ରାଜ୍ୟ ...
ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି।

ସୂଚନାଯୋଗ୍ୟ, ଇତିମଧ୍ୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ରାଜ୍ୟ କ୍ୟାବିନେଟ୍‌ର ୨୨ଟି ବୈଠକ ଅନୁଷ୍ଠିତ ହୋଇସାରିଲାଣି। ସେଥିରେ ରାଜ୍ୟର ଶିକ୍ଷା, ସ୍ୱାସ୍ଥ୍ୟ, ମହିଳା ଓ ଚାଷୀଙ୍କ ବିକାଶ ସହିତ ସରକାରୀ କର୍ମଚାରୀଙ୍କ ବିଭିନ୍ନ କ୍ୟାଡର ସଂଶୋଧନ ନିୟମ ଅଣାଯାଇଛି। ତେବେ ୨୦୩୬ ସୁଦ୍ଧା ସରକାର ଓଡ଼ିଶାକୁ ଏକ ବିକଶିତ ରାଜ୍ୟରେ ପରିଗଣିତ କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି। ଏହାକୁ ନେଇ ସରକାରଙ୍କ ପକ୍ଷରୁ ଅଗଷ୍ଟ ୧ରେ ଅନୁଷ୍ଠିତ ହେବାକୁଥିବା ରାଜ୍ୟ କ୍ୟାବିନେଟ୍ ବୈଠକ ବଡ଼ ଭୂମିକା ରଖିବ ବୋଲି ଜଣାଯାଇଛି।

## ୧୭୦ ଘଣ୍ଟା ...
ରେମୋନା ନିଜ ମାରାଥନ ନୃତ୍ୟ ସମୟରେ ପ୍ରତି ୩ ଘଣ୍ଟାରେ ମାତ୍ର ୧୫ ମିନିଟ ପାଇଁ ଏକ ଛୋଟ ବିରତି ନେଉଥିଲେ। ଏହି ସମୟରେ ସେ କଦଳୀ, ପଇଡ ପାଣି, ଦହି, ନରମ ରନ୍ଧାଭାତ ଖାଉଥିଲେ। ବିଶ୍ୱବିଦ୍ୟାଳୟରେ ରେମୋନାଙ୍କ ଅନବରତ ନୃତ୍ୟ ପ୍ରଦର୍ଶନକୁ ଦୃଷ୍ଟିରେ ରଖି ଡାକ୍ତରୀ ଦଳ ଏବଂ ଆମ୍ବୁଲାନ୍ସ କର୍ମଚାରୀ ଉପସ୍ଥିତ ଥିଲେ। ରେମୋନାଙ୍କର ଏହି ସଫଳତାକୁ ନେଇ ସୋସିଆଲ ମିଡିଆରେ ଅନେକ ୟୁଜର୍ସ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। ରେମୋନା ମାତ୍ର ୩ ବର୍ଷ ବୟସରୁ ପ୍ରସିଦ୍ଧ ଗୁରୁ ଶୀବିଦ୍ୟା ମୁରଲୀଧରଙ୍କଠାରୁ ଭାରତନାଟ୍ୟମ୍ ନୃତ୍ୟର ପ୍ରଶିକ୍ଷଣ ନେବା ଆରମ୍ଭ କରିଥିଲେ। ଏହି ବିଶ୍ୱ ରେକର୍ଡ ପାଇଁ ସେ ନିଜ ପାଠ୍ୟକ୍ରମ ସହ ଦୈନିକ ୫ରୁ ୬ ଘଣ୍ଟା ଭାରତନାଟ୍ୟମ୍ ନୃତ୍ୟର ଅଭ୍ୟାସ କରୁଥିଲେ। ରେମୋନାଙ୍କ ନୃତ୍ୟ ପ୍ରଦର୍ଶନ ସ୍ଥଳରେ ତାଙ୍କ ସହପାଠୀ, ଅଧ୍ୟାପିକା ଏବଂ ଅଧ୍ୟାପକ, ପରିବାର ଲୋକେ ରହି ତାଙ୍କ ଉତ୍ସାହ ବଢ଼ାଉଥିଲେ।

# ବୋର୍ଡ ଡାଟା ଏଣ୍ଟ୍ରି ଅପରେଟରଙ୍କ ସମେତ ୬ ଗିରଫ

**ସ୍ପେଶାଲ ଓଟିଇଟି ପ୍ରଶ୍ନପତ୍ର ପ୍ରଘଟ ମାମଲା**

- ■ଡାଟା ଏଣ୍ଟ୍ରି ଅପରେଟର ଫୋନ୍ ପେ'ରେ ନେଇଛନ୍ତି ୨.୫ ଲକ୍ଷ
- ■ବିଭିନ୍ନ ଜିଲାରୁ ଲକ୍ଷ ଲକ୍ଷ ଟଙ୍କା ଆଦାୟ ହୋଇଛି


କ୍ରାଇମ୍‌ବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି।


ଗିରଫ ୬ ଅଭିଯୁକ୍ତ।

କଟକ,୩୦।୭(କାର୍ତ୍ତିକ ସାହୁ)

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ)ର ସ୍ପେଶାଲ ଓଡ଼ିଶା ଟିଚର୍ସ ଏଲିଜିବିଲିଟି ଟେଷ୍ଟ (ଓଟିଇଟି) ପ୍ରଶ୍ନପତ୍ର ପ୍ରଘଟ ମାମଲାରେ କ୍ରାଇମବ୍ରାଞ୍ଚ ୬ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ବୋର୍ଡର ଡାଟା ଏଣ୍ଟ୍ରି ଅପରେଟର ଜିତନ ମହାରଣାଙ୍କ ସମେତ ରାୟଗଡ଼ା ଜିଲା ଆମ୍ୱୋଦଲା ଥାନା ଅନ୍ତର୍ଗତ କୋମାସାହି ଗ୍ରାମର ବିଜୟ କୁମାର ମିଶ୍ର(୫୩), କୋରାପୁଟ ଜିଲା କୁନ୍ଦ୍ରା ଥାନା ଅନ୍ତର୍ଗତ ସଗରଗୁଡ଼ାର ସନାତନ ବିଶୋୟୀ (୫୧), କଟକ ଜିଲା ବାଦାମବାଡ଼ି ଥାନା ଅନ୍ତର୍ଗତ ନାରାୟଣ ଲେନ୍‌ର ରାମଜୀ ପ୍ରସାଦ ଗୁପ୍ତା, ଗଞ୍ଜାମ ଜିଲା ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଲିଙ୍ଗିପାଲି କେଶବ ନଗରର ଅଜୟ କୁମାର ସାହୁ (୪୩) ଓ ବାଲେଶ୍ୱର ଜିଲା ରୁପ୍‌ସା ଥାନା ଅନ୍ତର୍ଗତ ଜୁକନାଣ୍ଡିର ଜୟନ୍ତ କୁମାର ରାଉତ (୪୪)। ପ୍ରାଥମିକ ତଦନ୍ତରୁ ଜିତନ ୨.୫ ଲକ୍ଷ ଟଙ୍କା ଫୋନ୍ ପେ' ଜରିଆରେ ଗ୍ରହଣ କରିଥିବା ଜଣାପଡ଼ିଛି। ପ୍ରଘଟ ପ୍ରଶ୍ନପତ୍ର ଓ ଅଭିଯୁକ୍ତମାନଙ୍କ ମୋବାଇଲ ଫୋନ ଜବତ ହୋଇଛି। କ୍ରାଇମବ୍ରାଞ୍ଚ ଟିମ୍ ଅଭିଯୁକ୍ତମାନଙ୍କୁ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ସ୍ଥାନରୁ ଗିରଫ କରିଛି। ସମସ୍ତଙ୍କୁ କଟକ ଜେଏମ୍‌ଏଫ୍‌ସି-୩ କୋର୍ଟରେ ହାଜର କରାଯାଇଛି। ଏ ନେଇ କ୍ରାଇମବ୍ରାଞ୍ଚରେ ମାମଲା (ନଂ.୦୬/୨୦୨୫) ରୁଜୁ ହୋଇ ତଦନ୍ତ ଚାଲୁ ରହିଥିବା କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର ପୋଲିସ ମୁଖ୍ୟାଳୟରେ ବୁଧବାର ଅପରାହ୍ନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ସୂଚନାନୁସାରେ, ବୋର୍ଡର ଏଷ୍ଟାବ୍ଲିଶମେଣ୍ଟ ଅଫିସର ବୁଲବୁଲ ବେହେରା ଗତ ଜୁଲାଇ ୨୦ରେ ସ୍ପେଶାଲ ଓଟିଇଟି ପ୍ରଶ୍ନପତ୍ର ପ୍ରଘଟ ସଂକ୍ରାନ୍ତରେ କ୍ରାଇମବ୍ରାଞ୍ଚରେ ଏତଲା ଦାଏର କରିଥିଲେ। ବୋର୍ଡ ଉପସଭାପତି ଜୁଲାଇ ୧୯ ତାରିଖ ରାତି ପ୍ରାୟ ୧୦.୪୫ ସମୟରେ ହାତଲେଖା ହୋଇଥିବା ସ୍ପେଶାଲ ଓଟିଇଟି ପ୍ରଶ୍ନପତ୍ର ଓ ଉତ୍ତର ଫେସ୍‌ବୁକ୍ ସମେତ ଅନ୍ୟାନ୍ୟ ସୋସିଆଲ ମିଡିଆରେ ଘୂରି ବୁଲୁଥିବା ଦେଖିବାକୁ ପାଇଥିଲେ, ଯଦ୍ୱାରା ସ୍ପେଶାଲ ଓଟିଇଟିକୁ ବୋର୍ଡ ମୁଖ୍ୟାଳୟ ପକ୍ଷରୁ ସ୍ଥଗିତ କରାଯାଇଥିଲା। ଏଭଳି ଏକ ସମ୍ବେଦନଶୀଳ ଘଟଣା ଉପରେ କ୍ରାଇମବ୍ରାଞ୍ଚ ତଦନ୍ତ ଆରମ୍ଭ କରି ପ୍ରଥମେ ବୋର୍ଡରେ ଡାଟା ଏଣ୍ଟ୍ରି ଅପରେଟର ଭାବେ କାର୍ଯ୍ୟ କରୁଥିବା ବାଲେଶ୍ୱର ଜିଲା ସିମୁଳିଆ ଥାନା ଅନ୍ତର୍ଗତ କଛପଡ଼ା ଗ୍ରାମର ଜିତନଙ୍କୁ ଧରିଥିଲା। ଜିତନଙ୍କୁ ପଚରାଉଚୁରା କରିବା ପରେ ଅନ୍ୟ ଅଭିଯୁକ୍ତମାନଙ୍କ ସମ୍ପର୍କରେ ସୁରାକ ମିଳିଥିଲା। ଜିତନ ବେଆଇନ ଭାବେ ବୋର୍ଡ ଉପସଭାପତିଙ୍କ ଲାପଟପ୍ ଖୋଲି ସେଥିରେ ଥିବା ସ୍ପେଶାଲ ଓଟିଇଟି ପ୍ରଶ୍ନପତ୍ର ହାତେଇବାରେ ସକ୍ଷମ ହୋଇଥିଲେ। ସେହି ପ୍ରଶ୍ନପତ୍ରକୁ ସେ ଷ୍ଟେଟ ଏକ୍ସ-କ୍ୟାଡର ଟିଚର ଆସୋସିଏଶନ କାର୍ଯ୍ୟକାରୀ ସଭାପତି ବିଜୟ ମିଶ୍ର ଓ ଆସୋସିଏଶନ୍‌ର କୋରାପୁଟ ଜିଲା ସଭାପତି ସନାତନଙ୍କୁ ପଠାଇଥିଲେ। ପୂର୍ବ ସ୍ପେଶାଲ ଓଟିଇଟି ପରୀକ୍ଷାରେ ଫେଲ୍ ହୋଇଥିବା ଶିକ୍ଷକମାନଙ୍କୁ ସେମାନେ ଟାର୍ଗେଟ କରିଥିଲେ। ଓଟିଇଟି ପରୀକ୍ଷା ପାସ୍ କରିବା ପରେ ସେମାନଙ୍କ ଚାକିରି ନିୟମିତ ହେବା ଓ ଦରମା ବୃଦ୍ଧି ହେବା ଭଳି ସୁବିଧା ପାଇବାକୁ ବ୍ୟସ୍ତ ହେଉଥିବା ଶିକ୍ଷକମାନଙ୍କୁ ସେମାନେ ପ୍ରଶ୍ନପତ୍ର ଓ ଉତ୍ତର ବିକ୍ରି କରିଥିଲେ। ଏହି କାର୍ଯ୍ୟ ସମ୍ପାଦନ ନିମନ୍ତେ ଦୁହେଁ ୩ଜଣ ରାମଜୀ, ଅଜୟ ଓ ଜୟନ୍ତଙ୍କୁ ନିୟୋଜିତ କରିଥିଲେ। ସେମାନେ ପ୍ରଶ୍ନପତ୍ର ଓ ଉତ୍ତର ବିକ୍ରି କରି ଶିକ୍ଷକମାନଙ୍କଠାରୁ ନଗଦ ଏବଂ ଆକାଉଣ୍ଟ ଟ୍ରାନ୍ସଫର ମାଧ୍ୟମରେ ଅର୍ଥ ଆଦାୟ କରିଥିଲେ। କ୍ରାଇମବ୍ରାଞ୍ଚ ତଦନ୍ତ ବେଳେ ସମସ୍ତ ଅଭିଯୁକ୍ତଙ୍କ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ କରାଯାଉଛି। ତେବେ ଏହି ପ୍ରଶ୍ନପତ୍ର ବିକ୍ରି ଓ ପ୍ରଘଟ ଘଟଣାର ର୍ୟାକେଟ୍ ବିଭିନ୍ନ ଜିଲାରେ ରହିଛି। ସେମାନେ ଲକ୍ଷ ଲକ୍ଷ ଟଙ୍କା ଏ ବାବଦରେ ଆଦାୟ କରିଥିବା କ୍ରାଇମବ୍ରାଞ୍ଚ ଆକଳନ କରିଛି। ତେବେ ଏହି ଘଟଣାରେ ଆଉ କେଉଁମାନଙ୍କ ସମ୍ପୃକ୍ତି ରହିଛି, ସେ ନେଇ ତଦନ୍ତ କରାଯାଉଥିବା କ୍ରାଇମବ୍ରାଞ୍ଚ ଡିଜି ମିଶ୍ର କହିଛନ୍ତି।

# ପଞ୍ଚମ ଶ୍ରେଣୀ ଛାତ୍ରୀଙ୍କୁ ହତ୍ୟା ଅଭିଯୋଗ

ଫୁଲବାଣୀ, ୩୦।୭(ରାକେଶ କୁମାର ରାଉତ)

କନ୍ଧମାଳ ଜିଲା ଫୁଲବାଣୀ ସହର ପିଅନପଡ଼ା ଅଞ୍ଚଳରେ ପଞ୍ଚମ ଶ୍ରେଣୀରେ ପଢୁଥିବା ଜଣେ ଛାତ୍ରୀଙ୍କ ମୃତ୍ୟୁକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ତାଙ୍କୁ ସମ୍ପର୍କୀୟ ଭାଇ ହତ୍ୟା କରିଥିବା ନେଇ ଛାତ୍ରୀଙ୍କ ବାପା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାକୁ ଗୁରୁତର ସହ ନେଇ ତଦନ୍ତ ଆରମ୍ଭ କରିଛି । ବୁଧବାର ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳ ପରିଦର୍ଶନ କରି ନମୁନା ସଂଗ୍ରହ କରିଛି । ପାରିପାର୍ଶ୍ୱିକ ସ୍ଥିତିକୁ ଅନୁଧ୍ୟାନ କଲେ ଛାତ୍ରୀ ଜଣକ ଗାମୁଛା ବେକରେ ବାନ୍ଧି ଆତ୍ମହତ୍ୟା କରିନାହାନ୍ତି, ବରଂ ତାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ ହେଉଛି । ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଏହାର ପ୍ରକୃତ କାରଣ ଜଣାପଡିବ ବୋଲି ପୋଲିସ କହିଛି ।

ଖବରରୁ ଜଣାପଡିଛି, ମଙ୍ଗଳବାର ସନ୍ଧ୍ୟାରେ ଛାତ୍ରୀଙ୍କ ବଡଭଉଣୀ ଟିଉଶନରୁ ଆସି ଘର କବାଟ ଖୋଲିଦେବା ବେଳକୁ ସାନଭଉଣୀ ବେକରେ ଗାମୁଛା ବାନ୍ଧି ଝୁଲିଥିବା ଦେଖିବାକୁ ପାଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଫୁଲବାଣୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ଛାତ୍ରୀଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ଟାଉନ ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରିଛି। ସମ୍ପୃକ୍ତା ଛାତ୍ରୀଙ୍କ ବାପାଙ୍କ ବୟାନ ଭିତ୍ତିକରି ପୋଲିସ ଏହି ସମୟରେ ଘରେ ଥିବା ତାଙ୍କ ଭଉଣୀଙ୍କ ନାବାଳକ ପୁଅଙ୍କୁ ଧରି ନେଇ ପଚରାଉଚରା ପରେ ତାଙ୍କୁ ଜୁଭେନାଇଲ ଜଷ୍ଟିସ୍ ବୋର୍ଡ ନିକଟରେ ହାଜର କରିଥିଲା। ପରେ ତାଙ୍କୁ ବାଳସୁଧାର ଗୃହକୁ ପଠାଯାଇଛି। ଏ ସମ୍ପର୍କରେ ସଦର ଏସ୍‌ଡିପିଓ ଶୁଭ୍ରଜିତ୍ ବିଶ୍ୱାଳଙ୍କୁ ପଚାରିବାରୁ ସେ କହିଲେ, ସମ୍ପୃକ୍ତା ଛାତ୍ରୀଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ମିଳିଥିଲା। ଭଣଜା ଝିଅକୁ ହତ୍ୟା କରିଥିବା ଛାତ୍ରୀଙ୍କ ବାପା ଅଭିଯୋଗ କରିଛନ୍ତି। ସବୁ ଦିଗକୁ ଗୁରୁତ୍ୱ ଦେଇ ତଦନ୍ତ କରାଯାଉଛି । ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସବୁ ସ୍ପଷ୍ଟ ହେବ ବୋଲି ଏସ୍‌ଡିପିଓ ବିଶ୍ୱାଳ କହିଛନ୍ତି।

# ସ୍ତ୍ରୀଙ୍କୁ ପିଟି ହତ୍ୟା, ସ୍ୱାମୀ ଗିରଫ

କେନ୍ଦୁଝର,୩୦।୭(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ଝୁମ୍ପୁରା ଥାନା ଅଧୀନ ଅର୍ଶଳା ଗ୍ରାମରେ ସ୍ତ୍ରୀଙ୍କୁ ପିଟି ସ୍ୱାମୀ ହତ୍ୟା କରିଛନ୍ତି। ମୃତକ ହେଲେ ଗ୍ରାମର ଶକୁନ୍ତଳା ଦାସ (୩୫)। ଘଟଣାରେ ପୋଲିସ ଅଭିଯୁକ୍ତ ସ୍ୱାମୀ ଏମ୍‌ଡି ମନାନ (୪୫)ଙ୍କୁ ଗିରଫ କରି ତଦନ୍ତ କରୁଛି। ଦମ୍ପତି ଅଲଗା ସମ୍ପ୍ରଦାୟର ହୋଇଥିବାରୁ ସାମ୍ପ୍ରଦାୟିକ ଗଣ୍ଡଗୋଳ ଆଶଙ୍କା କରାଯାଉଥିଲା। ମାତ୍ର ବିବାହ ସହମତିରେ ହୋଇଥିଲା, ଉଭୟ ଏକାଠି ରହି ଆସୁଥିଲେ। ଏଣୁ ସେଭଳି ସାମ୍ପ୍ରଦାୟିକ ପ୍ରସଙ୍ଗ ନାହିଁ ବୋଲି ପୋଲିସ ସୂଚନା ଦେଇଛି। ସୂଚନା ଅନୁଯାୟୀ, ଉଭୟଙ୍କ ଦୁଇ ପିଲା ଥିବା ବେଳେ ମନାନ ଆଉ ଜଣଙ୍କୁ ବିବାହ କରିଥିଲେ। ଏ ନେଇ ମନାନ ଓ ଶକୁନ୍ତଳାଙ୍କ ମଧ୍ୟରେ ପାଟିତୁଣ୍ଡ ହେବା ସହ ମାରପିଟ ହେଉଥିଲେ। ଉଭୟ ଏକାଧିବାର ଥାନାରେ ଲିଖିତ ଚୁକ୍ତି ମଧ୍ୟ କରିଥିଲେ। ପୁଣି ଗଣ୍ଡଗୋଳ ହେବାରୁ ଶକୁନ୍ତଳା ୨ ସପ୍ତାହ ହେବ ବାପଘରକୁ ଚାଲିଯାଇଥିଲେ। ୨ ଦିନ ତଳେ ସେ ଘରକୁ ଫେରିଥିଲେ। ମଙ୍ଗଳବାର କୌଣସି କଥାକୁ ନେଇ ପୁଣି ଗଣ୍ଡଗୋଳ ହେବା ସହ ମାରପିଟ୍ ହୋଇଥିଲା। ଶକୁନ୍ତଳାଙ୍କୁ ପିଟିପିଟି ମନାନ ହତ୍ୟା କରିଥିଲେ। ବୁଧବାର ସକାଳେ ମନାନ ଝୁମ୍ପୁରା ଥାନାକୁ ଯାଇ ଶକୁନ୍ତଳା ଅତ୍ୟଧିକ ମଦ୍ୟପାନ କରି ମୃତ୍ୟୁବରଣ କରିଥିବା କହିଥିଲେ। ଶକୁନ୍ତଳାଙ୍କ ପରିବାର ଲୋକେ ପହଞ୍ଚି ତାଙ୍କ ମୁହଁ ଓ ଶରୀରର ଅନ୍ୟାନ୍ୟ ସ୍ଥାନରେ କ୍ଷତ ଥିବା ଏବଂ ହାତ ଭାଙ୍ଗିଥିବା ଦେଖିଥିଲେ। ଏ ନେଇ ମୃତାଙ୍କ ଭାଇ ମକରଧର ଦାସଙ୍କ ଏତଲା କ୍ରମେ ପୋଲିସ ଏକ ମାମଲା(ନଂ. ୧୦୧/୨୦୨୫) ରୁଜୁ କରି ଅଭିଯୁକ୍ତ ଏମ୍‌ଡି ମନାନଙ୍କୁ ଗିରଫ କରିଛି। ଘଟଣାର ତଦନ୍ତ ଜାରି ରହିଥିବା ଝୁମ୍ପୁରା ଥାନା ଅଧିକାରିଣୀ ସମ୍ପାରୀ ହାଁସଦା କହିଛନ୍ତି।

# ଝରକା ତଳକୁ ଫିଙ୍ଗିଦେଲେ ଟଙ୍କା, ଅଳଙ୍କାର ବ୍ୟାଗ୍

**ଫସିଲେ ଆଉ ଜଣେ କୋଟିପତି ଏଇ**

- ■ଦିନସାରା ନିଜେ ଓ ପରିବାରକୁ ତାଲା ପକାଇ ରଖିଥିଲେ
- ■୩ କମର୍ସିଆଲ୍ ଆଉଟ୍‌ଲେଟ, ଦୁଇ ବହୁତଳ କୋଠା ଠାବ
- ■ବ୍ୟାଙ୍କ ଓ ପୋଷ୍ଟାଲରେ ୩୭.୯୭ ଲକ୍ଷ ଟଙ୍କାର ଜମା



ଭୁବନେଶ୍ୱର,୩୦।୭(ସତ୍ୟଜିତ୍ ରାଉତ)

ସହକାରୀ ଯନ୍ତ୍ରୀ (ଏଇ) ରାଜକିଶୋର ଜେନାଙ୍କ ଆୟ ବହିର୍ଭୂତ ସମ୍ପତ୍ତି ଦିଗରେ ଭିଜିଲାନ୍ସ ଖୋଳତାଡ଼ କରିବାବେଳେ ତାଙ୍କର ଜଣେ ସହକର୍ମୀ ମଧ୍ୟ ଜାଲରେ ଫସିଛନ୍ତି। ସେ ହେଲେ ଅଶୋକ କୁମାର ପଣ୍ଡା। ଅଶୋକ ମଧ୍ୟ ଭୁବନେଶ୍ୱର (ରାସ୍ତା ଓ ଗୃହ) ବିଭାଜନ-୩ର ସହକାରୀ ଯନ୍ତ୍ରୀ (ଏଇ) ଭାବେ କାର୍ଯ୍ୟ କରୁଛନ୍ତି। ରାଜକିଶୋର ଓ ଅଶୋକ ମିଳିତ ମାଲିକାନାରେ ସମ୍ପତ୍ତି କିଣିବା ସହ ଟଙ୍କା କାରବାର କରିଛନ୍ତି। ଭିଜିଲାନ୍ସ ଭୟରେ ଘରର ତାଲା ମାରି ଭିତରେ ରହିଥିଲେ। ଏପରିକି ଝରକା ବାଟେ ନଗଦ ଲକ୍ଷେ ଟଙ୍କା ଫିଙ୍ଗିଦେବା ଘଟଣା ଚର୍ଚ୍ଚା ସୃଷ୍ଟି କରିଛି। ଭିଜିଲାନ୍ସ ଯାଞ୍ଚବେଳେ ରାଜକିଶୋର ଓ ଅଶୋକ ସହଭାଗିତାରେ ନିଜ ନିଜ ପତ୍ନୀଙ୍କ ନାଁରେ ଖଣ୍ଡଗିରିସ୍ଥିତ କମ୍ପ୍ଲୋପଲିସ୍ ଆପାର୍ଟମେଣ୍ଟରେ ଏକ ଫ୍ଲାଟ୍ କିଣିଥିବା ଜଣାପଡ଼ିଥିଲା। ଭିଜିଲାନ୍ସର ଏକ ଟିମ୍ ମଙ୍ଗଳବାର କମ୍ପ୍ଲୋପଲିସ୍ ଆପାର୍ଟମେଣ୍ଟସ୍ଥିତ ୧୬ତମ ମହଲାର ଫ୍ଲାଟ୍ ନଂ.ଏଚ୍-୧୬୪ରେ ଚଢ଼ାଉ କରିଥିଲା। ଏହି ସମୟରେ ଉକ୍ତ ଫ୍ଲାଟ୍ ବାହାର ପଟୁ ତାଲା ପଡ଼ିଥିବା ଦେଖିବାକୁ ମିଳିଥିଲା। ଅଶୋକଙ୍କୁ କଲ୍ କରିବାରୁ ତାହା ସୁଇଚ୍ ଅଫ୍ ଆସିଥିଲା। ମଙ୍ଗଳବାର ରାତିରେ ଭିଜିଲାନ୍ସ ଅଧିକାରୀମାନେ ଉକ୍ତ ଫ୍ଲାଟ୍‌କୁ ସିଲ୍ କରିବାକୁ ଯୋଜନା କରିଥିଲେ। ଏହା ଜାଣିପାରି ଅଶୋକଙ୍କ ଅକଲଗୁଡୁମ୍ ହୋଇଯାଇଥିଲା। ସେ କବାଟ ଖୋଲି ଭିଜିଲାନ୍ସ ନିକଟରେ ହାଜର ହୋଇଥିଲେ। ବୁଧବାର ସକାଳେ ଉକ୍ତ ଫ୍ଲାଟ୍ ତଳେ ଥିବା ଝରକାରେ ଏକ ବ୍ୟାଗ ଝୁଲୁଥିବା ଭିଜିଲାନ୍ସ ଟିମ୍‌ର ନଜରକୁ ଆସିଥିଲା। ଉକ୍ତ ବ୍ୟାଗକୁ ଯାଞ୍ଚ କରାଯିବା ପରେ ସେଥିରୁ ନଗଦ ଲକ୍ଷେ ଟଙ୍କା, ୧୦ଗ୍ରାମର ରୁପା କଏନ, ୬୦ ଗ୍ରାମର ସୁନା ଅଳଙ୍କାର, ଅସଲି ଆର୍‌ଓଆର୍, ଆପଲ୍ ଆଇ ଫୋନ୍, ଗାଡ଼ି ଚାବି ଓ ଅନ୍ୟାନ୍ୟ କାଗଜପତ୍ର ମିଳିଥିଲା। ଭିଜିଲାନ୍ସ ଭୟରେ ଏହି ବ୍ୟାଗକୁ ଝରକା ବାଟେ ଫିଙ୍ଗିଦେଇଥିଲେ ବୋଲି ଅଶୋକ ସ୍ୱୀକାର କରିଛନ୍ତି। ଭିଜିଲାନ୍ସ ପକ୍ଷରୁ ଅଶୋକଙ୍କ ୬ଟି ଚଢ଼ାଉ କରାଯାଇଥିବାବେଳେ ତାଙ୍କ ଠାରୁ ୧୨୫.୩୩୦ଗ୍ରାମ ଓଜନର ସୁନା ଅଳଙ୍କାର ଓ ୧୧୭.୧୦୦ଗ୍ରାମ୍‌ର ରୁପା ଅଳଙ୍କାର, ୬୧ଲକ୍ଷ ଟଙ୍କାର ଘରୋଇ ଉପକରଣ, ନଗଦ ୧.୩୩ଲକ୍ଷ ଟଙ୍କା ଜବତ ହେବା ସହ ଭୁବନେଶ୍ୱରରେ ୭ ଏବଂ ପୁରୀରେ ଗୋଟିଏ ପ୍ଲଟ ଠାବ ହୋଇଛି। ଏଥିସହିତ ଭୁବନେଶ୍ୱର ଉତ୍କଳ ଗାଲେରିଆ ମଲ୍‌ରେ ଦୁଇଟି ଶପ୍ (ନଂ.୨୩ଏ, ୧୦୬), ସିମ୍ଫୋନି ମଲ୍‌ରେ ଗୋଟିଏ ଶପ୍ (ନଂ.୨୨), ଭୁବନେଶ୍ୱର ସୋମନାଥ ଗାର୍ଡେନରେ ୪ ମହଲା କୋଠା, ଢୁମୁଢୁମା ହାଉସିଂ ବୋର୍ଡ କଲୋନିରେ ଏକ ୩ ମହଲା କୋଠା ଠାବ ହୋଇଛି। ଏଥିସହ ଅଶୋକଙ୍କ ନିକଟରୁ ଏକ କାର୍ ମିଳିଥିବାବେଳେ ସେ ବ୍ୟାଙ୍କ ଓ ପୋଷ୍ଟାଲରେ ୩୭.୯୭ ଲକ୍ଷ ଡିପୋଜିଟ୍ ରଖିଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ୨୦୦୭ ଏପ୍ରିଲ ୧୩ରେ ଅଶୋକ କନିଷ୍ଠ ଯନ୍ତ୍ରୀ(ଠିକା) ଭାବେ ସରକାରୀ ଚାକିରିରେ ଯୋଗ ଦେଇଥିଲେ।

# କୋଟିପତି ସହକାରୀ ଯନ୍ତ୍ରୀ ରାଜକିଶୋର ଗିରଫ

ଭୁବନେଶ୍ୱର,୩୦।୭(ସତ୍ୟଜିତ୍ ରାଉତ)

**ଠୁଳ କରିଥିଲେ ୩୧୭% ଆୟ ବହିର୍ଭୂତ ସମ୍ପତ୍ତି**



ପୂର୍ତ୍ତ ବିଭାଗ ଅଧୀନ ଭୁବନେଶ୍ୱର(ରାସ୍ତା ଓ ଗୃହ) ବିଭାଜନ-୩ର ସହକାରୀ ଯନ୍ତ୍ରୀ (ଏଇ) ରାଜକିଶୋର ଜେନାଙ୍କୁ ବୁଧବାର ଭିଜିଲାନ୍ସ ନିର୍ଦ୍ଦେଶାଳୟ ଗିରଫ କରିଛି। ରାଜକିଶୋରଙ୍କ ଠାରୁ ଠାବ ହୋଇଥିବା ବିପୁଳ ସମ୍ପତ୍ତି ତାଙ୍କ ପ୍ରକୃତ ଆୟଠାରୁ ୩୧୭ ପ୍ରତିଶତ ଅଧିକ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ଏତେ ମାତ୍ରାରେ ସମ୍ପତ୍ତି ଠୁଳ ନେଇ ସନ୍ତୋଷଜନକ ଉତ୍ତର ଦେଇ ନ ପାରିବାରୁ ଭିଜିଲାନ୍ସ ସେଲ୍ ଥାନା ପକ୍ଷରୁ ମାମଲା (ନଂ.୨୫/୨୦୨୫) ରୁଜୁ କରାଯାଇ ରାଜକିଶୋରଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ତେବେ ଏହି ସମ୍ପତ୍ତି ଠୁଳ କରିବାରେ ସ୍ତ୍ରୀ ସହଯୋଗ କରିଥିବାରୁ ସେ ମଧ୍ୟ ଏହି ମାମଲାରେ ଅଭିଯୁକ୍ତ ହୋଇଛନ୍ତି। ଅଭିଯୁକ୍ତ ରାଜକିଶୋରଙ୍କୁ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନାଯୋଗ୍ୟ, ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ମଙ୍ଗଳବାର ରାଜକିଶୋରଙ୍କ ଭୁବନେଶ୍ୱର ଓ ନୟାଗଡ଼ର ୬ଟି ସ୍ଥାନରେ ଭିଜିଲାନ୍ସ ଚଢ଼ାଉ କରିଥିଲା। ଏହି ଚଢ଼ାଉରେ ତାଙ୍କର ଗୋଟିଏ ବହୁତଳ ପ୍ରାସାଦ, ୨ ଫ୍ଲାଟ୍, ୧୩ ପ୍ଲଟ୍, ଭୁବନେଶ୍ୱର ଉତ୍କଳ ଗାଲେରିଆ ମଲ୍ ଏବଂ ପାହାଳ ସିମ୍ଫୋନି ମଲ୍‌ରେ ଗୋଟିଏ ଲେଖାଏ ଏକ ଶପ୍ (କମର୍ସିଆଲ୍ ଆଉଟଲେଟ୍) ଠାବ ହୋଇଥିଲା। ଏଥିସହ ବ୍ୟାଙ୍କ, ପୋଷ୍ଟାଲ ଓ ଜୀବନବୀମା ଡିପୋଜିଟ୍ ୭୫ ଲକ୍ଷ ରଖିଥିବାବେଳେ ଦୁଇ ପିଲାଙ୍କୁ ପଢ଼ାଇବାକୁ ୬୭ ଲକ୍ଷ ଟଙ୍କା ସେ ଖର୍ଚ୍ଚ କରିଥିବା ଜଣାପଡ଼ିଥିଲା। ଏଥିସହ ରାଜକିଶୋରଙ୍କ ଘରୁ ୩୦ ଲକ୍ଷ ଟଙ୍କାର ନଗଦ ଟଙ୍କା ଓ ଘରୋଇ ସାମଗ୍ରୀ ଠାବ ହୋଇଥିଲା। ଏହି ମାମଲାରେ ଅଧିକ ତଦନ୍ତ ଚାଲୁରହିଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।

# ଅଧ୍ୟାପକଙ୍କୁ ଆକ୍ରମଣ, କାର୍ ଭଙ୍ଗାରୁଜା

**ଛାତ୍ରୀଙ୍କୁ ଆପତ୍ତିଜନକ ମନ୍ତବ୍ୟ**

ଦିଗପହଣ୍ଡି,୩୦।୭(ଅଶେଷ ନାଥ ମିଶ୍ର)

ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ଅଧୀନ ଏକ କଲେଜର ଜଣେ ଯୁକ୍ତ ୨ ଦ୍ୱିତୀୟ ବର୍ଷ ବିଜ୍ଞାନ ଛାତ୍ରୀଙ୍କୁ ଅଧ୍ୟାପକ ଆପତ୍ତିଜନକ ମନ୍ତବ୍ୟ ଦେଇଥିବା ଅଭିଯୋଗ ହୋଇଛି। ଗଣିତ ଅଧ୍ୟାପକ ଏପରି ମନ୍ତବ୍ୟ ଦେଇଥିବା ଛାତ୍ରୀ ଜଣଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ। ବୁଧବାର ଛାତ୍ରୀଙ୍କ ଭାଇ ଓ ସମ୍ପର୍କୀୟମାନେ ଡେଙ୍ଗାଓସ୍ତା ଗ୍ରାମ ମୁଖ୍ୟ ରାସ୍ତାରେ ସମ୍ପୃକ୍ତ ଅଧ୍ୟାପକଙ୍କୁ ଅଟକାଇ ଆକ୍ରମଣ କରିବା ସହ ତାଙ୍କ କାର୍ ଭଙ୍ଗାରୁଜା କରିଥିବା ଜଣାପଡିଛି। ଖବରପାଇ ପାଟପୁର ଥାନା ପୋଡ଼ାମାରି ଫାଣ୍ଡି ପୋଲିସ ଘଟଣାର ତଦନ୍ତ ଚଳାଇଛି। ଏ ନେଇ ପାଟପୁର ଥାନା ଆଇଆଇସି ଦୀପ୍ତି ରଞ୍ଜନ ବେହେରାଙ୍କୁ ପଚାରିବାରୁ ଘଟଣା ସମ୍ପର୍କରେ କୌଣସି ପକ୍ଷ ଥାନାରେ ଏତଲା ଦେଇ ନ ଥିବା କହିଛନ୍ତି।

# କୋଅର୍ଡିନେଟରଙ୍କୁ ବାନ୍ଧିଲା ପୋଲିସ

ଯୋଡ଼ା,୩୦।୭(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ସହରରେ ଥିବା ଏକ ବୃଦ୍ଧାଶ୍ରମର ନର୍ସ ଗତ ୨୭ ତାରିଖରେ ଆତ୍ମହତ୍ୟାର ଉଦ୍ୟମ କରିଥିଲେ। ସୁସ୍ଥ ହବା ପରେ ଆଶ୍ରମର କୋଅର୍ଡିନେଟର ତାଙ୍କୁ ନିର୍ଯାତନା ଦେବା ସହ ଅସଦାଚରଣ କରୁଥିବା ନେଇ ଯୋଡ଼ା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ବୁଧବାର ଅଭିଯୁକ୍ତ କୋଅର୍ଡିନେଟର ଦେବ ପ୍ରସାଦ ପଟ୍ଟନାୟକଙ୍କୁ ଗିରଫ କରିଛି। ସୂଚନା ଅନୁଯାୟୀ, ନର୍ସ ଜଣଙ୍କ ଗତ ୨୭ ତାରିଖରେ ମାତ୍ରାଧିକ ଔଷଧ ଖାଇ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତିକରାଯାଇଥିଲା। ସେ ମାନସିକ ଦୁଶ୍ଚିନ୍ତା ହେତୁ ଆତ୍ମହତ୍ୟା ଉଦ୍ୟମ କରିଥିବା ଗଣମାଧ୍ୟମ ଆଗରେ ପ୍ରକାଶ କରିଥିଲେ। ଏଥିସହ ବୃଦ୍ଧାଶ୍ରମରେ ବହୁ ଅନିୟମିତତା ହେଉଥିବା ନେଇ ଅଭିଯୋଗ କରିଥିଲେ। ଏଥିସହ ଅନ୍ୟ ଜଣେ କର୍ମଚାରୀଙ୍କ ସହ ତାଙ୍କର ବିବାଦ ହୋଇଥିଲା। ସେହି କାରଣରୁ କୋଅର୍ଡିନେଟର ତାଙ୍କୁ ନିର୍ଯାତନା ଦେଉଥିଲେ। ଏପରିକି ତାଙ୍କୁ ଅସଦାଚରଣ କରୁଥିବା ନେଇ ଅଭିଯୋଗ କରିଥିଲେ। ସେ କୋଅର୍ଡିନେଟର୍‌ଙ୍କ ସମେତ ୨ ଜଣ ମହିଳାଙ୍କ ନାମରେ ଏତଲା ଦେଇଥିଲେ। ପୋଲିସ ମାମଲା (ନଂ. ୧୮୯/୨୦୨୫) ରୁଜୁକରି କୋଅର୍ଡିନେଟରଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ଥାନା ଅଧିକାରୀ ସୁଶାନ୍ତ ପ୍ରଧାନ ସୂଚନା ଦେଇଛନ୍ତି।

# ପିଟି ବୈଠକରେ ମହିଳା ଅଭିଭାବକଙ୍କୁ ମାଡ଼

ବାଲେଶ୍ୱର, ୩୦।୭(ବାଞ୍ଛାନିଧି ଦେ)

- ■ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ତାଲା ପକାଇ ଅଟକ
- ■ବଦଳି ପ୍ରତିଶ୍ରୁତି ପରେ ସ୍ଥିତି ସ୍ୱାଭାବିକ

ବାଲେଶ୍ୱର ସଦର ବ୍ଲକ ଶ୍ରୀରାମପୁର ପଞ୍ଚାୟତ ଉଇଟିକିରିସ୍ଥିତ ହରେକୃଷ୍ଣ ସରକାରୀ ଉଚ୍ଚ ବିଦ୍ୟାଳୟରେ ବୁଧବାର ଅଭିଭାବକ-ଶିକ୍ଷକ(ପିଟି) ବୈଠକରେ ଉତ୍ତେଜନା ଦେଖାଦେଇଛି। ବିଦ୍ୟାଳୟର କେତେକ ସମସ୍ୟାକୁ କେନ୍ଦ୍ର କରି ଜଣେ ମହିଳା ଅଭିଭାବକଙ୍କୁ ପ୍ରଧାନ ଶିକ୍ଷୟିତ୍ରୀ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଏଥିରେ ଉତ୍ତ୍ୟକ୍ତ ହୋଇ ଅଭିଭାବକମାନେ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଅଫିସ୍‌ରେ ରଖି ତାଲା ପକାଇଦେଲେ। ଖବରପାଇ ବସ୍ତା ଥାନା ପୋଲିସ ଓ ସିଆର୍‌ସିସି ଅମୂଲ୍ୟ କୁମାର ଗୋଛାୟତ ବିଦ୍ୟାଳୟରେ ପହଞ୍ଚି ବୁଝାଶୁଝା କରିଥିଲେ। ଘଟଣା ସମ୍ପର୍କରେ ଅଞ୍ଜଳି ଦାସ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ୩ଦିନ ଭିତରେ ତଦନ୍ତ ପୂର୍ବକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ବଦଳି କରାଯିବ ବୋଲି ସିଆର୍‌ସିସି ଗୋଛାୟତ ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା।

ମିଳିଥିବା ସୂଚନା ଅନୁସାରେ, ହରେକୃଷ୍ଣ ସରକାରୀ ଉଚ୍ଚ ବିଦ୍ୟାଳୟରେ ପିଟି ବୈଠକ ଡକାଯାଇଥିଲା। ପୂର୍ବ ନିର୍ଦ୍ଧାରିତ ସମୟ ମୁତାବକ ଅଭିଭାବକମାନେ ବିଦ୍ୟାଳୟରେ ପହଞ୍ଚିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋସ୍ନା ଦାସଙ୍କ ଅଧ୍ୟକ୍ଷତାରେ ବିଦ୍ୟାଳୟର ବିଭିନ୍ନ ସମସ୍ୟା ଉପରେ ଆଲୋଚନା ଆରମ୍ଭ ହୋଇଥିଲା। ପାନୀୟ ଜଳ ଓ ଶୌଚାଳୟର ଅବ୍ୟବସ୍ଥାକୁ ନେଇ କେତେକ ଅଭିଭାବକ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଉପଯୁକ୍ତ ବ୍ୟବସ୍ଥା ନ ଥିବାରୁ ବିଦ୍ୟାଳୟରେ ପଢୁଥିବା ୨୧୧ ଛାତ୍ରୀଛାତ୍ରଙ୍କୁ ଟାଙ୍କିରେ ଥିବା ଅପରିଷ୍କାର ପାଣି ପିଇବାକୁ ପଡୁଛି। ସେହିପରି ଶୌଚାଳୟ ଥିଲେ ବି ଏହା ବ୍ୟବହାର ଉପଯୋଗୀ ହୋଇ ନ ଥିବାରୁ ଛାତ୍ରୀଛାତ୍ର ପ୍ରତିଦିନ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ସମୟରେ ଅପରିଷ୍କାର ହୋଇ ପଡ଼ିଥିବା ଶୌଚାଳୟକୁ ଦେଖାଇବା ପାଇଁ ମହିଳା ଅଭିଭାବକ ଅଞ୍ଜଳି ପ୍ରଧାନଶିକ୍ଷୟିତ୍ରୀଙ୍କୁ ଡାକିଥିଲେ। ହେଲେ ଏଥିରେ ଉତ୍କ୍ଷିପ୍ତ ହୋଇ ପ୍ରଧାନଶିକ୍ଷୟିତ୍ରୀ ଜଣକ ସମସ୍ତଙ୍କ ସମ୍ମୁଖରେ ଅଞ୍ଜଳିଙ୍କୁ ମାଡ଼ ମାରିଥିଲେ। ଫଳରେ ସେଠାରେ ଉପସ୍ଥିତ ଥିବା ଅଭିଭାବକ ମହଲରେ ଅସନ୍ତୋଷ ଦେଖାଦେଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ଦାସଙ୍କୁ ଅଫିସ୍‌ରେ ତାଲା ପକାଇ ଅଟକ ରଖାଯାଇଥିଲା। ତୁରନ୍ତ ତାଙ୍କର ବଦଳି ଦାବିରେ ଆନ୍ଦୋଳନ ହୋଇଥିଲା। ବିଦ୍ୟାଳୟ ପରିସରରେ ପ୍ରବଳ ଉତ୍ତେଜନା ଦେଖାଦେଇଥିଲା।


## ବ୍ୟବହାରିକ ଫାଇନାନ୍ସ ଏବଂ ମ୍ୟୁଚୁଆଲ ଫଣ୍ଡ
## ଭାରତରେ ନିବେଶକଙ୍କ ମନୋବିଜ୍ଞାନ ରିଟର୍ନକୁ କିପରି ପ୍ରଭାବିତ କରେ

ଭାରତର ମ୍ୟୁଚୁଆଲ ଫଣ୍ଡ ଉଦ୍ୟୋଗ ଅପେକ୍ଷାକୃତ ଅଭିବୃଦ୍ଧି ଲାଭ କରିଛି। ମାର୍ଚ୍ଚ ୨୦୨୫ ସୁଦ୍ଧା ଆସେଟ୍ସ ଅଣ୍ଡର ମ୍ୟାନେଜମେଣ୍ଟ (ଏୟୁଏମ) ₹୬୫.୭୪ ଟ୍ରିଲିୟନ (ପ୍ରାୟ $୭୯୦ ବିଲିୟନ)ରେ ପହଞ୍ଚିଛି, ଅର୍ଥାତ୍ ପୂର୍ବବର୍ତ୍ତୀ ବର୍ଷ ତୁଳନାରେ ୨୩.୧୧%ରେ ବୃଦ୍ଧି (ଉତ୍ସ: ଆସୋସିଏସନ୍ ଅଫ୍ ମ୍ୟୁଚୁଆଲ ଫଣ୍ଡସ୍ ଇନ୍ ଇଣ୍ଡିଆ - ଏଏମ୍‌ଏଫ୍‌ଆଇ)। ବଢ଼ିଚାଲିଥିବା ଆର୍ଥିକ ସଚେତନତା, ଡିଜିଟାଲ ପ୍ଲାଟଫର୍ମ ଏବଂ ଯୁବ ନିବେଶକଙ୍କ ବର୍ଦ୍ଧିତ ଅଂଶଗ୍ରହଣ ଦ୍ୱାରା ଏହି ଅଭିବୃଦ୍ଧି ସମ୍ଭବ ହୋଇଛି। ହେଲେ, ନିବେଶର ପ୍ରତିଫଳକୁ ଆକାର ଦେବାରେ ନିବେଶକଙ୍କ ମନୋବିଜ୍ଞାନ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇଥାଏ, ଯାହାକୁ ପ୍ରାୟତଃ ଅଣଦେଖା କରିଦିଆଯାଏ। ଭାବାବେଗ ଏବଂ ଜ୍ଞାନାତ୍ମକ ପୂର୍ବାଗ୍ରହ କିପରି ଆର୍ଥିକ ନିଷ୍ପତ୍ତିକୁ ପ୍ରଭାବିତ କରିଥାଏ ତାହାର ଅଧ୍ୟୟନ 'ବ୍ୟବହାରିକ ଫାଇନାନ୍ସ' ଭାରତରେ ବିଶେଷ ଭାବେ ପ୍ରାସଙ୍ଗିକ ମନେହୁଏ, ଯେଉଁଠି ସାଂସ୍କୃତିକ ଏବଂ ଆବେଗାତ୍ମକ କାରକଗୁଡ଼ିକ ନିବେଶ କାର୍ଯ୍ୟକୁ ବହୁମାତ୍ରାରେ ପ୍ରଭାବିତ କରିଥାଏ।

### ଭାରତୀୟ ମ୍ୟୁଚୁଆଲ ଫଣ୍ଡ ନିବେଶକଙ୍କଠାରେ ପରିଲକ୍ଷିତ ହେଉଥିବା ପ୍ରମୁଖ ବ୍ୟବହାରାତ୍ମକ ପୂର୍ବାଗ୍ରହ

**୧. ପଲ ମାନସିକତା** – ଅନେକ ନିବେଶକ ବଜାରର ଧାରାକୁ ଅନୁସରଣ କରିଥାନ୍ତି, ବଜାର ଶୀର୍ଷରେ ଥିବା ସମୟ କିଣିଥାନ୍ତି ଏବଂ ତାହା ନିମ୍ନଗାମୀ ହେବା ସମୟରେ ବିକ୍ରି କରନ୍ତି, ଯାହା ଦୁର୍ବଳ ଟାଇମିଂ ଓ କ୍ଷତିର କାରଣ ସାଜିଥାଏ।

**୨. କ୍ଷତି ପ୍ରତି ବିମୁଖତା** – ନିବେଶକମାନେ ଲାଭକୁ ଯେତେ ମହତ୍ତ୍ୱ ଦିଅନ୍ତି କ୍ଷତିକୁ ତା'ଠାରୁ ଅଧିକ ଭୟ କରିଥାନ୍ତି। ପ୍ରାୟ ସମୟରେ ଅଣ୍ଡରପରଫର୍ମିଂ ଫଣ୍ଡଗୁଡ଼ିକୁ ବହୁ ସମୟ ଧରି ଧାରଣ କରି ରଖନ୍ତି ନ ହେଲେ ଆବଶ୍ୟକୀୟ ରିସ୍କକୁ ଏଡ଼ାଇଥାନ୍ତି।

**୩. ଅତ୍ୟଧିକ ଆତ୍ମବିଶ୍ୱାସ** – ଫିନ୍‌ଟେକ୍ ପ୍ଲାଟଫର୍ମଗୁଡ଼ିକର ବୃଦ୍ଧିଶୀଳ ଉପଲବ୍ଧତା ଯୋଗୁଁ ଯୁବ ନିବେଶକମାନେ ଅତିଶୟ ମାତ୍ରାରେ ଟ୍ରେଡିଂ କରନ୍ତି ଏବଂ ଦୀର୍ଘ-ମିଆଦୀ ରିଟର୍ନକୁ ହାତଛଡ଼ା କରନ୍ତି।

**୪. ସ୍ୱଳ୍ପ-ମିଆଦୀ ଲାଭ ଉପରେ ଫୋକସ** – ମ୍ୟୁଚୁଆଲ ଫଣ୍ଡ ଦୀର୍ଘ-ମିଆଦୀ ନିବେଶ ହୋଇଥିବା ସତ୍ତ୍ୱେ, ଅନେକ ନିବେଶକ ଦ୍ରୁତ ଲାଭ ପଛରେ ଧାଇଁଥାନ୍ତି ଓ ଚକ୍ରବୃଦ୍ଧିର ଲାଭରୁ ବଞ୍ଚିତ ହୁଅନ୍ତି।


ସିଦ୍ଧାର୍ଥ ଦମାନି
ମୁଖ୍ୟ, ନିବେଶକ ଶିକ୍ଷା ଏବଂ ବିତରକ ବିକାଶ

**୫. ଆଙ୍କରିଂ ଏବଂ ପଶ୍ଚାତାପ ପ୍ରତି ବିମୁଖତା** – ନିବେଶକମାନେ ଅତ୍ୟଧିକ ମାତ୍ରାରେ ଅତୀତର ପ୍ରଦର୍ଶନ ଉପରେ ନିର୍ଭରଶୀଳ ରହନ୍ତି କିମ୍ବା ପଶ୍ଚାତାପର ଭୟ ଯୋଗୁଁ ନିଷ୍ପତ୍ତି ନେବାରୁ ବିରତ ରୁହନ୍ତି।

### ଭାରତୀୟ ମ୍ୟୁଚୁଆଲ ଫଣ୍ଡରେ ବ୍ୟବହାରିକ ଧାରା

- ବର୍ତ୍ତମାନ ଇକ୍ୱିଟି ଏୟୁଏମ୍‌ରେ ୩୦% ଡାଇରେକ୍ଟ ପ୍ଲାନ୍ (ଆତ୍ମ-ପରିଚାଳିତ) ରହିଛି। ୨୦୨୦ ତାହା ୨୧% ଥିଲା। ଏହା ଡିଆଇୱାଇ ନିବେଶ ଆଡ଼କୁ ଅବସ୍ଥାନ୍ତରକୁ ପ୍ରତିଫଳିତ କରୁଛି (ଏଏମ୍‌ଏଫ୍‌ଆଇ)।
- ଏସ୍‌ଆଇପି ଏୟୁଏମ୍‌ରେ ଯୁବ ନିବେଶକ (୧୮-୩୪ ବର୍ଷ ବୟସ୍କ)ଙ୍କ ଅବଦାନ ୨୩.୬%। ଏହା ସେମାନଙ୍କର ବୃଦ୍ଧିଶୀଳ ପ୍ରତିପତ୍ତିର ସୂଚକାଙ୍କ (ଏଏମ୍‌ଏଫ୍‌ଆଇ, ୨୦୨୪)।
- କେବଳ ୭.୭% ଡାଇରେକ୍ଟ ପ୍ଲାନ୍ ନିବେଶଗୁଡ଼ିକୁ ୫ ବର୍ଷରୁ ଅଧିକ ସମୟ ଧରି ବଜାୟ ରଖାଯାଇଥାଏ, ପରାମର୍ଶଦାତା ନେତୃତ୍ୱାଧୀନ ପ୍ଲାନ୍ କ୍ଷେତ୍ରରେ ଏହାର ପରିମାଣ ୨୧.୨%। ଏହା ସୂଚାଇଥାଏ ଯେ ପେସାଦାର ମାର୍ଗଦର୍ଶନ ଶୃଙ୍ଖଳାରେ ଉନ୍ନତି ଆଣିଥାଏ (ଏଏମ୍‌ଏଫ୍‌ଆଇ)।
- ଆର୍ଥିକବର୍ଷ ୨୦୨୫ରେ ଏସ୍‌ଆଇପି ଅନ୍ତଃପ୍ରବାହ ୪୫.୨୪% ବୃଦ୍ଧି ପାଇଁ ୨.୮୯ ଟ୍ରିଲିୟନରେ ପହଞ୍ଚିଛି। ଏହା ଦୀର୍ଘ-ମିଆଦୀ ଲକ୍ଷ୍ୟ ପ୍ରତି ନିବେଶକଙ୍କ ବର୍ଦ୍ଧିତ ପ୍ରତିବଦ୍ଧତାକୁ ସୂଚାଇଥାଏ (ଏଏମ୍‌ଏଫ୍‌ଆଇ)।

### ପୂର୍ବାଗ୍ରହ ରିଟର୍ନକୁ କେମିତି ପ୍ରତିକୂଳ ଭାବେ ପ୍ରଭାବିତ କରିଥାଏ

ବ୍ୟବହାରିକ ପୂର୍ବାଗ୍ରହ ଦୁର୍ବଳ ନିଷ୍ପତ୍ତିର କାରଣ ସାଜିଥାଏ – ଉଚ୍ଚରେ କିଣିବା, ନିମ୍ନରେ ବିକିବା ଏବଂ ବାରମ୍ବାର ପୋର୍ଟଫୋଲିଓ ପରିବର୍ତ୍ତନ କରିବା। କର୍ଣ୍ଣାଟକରେ ସଞ୍ଚାଳିତ ଏକ ଅଧ୍ୟୟନ (ସାହାନା ଏବଂ ସୁକନ୍ୟା, ୨୦୨୪) ଦର୍ଶାଇଛି ଯେ ଆବେଗାତ୍ମକ କାରକ ଏବଂ ରିସ୍କ ସହନଶୀଳତା ପୋର୍ଟଫୋଲିଓ ପରଫର୍ମାନ୍ସକୁ ଅପେକ୍ଷାକୃତ ଭାବେ ପ୍ରଭାବିତ କରିଥାଏ। ଖୁଚୁରା ନିବେଶକମାନେ ବିଭିନ୍ନ ବିକଳ୍ପ ଏବଂ ପୂର୍ବାଗ୍ରହ ଦ୍ୱାରା ଭାବବିହ୍ୱଳିତ ହୋଇପଡ଼ନ୍ତି ଏବଂ ପ୍ରାୟ ସମୟରେ ଠିକ୍ ଫଣ୍ଡ ଚୟନ କରିବା ଓ ତାହାକୁ ବଜାୟ ରଖିବାରେ ଅସୁବିଧା ଭୋଗିଥାନ୍ତି।

### ବ୍ୟବହାରିକ ପୂର୍ବାଗ୍ରହରୁ କେମିତି ବର୍ତ୍ତିବେ

**୧. ଆର୍ଥିକ ଶିକ୍ଷା** – ଏହା ନିବେଶକମାନଙ୍କୁ ପୂର୍ବାଗ୍ରହଗୁଡ଼ିକୁ ଚିହ୍ନଟ ଓ ପରିଚାଳିତ କରିବାରେ ସାହାଯ୍ୟ କରେ।

**୨. ଏସ୍‌ଆଇପି (ସିଷ୍ଟେମାଟିକ୍ ଇନଭେଷ୍ଟମେଣ୍ଟ ପ୍ଲାନ୍‌ସ)** – ଶୃଙ୍ଖଳିତ, ଭାବାବେଗମୁକ୍ତ ନିବେଶକୁ ପ୍ରୋତ୍ସାହିତ କରେ।

**୩. ପେସାଦାର ପରାମର୍ଶ** – ପରାମର୍ଶଦାତାଙ୍କ ନେତୃତ୍ୱାଧୀନ ପ୍ଲାନ୍‌ରେ ହୋଲ୍ଡିଂ ଅବଧି ଏବଂ ରିଟର୍ନ ଉନ୍ନତ ହୋଇଥାଏ।

*ଦାବିତ୍ୟାଗ:*
*ନିବେଶକ ଶିକ୍ଷା ଓ ସଚେତନତା ପାଇଁ ଆଦିତ୍ୟ ବିର୍ଲା ସନ୍ ଲାଇଫ୍ ମ୍ୟୁଚୁଆଲ ଫଣ୍ଡର ଏକ ପ୍ରୟାସ*
*ସମସ୍ତ ନିବେଶକଙ୍କୁ ଥରେ ଏକକାଳୀନ କେୱାଇସି (ନିଜ ଗ୍ରାହକଙ୍କୁ ଜାଣନ୍ତୁ) ପ୍ରକ୍ରିୟାର ସମ୍ମୁଖୀନ ହେବାକୁ ପଡ଼ିବ। ନିବେଶକମାନେ କେବଳ ସେବି ସହ ପଞ୍ଜୀକୃତ ମ୍ୟୁଚୁଆଲ ଫଣ୍ଡରେ ନିବେଶ କରିବା ଉଚିତ। କେୱାଇସି ଉପରେ ଅଧିକ ସୂଚନା, ସେବି ପଞ୍ଜୀକୃତ ମ୍ୟୁଚୁଆଲ ଫଣ୍ଡଗୁଡ଼ିକର ତାଲିକା ଏବଂ ଅଭିଯୋଗ ନିରାକରଣ ପଦ୍ଧତିର ବିବରଣୀ ସମେତ ସେବି ସ୍କୋର୍ସ ପୋର୍ଟାଲ ବିଷୟରେ ଅଧିକ ଜାଣିବା ପାଇଁ ଏହି ଲିଙ୍କ୍ ପରିଦର୍ଶନ କରନ୍ତୁ: https://mutualfund.adityabirlacapital.com/Investor-Education/education/kyc-and-redressal*
*ମ୍ୟୁଚୁଆଲ ଫଣ୍ଡ ନିବେଶଗୁଡ଼ିକ ବଜାରର କ୍ଷତିଭୟ ଅଧୀନ ଅଟେ, ଯୋଜନା ସମ୍ବନ୍ଧୀୟ ସମସ୍ତ ଦସ୍ତାବିଜ ଧ୍ୟାନପୂର୍ବକ ପଢ଼ନ୍ତୁ।*

Aditya Birla Sun Life Mutual Fund
ADITYA BIRLA CAPITAL
MUTUAL FUNDS

ସେହି ଦିବ୍ୟଜନନୀ ଆମ ପୃଥିବୀର ଏଇ ଅନ୍ଧକାର ଭିତରକୁ ପ୍ରବେଶ କରିଛନ୍ତି। କାରଣ– ସେ ଏଇ ଅନ୍ଧକାର ଭିତରେ ଆଲୋକ ଜଳାଇବେ। ସେ ମଧ୍ୟ ଏହି ପାର୍ଥିବ ଜୀବନର ମିଥ୍ୟା ଓ ଭ୍ରମପ୍ରମାଦ ଭିତରେ ପ୍ରବେଶ କରିଛନ୍ତି। କାରଣ ସେ ତାକୁ ସତ୍ୟରେ ପରିଣତ କରିବେ। ସେ ମଧ୍ୟ ଏଇ ମୃତ୍ୟୁଲୋକରେ ପ୍ରବେଶ କରିଛନ୍ତି। କାରଣ ସେ ଏହାକୁ ଦିବ୍ୟଜୀବନରେ ରୂପାନ୍ତରିତ କରିପାରନ୍ତି। **–ଶ୍ରୀଅରବିନ୍ଦ**



# ବାଣିଜ୍ୟ ଓ ଚାଇନାର ହିନ୍ଦୁ ମନ୍ଦିର



ଦେବଦତ୍ତ ପଟ୍ଟନାୟକ

ଭାରତରୁ ଚାଇନା ପର୍ଯ୍ୟନ୍ତ ଦୀର୍ଘ ବାଣିଜ୍ୟିକ ପଥର ବିକାଶ ଯୋଗୁ ଚାଇନାରେ ହିନ୍ଦୁଧର୍ମର ପ୍ରତୀକ ବା ମୂର୍ତ୍ତି ଥିବା ମନ୍ଦିର ପ୍ରତିଷ୍ଠା ସମ୍ଭବ ହୋଇଥିଲା। ଚାଇନାର ଫୁଜିଆନ ଅଞ୍ଚଳର କ୍ୱାନ୍‌ଝୌ ସହରରେ ଏକ ବୌଦ୍ଧ ମନ୍ଦିର ଅଛି, ଯାହାର ନିଅଁ ଉପରଭାଗରୁ ଆରମ୍ଭକରି ସ୍ତମ୍ଭଗୁଡ଼ିକରେ ହିନ୍ଦୁଧର୍ମର ପ୍ରତୀକ ଓ ମୂର୍ତ୍ତିସବୁ ରହିଛି। ଏଗୁଡ଼ିକ ସୂଚିତ କରେ ଯେ, ଭାରତ ଓ ଚାଇନା ମଧ୍ୟରେ ଦୀର୍ଘ ବାଣିଜ୍ୟିକ ସମ୍ପର୍କ ଥିଲା। ସେତେବେଳର ଏହି ବାଣିଜ୍ୟ ଭାରତର ପଶ୍ଚିମ ଉପକୂଳରୁ ମାଲାକା ଷ୍ଟ୍ରେଟ( ସିଙ୍ଗାପୋର) ବାଟ ଦେଇ ସମୁଦ୍ରପଥରେ ଚାଲିଥିଲା। ମନ୍ଦିରରେ ଥିବା ପ୍ରତୀକ ଓ ମୂର୍ତ୍ତିଗୁଡ଼ିକ ମଧ୍ୟରେ ସିଂହ ଅଛି, ଯାହାର ସମ୍ପର୍କ ଦକ୍ଷିଣ ଭାରତ କିମ୍ବା ଚାଇନା ସହ ନ ଥିଲା। ସିଂହ ଭାରତ ଓ ଚାଇନା ରାଜବଂଶର ପ୍ରତୀକ ହୋଇଥିଲା ଏବଂ ସିଂହ ନାଁକୁ ଶ୍ରୀଲଙ୍କା(ସିଂହଳ) ଏବଂ ସିଙ୍ଗାପୁର (ସିଂହପୁରା, ସିଂହର ସହର)ର ଲୋକେ ଗ୍ରହଣ କରିଥିଲେ। ବିଭିନ୍ନ ବିଷୟ ଏବଂ ବିଚାରସବୁ କିଭଳି ଗୋଟିଏ ଜାଗାରୁ ଆଉ ଗୋଟିଏ ସ୍ଥାନକୁ ସ୍ଥାନାନ୍ତର ହେଉଥିଲା ତାହା ଏଥିରୁ ଜଣାପଡୁଛି।

ସ୍ଥାନୀୟ କିମ୍ବଦନ୍ତୀ ଅନୁଯାୟୀ, ବୁଦ୍ଧଙ୍କ ମନ୍ଦିର ନିର୍ମାଣ କରିବା ପାଇଁ ଜଣେ ବ୍ୟବସାୟୀ ଜମିଦାରଙ୍କୁ ଜମି ଖଣ୍ଡେ ମାଗିଲେ। ଜମିଦାର ଜମି ଦେବାକୁ ପ୍ରସ୍ତୁତ ନ ଥିଲେ ଏବଂ କହିଲେ, ଯଦି ତାଙ୍କ ବଗିଚାରେ ମୁଲ୍‌ବେରି ଗଛରେ ଧଳା ପଦ୍ମଫୁଲ ଫୁଟିବ, ତେବେ ସେ ଜମି ଦେବେ। ବାସ୍ତବରେ ତାହା ହିଁ ଘଟିଥିଲା। ପରେ ଜମିଦାର ବୌଦ୍ଧ ସନ୍ନ୍ୟାସୀଙ୍କୁ ଜମି ଦେଇଥିଲେ ଏବଂ ମନ୍ଦିର ନିର୍ମାଣ ହୋଇଥିଲା। ପରେ ଏହା ଏମିତି ଏକ ସ୍ଥାନ ହୋଇଗଲା, ଯେଉଁଠାରେ ବିଭିନ୍ନ ବୌଦ୍ଧ ଏବଂ ହିନ୍ଦୁ ସମ୍ପ୍ରଦାୟର ବ୍ୟବସାୟୀ ଓ ସନ୍ନ୍ୟାସୀଙ୍କ ଦ୍ୱାରା ବିଭିନ୍ନ ପ୍ରକାର ମନ୍ଦିର ନିର୍ମାଣ କରାଯାଇଥିଲା। ଫଳରେ ଏବେ ମଧ୍ୟ ସେଠାରେ ପ୍ରତିଷ୍ଠିତ ଏକ ବିରାଟକାୟ ଶିବଲିଙ୍ଗ ଉପରେ ଶିବଙ୍କ ମୂର୍ତ୍ତି ଜଣେ ଦେଖିପାରିବେ, ଯାହାକୁ ଗୋଟିଏ ହାତୀ ପୂଜା କରୁଥିଲା। ସେଠାରେ ଆଉ ଏକ ଜଟାଧାରୀ ଶିବଙ୍କ ମୂର୍ତ୍ତି ଅଛି। ସେଠାରେ ଦକ୍ଷିଣ ଭାରତର ଶିବଭକ୍ତ ନିଆରା ବ୍ୟାଘ୍ରପଦୀ ନରସିଂହ ମୂର୍ତ୍ତି ଅଛି, ଯାହା ପୁରୁଷବ୍ରିଘ(ବ୍ୟାଘ୍ରପଦ) ଭାବେ ଜଣାଶୁଣା। ସେଠାରେ ଥିବା ପାର୍ବତୀ ମୂର୍ତ୍ତିଙ୍କ ପାଦତଳେ ଜଣେ ରାକ୍ଷସ ବସିଥିବା ଦେଖିବାକୁ ମିଳେ। ଏହାକୁ ସ୍ଥାନୀୟ ଲୋକେ ପୂଜା କରିଥାନ୍ତି ଏବଂ ଚାଇନାର ପରମ୍ପରାରେ ଥିବା କରୁଣାମୟୀ ମହିଳା ବୋଧିସତ୍ତ୍ୱ ଗୁଆନ ୟିନ୍‌ଙ୍କ ସ୍ୱରୂପ ବୋଲି ସେମାନେ ବିଶ୍ୱାସ କରନ୍ତି। ଶିବଲିଙ୍ଗ ଭଳି ଏକ ସ୍ତମ୍ଭ ସେଠାରେ ଶୋଭାପାଉଛି, ଯାହାକୁ ସେଠାକାର ଲୋକେ ପଥର, ବାଉଁଶ କରଡ଼ି ବା ଗଜା ବୋଲି ଭାବନ୍ତି। କିନ୍ତୁ ତାହା ସମ୍ଭବତଃ ଏକ ଶିବଲିଙ୍ଗ।



ଭାରତରୁ ଚାଇନାକୁ ସଂଯୋଗ କରୁଥିବା ପୁରାତନ ବାଣିଜ୍ୟ ପଥଗୁଡ଼ିକ ସ୍ଥଳପଥରେ ଥିଲା। ଏସବୁ କେନ୍ଦ୍ର ଏସିଆ ଦେଇ ଯାଇଥିଲା। ପରେ ମୌସୁମୀ ପ୍ରବାହକୁ ଦେଖି ସମୁଦ୍ରପଥକୁ ବାଣିଜ୍ୟ ପାଇଁ ଅଗ୍ରାଧିକାର ଦିଆଯାଇଥିଲା।

ସର୍ବପୁରାତନ ରାମାୟଣ ପାଣ୍ଡୁଲିପିରେ ଚାଇନା ସମ୍ପର୍କରେ ସୂଚିତ କରାଯାଇ ନାହିଁ। କିନ୍ତୁ ପୁରାତନ ମହାଭାରତ ଗ୍ରନ୍ଥରେ ଏ ସମ୍ପର୍କରେ ଦର୍ଶାଯାଇଛି। ପ୍ରାୟ ଖ୍ରୀଷ୍ଟପୂର୍ବ ୨୦୦ ପାଖାପାଖିରେ କେନ୍ଦ୍ର ଏସିଆର ଜନଜାତି ଲୋକଙ୍କ ମାଧ୍ୟମରେ ଚାଇନା ପ୍ରଥମେ ପରୋକ୍ଷରେ ଏବଂ ପରେ ଖ୍ରୀଷ୍ଟାବ୍ଦ ୨୦୦ ବେଳକୁ ସିଧାସଳଖ ଭାରତ ସହ ସମ୍ପର୍କ ସ୍ଥାପନ କରିଥିଲା। ଏହା ହାନ୍ ବଂଶର ରାଜତ୍ୱ ସମୟ( ଖ୍ରୀଷ୍ଟପୂର୍ବ ୨୦୦–ଖ୍ରୀଷ୍ଟାବ୍ଦ ୨୦୦)ରେ ହୋଇଥିଲା ଏବଂ ସେତେବେଳେ ଚାଇନା ସଂଗଠିତ ହୋଇ ରହିଥିଲା। ସେହି ସମୟରେ ଭାରତକୁ ଶେନ୍ଦୁ(ସିନ୍ଧୁରୁ ଆସିଛି) ଏବଂ ଟିଆନ୍‌ଝୁ(ସ୍ୱର୍ଗର ବାଉଁଶ ଜଙ୍ଗଲ, ବୌଦ୍ଧଧର୍ମରେ ବେଣୁବନ) କୁହାଯାଉଥିଲା। ଲୋକେ ବୌଦ୍ଧଧର୍ମକୁ ଅଧିକ ଗ୍ରହଣ କରୁଥିଲେ, କାରଣ ଯେଉଁ ସମୟରେ ଚାଇନା ଗୃହଯୁଦ୍ଧରେ ଖଣ୍ଡବିଖଣ୍ଡିତ ହୋଇଯାଇଥିଲା, ସେହି ସମୟରେ ଏହା ପରିସ୍ଥିତିକୁ ଶାନ୍ତ କରିଥିଲା।

ଟାଙ୍ଗ ସାମ୍ରାଜ୍ୟ ସମୟ(ଖ୍ରୀଷ୍ଟାବ୍ଦ ୬୦୦ରୁ ୯୦୦)ରେ ଯେତେବେଳେ ଚାଇନାର ଏକତ୍ରୀକରଣ ହେଲା ସେତେବେଳେ ଭାରତରୁ ଚାଇନାର ଲୋକେ ବୌଦ୍ଧଗ୍ରନ୍ଥ ଓ ବୌଦ୍ଧଧର୍ମର ଅବଶେଷାଂଶ ନେବାକୁ ଅଧିକ ଆଗ୍ରହ ପ୍ରକାଶ କରିଥିଲେ। ସେହି ସମୟରେ ସଂସ୍କୃତରେ ରଚିତ ବୌଦ୍ଧଧର୍ମର ବିଚାର ବା ନୀତିବାଣୀକୁ ଚାଇନିଜ୍ ଭାଷାରେ ଅନୁବାଦ କରାଯାଇଥିଲା। ଏହା ଅତ୍ୟନ୍ତ ଜଟିଳ ପ୍ରକ୍ରିୟା ଥିଲା। ଉଭୟ ଉଚ୍ଚାରଣ ଓ ଲେଖାରେ ଭାଷା ତଥା ଶବ୍ଦାର୍ଥ ସଂଯୋଜନା ମୌଳିକ ରୂପେ ଭିନ୍ନ ଥିଲା। କିନ୍ତୁ ଟାଙ୍ଗ ଶାସନର ଶେଷବେଳକୁ ଚାଇନାର ଦାର୍ଶନିକ କନ୍‌ଫୁସିଆନଙ୍କ ବିଚାର ଉପରେ ବିଶ୍ୱାସ ରଖିଥିବା ସ୍ଥାନୀୟ ବିଦ୍ୱାନ୍‌ମାନେ ବୌଦ୍ଧଧର୍ମ ଏବଂ ଦେହାବଶେଷ ପୂଜନ ଭଳି ପରମ୍ପରାର ଶତ୍ରୁ ପାଲଟିଗଲେ।

ସଙ୍ଗ୍ ଶାସନ ସମୟ(୧୦୦୦–୧୩୦୦ ଶତାବ୍ଦୀ)ରେ ଚାଇନାକୁ ବୌଦ୍ଧଧର୍ମର କେନ୍ଦ୍ର ଭାବେ ଗଣାଯାଉଥିଲା। ଏହି ସମୟରେ ଭାରତରୁ ବୌଦ୍ଧଧର୍ମର ପ୍ରଭାବ ହ୍ରାସ ପାଇଥିଲା ଏବଂ ଅନେକେ ଚାଇନାକୁ ଚାଲିଯାଇଥିଲେ, ଯାହାକୁ ମୈତ୍ରେୟ ବୁଦ୍ଧ(ଭିବଷ୍ୟତର ବୁଦ୍ଧ), ମଞ୍ଜୁଶ୍ରୀ( ଜ୍ଞାନର ଦେବୀ ତଥା ଖଡ୍‌ଗଧାରୀ ବୋଧିସତ୍ତ୍ୱ), ଅମିତାଭ ବୁଦ୍ଧ(ପବିତ୍ର ଭୂମିର ମୁକ୍ତିଦାତା ବୁଦ୍ଧ)ଙ୍କ ଭୂମି ଭାବେ ଦେଖାଯାଉଥିଲା। ମଙ୍ଗୋଲୀୟ ସେନାର ଉତ୍‌ଥାନ ପରେ ଚାଇନାକୁ ଥିବା ପୁରାତନ ସ୍ଥଳପଥ ବିପଦପୂର୍ଣ୍ଣ ହୋଇଗଲା। ଏଣୁ ଚାଇନା ସହ ସମ୍ପର୍କ ରଖିବା ପାଇଁ ସ୍ଥଳପଥ ବଦଳରେ ସମୁଦ୍ରପଥକୁ ବଛାଯାଇଥିଲା। ଯେତେବେଳେ ତାମିଲାକାମର ଚୋଳ ରାଜତ୍ୱ ପ୍ରତିଷ୍ଠା ହେଲା, ସେତେବେଳେ ଇଣ୍ଡୋନେସିଆ ବାଟ ଦେଇ ଚାଇନାର ରାଜଦରବାର ସହ ଯୋଗାଯୋଗ ସ୍ଥାପନ କରାଯାଇଥିଲା।

ମୌସୁମୀ ବାୟୁ ପ୍ରବାହର ସାହାଯ୍ୟ ନେଇ ନାବଗୁଡ଼ିକ ଆରବରୁ ବାହାରି ଭାରତର ପଶ୍ଚିମ ଉପକୂଳରେ ପହଞ୍ଚିବା ପାଇଁ ପାଖାପାଖି ୩୦ ଦିନ ଲାଗିଯାଉଥିଲା। ଏହା ପରେ ନାବଗୁଡ଼ିକ ଭାରତର ପୂର୍ବ ଉପକୂଳରୁ ବାହାରି ମାଲାକା ଷ୍ଟ୍ରେଟରେ ପହଞ୍ଚିବାକୁ ଆଉ ୩୦ ଦିନ ଲାଗିଯାଉଥିଲା। ତା'ପରେ ଆଉ ୩୦ ଦିନରେ ଚାଇନାରେ ପହଞ୍ଚୁଥିଲା। ୧୦୦ ଦିନ କିମ୍ବା ପାଖାପାଖି ୩ରୁ ୪ ମାସ ମଧ୍ୟରେ ଜଣେ ଆରବରୁ ବାହାରି ସୁଦୂର ଚାଇନାରେ ପହଞ୍ଚିଯାଇ ପାରୁଥିଲା। ଏହା ଥିଲା ପ୍ରମୁଖ ବାଣିଜ୍ୟପଥ। ଯେତେବେଳେ ସ୍ଥଳପଥ ବନ୍ଦ ହୋଇଯାଇଥିଲା ସେତେବେଳେ ସମୁଦ୍ରପଥରେ ଆରବରୁ ଘୋଡ଼ା ଦକ୍ଷିଣ ଏସିଆ, ଦକ୍ଷିଣ ପୂର୍ବ ଏସିଆ ଏବଂ ଚାଇନାକୁ ଯାଉଥିଲେ। ଏହା ବଦଳରେ ଚାଇନା ରେଶମ, ରୁପା, ଚା ଓ ଚାଇନାମାଟି ରପ୍ତାନି କରୁଥିଲା। ଭାରତୀୟ କପା ବଦଳରେ ଦକ୍ଷିଣ ପୂର୍ବ ଏସିଆରୁ ସୁନା ଆସୁଥିଲା। ଏହାସହ ସମୁଦ୍ରପଥରେ ମସଲା ଓ ସୁଗନ୍ଧିତ ଗଛର ଦିଆନିଆ ଚାଲିଥିଲା। ଏହା ଥିଲା ଏକ ବ୍ୟାପକ ବାଣିଜ୍ୟିକ ଯୋଗାଯୋଗର ମାଧ୍ୟମ। ଭାରତରେ ସେତେବେଳେ ଏକ ଶକ୍ତିଶାଳୀ ବଣିକ ସଂଘ ଥିଲା ଏବଂ ଏହି ବାଣିଜ୍ୟର ଅଧିକାଂଶ ଭାଗକୁ ନିୟନ୍ତ୍ରଣ କରୁଥିଲା। ଏହି ବାଣିଜ୍ୟ ରାଷ୍ଟ୍ରକୂଟ ସାମ୍ରାଜ୍ୟକୁ ସମୃଦ୍ଧ କରିଥିଲା, ଯାହା ପାଖାପାଖି ୮୦୦ ଶତାବ୍ଦୀରେ କର୍ଣ୍ଣାଟକର ଅଧିକାଂଶ ଅଂଶରେ ଶାସନ କରୁଥିଲା। ଏହି ସମୟରେ ଭାରତରେ ଥିବା କେତେକ ବହୁ ପୁରାତନ ମନ୍ଦିର ଏବଂ ଦକ୍ଷିଣ ପୂର୍ବ ଚାଇନାରେ ଥିବା ଅନେକ ମନ୍ଦିରକୁ ଧନ ଯୋଗାଇ ଦିଆଯାଇଥିଲା।

–devduttofficial@gmail.com

# ଆଜିର ଆହ୍ୱାନ



ଇପ୍ସିତା ମହାନ୍ତି

ସ୍ୱାମୀ ବିବେକାନନ୍ଦ ପରାଧୀନ ଭାରତର ଯୁବଗୋଷ୍ଠୀଙ୍କୁ ସମ୍ବୋଧିତ କରିବା ଅବସରରେ କହିଥିଲେ, ''ଉଠ, ଜାଗ୍ରତ ହୁଅ ଓ ଯେତେବେଳ ପର୍ଯ୍ୟନ୍ତ ଲକ୍ଷ୍ୟ ପ୍ରାପ୍ତ କରିନାହଁ ସେତେବେଳ ପର୍ଯ୍ୟନ୍ତ ଅଟକିବ ନାହିଁ, ବିଶ୍ରାମ ନେବ ନାହିଁ। ଯେଉଁ ବିଷୟରେ ଭାବୁଛ, ତାହାକୁ ନିଜ ବିଚାରଧାରା କରି ନିଅ। ତାହା ଉପରେ ସ୍ୱପ୍ନ ଦେଖ। ସେହି ବିଚାରଧାରାକୁ ନେଇ ଜୀବନଧାରଣ କର। ତୁମ ମନ, ପ୍ରାଣ, ମାଂସପେଶୀ ଓ ଶିରାପ୍ରଶିରା ସହ ତୁମ ଶରୀରର ପ୍ରତ୍ୟେକଟି କୋଷିକାରେ ସେହି ବିଚାରକୁ ଭରି ଦିଅ। ଦେଖିବ, ଏହା ତୁମକୁ ସଫଳତା ଆଣିଦେବ। ଏହା ହିଁ ହେଉଛି ସଫଳତାର ସୂତ୍ର। ସମସ୍ତ ଶକ୍ତି ଆମ ଶରୀରରେ ଅଛି। ଆମେ କିଛି ବି କରିପାରିବା। ହଁ, ସବୁକିଛି କରିପାରିବା ଆମେ। ତେଣୁ ନିଜ ଉପରେ ବିଶ୍ୱାସ ରଖ। ଭରସା ରଖ। କେହି ଦୁର୍ବଳ ନୁହଁ। ଯଦି ମନ ଓ ପ୍ରାଣ ମଧ୍ୟରେ ସଙ୍ଘର୍ଷ ଚାଲୁଥାଏ; ତେବେ ଆମକୁ ତାହା କରିବା ଉଚିତ୍, ଯାହା ଆମ ହୃଦୟ କହୁଛି।'' ସ୍ୱାମୀ ବିବେକାନନ୍ଦଙ୍କ ଏହି ବିଚାର ଅଗଣିତ ଭାରତୀୟ ଯୁବଗୋଷ୍ଠୀଙ୍କ ମନରେ ସ୍ୱାଭିମାନ ଓ ସ୍ୱତନ୍ତ୍ରତାର ବୀଜ ରୋପଣ କରିଥିଲା। ବିବେକାନନ୍ଦଙ୍କ ଜୀବନୀ ଅଧ୍ୟୟନ କରିବା ପରେ ଗାନ୍ଧୀଜୀ କହିଥିଲେ; ସ୍ୱାମୀଜୀଙ୍କ ବିଚାରଧାରା ଦ୍ୱାରା ମୁଁ ଗଭୀର ମାତ୍ରାରେ ପ୍ରଭାବିତ। ଦେଶପ୍ରତି ସ୍ୱାମୀଜୀଙ୍କ ପ୍ରେମ ଓ ଭଲ ପାଇବା ହିଁ; ଭାରତ ପ୍ରତି ମୋର ଭଲପାଇବାକୁ ହଜାରେ ଗୁଣରେ ବଢ଼ାଇ ଦେଇଛି।

ସମ୍ପ୍ରତି ବେରୋଜଗାର, ମୁଦ୍ରାସ୍ଫୀତି ଭଳି ସ୍ଥିତିରେ ଭାରତୀୟ ଯୁବଗୋଷ୍ଠୀଙ୍କୁ ସ୍ୱାମୀଜୀଙ୍କ ବିଚାରଧାରାରୁ ଅନେକ ଉପକାର ମିଳିବ। ଯାହା ସେମାନଙ୍କୁ ପ୍ରତି ମୁହୂର୍ତ୍ତରେ ଅଭିପ୍ରେରିତ କରିବ। ଏକଦା ଯୁବଗୋଷ୍ଠୀଙ୍କ ଉଦ୍ଦେଶ୍ୟରେ ସ୍ୱାମୀଜୀ କହିଥିଲେ, ''ଜୀବନରେ ସର୍ବଦା ଜୋଖିମ (ବିପଦ) ଉଠାଅ; ବିଜୟୀ ହେଲେ ନେତୃତ୍ୱ ନେବ, ପରାଜିତ ହେଲେ ଲୋକଙ୍କୁ ମାର୍ଗ ଦର୍ଶନ କରିବ।'' ନିଜ ବିଷୟରେ ଉଦାହରଣ ଦେଇ ସ୍ୱାମୀଜୀ ଥରେ କହିଥଲେ, ''ମୋର ନିଜର ସହସ୍ର ଦୋଷ ଅବା ଖୁଣ ଥିବା ସତ୍ତ୍ୱେ ମୁଁ ନିଜକୁ ଯଦି ଭଲ ପାଇ ପାରୁଛି। ତେବେ କିଞ୍ଚିତ ଦୋଷ ପାଇଁ ମୁଁ ଅନ୍ୟକୁ କାହିଁକି ହତାଦର ଅବା ଘୃଣା କରିବି ?'' ଅତୀତରେ ଭରତ ଥିଲା ବିଶ୍ୱଗୁରୁ। ଆଜି ଭାରତରେ ଆଧାତ୍ମିକ ଭ୍ରଷ୍ଟାଚାର ବ୍ୟାପି ଚାଲିଛି। ଏହି ସମସ୍ୟାର ପ୍ରତିକାର ବିଷୟରେ ସ୍ୱାମୀଜୀ ବହୁ ପୂର୍ବରୁ କହିଥିଲେ, 'ଜଣଙ୍କୁ କେହି ହେଲେ ଆଧାତ୍ମିକ ଭାବେ ଗଢ଼ିପାରିବ ନାହିଁ। କାରଣ ଆମ ନିଜର ସବୁଠାରୁ ବଡ଼ ଗୁରୁ ହେଉଛି ନିଜ ଅନ୍ତରାତ୍ମା'। ସ୍ୱାମୀଜୀଙ୍କ ଏହି ବିଚାରଧାରା ଅନେକ ପ୍ରାସଙ୍ଗିକତା ବହନ କରେ।

ସାରା ଦୁନିଆକୁ ଭାରତର ଶକ୍ତି ବିଷୟରେ ଅବଗତ କରାଇବା ଥିଲା ସ୍ୱାମୀଜୀଙ୍କର ସବୁଠାରୁ ବଡ଼ ଉପଲବ୍ଧି। ୧୮୯୩ ସେପ୍ଟେମ୍ବର ୧୧ରେ ଆମେରିକାର ଚିକାଗୋରେ ଅନୁଷ୍ଠିତ ବିଶ୍ୱ ଧର୍ମ ସମ୍ମିଳନୀରେ ଭାରତର ପ୍ରତିନିଧି କରି ସ୍ୱାମୀ ବିବେକାନନ୍ଦ ଏପରି ଓଜସ୍ୱୀ ଭାଷଣ ଦେଇଥିଲେ; ଯାହା ଶୁଣି ସମଗ୍ର ଦୁନିଆ ସ୍ତବ୍ଧ ହୋଇଯାଇଥିଲା। ସ୍ୱାମୀଜୀଙ୍କ ଏହି ସମ୍ଭାଷଣ ପରେ ସାରା ଦୁନିଆର ବିଭିନ୍ନ ସ୍ଥାନରୁ ଭିନ୍ନଭିନ୍ନ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ବିଶିଷ୍ଟ ଲେଖକ ରାଜଗୋପାଳ ଚଟ୍ଟୋପାଧ୍ୟାୟ ନିଜ ପୁସ୍ତକ 'ସ୍ୱାମୀ ବିବେକାନନ୍ଦ ଇନ ଇଣ୍ଡିଆ : ଏ କରେକ୍ଟିଭ ବାୟୋଗ୍ରାଫି'ର ପୃଷ୍ଠା ସଂଖ୍ୟା ୧୫୦ରେ ଆମେରିକୀୟ ପତ୍ରିକା 'ଦ ନ୍ୟୁୟର୍କ କ୍ରିଟିକ'ର ଏକ ଟିପ୍ପଣୀ ବିଷୟରେ ଆଲୋକପାତ କରିଛନ୍ତି। ଏହି ପତ୍ରିକା ଲେଖିଥିଲା, ଅନେକ ଲୋକ ଭଲ ଭାଷଣ ଦେଲେ କିନ୍ତୁ ଜଣେ ହିନ୍ଦୁ ସାଧୁ ବିଶ୍ୱଧର୍ମ ସମ୍ମିଳନୀ ବିଷୟକୁ ଯେପରି ଢଙ୍ଗରେ ଲୋକଙ୍କ ସମ୍ମୁଖରେ ରଖିଲେ; ସେପରି କେହି ରଖିପାରି ନ ଥିଲେ। ସେ ଜଣେ ବହୁତ ବଡ଼ ବକ୍ତା। ଆମ ପତ୍ରିକା ତାଙ୍କରି ସମ୍ପୂର୍ଣ୍ଣ ବକ୍ତବ୍ୟକୁ ଛାପୁ ଅଛି କିନ୍ତୁ ସେଠାରେ ଉପସ୍ଥିତ ଲୋକଙ୍କ ଉପରେ ଏହି ବକ୍ତବ୍ୟର ଯାହା ପ୍ରଭାବ ପଡ଼ିଥିଲା, ତାହାକୁ ପ୍ରକାଶ କରିବା ଆମ ପକ୍ଷେ ଅତ୍ୟନ୍ତ କଷ୍ଟସାଧ୍ୟ। ଦୁନିଆର ଦୃଷ୍ଟି କୋଣକୁ ବଦଳାଇ ଦେଇଥିବା ଏହି ମହାନ୍ ବ୍ୟକ୍ତିତ୍ୱଙ୍କୁ ଜନ୍ମ ଦେଇ ଭାରତମାତା ଯେତିକି ଗୌରବାନ୍ୱିତ, ଭାରତୀୟ ଭାବେ ଆମେ ସେତିକି ଗର୍ବିତ। ଆଜିର ଯୁବପିଢ଼ି ତାଙ୍କ ଆହ୍ୱାନକୁ ଗହଣ କରି ଦେଶକୁ ଗୌରବାନ୍ୱିତ କରନ୍ତୁ।

**ବୈପାରୀଗୁଡ଼ା, କୋରାପୁଟ**
**ମୋ: ୬୩୭୦୬୭୯୪୦୫**

## ଏଇ ଭାରତରେ

ପ୍ରାୟ ଅଧିକାଂଶ ସ୍କୁଲ୍‌ରେ ପିଲାଙ୍କ ଉପରେ ପାଠ ଚାପ ରହୁଥିବାବେଳେ ସେମାନେ ଅନ୍ୟ କିଛି ବିଷୟରେ ଭାବିବାକୁ ସମୟ ପାଉନାହାନ୍ତି। କମ୍ ସମୟ ଖେଳୁଛନ୍ତି ବା ସାଙ୍ଗସାଥୀଙ୍କ ସହ ମିଶିପାରୁଛନ୍ତି। ପରିବେଶ ସୁରକ୍ଷା ଉପରେ ସେମାନଙ୍କୁ କୌଶଳଗତ ତଥା ବ୍ୟବହାରିକ ଜ୍ଞାନ ପ୍ରାୟତଃ ଦିଆଯାଉନାହିଁ। କିନ୍ତୁ କୋଲ୍‌କାତା ନିକଟବର୍ତ୍ତୀ ଭାଙ୍ଗର ଅଞ୍ଚଳର ନାରାୟଣପୁର ହାଇସ୍କୁଲରେ ପିଲାମାନଙ୍କୁ ପାଠ ସହ ପରିବେଶ ସୁରକ୍ଷା ଉପରେ ଶିକ୍ଷା ଦିଆଯିବା ସହ ବର୍ଜ୍ୟର ପୁନଃ ବ୍ୟବହାର ସମ୍ପର୍କରେ ବ୍ୟବହାରିକ ଜ୍ଞାନ ପ୍ରଦାନ କରାଯାଉଛି। ଏହି ସ୍କୁଲ୍‌ଟି ଏକ ଗାଁରେ ରହିଛି। ଏଠାକାର ପ୍ରଧାନଶିକ୍ଷକ ଅଭିଜିତ୍ ଦାଶ୍‌ଗୁପ୍ତାଙ୍କ ଚେଷ୍ଟା ଯୋଗୁ ଏହା ସମ୍ଭବ ହୋଇପାରିଛି। ପିଲାମାନେ ସ୍କୁଲରେ ପଢ଼ିବା ସହ ପ୍ରତିଦିନ ବର୍ଜ୍ୟରୁ ବିଭିନ୍ନ ହସ୍ତକଳା ଓ ନାନା ଉପଯୋଗୀ ସାମଗ୍ରୀ ପ୍ରସ୍ତୁତ କରୁଛନ୍ତି। ସେମାନେ ଏଠାରେ କିଛି ନୂଆକରି ଗଢ଼ିବାର କୌଶଳ ପାଇପାରୁଛନ୍ତି। ଏହାଦ୍ୱାରା ପିଲାମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ମଧ୍ୟ ବଢୁଛି। ସ୍କୁଲ ପରିସରରେ ପ୍ଲାଷ୍ଟିକ୍ ବ୍ୟବହାର ପୂରା କମିଯାଇଛି। ପିଲାମାନେ ମଧ୍ୟ ପ୍ଲାଷ୍ଟିକ୍ ବ୍ୟବହାର କରୁନାହାନ୍ତି। ଏହାସହ ସେମାନେ ସାଙ୍ଗସାଥୀ ଓ ପଡ଼ୋଶୀଙ୍କୁ ଏପରି କରିବାକୁ କହୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

**୩୧ ଜୁଲାଇ ୧୯୭୬**

- ଭାରତ ଖୋଟ କର୍ପୋରେଶନର ନୂଆ ଚେୟାରମ୍ୟାନ୍ ରୂପେ ପଶ୍ଚିମବଙ୍ଗର ପୂର୍ବତନ ମନ୍ତ୍ରୀ ସନ୍ତୋଷ କୁମାର ରାୟଙ୍କୁ ନିଯୁକ୍ତି ପ୍ରଦାନ।
- ଦଶଟି ନୂଆ ରାଷ୍ଟ୍ର ଓ ସଙ୍ଗଠନକୁ ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନର ପୂର୍ଣ୍ଣାଙ୍ଗ ସଭ୍ୟ ରୂପେ ଗ୍ରହଣ କରାଯାଇଛି।
- ଇଟାଲୀର ଖ୍ରୀଷ୍ଟିଆନ ଡେମୋକ୍ରାଟ ଦଳର ନେତା ଗିଲିଓ ଆଣ୍ଡ୍ରିଓଟିଙ୍କ ପ୍ରଧାନମନ୍ତ୍ରୀତ୍ୱରେ ନୂଆ ସରକାର ଗଠନ।

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | 7 | | |
| 1 | | | | 9 | 6 | | | |
| | 5 | | | | | 4 | | 9 |
| 6 | 8 | | | | | | | |
| | | | | | | 9 | | |
| | | | 4 | 8 | | | | 2 |
| | | | | | 5 | | 8 | |
| 2 | 6 | | 3 | | | | 5 | 4 |
| 8 | 4 | | 2 | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 6 | 5 | 8 | 7 | 9 | 4 | 2 | 1 |
| 2 | 9 | 1 | 5 | 4 | 3 | 7 | 6 | 8 |
| 4 | 7 | 8 | 2 | 6 | 1 | 9 | 5 | 3 |
| 5 | 3 | 6 | 7 | 2 | 4 | 8 | 1 | 9 |
| 1 | 2 | 7 | 3 | 9 | 8 | 6 | 4 | 5 |
| 8 | 4 | 9 | 1 | 5 | 6 | 2 | 3 | 7 |
| 6 | 1 | 2 | 9 | 8 | 5 | 3 | 7 | 4 |
| 9 | 5 | 4 | 6 | 3 | 7 | 1 | 8 | 2 |
| 7 | 8 | 3 | 4 | 1 | 2 | 5 | 9 | 6 |

ଗତକାଲିର ଉତ୍ତର

# ବନ୍ଧୁର ପଥ ପରେ



ଅଞ୍ଜନ ଚାନ୍ଦ

ରାସ୍ତାର ଦୁଇ ପାର୍ଶ୍ୱରେ ଦୁଇଟି ଜମି। ବହୁଦିନରୁ ପଡ଼ିଆ ପଡ଼ିଛି। ଦିନେ ଜମିମାଲିକ ଜଣେ କୃଷକଙ୍କୁ ଗୋଟିଏ ପଡ଼ିଆ ବିକିଦେଲେ। କୃଷକ ପ୍ରଥମେ ଘାସ, ବଣ ବୁଦା ସଫାକରି ଜମି ଚାରିପଟେ ବାଡ଼ ଘେରିଦେଲେ। ରାସ୍ତା ସେପଟେ ପଡ଼ିଆ ପଡ଼ିଥିବା ଜମି ହସି ହସି କହିଲା– ଏବେ ତୁ ବନ୍ଦୀ ହୋଇଗଲୁ। ପରଦିନ କୃଷକ ଲଙ୍ଗଳ ଆଣି ଜମିକୁ ହଳ କଲେ। ପଡ଼ୋଶୀ ଜମି କହିଲା– କି କଦର୍ଯ୍ୟ ଅବସ୍ଥା। ତୋତେ ଦେଖି ମୋ ମନରେ ଦୁଃଖ ଆସୁଛି। କୃଷକର ଜମି କିଛି କହୁ ନ ଥାଏ। ସେ ନିଜେ ବି ଜାଣିପାରୁ ନ ଥାଏ ତା' ଜୀବନରେ କ'ଣ ସବୁ ଘଟିଯାଉଛି। ଆଗକୁ କ'ଣ ଘଟିବ?

କିଛିଦିନ ପରେ କୃଷକଙ୍କ ଯତ୍ନରେ ପଡ଼ିଆ ଜମିଟି ସବୁଜିମାରେ ପୂରିଗଲା। ଫୁଲ ଫୁଟିଲା। ଫଳ ଧରିଲା। ପକ୍ଷୀମାନେ ପତ୍ର ଗହଳରେ କଳକୂଜନ କଲେ। ରାସ୍ତାପାଖ ଗଛର ଛାଇରେ ବାଟୋଇମାନେ ବିଶ୍ରାମ ନେଲେ। କହିଲେ – ଆହା, କି ସୁନ୍ଦର ଦୃଶ୍ୟ। ଏଇଠି କିଛି ସମୟ ରହିଯିବାକୁ ମନ ହେଉଛି। ଜମିଟି ଭାବିଲା, ସତରେ ତା' ଭାଗ୍ୟରେ ବଡ଼ ପରିବର୍ତ୍ତନ ଆସିଛି। କୃଷକର ଯାଦୁକରି ସ୍ପର୍ଶରେ ତା'ର ଜୀବନ ଆଜି ଧନ୍ୟ ହୋଇଛି। ବସ୍ତୁ ହେଉ ବା ପ୍ରାଣୀ, ପ୍ରତିଟି ଗୁରୁତ୍ୱପୂର୍ଣ୍ଣ ଉପଲବ୍ଧି ପଛରେ ଏମିତି କିଛି ଅନୁଶାସନ ଅବଶ୍ୟ ରହିଥାଏ। ଅନୁଶାସନର ବନ୍ଧୁର ପଥ ପାରିହେବା ପରେ ଯାଇ ଏକ ଦୁର୍ଲଭ ଜୀବନର ସୂତ୍ରପାତ ହୋଇଥାଏ। ଅନୁଶାସନ ହିଁ ଏକ ସାଧାରଣ ଜୀବନକୁ ଅସାଧାରଣ ଓ ସାର୍ବଜନୀନ କରିଦିଏ।

ଗୁରୁ ଶିଷ୍ୟ ସମ୍ପର୍କକୁ ନେଇ ଅନେକ ସ୍ମରଣୀୟ ଗଳ୍ପ ଆମର ପ୍ରାଚୀନ ଗ୍ରନ୍ଥ ଓ ପୁରାଣରେ ରହିଛି। ମହାଭାରତରେ ଗୁରୁ ଧୌମ୍ୟ ଓ ଶିଷ୍ୟ ଉପମନ୍ୟୁଙ୍କ ବିଷୟରେ ଯେଉଁ କଥାଟି ରହିଛି ତାହା ଆମକୁ ଦ୍ୱନ୍ଦ୍ୱ ଭିତରକୁ ଟାଣିନିଏ। ମନରେ ଅନେକ ପ୍ରଶ୍ନ ସୃଷ୍ଟିକରେ। ବିଦ୍ୟା ଅଧ୍ୟୟନ ପାଇଁ ଆସିଥିବା ଜଣେ ବାଳକକୁ ଗୁରୁ କାହିଁକି ଗାଇ ଜଗିବା ପାଇଁ ବଣକୁ ପଠାଇଲେ ? ଗାଇ ଜଗିବା ସହିତ ନିଜର ବୃତ୍ତି ପାଇଁ ସେ ଯେବେ ଭିକ୍ଷା କଲା ତା'ଠାରୁ ସବୁ ଭିକ୍ଷା ଅନ୍ନ ନେଇଗଲେ କାହିଁକି ? କେବଳ ସେତିକି ନୁହେଁ, ପରବର୍ତ୍ତୀ ସମୟରେ କ୍ଷୁଧା ନିବାରଣ ପାଇଁ ସେ ଯେଉଁ ସବୁ ଉପାୟ ଅବଲମ୍ବନ କଲା ଗୁରୁ କାହିଁକି ତାକୁ ସେସବୁଥିରୁ ବାରଣ କରିଥିଲେ ? ବିଚରା ବାଳକ ଶେଷରେ କିଛି ଖାଇବାକୁ ନ ପାଇ ଭୋକ ବିକଳରେ ଅରଖ ପତ୍ର ଖାଇ ଅନ୍ଧ ହୋଇଗଲା ଏବଂ ଆଶ୍ରମକୁ ଫେରିବା ରାସ୍ତାରେ ଗୋଟିଏ କୂଅ ଭିତରେ ପଡ଼ିଗଲା। ଜଣେ ବିଦ୍ୟାର୍ଥୀ ବାଳକ ପ୍ରତି ଗୁରୁ ଏତେ ନିଷ୍ଠୁର ହୋଇପାରିଲେ କିପରି ?

ଏସବୁ ପ୍ରଶ୍ନର ଉତ୍ତର ରହିଛି ବାଳକଟିର ନାମକରଣରେ। ଉପମନ୍ୟୁରେ ମନ୍ୟୁ ଶବ୍ଦର ଅର୍ଥ କ୍ରୋଧ। ଯେଉଁ ଲୋକ କ୍ରୋଧର ବଶବର୍ତ୍ତୀ ସେ ଉପମନ୍ୟୁ। ଅର୍ଥାତ୍ ଉପମନ୍ୟୁ ପିଲାଦିନରୁ କ୍ରୋଧୀ ଥିଲା। ଶିକ୍ଷାଦାନ ପୂର୍ବରୁ ଗୁରୁ ତାହାର ସେଇ କ୍ରୋଧଗୁଣକୁ ଶାନ୍ତ କରିବାକୁ ଚାହୁଁଥିଲେ। ସେଥିପାଇଁ ତାକୁ ଉପବାସରେ ରଖି ଅଧିକରୁ ଅଧିକ କ୍ରୁଦ୍ଧ କରିଥିଲେ। ସେ କହିଥିଲେ– ମୋତେ ନ ଦେଇ ତୁମେ କିଛି ଖାଇବ ନାହିଁ। କିନ୍ତୁ ଉପମନ୍ୟୁ ବାରମ୍ବାର ଗୁରୁଙ୍କ କଥାକୁ ଅମାନ୍ୟ କରି ଯାହା ପାଉଥିଲା ଖାଇ ଦେଉଥିଲା। ଶେଷରେ ଅରଖପତ୍ରର କୁପ୍ରଭାବରେ ଅନ୍ଧ ହୋଇ କୂଅରେ ପଡ଼ିଲା। ନିବିଡ଼ ଅରଣ୍ୟ ଭିତରେ ଏକୁଟିଆ ବାଳକ, ସେ ପୁଣି ଅନ୍ଧ, କୂଅରେ ପଡ଼ି ଉଠିବାକୁ ବାଟ ପାଉନାହିଁ। ସେତେବେଳେ ସେ ଦୁଃଖରେ ଭାଙ୍ଗିପଡ଼ିଛି। ଦୁଃଖ ଭିତରେ ଲୀନ ହୋଇଛି ତାହାର କ୍ରୋଧ। ମନ୍ୟୁ ଶବ୍ଦର ଅନ୍ୟ ଏକ ଅର୍ଥ ଶୋକ। ଅତ୍ୟନ୍ତ ଶୋକାକୁଳ ଅବସ୍ଥାରେ ବାଳକଟିର କ୍ରୋଧଗୁଣଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। କ୍ରୋଧୀ ଉପମନ୍ୟୁରୁ ସେ ଦୁଃଖୀ ଉପମନ୍ୟୁରେ ପରିଣତ ହୋଇଛି। ଠିକ୍ ସେଇ ସମୟରେ ଗୁରୁ ତା' ନିକଟରେ ଉପସ୍ଥିତ ହୋଇଛନ୍ତି। ସ୍ୱର୍ଗ ବୈଦ୍ୟ ଅଶ୍ୱିନୀ କୁମାର ଦୁହିଁଙ୍କୁ ପ୍ରାର୍ଥନା କରିବାକୁ ଉପଦେଶ ଦେଇଛନ୍ତି। ସେମାନେ ଆସି ଉପମନ୍ୟୁକୁ ପିଠାଟିଏ ଖାଇବାକୁ ଦେଇଛନ୍ତି। ଉପମନ୍ୟୁ କହିଛି – ଗୁରୁଙ୍କୁ ନ ଦେଇ ମୁଁ ଏହି ପିଠା ଖାଇବି ନାହିଁ। ଏବଂ ସେଇ ମୁହୂର୍ତ୍ତଠାରୁ ତାହାର ଭାଗ୍ୟ ବଦଳି ଯାଇଛି। ଚକ୍ଷୁଷ୍ମାନ ହେବା ସହିତ ସମସ୍ତ ବିଦ୍ୟା ଓ ଅଶେଷ କୁଶଳର ଅଧିକାରୀ ସେ ହୋଇପାରିଛି।



ଗଳ୍ପଟି ଏବେ ମଧ୍ୟ ଛାତ୍ରୀଛାତ୍ରଙ୍କ ପାଠ୍ୟ ପୁସ୍ତକରେ ପଢ଼ାଯାଉଛି । ଅଥଚ ଅବସୋସ ଯେ, ସେଥିରୁ ମିଳୁଥିବା ଶିକ୍ଷାଟିକୁ ବର୍ତ୍ତମାନ ସମୟର ଶିକ୍ଷଣ ପଦ୍ଧତି ଅଗ୍ରାହ୍ୟ କରି ଦେଇଛି। ଶିକ୍ଷାରେ ଅନୁଶାସନ ସମ୍ପର୍କରେ ସନ୍ଥ କବୀରଙ୍କ ସୁନ୍ଦର ଦୋହାଟିଏ ଅଛି – '' ଗୁରୁ କୁହ୍ମାର ଶିଷ କୁଂଭ ହୈ, ଗଢ଼ି ଗଢ଼ି କାଢ଼େ ଖୋଟ। ଅନ୍ତର ହାଥ ସହାର ଦୈ, ବାହାର ବାହେ ଚୋଟ।'' କୁମ୍ଭାର ଯେପରି କୁମ୍ଭ ଭିତରେ ହାତ ରଖି ତାହାକୁ ଶକ୍ତ କରିବାପାଇଁ ବାହାରେ ପ୍ରହାର କରେ ଗୁରୁ ସେହିପରି ଶିଷ୍ୟର ଦୁଷ୍ଟ ଗୁଣ ଉପରେ ପ୍ରହାରକରି ଜୀବନରେ ସନ୍ମାର୍ଗ ପ୍ରଦର୍ଶନ କରିଥାନ୍ତି। କାହିଁ କେଉଁ କାଳରୁ ପ୍ରଚଳିତ ଏହି ଅନୁଶାସନକୁ କତିପୟ ଶିକ୍ଷକଙ୍କ ନିଷ୍ଠୁର ଆଚରଣ କାରଣରୁ ଏବେ ସରକାର ଶିକ୍ଷା ଅନୁଷ୍ଠାନରେ ନିଷେଧ କରିଛନ୍ତି। ବିଦ୍ୟାଳୟର କାନ୍ଥ, ପାଚେରିରେ ଦଣ୍ଡ ମୁକ୍ତ ଅଞ୍ଚଳ, ଟୋଲ ଫ୍ରି ନମ୍ବର ଲେଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାଦ୍ୱାରା ପିଲାମାନେ ବିଦ୍ୟାଳୟ ପରିସରରେ ନିର୍ଭୟରେ ବିଚରଣ କରୁଛନ୍ତି ସତ, କିନ୍ତୁ ଶିକ୍ଷକମାନେ ସଙ୍କୁଚିତ ହୋଇଯାଇଛନ୍ତି। ଛାତ୍ରଙ୍କ ଭୁଲ୍ ଭ୍ରାନ୍ତିରେ ଟାଣ କରି କଥା ପଦେ କହିବାକୁ ମଧ୍ୟ ଭୟ କରୁଛନ୍ତି। କାଳେ କିଏ ମାନସିକ ନିର୍ଯାତନାର ଆଖ୍ୟା ଦେଇ ଉପର ସ୍ତରରେ ଅଭିଯୋଗ କରିଦେବ।

୨୦୦୨ରେ ଦେଶରେ ସର୍ବଶିକ୍ଷା ଲାଗୁ ହେବା ପରଠୁଁ ଶିକ୍ଷାକୁ ସହଜ ସୁଗମ କରିବାପାଇଁ ଅନେକ ଯୋଜନା ହୋଇଛି। ଏବଂ ସେବେଠାରୁ ପ୍ରାଥମିକ ଶିକ୍ଷାର ଗୁଣାତ୍ମକମାନ ହ୍ରାସ ହୋଇ ଚାଲିଛି। ୨୦୧୮ରୁ ପୁଣି ଆରମ୍ଭ ହୋଇଛି ସମଗ୍ର ଶିକ୍ଷା ଯୋଜନା। ଅଥଚ ଅଦ୍ୟାବଧି ସର୍ବେକ୍ଷଣ ବିବରଣୀରେ କୌଣସି ପରିବର୍ତ୍ତନ ଆସିନାହିଁ। ଶିକ୍ଷାଗ୍ରହଣ କାଳରେ ଅନୁଶାସନ ନ ଥିବାରୁ ପିଲାମାନଙ୍କ ଚରିତ୍ର ଗଠନ ଠିକ ହୋଇପାରୁନାହିଁ, ଏ ବିଷୟରେ କେହି ଚିନ୍ତା ବି କରୁନାହାନ୍ତି। ଫଳତଃ ଦିନକୁଦିନ ଏକ ଶୃଙ୍ଖଳାବିହୀନ, ସ୍ୱେଚ୍ଛାଚାରୀ ଛାତ୍ରସମାଜ ସର୍ବତ୍ର କାୟାବିସ୍ତାର କରିଚାଲିଛି। ନୂତନ ଜାତୀୟ ଶିକ୍ଷା ନୀତି ଲାଗୁ ହେବା ଅବସରରେ ଏ ବିଷୟରେ ବିତର୍କ ହେବା ଜରୁରୀ ମନେହୁଏ।

**ବିକାଶନଗର,**
**ଅଙ୍ଗାରଗଡ଼ିଆ, ବାଲେଶ୍ୱର**
**ମୋ:୬୩୭୦୬୬୧୧୪୭**

## ପାଠକ ଶ୍ରେଷ୍ଠ ବିଚାରକ

### ଅଠରନଳା ଅବହେଳିତ କାହିଁକି

ମହାଶୟ,

ଶ୍ରୀକ୍ଷେତ୍ରରେ ମହାପ୍ରଭୁଙ୍କୁ ଦର୍ଶନ ନିମନ୍ତେ ବହୁ ତୀର୍ଥଯାତ୍ରୀଙ୍କ ଗମନାଗମନ ପାଇଁ ପୁରୀର ପ୍ରବେଶପଥରେ କେଉଁ କାଳରୁ ଭାର୍ଗବୀର ଶାଖା ମୂଷାନଈ ଉପରେ ୧୮ ନଳା ବିଶିଷ୍ଟ ପୋଲ ନିର୍ମିତ ହୋଇଥିଲା। କାଳର ଅବକ୍ଷୟ ନୀତିରେ ଏବେ ନିରାପଦ ନ ଥିବାରୁ ସାମୟିକ ଭାବେ ଏହା ସନ୍ନିକଟ ଏକ ବୁଲାଣି ବାଟରେ ଯାନବାହନ ସବୁ ଲୋକମାନଙ୍କର ଯିବାଆସିବା ଚାଲିଛି । ଦିନକୁ ଦିନ ଦର୍ଶନାର୍ଥୀଙ୍କ ସଂଖ୍ୟା ଏବଂ ଯାନବାହନ ବୃଦ୍ଧି ପାଉଥିବାରୁ ଏହି କାମଚଳା ବ୍ୟବସ୍ଥା କେତେକାଳ ଚାଲୁ ରହିବ ତାହା ଜନସାଧାରଣଙ୍କୁ ଅଜଣା । ପ୍ରଶାସନର ମଧ୍ୟ ବିକଳ୍ପ ବ୍ୟବସ୍ଥା ନିମନ୍ତେ ଚିନ୍ତା ନାହିଁ ବୋଲି ଜଣାପଡୁଛି । 'କାମ ଚଳୁଛି ତ ଚଳୁ' ନୀତିରେ ବର୍ଷ ପରେ ବର୍ଷ ଅତିବାହିତ ହେଉଛି । ସେହିପରି ମୂଷା ନଦୀରେ ଜଳପ୍ରବାହ ରହିତ ଯୋଗୁ କଟକୀ ଦଳ ଭର୍ତ୍ତି ହୋଇ ମଶା ବଢ଼ିବାରେ ଲାଗିଛି। ଏହାର କେତେକାଂଶରେ ଜବରଦଖଲ ହୋଇ ନିର୍ମାଣ କାର୍ଯ୍ୟ ହେଉଛି ବୋଲି ଗଣମାଧ୍ୟମରେ ପ୍ରକାଶ ପାଉଛି । ଯଦି ଅଠରନଳା ଐତିହ୍ୟ ରୂପେ ସଂରକ୍ଷିତ ରହିବ ତେବେ ନୂତନ ପୋଲ ନିର୍ମାଣ ହେଉ ନାହିଁ କାହିଁକି ? ରାଜ୍ୟ ସରକାର ଏ ବିଷୟକୁ ଗୁରୁତ୍ୱର ସହିତ ବିଚାର କରି ପଦକ୍ଷେପ ନିଅନ୍ତୁ।

**–ହରମୋହନ ମହାନ୍ତି, ଦଉତୋଟା, ପୁରୀ**

## ଚିରନ୍ତନୀ

ପଉଷ ପଥ ଉତ୍ତରା ହେ
ଉତ୍ତରୀୟ ତବ
ଉଡ଼ାଇ ଦେଲେ ଅଖିଳ ପ୍ରାଣେ
ଲଗାଅ ଅନୁଭବ
ଜଡ଼ର ଦେହେ ଜଗାଇ ନବ
ସ୍ପନ୍ଦନ ହେ ସ୍ପନ୍ଦନ
ପଉଷ–ଶେଷ ସନ୍ଧ୍ୟା ଘେନ
ବନ୍ଦନ !
–(ପଉଷ ସନ୍ଧ୍ୟା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ପ୍ରମାଣ ଅଭାବରୁ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

**ଭବାନୀପାଟଣା,୩୦।୭(ଉତ୍ତମ କୁମାର ଦାଶ)**

ଭବାନୀପାଟଣା ସଦର ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବଳାତ୍କାର ଓ ଅପହରଣ ଅଭିଯୋଗ ମାମଲାର ବୁଧବାର ଶୁଣାଣି କରି ଭବାନୀପାଟଣା ପୋକ୍ସୋ ସ୍ୱତନ୍ତ୍ର ବିଚାରପତି ରାଜୀବ ଲୋଚନ ସାହୁ ଅଭିଯୁକ୍ତ ଦୁଷ୍ମନ୍ତ ନିଆଲଙ୍କୁ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ସୂଚନାଯୋଗ୍ୟ, ଗତ ମାର୍ଚ୍ଚ ୧୨ ତାରିଖରେ ଜଣେ ନାବାଳିକାଙ୍କୁ ବଳାତ୍କାର ଓ ଅପହରଣକୁ ନେଇ ଭବାନୀପାଟଣା ସଦର ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ଏହି ଘଟଣାରେ ପୋଲିସ ଅଭିଯୁକ୍ତଙ୍କୁ ଭାରତୀୟ ନ୍ୟାୟ ସଂହିତାର ଧାରା ୧୩୭ (୨), ୬୪ (୨)(ଏମ), ୬୫ (୧) ଏବଂ ପୋକ୍ସୋ ଆଇନର ଧାରା ୬ ଅନୁଯାୟୀ କୋର୍ଟ ଚାଲାଣ କରିଥିଲା। ଅଭିଯୁକ୍ତ ଦୁଷ୍ମନ୍ତଙ୍କ ପକ୍ଷରୁ ଆଇନଜୀବୀ ପ୍ରକାଶ ଚନ୍ଦ୍ର ସାହୁ ମାମଲା ପରିଚାଳନା କରୁଥିଲେ।

# ଭିଜିଲାନ୍ସ ତଦନ୍ତ ଆରମ୍ଭ

## ଖେଳ ସାମଗ୍ରୀ କ୍ରୟରେ ଦୁର୍ନୀତି ଅଭିଯୋଗ

**ଭବାନୀପାଟଣା,୩୦।୭(ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକରେ ୨୦୨୩-୨୪ ଆର୍ଥିକ ବର୍ଷରେ ପ୍ରତି ପଞ୍ଚାୟତକୁ ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ଯୋଗାଯାଇଥିବା ଖେଳ ସାମଗ୍ରୀରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ସାମ୍ନାକୁ ଆସିଛି। ନିମ୍ନମାନର ସାମଗ୍ରୀ ବଣ୍ଟନ କରାଯାଇଥିବା ଖେଳାଳିମାନେ ଅଭିଯୋଗ ଆଣିଥିଲେ। ବ୍ଲକରେ ୩୪ ପଞ୍ଚାୟତ ରହିଥିବାବେଳେ ପ୍ରତି ପଞ୍ଚାୟତକୁ ଅଢ଼େଇଲକ୍ଷ ଟଙ୍କା ହିସାବରେ ୮୫ଲକ୍ଷ ଟଙ୍କାର କ୍ରୀଡ଼ା ସାମଗ୍ରୀ ବ୍ଲକ ପ୍ରଶାସନ ପକ୍ଷରୁ ଯୋଗାଯାଇଛି। ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ହେଲା କଳାହାଣ୍ଡି ଜିଲା ସମେତ ଓଡ଼ିଶାରେ ଅନେକ ଖେଳ ସାମଗ୍ରୀ ଦୋକାନ ରହିଥିବାବେଳେ ଛତିଶଗଡ଼ ରାଜ୍ୟ ରାୟପୁରର ଏକ ନିର୍ଦ୍ଦିଷ୍ଟ ଦୋକାନରୁ ଏହି ସାମଗ୍ରୀ କିଣାଯାଇଥିଲା। ଏହାକୁ ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଇଥିଲା। ଏହି ଘଟଣାକୁ ନେଇ



ଭିଜିଲାନ୍ସ ବିଭାଗ ପକ୍ଷରୁ ତଦନ୍ତ କରାଯାଉଛି।

**ପ୍ରଥମେ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା**

ପ୍ରଥମେ ଗତ ଫେବୃଆରୀ ୧୨ରେ ଧରିତ୍ରୀରେ ଏକ ରିପୋର୍ଟ ପ୍ରକାଶ ପାଇଥିଲା। ଏଥିରେ କାଲୋପଲା ପଞ୍ଚାୟତରେ ନିମ୍ନମାନର କ୍ରୀଡା ସାମଗ୍ରୀ ଯୋଗୁ ସ୍ଥାନୀୟ ଖେଳାଳି ପଞ୍ଚାୟତକୁ ଫେରାଇଥିଲେ। ଏହାକୁ ଭିଜିଲାନ୍ସ ଦ୍ୱାରା ତଦନ୍ତ କରିବାକୁ ସାଧାରଣରେ ଦାବି ହୋଇଥିଲା। ଫଳରେ ଗତ ୨ଦିନ ହେଲା ଜୁନାଗଡ଼ ବ୍ଲକର ବିଭିନ୍ନ ପଞ୍ଚାୟତରେ ଏହି ଯୋଜନାରେ ଆସିଥିବା କ୍ରୀଡା ସାମଗ୍ରୀକୁ ତଦନ୍ତ କରୁଛି କଳାହାଣ୍ଡି ଭିଜିଲାନ୍ସ। ମଙ୍ଗଳବାର ପ୍ରଥମ ଦିନରେ ଭିଜିଲାନ୍ସ ବିଭାଗ ଜୁନାଗଡ଼ ବ୍ଲକର ବଣିଜରା, ମାଟିଗାଁ, ବୁଡ଼ିଦର, ତଲଜାରିଙ୍ଗ ପଞ୍ଚାୟତକୁ ଯାଇ ତଦନ୍ତ କରିଥିଲେ। ଦ୍ୱିତୀୟ ଦିନରେ ବୁଧବାର ବଲଦିଆମାଲ, ପଲାସ, କାଲୋପଲା, ମହିଚଲା ଓ ଚାରବାହାଲ ପଞ୍ଚାୟତକୁ ଯାଇ ତଦନ୍ତ କରିଥିବା ଜଣାପଡିଛି। ଏହାକୁ ନେଇ ଅଧିକାରୀ, କର୍ମଚାରୀଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି। ତଦନ୍ତ ବେଳେ ଭିଜିଲାନ୍ସ ଡ଼ିଏସ୍‌ପି ପ୍ରଦୀପ କୁମାର ଆଇନ୍ଦ, ଇନ୍‌ସପେକ୍ଟର ଆଲୋକ କୁମାର ମହାପାତ୍ର, ଷ୍ଟେନୋ ସନ୍ତୋଷ ମହାନ୍ତି ପ୍ରମୁଖ ସାମିଲ ଥିଲେ। ଏ ନେଇ ଭିଜିଲାନ୍ସ ଡ଼ିଏସ୍‌ପି ଆଇନ୍ଦଙ୍କୁ ପଚାରିବାରୁ ବର୍ତ୍ତମାନ ଏହି ଘଟଣାର ତଦନ୍ତ ଚାଲିଛି, ତଦନ୍ତ ଶେଷ ପରେ ଆଗାମୀ ପଦକ୍ଷେପ ନିଆଯିବ ବୋଲି କହିଥିଲେ।

## ଭାରପ୍ରାପ୍ତ ତହସିଲଦାରଙ୍କୁ ଧମକ, ଗାଳିଗୁଲଜ

**ବୌଦ୍ଧ,୩୦।୭(ଅଜିତ କୁମାର ବାରିକ)**

**୩ଜଣଙ୍କ ନାମରେ ଥାନାରେ ମାମଲା**

ବୌଦ୍ଧ ଭାରପ୍ରାପ୍ତ ତହସିଲଦାରଙ୍କୁ ଧମକଚମକ ଦେବା ସହ ଗାଳିଗୁଲଜ କରିଥିବା ନେଇ ବୌଦ୍ଧ ଥାନାରେ ଅଭିଯୋଗ ପରେ ଏକ ମାମଲା ରୁଜୁ ହୋଇଥିବା ଜଣାପଡିଛି। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ମୁତାବକ ଗତ ୨୮ ତାରିଖ ଭାରପ୍ରାପ୍ତ ତହସିଲଦାର ମହମ୍ମଦ ରାଜେ ରସୁଲ କାର୍ଯ୍ୟାଳୟ ମଧ୍ୟରେ କାର୍ଯ୍ୟ କରୁଥିବାବେଳେ ବୌଦ୍ଧ ରାଜନପାଲିର ବିବେକାନନ୍ଦ ସାହୁ,ଏନ୍‌ଏସି ଛକର ସଞ୍ଜିବ ସାହୁ ଓ ବଗିଚାସାହିର ଅଭିଜିତ ମହାପାତ୍ର ତହସିଲ କାର୍ଯ୍ୟାଳୟକୁ ଯାଇଥିଲେ। ବିବେକାନନ୍ଦ ସାହୁ ମାଗିଥିବା ଏକ ମାମଲାର ସାର୍ଟିଫାଏଡ କପି ଦେବାକୁ କହିଥିଲେ। ଏନେଇ ଭାରପ୍ରାପ୍ତ ତହସିଲଦାର ରସୁଲ କୌଣସି କାରଣରୁ ତାଙ୍କର ଆବେଦନ ରିଜେକ୍ଟ ହୋଇଥିବା ଜଣାଇବା ପରେ ବିବେକାନନ୍ଦ ତାଙ୍କୁ କୁଆଡେ ବିଧାୟକଙ୍କ ନାମ କହି ଧମକ ଦେଇଥିବା ସହ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିବା ଅଭିଯୋଗ ହୋଇଛି। ତାଙ୍କ ସହିତ ଯାଇଥିବା ସଞ୍ଜିବ କୁମାର ସାହୁ ଜିଲା ବଜରଙ୍ଗଦଳର ସଭାପତି ବୋଲି ପରିଚୟ ଦେଇ ଜୟ ଶ୍ରୀରାମ କହିବାକୁ ବାଧ୍ୟ ବୋଲି କହିଥିଲେ। ଏହା ସହିତ ତହସିଲଦାର ରସୁଲଙ୍କୁ ଦୁର୍ବ୍ୟବହାର କରିବା ସହ ଗାଳିଗୁଲଜ କରିଥିଲେ ବୋଲି ଅଭିଯୋଗ ହୋଇଛି। ଅନ୍ୟତମ ଯୁବକ ବୌଦ୍ଧ ବଗିଚାସାହିର ଅଭିଜିତ ମହାପାତ୍ର ସେମାନଙ୍କୁ ସମର୍ଥନ କରିଥିବା ନେଇ ଭାରପ୍ରାପ୍ତ ତହସିଲଦାର ମହମ୍ମଦ ରାଜେ ରସୁଲ ବୌଦ୍ଧ ଥାନାରେ ଗତ ୨୯ ତାରିଖରେ ଲିଖିତ ଅଭିଯୋଗ କରିଥିଲେ। ଘଟଣା ଦିନ ତହସିଲଦାରଙ୍କ ପକ୍ଷରୁ ଥାନା ଅଧିକାରୀଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା ଯାଇଥିଲେ ମଧ୍ୟ କୌଣସି ସହାୟତା ମିଳିପାରି ନ ଥିଲା। ଯୁବକମାନଙ୍କ ଭୟରେ ତହସିଲଦାର ସାର୍ଟିଫାଏଡ କପି ପ୍ରଦାନ କରିବା ପରେ ଯୁବକମାନେ ସେଠାରୁ ଚାଲିଯାଇଥିଲେ। ଅଭିଯୋଗ ପାଇବା ପରେ ବୌଦ୍ଧ ଥାନା ପୋଲିସ ଏକ ମାମଲା (ନଂ. ୩୧୮/୨୦୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# ଘରଭଡ଼ା ଆଳରେ ଡକାୟତି, ୫ ଗିରଫ



ବରଗଡ଼ ଜିଲା ଭେଡେନ ଥାନା ତାଲବୁରେଇ (ଭେଡ଼େନ) ଗ୍ରାମରେ ଡକାୟତି ଘଟଣାରେ ଗିରଫ ୫ ଅଭିଯୁକ୍ତ।

**ଭେଡେନ,୩୦।୭(ହୃଷୀକେଶ ଖମାରୀ)**

**ବୃଦ୍ଧ ଦମ୍ପତିଙ୍କ ଘରୁ କରିଥିଲେ ଡକାୟତି**

ବରଗଡ଼ ଜିଲା ଭେଡେନ ଥାନା ତାଲବୁରେଇ (ଭେଡ଼େନ) ଗ୍ରାମର ବୃଦ୍ଧ ଦମ୍ପତିଙ୍କ ଘରୁ ହୋଇଥିବା ଡକାୟତି ଘଟଣାର ପର୍ଦ୍ଦାଫାଶ ହୋଇଛି। ପୋଲିସ ଏଥିରେ ସମ୍ପୃକ୍ତ ୫ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଭେଡ଼େନ ଥାନା ବାଞ୍ଜିପାଲି ଗ୍ରାମର ଦୁଷ୍ମନ୍ତ ମେହେର(୩୧), ବରଗଡ଼ ସଦର ଥାନା ରେଙ୍ଗାଲପାଲି ଗ୍ରାମର ବଳିଷ୍ଠ ଓରଫ ଗହଦୁ ସେଠ(୨୮), ଭୁବନ ଓରଫ୍ ପିଣ୍ଟୁ(୩୭), ଜିତେନ୍ଦ୍ରୀୟ ଓରଫ୍ ଧନ ବନଛୋର(୩୦) ଏବଂ ନୂଆ ସରସରା ଗ୍ରାମର ତୁଷାର ଭୋଇ(୨୫)। ପୋଲିସ ସେମାନଙ୍କ ନିକଟରୁ ଡକାୟତିରେ ବ୍ୟବହୃତ ବାଇକ୍ (ନଂ- ଓଡ଼ି୧୭ଜି ୬୮୩୨), (ନଂ- ଓଡ଼ି୧୭ଆର ୯୮୧୪), ନଗଦ ୪୦ହଜାର ଟଙ୍କା, ଗୋଟିଏ ସୁନା ଚେନ୍, ୪ଟି ମୋବାଇଲ ଜବତ ହୋଇଛି। ସେହିପରି ଅଭିଯୁକ୍ତମାନେ ଡକାୟତି କରିଥିବା ଅନ୍ୟ ୨୯ଗ୍ରାମ ସୁନା ଗହଣାକୁ ଏକ ଘରୋଇ ଋଣ ପ୍ରଦାନକାରୀ ସଂସ୍ଥାରେ ଜମା ଦେଇ ନଗଦ ଟଙ୍କା ଋଣ ନେଇଥିଲେ। ତାକୁ ମଧ୍ୟ ଜବତ କରି ସମ୍ପୃକ୍ତ ଋଣ ପ୍ରଦାନକାରୀ ସଂସ୍ଥାର ପୋଲିସ ଜିମାରେ ଦେଇଥିବା ସୂଚନା ଦେଇଛି।

ସୂଚନା ଅନୁଯାୟୀ, ଗିରଫ ଅଭିଯୁକ୍ତମାନେ ଗତ ୧୦ତାରିଖରେ ପିଣ୍ଟୁଙ୍କ ରେଙ୍ଗାଲପାଲିସ୍ଥିତ ମଦ ଦୋକାନରେ ଏକାଠି ହୋଇଥିଲେ। ଅଭିଯୁକ୍ତ ଦୁଷ୍ମନ୍ତ ତାଲବୁରେଇ ଗ୍ରାମରେ ବୃଦ୍ଧ ଅନ୍ତର୍ଯ୍ୟାମୀ ମେହେର ସ୍ତ୍ରୀଙ୍କ ସହିତ ଏକାକୀ ଥିବା କହିଥିଲେ। ସେଠାରୁ ଅନ୍ତର୍ଯ୍ୟାମୀଙ୍କ ଘରେ ଡକାୟତି କରିବା ପାଇଁ ଅଭିଯୁକ୍ତମାନେ ଯୋଜନା ପ୍ରସ୍ତୁତ କରିଥିଲେ। ଯୋଜନା ମୁତାବକ ପ୍ରଥମେ ଅଭିଯୁକ୍ତ ପିଣ୍ଟୁ ଏବଂ ତୁଷାର ଘରଭଡ଼ା ନେବା ଆଳରେ ଅନ୍ତର୍ଯ୍ୟାମୀଙ୍କ ଘରକୁ ଆସିଥିଲେ। ତେବେ ଅନ୍ତର୍ଯ୍ୟାମୀ ଘରଭଡ଼ା ଦେବାକୁ ମନା କରି ଦେବାରୁ ସେମାନେ ଫେରି ଯାଇଥିଲେ। ପରେ ରାତି ପ୍ରାୟ ୯ଟାରେ ଅନ୍ୟ ୨ଅଭିଯୁକ୍ତ ଅନ୍ତର୍ଯ୍ୟାମୀଙ୍କ ଘରକୁ ପହଞ୍ଚିଥିଲେ। ଘରଭଡ଼ା ପାଇଁ ଅନ୍ୟଜଣଙ୍କ ମୋବାଇଲ ଫୋନ ନମ୍ବର ଦେବା ସହିତ ପାଣି ପିଇବାକୁ ମାଗିଥିଲେ। ତେବେ ଅନ୍ତର୍ଯ୍ୟାମୀ ପାଣି ପିଇବାକୁ ଦେଇଥିଲେ ଏବଂ ପାଣି ବୋତଲ ଫେରାଇ ନେଉଥିବା ସମୟରେ ଅଭିଯୁକ୍ତମାନେ ଘର ଭିତରକୁ ପଶି ଛୁରୀରେ ଭୟଭୀତ କରି ଘରେ ଥିବା ସୁନା ଗହଣା ଏବଂ ଟଙ୍କା ଦେବାକୁ କହିଥିଲେ। ବୃଦ୍ଧ ଦମ୍ପତି ଭୟଭୀତ ହୋଇ ୪୦ହଜାର ଟଙ୍କା, ସୁନା ଗହଣା, ମୋବାଇଲ, ବ୍ୟାଙ୍କ ପାସବୁକ୍ ଆଦି ଅଭିଯୁକ୍ତମାନଙ୍କୁ ଦେଇଥିଲେ। ପରେ ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲେ। ଏନେଇ ଅନ୍ତର୍ଯ୍ୟାମୀ ଭେଡ଼େନ ଥାନାରେ ଏତଲା ଦେଇଥିଲେ। ଗିରଫ ଅଭିଯୁକ୍ତ ଭେଡ଼େନ, ବରପାଲି, ଭଟଲି, ବରଗଡ଼ ସଦର ଏବଂ ବରଗଡ଼ ଟାଉନ ଥାନାର ଏକାଧିକ ମାମଲାରେ ସମ୍ପୃକ୍ତ ଥିବା ପୋଲିସ ସୂଚନା ଦେଇଛି।

## ଶିକ୍ଷୟିତ୍ରୀଙ୍କୁ ଅସଦାଚରଣ ଅଭିଯୋଗ: ଶିକ୍ଷକ ନିଲମ୍ବିତ

**ଲାଠୋର,୩୦।୭(ଭୁବନେଶ୍ୱର ବାରିକ)**

କର୍ମକ୍ଷେତ୍ରରେ ଅନେକ ସମୟରେ କର୍ମଜୀବୀ ମହିଳା ନିର୍ଯାତନାର ଶିକାର ହେଉଛନ୍ତି। ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଟଙ୍କପାଣି କ୍ଲଷ୍ଟର ଅଞ୍ଚଳରେ କାର୍ଯ୍ୟରତ ଜଣେ ଶିକ୍ଷୟିତ୍ରୀ ତାଙ୍କୁ ପ୍ରଧାନ ଶିକ୍ଷକ ଅସଦାଚରଣ କରିବା ସହ ହଇରାଣ ହରକତ କରୁଥିବାର ଅଭିଯୋଗ ଆଣିଛନ୍ତି। ନ୍ୟାୟ ପାଇବା ପାଇଁ ପୀଡ଼ିତା ଖପ୍ରାଖୋଲ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ଘଟଣାରେ ନିର୍ଯାତନା ଦେଇଥିବା ପ୍ରଧାନଶିକ୍ଷକଙ୍କୁ ଚାକିରିରୁ ନିଲମ୍ବିତ କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ୨୦୨୪ରେ ବାହାର ଜିଲାର ଜଣେ ମହିଳା ଟଙ୍କପାଣି କ୍ଲଷ୍ଟର ଅଧୀନରେ ଥିବା ଏକ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଭାବେ ଯୋଗ ଦେଇଥିଲେ। ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଭିନ୍ନ ସମୟରେ ଶିକ୍ଷୟିତ୍ରୀଙ୍କୁ ହଇରାଣ କରି ଆସୁଥିଲେ। ଏଥିରେ ଅତିଷ୍ଠ ହୋଇ ଶିକ୍ଷୟିତ୍ରୀ ଗତ ୨୧ ତାରିଖରେ ବ୍ଲକ ଶିକ୍ଷା ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ଶିକ୍ଷା ଅଧିକାରୀ ଦୁଇ ଦିନ ପରେ ଅତିରିକ୍ତ ଶିକ୍ଷା ଅଧିକାରୀ ରୁଦ୍ରଦେବ ଷଡ଼ଙ୍ଗୀ, ଖପ୍ରାଖୋଲ ହାଇ ସ୍କୁଲ ପ୍ରଧାନଶିକ୍ଷକ ଇସ୍ପାତ ସୁନା ଏବଂ ଯୋଶବନ୍ତୀ ଶବର ଓ ପୁଷ୍ପାଞ୍ଜଳି ପାତ୍ରଙ୍କୁ ଉକ୍ତ ବିଦ୍ୟାଳୟକୁ ଯାଇ ଘଟଣାର ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ନିର୍ଦ୍ଦେଶ ମୁତାବକ ସମସ୍ତ କର୍ମଚାରୀ ଘଟଣାର ତଦନ୍ତ କରି ବ୍ଲକ ଶିକ୍ଷା ଅଧିକାରୀଙ୍କୁ ସମସ୍ତ ତଥ୍ୟ ପ୍ରଦାନ କରିଥିଲେ। ଘଟଣା ବିଷୟରେ ବ୍ଲକ ଶିକ୍ଷା ଅଧିକାରୀ ଅବଗତ ହେଲା ପରେ ସଂପୃକ୍ତ ପ୍ରଧାନ ଶିକ୍ଷକଙ୍କୁ ମଙ୍ଗଳବାର ଚାକିରିରୁ ନିଲମ୍ବିତ କରି ଅନ୍ୟ ବିଦ୍ୟାଳୟକୁ ବଦଳି କରିଥିବା ଜଣାପଡ଼ିଛି।

# ସରପଞ୍ଚଙ୍କ ସମେତ ୭ଚାଷୀଙ୍କ ନାମରେ ମାମଲା

**ସୋନପୁର/ତରଭା,୩୦।୭**
**(ମୃତ୍ୟୁଞ୍ଜୟ ଶତପଥୀ/ମାନଭଞ୍ଜନ ମିଶ୍ର)**

**ଏସିଏସଓ, ଏଆରସିଏସ୍‌ଙ୍କୁ ମାଡ ମହଙ୍ଗା ପଡିଲା**

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ସମ୍ମୁଖରେ ଗତ ସୋମବାର ସୋନପୁର ସଦର ଅତିରିକ୍ତ ଯୋଗାଣ ଅଧିକାରୀ(ଏସିଏସଓ) ରେବତୀ ସିଂ ନାୟକ ଓ ସୋନପୁର ସହକାରୀ ନିବନ୍ଧକ ସମବାୟ ସମିତି ସମୂହ(ଏଆରସିଏସ୍) ପାଣ୍ଡୁ ଚରଣ ସାହୁଙ୍କୁ ମାଡ ହୋଇଥିଲା। ମରାଡୁଗୋଛା ପଞ୍ଚାୟତର ସରପଞ୍ଚ ମନମୋହନ ସାହୁଙ୍କ ନେତୃତ୍ୱରେ ଶତାଧିକ ଚାଷୀ ଆନ୍ଦୋଳନ କରୁଥିବା ବେଳେ ଆଲୋଚନା ପାଇଁ ଆସିଥିବା ୨ ଅଧିକାରୀଙ୍କୁ ଧକ୍କା ମରିବା ସହ ଗାଳିଗୁଲଜ କରାଯାଇଥିଲା। ଏହି ଘଟଣାରେ ମଙ୍ଗଳବାର ରାତିରେ ଏସିଏସଓ ରେବତୀ ସିଂ ନାୟକ ଓ ଏଆରସିଏସ ପାଣ୍ଡୁ ଚରଣ ସାହୁ ତରଭା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ନାୟକଙ୍କ ଅଭିଯୋଗକ୍ରମେ ପୋଲିସ ମରାଡୁଗୋଛା ସରପଞ୍ଚ ତଥା ମରାଡୁଗୋଛା ଗ୍ରାମର ମନମୋହନ, ବୌଦ୍ଧ ଜିଲା କଣ୍ଟାମାଳ ଥାନା ଛେପାପାଲି ଗ୍ରାମର ରବି ସାହୁ, ତରଭା ଥାନା ବନକେଡା ଗ୍ରାମର ଜୟଚନ୍ଦ୍ର ଭୋଇ, ବେକୁଣ୍ଠ ସା, ତରଭା ଥାନା ଗୁହୁରିଆଘାଟର ପ୍ରକାଶ ଡାଙ୍ଗ, ବାସୁଦେବ ସାହୁ, ବ୍ରାହ୍ମଣୀ ଗ୍ରାମର ଶଙ୍କର୍ଷଣ ସାହୁ ଓ ଅନ୍ୟମାନଙ୍କ ନାମରେ ମାମଲା ରୁଜୁ କରିଛି। ଚାଷୀଙ୍କ ନାମରେ ସରକାରୀ କାର୍ଯ୍ୟରେ ବାଧା ସୃଷ୍ଟି କରିବା, ମାଡ ମାରିବା, ଅଭଦ୍ର ଭାଷାରେ ଗାଳିଗୁଲଜ କରି ଅପମାନିତ କରିବା ଭଳି ଅଭିଯୋଗ ରହିଛି। ତରଭା ଆଇଆଇସି ଅନିତା କିଡୋ ମାମଲାର ତଦନ୍ତ କରୁଛନ୍ତି।

ସୂଚନା ଅନୁଯାୟୀ ଗତ ୨୦୨୪-୨୫ ରବି ଋତୁ ଧାନ କିଣାରେ ମରାଡୁଗୋଛା ପାକ୍ସରେ ଅନିୟମିତତା ନେଇ ପଞ୍ଚାୟତର ସରପଞ୍ଚ ମନମୋହନ ସାହୁ, ଚାଷୀ, ସଭ୍ୟ ଓ ଜନସାଧାରଣଙ୍କ ପକ୍ଷରୁ ପ୍ରଶାସନ ନିକଟରେ ଅଭିଯୋଗ ହୋଇଥିଲା। ଜୁନ୍ ୩୦ରେ ଧାନ କିଣା ସରିଥିଲା ବେଳେ କେତେଜଣ ଚାଷୀଙ୍କର ଅଧିକ ଧାନ ପରିମାଣ ଟୋକନ ଥାଇ ସୁଦ୍ଧା କମ୍ ପରିମାଣ ଧାନ ପି-ପାସ ପ୍ରକ୍ରିୟାରେ ସରକାରୀ ଭାବେ କ୍ରୟ କରାଯାଇଛି। ଆଉ କେତେକ ଚାଷୀ ସିଧାସଳଖ ନିଜସ୍ୱ ଗାଡିରେ ବ୍ୟବସ୍ଥା କରି ବିଭିନ୍ନ ମିଲର୍ସଙ୍କ ମିଲ୍‌କୁ ଧାନ ପଠାଇଥିଲେ। ଏଭଳି ସ୍ଥିତିରେ ଅନେକ ଚାଷୀ ନିଜର ପ୍ରାପ୍ୟ ପାଇନାହାନ୍ତି। ଏପରିକି ସମିତିର ସମ୍ପାଦକ ଋଣ କାରବାର, ସାର କାରବାର ଓ ଧାନ କ୍ରୟ ସମୟରେ ଉତ୍କୋଚ ଦାବି କରିବା ଭଳି ସଙ୍ଗୀନ ଅଭିଯୋଗ ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ ହୋଇଥିଲା। ଏହାର ତଦନ୍ତ ପାଇଁ ପ୍ରାକ୍ତନ ଜିଲାପାଳ ତରଭା ତହସିଲଦାରଙ୍କ ତତ୍ତ୍ୱାବଧାନରେ ଏକ ଯୁଗ୍ମ କମିଟି ଗଠନ କରିଛନ୍ତି। ତେବେ କମିଟିର ତଦନ୍ତରେ ବିଳମ୍ବ ପ୍ରତିବାଦରେ ଚାଷୀମାନେ ସୋମବାର ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି ଚାଲିଥିବା ବେଳେ ବାହାରେ ଧାରଣା ଦେଇଥିଲେ। ବୁଝାଶୁଝା କରିବା ପାଇଁ ଏଆରସିଏସ ସାହୁ ଓ ଏସିଏସଓ ନାୟକ ଉଦ୍ୟମ କରୁଥିବା ବେଳେ କେତେଜଣ ଚାଷୀ ଦୁଇ ଅଧିକାରୀଙ୍କ ଧକ୍କା ମାରିବା ସହ ଗାଳିଗୁଲଜ କରିଥିଲେ।

## ଛାତ୍ରୀଛାତ୍ରଙ୍କ ଶୈକ୍ଷିକ ଓ ନୈତିକ ବିକାଶ ଉପରେ ଗୁରୁତ୍ୱ

**ଲାଠୋର,୩୦।୭(ଭୁବନେଶ୍ୱର ବାରିକ)**

**ଅଭିଭାବକ ଶିକ୍ଷକ ଓ ପରିଚାଳନା କମିଟି ବୈଠକ**

ଖପ୍ରାଖୋଲ ବ୍ଲକ କରୁଆଁଝର ପଞ୍ଚାୟତ ସଦର ଗ୍ରାମରେ ଥିବା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅଚ୍ୟୁତାନନ୍ଦ ସାହୁଙ୍କ ଅଧ୍ୟକ୍ଷତାରେ ବୁଧବାର ଅଭିଭାବକ ଶିକ୍ଷକ ଓ ବିଦ୍ୟାଳୟ ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକ ଶିକ୍ଷାଗତ ବିକାଶ ଉପରେ ଆଧାରିତ ଥିଲା। ପ୍ରଧାନଶିକ୍ଷକ ସାହୁ ତାଙ୍କ ବକ୍ତବ୍ୟରେ ଛାତ୍ରୀଛାତ୍ରଙ୍କ ଶୈକ୍ଷିକ ଏବଂ ନୈତିକ ବିକାଶ କରିବାରେ ମାତା ପିତା ଓ ଶିକ୍ଷକଙ୍କ ସକ୍ରିୟ ଅଂଶଗ୍ରହଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଶିକ୍ଷକ ଆକାଶ କୁମାର ସାହୁ ବୈଠକ ପରିଚାଳନା କରି ବିଦ୍ୟାଳୟ ଓ ଘର ମଧ୍ୟରେ ଉତ୍ତମ ଯୋଗାଯୋଗ, ଛାତ୍ରୀଛାତ୍ରଙ୍କ ନିୟମିତ ଉପସ୍ଥିତି, ବିଦ୍ୟାଳୟ କାର୍ଯ୍ୟକଳାପରେ ମାତାପିତାଙ୍କ ଉପସ୍ଥିତି ଉପରେ ଆଲୋକପାତ କରିଥିଲେ। ଏଥିସହିତ ଶୈକ୍ଷିକ ପ୍ରଦର୍ଶନ, ଆଗାମୀ ପରୀକ୍ଷାରେ ଛାତ୍ରୀଛାତ୍ରଙ୍କ ପ୍ରଗତି, ଶୈକ୍ଷିକ ମାନଦଣ୍ଡ ଉନ୍ନତ କରିବା, ସରକାରଙ୍କ ବିଭିନ୍ନ ଯୋଜନା ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ଶିକ୍ଷୟିତ୍ରୀ ସ୍ୱରୂପା ହୋତା, ସୁନୀତା ନନ୍ଦ, ଶିକ୍ଷକ ଦେବାଶିଷ ସାହୁ, ସତ୍ୟବାନ ସାହୁ, ଫକୀର ରଣା, କୃଷ୍ଣଚନ୍ଦ୍ର ଭୁଏ, ଜିତେନ୍ଦ୍ର ସର୍ଭଙ୍ଗ, ନୀଳାମ୍ବର କୁମ୍ଭାର, ଜଗବନ୍ଧୁ ନାଗ ପ୍ରମୁଖ ନିଜର ମତାମତ ରଖିଥିଲେ।

## ଅକ୍ଟୋବର ସୁଦ୍ଧା ଝୁଲେନ ସେତୁ କାର୍ଯ୍ୟକ୍ଷମ ହେବ

**କୁଚିଣ୍ଡା, ୩୦।୭(ବିରଞ୍ଚି ଦର୍ଶୀ)**

ସମ୍ବଲପୁର ଜିଲା କୁଚିଣ୍ଡା ଖର୍ଲାନଦୀ ଉପରେ ନିର୍ମାଣାଧୀନ ଝୁଲେନ ସେତୁ ପରଦର୍ଶନରେ ଯାଇ ସ୍ଥିତି ସମୀକ୍ଷା କରଛନ୍ତି ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ । ବ୍ରିଟଶ ଅମଳ ତଥା ବାମଣ୍ଡା ରାଜାଙ୍କ ସମୟରେ ନିର୍ମିତ କୁଚିଣ୍ଡା ଦେଇ ପ୍ରବାହିତ ଖର୍ଲା ନଦୀ ଉପରେ ଝୁଲେନ ସେତୁ ପାର୍ଶ୍ୱରେ ନୂତନ ସେତୁ କାର୍ଯ୍ୟର ଅଗ୍ରଗତି ନେଇ ମଙ୍ଗଳବାର ଜିଲାପାଳ ଓ ବିଭାଗୀୟ ଅଧିକାରୀଙ୍କ ସହ କାର୍ଯ୍ୟ ପରିଦର୍ଶନରେ ଯାଇ ସମୀକ୍ଷା ଓ ଆଲୋଚନା କରିଥିଲେ। ନିର୍ମାଣାଧୀନ ସେତୁ ପ୍ରକଳ୍ପ କାର୍ଯ୍ୟ କିଭଳି ଶୀଘ୍ର ସମ୍ପୂର୍ଣ୍ଣ ହେବ ସେନେଇ ମନ୍ତ୍ରୀ ନାଏକ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା ପରେ ଅକ୍ଟୋବର ସୁଦ୍ଧା ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ ବୋଲି କହଛନ୍ତି। ଏତଦ୍ ବ୍ୟତୀତ ଅଞ୍ଚଳର କୃଷିର ବିକାଶ ପାଇଁ ଜାତୀୟ ରାଜପଥ ଉପରେ ଥିବା ସେତୁରେ ଏକ ଆନିକଟ କରି ଏହାର ସଂରକ୍ଷିତ ଜଳର ସୁବିନିଯୋଗ ନିମନ୍ତେ ଯୋଜନା ଥିବା ନାଏକ କହିଛନ୍ତି।

# ଉନ୍ନୟନ କାର୍ଯ୍ୟର ତଦାରଖ କଲେ ସଚିବ



ବୌଦ୍ଧ ଜିଲା ସଂଗ୍ରହାଳୟ ପରିସରରେ ସଚିବ ଓ ଜିଲାସ୍ତରୀୟ ଅଧିକାରୀ।

**ବୌଦ୍ଧ,୩୦।୭(ଅଜିତ କୁମାର ବାରିକ)**

**ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ସଚିବଙ୍କ ବୌଦ୍ଧ ଗସ୍ତ**

ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ସଚିବ ତଥା ବୌଦ୍ଧ ଜିଲା ନୋଡାଲ ଅଫିସର ଡ. ବିଜୟ କେତନ ଉପାଧ୍ୟାୟ ଦୁଇଦିନିଆ ବୌଦ୍ଧ ଜିଲା ଗସ୍ତ କରି ବିଭିନ୍ନ ଉନ୍ନୟନ କାର୍ଯ୍ୟ ବୁଲି ଦେଖିଥିଲେ। ସଚିବ ଉପାଧ୍ୟାୟ ବୁଧବାର ସର୍ବପ୍ରଥମେ ଜିଲା ସଂଗ୍ରହାଳୟ ପରିଦର୍ଶନ କରିବା ସହ ଏହା ଉପରେ ଅଧିକାରୀଙ୍କଠାରୁ ବୁଝିଥିଲେ। ସାଇତି ରଖାଯାଇଥିବା ପୁରାତନ ଜିନିଷ ଦେଖି ଖୁସି ବ୍ୟକ୍ତ କରିଥିଲେ। ଏହା ସହ ସଂଗ୍ରହାଳୟର ସଂରକ୍ଷଣ ପାଇଁ ଓ ସୌନ୍ଦର୍ଯ୍ୟକରଣ ପାଇଁ ଡିପିଆର ପ୍ରସ୍ତୁତ କରିବାକୁ କହିଥିଲେ। ଏହା ପରେ ସଚିବ ଜିଲାର ହରଭଙ୍ଗା ବ୍ଲକର ସରସରା ପଞ୍ଚାୟତର ମାଉଲସିଙ୍ଗା ଗ୍ରାମର ଅଙ୍ଗନୱାଡି କେନ୍ଦ୍ର ପରିଦର୍ଶନ କରି ମା' ଓ ଶିଶୁଙ୍କ ସ୍ୱାସ୍ଥ୍ୟ, ଖାଦ୍ୟ, ପିଲାଙ୍କୁ ଦିଆଯାଉଥିବା ଖାଦ୍ୟର ମାନ, ରୋଷେଇଘରର ସ୍ୱଚ୍ଛତା, ପାଠପଢା, ସୁଭଦ୍ରା ଯୋଜନା ଉପରେ ପଚାରି ବୁଝିଥିଲେ। ଅଙ୍ଗନୱାଡି କେନ୍ଦ୍ରରେ ଶିଶୁମାନଙ୍କ ସହ କିଛି ସମୟ ବାର୍ତ୍ତାଳାପ କରିଥିଲେ। ସେଠାରୁ ନକୁଆନାଳି ଗ୍ରାମରୁ ବୌଦ୍ଧ ବ୍ଲକର ଯୋଗିଭୋଗରା ଗ୍ରାମକୁ ସଂଯୋଗ କରୁଥିବା ନିର୍ମାଣଧିନ ସେତୁ ଓ ଉଭୟ ପାର୍ଶ୍ୱର ରାସ୍ତା ଦେଖିବା ସହ କାର୍ଯ୍ୟ ଉପରେ ତଦାରଖ କରିଥିଲେ। ସେତୁଗୁଡିକ ନିର୍ଦ୍ଧାରିତ ସମୟରେ ସାରିବାକୁ କହିଥିଲେ। ନକୁଆନାଳିଠାରୁ ହରଭଙ୍ଗା ବ୍ଲକର ରାୟପୁର ଗ୍ରାମକୁ ଯାଇ ବିଜୁ ଗ୍ରାମ୍ୟଜ୍ୟୋତି ଯୋଜନାର କାର୍ଯ୍ୟ ଉପରେ ତଦାରଖ କରିଥିଲେ। ବୃନ୍ଦାବନପୁରଠାରେ ଶିଶୁ ଗୃହ ପରିଦର୍ଶନ, ବୀରନରସିଂହପୁରଠାରେ ଥିବା ରାମକୃଷ୍ଣ ବାଳାଶ୍ରମ ପରିଦର୍ଶନ କରି ଶିଶୁମାନଙ୍କ ଯତ୍ନ ଉପରେ ଗୁରୁତ୍ୱ ଦେବା ସହ ହଷ୍ଟେଲ କାର୍ଯ୍ୟ ଶୀଘ୍ର ସାରିବାକୁ କହିଥିଲେ। ଏହାପରେ ଲଇଗାଁରେ ଅନ୍ତୋଦ୍ୟ ଗୃହ ଯୋଜନା ଦେଖିଥିଲେ। ସେଠାରୁ ବଡବନ୍ଧ ବାଳିକା ଉଚ୍ଚ ବିଦ୍ୟାଳୟ ଓ ବୌଦ୍ଧ ଠାରେ ଥିବା ଆହାର କେନ୍ଦ୍ର ପରିଦର୍ଶନ କରି ଖାଦ୍ୟରମାନ ପରଖି ଥିଲେ। ପରିଦର୍ଶନ ସମୟରେ ଜିଲାପାଳ ବିଭୂତିଭୂଷଣ ନାୟକ, ଅତିରିକ୍ତ ଜିଲାପାଳ ଅନିରୁଦ୍ଧ ପଧାନ, ଜିଲାପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ଉପଜିଲାପାଳ ବିନୟ କୁମାର ଭୋଇ, ହରଭଙ୍ଗା ବିଡିଓ ଶରତ ଚନ୍ଦ୍ର ସେଠି, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରୀତାକାନ୍ତି ବଳିଆରସିଂ ଉପସ୍ଥିତ ଥିଲେ।

**MAA MANIKESHWARI UNIVERSITY**
MANIKYA VIHAR, BHAWANIPATNA, KALAHANDI, ODISHA - 766001
**WALK IN INTERVIEW**
No.2943 Date : 29.07.2025
A Walk-in-Interview will be conducted for temporary posts of Contractual Assistant Professor / Faculty in the Self Financing disciplines of BCA / BBA / Computer Science / B.Ed. (English/ Odia) on 7th August 2025 at 10.00 A.M. Eligible candidates may appear for the interview with all original testimonials and a set of photocopies. For eligibility criteria and other details, please visit https://kalahandiuniversity.ac.in/.
No TA/DA will be provided for attending the interview.
Sd./- REGISTRAR

**PARADIP PORT AUTHORITY**
No.CE/PRD/ACCTS-14/25/295, dtd. 25.07.2025
**e-TENDER CALL NOTICE**
Name of the work : Construction of Compound Wall, drain adjacent to PMR and along RRS-I&II Railway Tracks at MCHP area (Balance work).
Estimated Cost : Rs.2,83,44,700.94.
Last Date & time of submission : 16.08.2025 up to 17:00 Hrs.
Refer our website for details : eprocure.gov.in/eprocure/app
Executive Engineer, PRD, PPA
PPA/PR/31/2025-2026, dt.30/07/2025

ଭାରତ ସରକାର
କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ
ଦ୍ରୁତ କର୍ପୋରେଟ୍ ସମାପନ ପ୍ରକ୍ରିୟାକରଣ କେନ୍ଦ୍ର (ସି-ପେସ୍), ଆଇ.ଆଇ.ସି.ଏ. ବିଲ୍ଡିଂ, ୭ମ ମହଲା, ପ୍ଲଟ୍-ପି ୬, ୭, ୮, ସେକ୍ଟର-୫, ଆଇ.ଏମ୍.ଟି. ମାନେସର, ଗୁଡ୍‌ଗାଓଁ, ହରିୟାଣା - ୧୨୨୦୫୦
ଇମେଲ୍: roc.cpace@mca.gov.in

सत्यमेव जयते

Government of India
Ministry of Corporate Affairs
Centre for Processing Accelerated Corporate Exit (C-PACE),
IICA Building, 7th Floor,
Plot P- 6, 7, 8, Sector-5,
IMT Manesar,
Gurgaon, Haryana - 122050
Email: roc.cpace@mca.gov.in

ଫର୍ମ ନଂ. ଏସ୍‌ଟିକେ-୬
**ସର୍ବସାଧାରଣ ବିଜ୍ଞପ୍ତି**
[କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୪୮ର ଉପ-ଧାରା (୨) ଏବଂ ଉପ-ଧାରା (୪) ତଥା କମ୍ପାନୀ (କମ୍ପାନୀ ରେଜିଷ୍ଟରରୁ କମ୍ପାନୀଗୁଡ଼ିକର ନାମ ହଟାଇବା) ନିୟମାବଳୀ, ୨୦୧୬ର ନିୟମ ୭ ଅନୁଯାୟୀ]

ସର୍ବସାଧାରଣ ନୋଟିସ: ଆରଓସି/ସି-ପେସ୍/ଏସ୍‌ଟିକେ-୨/୨୪୮(୨)/୨୦୨୫-୨୬/୯୦୫ ତାରିଖ:- ୨୨।୦୭।୨୦୨୫
ସନ୍ଦର୍ଭ: କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୪୮ ଅଧୀନରେ ଓଡ଼ିଶା ରାଜ୍ୟରେ (୨)ଟି କମ୍ପାନୀର ନାମକୁ କାଟିବା ବା ହଟାଇବା ମାମଲାରେ:

| କ୍ର.ସଂ. | ୱାର୍କ ଆଇଟମ୍ | ସିଆଇଏନ୍ | କମ୍ପାନୀର ନାମ |
|---|---|---|---|
| ୧ | ଏବି୪୨୩୭୫୭୨ | ୟୁ୧୪୨୯୧ଓଆର୍୧୯୮୯ପିଏଲ୍‌ସି୦୦୨୧୫୬ | ଜିଇଏମ୍ କର୍ପୋରେଶନ୍ ଅଫ୍ ଓଡ଼ିଶା ଲିମିଟେଡ୍ |
| ୨ | ଏବି୪୬୯୪୬୦୯ | ୟୁ୨୨୩୦୦ଓଆର୍୨୦୨୨ପିଟିସି୦୩୯୦୫୭ | ମା' ଦୁର୍ଗା ମିଡିଆ ପ୍ରାଇଭେଟ୍ ଲିମିଟେଡ୍ |

୨. ଏତଦ୍ୱାରା ନୋଟିସ ଦିଆଯାଉଛି ଯେ କମ୍ପାନୀ ନିବନ୍ଧକ କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୪୮(୨) ଅଧୀନରେ ଉପରଦର୍ଶିତ କମ୍ପାନୀଗୁଡ଼ିକଠାରୁ ନିମ୍ନଲିଖିତ କୌଣସି କାରଣ ପାଇଁ ଏହାର/ସେମାନଙ୍କର ନାମ(ଗୁଡ଼ିକ)କୁ କମ୍ପାନୀ ରେଜିଷ୍ଟରରୁ ହଟାଇବା ଲାଗି ଦରଖାସ୍ତ ପ୍ରାପ୍ତ କରିଛନ୍ତି। ସମ୍ପୃକ୍ତ କମ୍ପାନୀ(ଗୁଡ଼ିକ) ସେମାନଙ୍କର ନିଗମୀକରଣ ତାରିଖଠାରୁ ୧ ବର୍ଷ ମଧ୍ୟରେ ବ୍ୟବସାୟ ଆରମ୍ଭ କରିବାରେ ବିଫଳ ହୋଇଛନ୍ତି କିମ୍ବା ଠିକ୍ ଦୁଇଟି ପୂର୍ବବର୍ତ୍ତୀ ଆର୍ଥିକବର୍ଷରେ କୌଣସି ବ୍ୟବସାୟ କିମ୍ବା କାର୍ଯ୍ୟ ସଞ୍ଚାଳନ କରିନାହାନ୍ତି ଏବଂ ଏପରି ଅବଧିରେ କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୪୫୫ ଅଧୀନରେ ଏକ ନିଷ୍କ୍ରିୟ କମ୍ପାନୀର ସ୍ଥିତି ହାସଲକରିବା ପାଇଁ କୌଣସି ଆବେଦନ(ଗୁଡ଼ିକ) କରିନାହାନ୍ତି କିମ୍ବା କମ୍ପାନୀ(ଗୁଡ଼ିକ) ନିଷ୍କ୍ରିୟ କମ୍ପାନୀର ସ୍ଥିତି ହାସଲ କରିଛନ୍ତି/କମ୍ପାନୀର ନିଗମୀକରଣ ସମୟରେ ସେମାନେ ଘୋଷଣା କରିଥିବା ସବ୍‌ସ୍କ୍ରିପ୍ସନକୁ ମେମୋରାଣ୍ଡମ୍ ଅନୁଯାୟୀ ସବ୍‌ସ୍କ୍ରାଇବରମାନଙ୍କୁ ପୈଠ କରିନାହାନ୍ତି ଏବଂ ଧାରା ୧୦ଏ'ର ଉପଧାରା (୧) ଅଧୀନରେ ଏହାର ନିଗମୀକରଣର ଏକଶହ ଅଶୀ ଦିନ ମଧ୍ୟରେ ଏ ବାବଦରେ ଘୋଷଣା ଦାଖଲ କରାଯାଇନାହିଁ/ଧାରା ୧୨ର ଉପ-ଧାରା (୯) ଅଧୀନରେ ସଞ୍ଚାଳିତ ଭୌତିକ ଯାଞ୍ଚ ସମୟରେ ଏହା ସ୍ପଷ୍ଟ ହୋଇଛି ଯେ ସେମାନଙ୍କ କୌଣସି ବ୍ୟବସାୟ/କାର୍ଯ୍ୟ ସଞ୍ଚାଳନ କରୁନାହାନ୍ତି, କିନ୍ତୁ ଏହା/ସେମାନେ କମ୍ପାନୀ ଭାବେ ଏହାର/ସେମାନଙ୍କର ପଞ୍ଜୀକରଣକୁ ଜାରି ରଖିବାକୁ ଚାହୁଁନାହାନ୍ତି ଏବଂ ସେଥିପାଇଁ କମ୍ପାନୀ ରେଜିଷ୍ଟରରୁ ଏହାର/ସେମାନଙ୍କର ନାମକୁ ହଟାଇବା/କାଟିବା ଲାଗି ଅନୁରୋଧ କରିଛନ୍ତି ।
୩. ତଦନୁଯାୟୀ, କମ୍ପାନୀ ନିବନ୍ଧକ ଉପରଦର୍ଶିତ କମ୍ପାନୀଗୁଡ଼ିକର ନାମକୁ କମ୍ପାନୀ ରେଜିଷ୍ଟରରୁ ହଟାଇବା କିମ୍ବା କାଟିବା ପାଇଁ ପ୍ରସ୍ତାବ ରଖିଛନ୍ତି ।
୪. କମ୍ପାନୀ ରେଜିଷ୍ଟରରୁ ଉକ୍ତ କମ୍ପାନୀଗୁଡ଼ିକର ନାମକୁ ହଟାଇବା କିମ୍ବା କାଟିବାର ପ୍ରସ୍ତାବ ବାବଦରେ ଯଦି କୌଣସି ବ୍ୟକ୍ତିଙ୍କର କିଛି ଆପତ୍ତି ଥାଏ, ତେବେ ସେ ଏହି ନୋଟିସ ପ୍ରକାଶିତ ହେବା ତାରିଖରୁ ୩୦ ଦିନ ମଧ୍ୟରେ ନିଜର ଆପତ୍ତିକୁ କାର୍ଯ୍ୟାଳୟ ଠିକଣାରେ ପଠାଇପାରନ୍ତି ।

ରୌନକ ଅଗ୍ରୱାଲ, ସହକାରୀ ନିବନ୍ଧକ
ଦ୍ରୁତ କର୍ପୋରେଟ୍ ସମାପନ ପ୍ରକ୍ରିୟାକରଣ କେନ୍ଦ୍ର
CBC 07123/11/0320/2526

# ଓଡ଼ିଶା ସରକାର
# ତହସିଲ କାର୍ଯ୍ୟାଳୟ, ଖଇରପୁଟ
## ଘୋଷଣା

**File No.978/XVII-5/2025** **Dated 18.06.2025**

No. XXVII-11: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act.2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ, ମୌଜା-ଡାବୁଗୁଡା, ଥାନା-ମୁଦୁଲିପଡା, ତହସିଲ-ଖଇରପୁଟ, ଜିଲ୍ଲା- ମାଲକାନଗିରିରେ ନିମ୍ନସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗୀକରଣ ପ୍ରକଳ୍ପର ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ,୨୦୧୩ (RFCTLAR & R Act.2013)ର ଧାରା ୧୧ (୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୪୨୯/୨୦୨୩, ତା.୧୬.୦୬.୨୦୨୩ ରିଖରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା-ଡାବୁଗୁଡା, ଥାନା-ମୁଦୁଲିପଡା, ଜିଲ୍ଲା- ମାଲକାନଗିରି ନିମନ୍ତେ, ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ ।

### ତଫସିଲ-କ
### (ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

**ଜିଲ୍ଲା-ମାଲକାନଗିରି** **ତହସିଲ-ଖଇରପୁଟ**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନମ୍ବର | ପ୍ଲଟ ନମ୍ବର | କିସମ | ପ୍ଲଟର ମୋଟ ରକବା (ଏକର) | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା (ଏକର) | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଗୌଡପୁଟ | ଗୌଡପୁଟ | ୧ | ୩୩୫ | ଧାନ-୧ | ୦.୮୨୩ | ୦.୦୧୩ | ଅର୍ଜୁନ ଗୌଡ, ପି-ହରି ଗୌଡ, ଜା-ଗୌଡ, ବାସ-କଦମଗୁଡା ପଡା-ରାଉଳିଗୁଡା |
| ଗୌଡପୁଟ | ଗୌଡପୁଟ | ୪ | ୨୫୮ | ଡାଙ୍ଗର-୨ | ୧.୬୮୮ | ୦.୩୨୨ | ଗୁରୁ ଅନ୍ତାଳ, ପି-ଡମ ଅନ୍ତାଳ, ଜା-ଗୌଡ ବାସ-ନିଜଗାଁ, ପଡା-କମଳାପଦର |
| | | | ୩୧୬ | ଧାନ-୨ | ୦.୪୪୫ | ୦.୪୪୫ | |
| ଗୌଡପୁଟ | ଗୌଡପୁଟ | ୫ | ୨୮୭ | ଧାନ-୧ | ୦.୬୩ | ୦.୦୬୫ | ଗୋପୀ ଗୌଡ, ପି-ରଘୁ ଗୌଡ, ଜା-ଗୌଡ, ବାସ-କଦମଗୁଡା ପଡା- ରାଉଳିଗୁଡା |
| ଗୌଡପୁଟ | ଗୌଡପୁଟ | ୧୦ | ୨୪୭ | ଧାନ-୨ | ୦.୫୬୩ | ୦.୨୫୧ | ଜଗନ୍ନାଥ ଗୋଲରି, ପି-ସାନୁ ଗୋଲରି, ଜା-ଗୌଡ, ବାସ-ନିଜଗାଁ |
| ଗୌଡପୁଟ | ଗୌଡପୁଟ | ୧୫ | ୨୪୪ | ଧାନ-୧ | ୦.୮୯୭ | ୦.୦୬୧ | ଡମ୍ବରୁ ପୂଜାରୀ, ପି-ଶମ୍ବରା ପୂଜାରୀ, ଜା-ଗୌଡ, ବାସ-ନିଜଗାଁ, ପଡା-କମଳାପଦର |
| ଗୌଡପୁଟ | ଗୌଡପୁଟ | ୧୬ | ୩୧୮ | ଧାନ-୧ | ୦.୬୧ | ୦.୫୨୬ | ଡମ୍ବରୁ ଅନ୍ତାଳ, ପି-ନରସିଂହ ଅନ୍ତାଳ, ଜା-ଗୌଡ, ବାସ-ନିଜଗାଁ |
| ଗୌଡପୁଟ | ଗୌଡପୁଟ | ୨୪ | ୩୨୮ | ଧାନ-୧ | ୨.୫୯୫୦ | ୦.୫୬୭ | ପଦ୍ମା ନାୟକ, ସ୍ୱା-ସନ୍ୟାସୀ ନାୟକ, ଜା-ଗୌଡ, ବାସ-ନିଜଗାଁ, ପଡା-କମଳାପଦର |
| ଗୌଡପୁଟ | ଗୌଡପୁଟ | ୨୫ | ୨୮୦ | ଧାନ-୨ | ୧.୭୫୪ | ୦.୯୬୦ | ପରଦେଶୀ ନାୟକ, ପି-ସନିଆ ନାୟକ,ଜା-ଗୌଡ, ବାସ-ନିଜଗାଁ, ପଡା-କମଳାପଦର |
| | | | ୩୧୪ | ଡଙ୍ଗର-୧ | ୦.୭୨୪ | ୦.୦୩୬ | |
| ଗୌଡପୁଟ | ଗୌଡପୁଟ | ୩୫ | ୩୩୨ | ଧାନ-୧ | ୦.୮୮୫ | ୦.୮୮୫ | ବୁଦୁ ଗୌଡ, ପି-ଗୁରୁ ଗୌଡ, ଜା-ଗୌଡ ବାସ-କଦମଗୁଡା ପଡା-ରାଉଳିଗୁଡା |
| ଗୌଡପୁଟ | ଗୌଡପୁଟ | ୪୯ | ୨୮୩ | ଡଙ୍ଗର-୨ | ୧.୩୧ | ୦.୯୭୭ | ରାମ ଚନ୍ଦ୍ର ପୂଜାରୀ, ପି- ନରସିଂହ ପୂଜାରୀ, ଜା- ଗୌଡ, ବାସ-ନିଜଗାଁ, ପଡା-କମଳାପଦର |
| | | | ୨୯୭ | ଧାନ-୩ | ୧.୧୬୧ | ୦.୯୬୨ | |
| ଗୌଡପୁଟ | ଗୌଡପୁଟ | ୫୧ | ୨୯୮ | ଧାନ-୧ | ୦.୯୮୮ | ୦.୧୯୫ | ଲକ୍ଷ୍ମଣ କିଲ, ପି-ବୁଦୁରା କିଲ, ଜା-ଗୌଡ ବାସ-ନିଜଗାଁ |
| ଗୌଡପୁଟ | ଗୌଡପୁଟ | ୫୬ | ୩୮୧ | ଧାନ-୧ | ୦.୮୫୩ | ୦.୭୩୮ | ସଦନ ଗୌଡ, ପି-ଗୁରୁ ଗୌଡ, ଜା-ଗୌଡ ବାସ-କଦମଗୁଡା, ପଡା-ରାଉଳିଗୁଡା |
| ଗୌଡପୁଟ | ଗୌଡପୁଟ | ୫୭ | ୩୫୪ | ଧାନ-୨ | ୦.୬୪୨ | ୦.୪୧୫ | ସନିଆ ଆଲଙ୍ଗ, ପି-ସମରା ଆଲଙ୍ଗ, ଜା-ଗୌଡ ବାସ-କଦମଗୁଡା ପଡା-ରାଉଳିଗୁଡା |
| | | | ୩୭୮ | ଡଙ୍ଗର-୨ | ୨.୩୯୭ | ୧.୦୯୫ | |
| | | | ୩୫୦ | ଡଙ୍ଗର-୨ | ୦.୪୨୭ | ୦.୦୦୪ | |
| ଗୌଡପୁଟ | ଗୌଡପୁଟ | ୫୮ | ୨୮୬ | ଧାନ-୨ | ୦.୩୪୬ | ୦.୨୧୦ | ସଦା ଗୌଡ, ପି-ଗୁରୁ ଗୌଡ, ବା-ଗୌଡ ବାସ-କଦମଗୁଡା ପଡା-ରାଉଳିଗୁଡା |
| ଗୌଡପୁଟ | ଗୌଡପୁଟ | ୫୯ | ୨୮୯ | ଡଙ୍ଗର-୨ | ୧.୨୦୬ | ୦.୩୫୦ | ସନାଦର ପୂଜାରୀ, ପି-ସନୁ ପୂଜାରୀ, ଜା-ଗୌଡ, ବାସ- ନିଜଗାଁ, ପଡା-କମଳାପଦର |
| | | | ୩୦୨ | ଧାନ-୧ | ୧.୪୫୧ | ୧.୦୪୭ | |
| | | | ୩୦୩ | ଧାନ-୩ | ୦.୪୦୮ | ୦.୪୦୮ | |
| ଗୌଡପୁଟ | ଗୌଡପୁଟ | ୬୬ | ୩୨୯ | ଧାନ-୧ | ୧.୦୬୩ | ୧.୦୬୩ | ସନ୍ୟାସୀ ଅନ୍ତାଳ, ପି-ସମରା ଅନ୍ତାଳ, ଜା-ଗୌଡ, ବାସ- ନିଜଗାଁ, ପଡା-କମଳାପଦର |
| ଗୌଡପୁଟ | ଗୌଡପୁଟ | ୬୭ | ୨୫୬ | ଧାନ-୧ | ୩.୦୬୪ | ୦.୫୪୦ | ସନିଆ ପାଙ୍ଗି, ପି-ସମରା ପାଙ୍ଗି, ଜା-ଗୌଡ, ବାସ-ନିଜଗାଁ |
| ଗୌଡପୁଟ | ଗୌଡପୁଟ | ୮୪/୯୦ | ୨୫୮/୪୯୩ | ଘରବାରି | ୧.୧୮୫ | ୦.୭୦୦ | ଏ.ଗୋବିନ୍ଦ ରାଓ, ପି-ଉ. ଆପ୍ପା ରାଓ, ଜା-କୁମୁଟି, ବାସ- ଗୋବିନ୍ଦପାଲି |
| | | | ୨୫୯ | ଡଙ୍ଗର-୨ | ୧.୦୦୧ | ୦.୫୯୨ | |
| ଗୌଡପୁଟ | ଗୌଡପୁଟ | ୭୧ | ୩୩୦ | ଧାନ-୧ | ୧.୩୧୬ | ୧.୨୬୨ | ସମରା ପାଙ୍ଗି, ପି-ରଘୁ ପାଙ୍ଗି ଜା-ଗୌଡ ବାସ-ନିଜଗାଁ ପଡା- କମଳାପଦର |
| ଗୌଡପୁଟ | ଗୌଡପୁଟ | ୮୪/୮୯ | ୩୩୦/୪୯୨ | ଧାନ-୧ | ୦.୩୫୧ | ୦.୩୫୧ | ସନିଆ ଗଉଡ, ପି-ଅର୍ଜୁନ ଗଉଡ, ଜା-ଗଉଡ ବାସ-ରାଉଳିଗୁଡା |
| ଗୌଡପୁଟ | ଗୌଡପୁଟ | ୭୭ | ୩୫୩ | ଧାନ-୨ | ୦.୪୨୭ | ୦.୪୨୭ | ଶୁକୁରି ଗୌଡୁଣି, ସ୍ୱା-ସୁକୁ ଗୌଡ ଜା-ଗୌଡ ବାସ- କଦନଗୁଡା ପଡା-ରାଉଳିଗୁଡା |
| | | | ୩୮୦ | ଧାନ-୩ | ୦.୨୦୫ | ୦.୦୪୪ | |
| | | | ୩୮୨ | ଧାନ-୨ | ୦.୮୫୭ | ୦.୨୦୭ | |
| | | | ୩୮୩ | ଧାନ-୩ | ୦.୫୪୪ | ୦.୦୬୩ | |
| ଗୌଡପୁଟ | ଗୌଡପୁଟ | ୮୨ | ୩୩୯ | ଧାନ-୧ | ୧.୫୩୨ | ୦.୪୦୫ | ହର ଆଲଙ୍ଗ ପି-ଅର୍ଜୁନ ଆଲଙ୍ଗ ଜା-ଗଉଡ ବା-କଦମଗୁଡା ପଡା-ରାଉଳିଗୁଡା |
| ଗୌଡପୁଟ | ଗୌଡପୁଟ | ୮୪/୪ | ୩୧୯ | ଧାନ-୧ | ୧.୭୭୯ | ୦.୫୬୨ | ଦୈତାରୀ ଖରା ପି-ଦେବା ଖରା ଜା-ଗଉଡ ବାସ-ବଡଡୁରାଲ |
| ଗୌଡପୁଟ | ଗୌଡପୁଟ | ୨୫ | ୩୦୫ | ଡଙ୍ଗର-୧ | ୦.୬୧୦ | ୦.୨୪୭ | ପରଦେଶୀ ନାୟକ, ପି-ସନିଆ ନାୟକ, ଜା-ଗୌଡ, ବାସ-ନିଜଗାଁ,ପଡା-କମଳାପଦର |
| ଗୌଡପୁଟ | ଗୌଡପୁଟ | ୮୪/୮୭ | ୩୩୧/୪୯୦ | ଧାନ-୧ | ୦.୭୧୨ | ୦.୭୧୨ | ରାଧିକା ପୂଜାରୀ, ସ୍ୱା-ରାମଚନ୍ଦ୍ର ପୂଜାରୀ, ଜା-ଗୌଡ, ବାସ-କମଳାପଦର |
| ଗୌଡପୁଟ | ଗୌଡପୁଟ | ୮୪/୮୮ | ୩୩୧/୪୯୧ | ଧାନ-୧ | ୦.୬୭୨ | ୦.୬୭୨ | ଉର୍ଦ୍ଧବ ଗଉଡ, ପି-ହରି ଗଉଡ ଜା-ଗୌଡ, ବାସ-ରାଉଳିଗୁଡା |
| ଗୌଡପୁଟ | ଗୌଡପୁଟ | ୨୯ | ୨୭୨ | ଧାନ-୧ | ୨.୪୭୮ | ୦.୦୨୦ | ବଳରାମ ଗୌଡ ପି-ଲଛୁ ଗୌଡ ଜା-ଗୌଡ ବାସ-କଦନଗୁଡା ପଡା-ରାଉଳିଗୁଡା |
| ଗୌଡପୁଟ | ଗୌଡପୁଟ | ୭୦ | ୩୫୧ | ଡଙ୍ଗର-୨ | ୦.୪୨୦ | ୦.୦୧୦ | ସନୁ ଗୌଡ ପି-ସୋମନାଥ ଗୌଡ, ଜା-ଗୌଡ ବାସ-କଦନଗୁଡା ପଡା-ରାଉଳିଗୁଡା |
| ଗୌଡପୁଟ | ଗୌଡପୁଟ | ୧୭ | ୩୭୩ | ଧାନ-୨ | ୨.୪୮୩ | ୦.୦୧୫ | ଧୋବୁଲୁ ଗୌଡ ପି-ଗୁରୁ ଗୌଡ ଜା-ଗୌଡ ବାସ-କଦନଗୁଡା ପଡା-ରାଉଳିଗୁଡା |
| ଗୌଡପୁଟ | ଗୌଡପୁଟ | ୫୭ | ୩୭୭ | ଘରବାରି | ୦.୦୬୨ | ୦.୦୨୦ | ସନିଆ ଆଲଙ୍ଗ ପି-ସମରା ଆଲଙ୍ଗ ଜା-ଗୌଡ ବାସ-କଦନଗୁଡା ପଡା-ରାଉଳିଗୁଡା |
| ଗୌଡପୁଟ | ଗୌଡପୁଟ | ୮୪/୨୯ | ୨୬୩/୪୪୦ | ଘରବାରି | ୦.୦୪୦ | ୦.୦୧୦ | ରଘୁନାଥ ଗଲରି ପି-ସୁନାଧର ଗଲରି, ସାବିତ୍ରୀ ଗଲରି, ସ୍ୱା-ରଘୁନାଥ ଗଲରି ଜା-ଗଉଡ ବାସ-ନିଜଗାଁ |
| ଗୌଡପୁଟ | ଗୌଡପୁଟ | ୮୪/୩୦ | ୨୬୩/୪୪୧ | ଘରବାରି | ୦.୦୪୦ | ୦.୦୧୫ | ଡମୁ ହନ୍ତାଳ ପି-ଶ୍ୟାମ ହନ୍ତାଳ ସମାରି ହନ୍ତାଳ ସ୍ୱା-ଡମୁ ହନ୍ତାଳ ଜା-ଗଉଡ ବାସ-ନିଜଗାଁ |
| ଗୌଡପୁଟ | ଗୌଡପୁଟ | ୮୪/୩୧ | ୨୬୩/୪୪୨ | ଘରବାରି | ୦.୦୪୦ | ୦.୦୨୦ | ସନ୍ୟାସି ଗୋଲରି, ପି-ସମ୍ଭୁ ଗୋଲରି, ସମାରି ଗୋଲରି, ସ୍ୱା-ସନ୍ୟାସୀ ଗୋଲରି,ଜା-ଗଉଡ, ବାସ-ନିଜଗାଁ |
| ଗୌଡପୁଟ | ଗୌଡପୁଟ | ୮୪/୩୨ | ୨୬୩/୪୪୩ | ଘରବାରି | ୦.୦୪୦ | ୦.୦୩୦ | ବଳରାମ ଗୋଲରି, ପି-ବୁଦୁ ଗୋଲରି, ରଇଲା ଗୋଲରି, ସ୍ୱା- ବଳରାମ ଗୋଲରି ଜା-ଗଉଡ ବା-ନିଜଗାଁ |
| ଗୌଡପୁଟ | ଗୌଡପୁଟ | ୮୪/୩୩ | ୨୬୩/୪୪୪ | ଘରବାରି | ୦.୦୪୦ | ୦.୦୩୦ | ବୁଦୁରା ଗୋଲରି ପି-ମଧୁ ଗୋଲରି, ଦଇମତି ଗୋଲରି,ସ୍ୱା-ବୁଦୁରା ଗୋଲରି ଜା-ଗଉଡ ବାସ-ନିଜଗାଁ |
| ଗୌଡପୁଟ | ଗୌଡପୁଟ | ୮୪/୩୪ | ୨୬୩/୪୪୫ | ଘରବାରି | ୦.୦୪୦ | ୦.୦୪୦ | ଗୁରୁ ବଗଡାତି ପି-ରାମଚନ୍ଦ୍ର ବଗଡାତି ଲକ୍ଷ୍ମୀ ବଗଡାତି, ସ୍ୱା-ଗୁରୁ ବଗଡାତି, ଜା-ଗଉଡ, ବାସ-ନିଜଗାଁ |
| ଗୌଡପୁଟ | ଗୌଡପୁଟ | ୮୪/୩୫ | ୨୬୩/୪୪୬ | ଘରବାରି | ୦.୦୪୦ | ୦.୦୪୦ | ଚନ୍ଦ୍ରମା ଆଲଙ୍ଗ, ପି-ହରି ଆଲଙ୍ଗ, ଜା-ଗଉଡ,ବାସ-ନିଜଗାଁ |
| ଗୌଡପୁଟ | ଗୌଡପୁଟ | ୮୪/୩୬ | ୨୬୩/୪୪୭ | ଘରବାରି | ୦.୦୪୦ | ୦.୦୪୦ | ମଙ୍ଗରାଜ ପାଙ୍ଗି ପି-ସନିଆ ପାଙ୍ଗି, ଜା-ଗଉଡ ବାସ-ନିଜଗାଁ |
| ଗୌଡପୁଟ | ଗୌଡପୁଟ | ୮୪/୩୭ | ୨୬୩/୪୪୮ | ଘରବାରି | ୦.୦୪୦ | ୦.୦୪୦ | ରଘୁନାଥ ହନ୍ତାଳ, ପି-ନରସିଂହ ହନ୍ତାଳ, ନବୀନା ହନ୍ତାଳ, ସ୍ୱା-ରଘୁନାଥ ହନ୍ତାଳ, ଜା-ଗଉଡ,ବାସ-ନିଜଗାଁ |
| ଗୌଡପୁଟ | ଗୌଡପୁଟ | ୮୪/୩୮ | ୨୬୩/୪୪୯ | ଘରବାରି | ୦.୦୪୦ | ୦.୦୪୦ | ଡମ୍ବରୁ ହନ୍ତାଳ,ପି-ନରସିଂହ ହନ୍ତାଳ, ମୁନିମା ହନ୍ତାଳ, ସ୍ୱା-ଡମ୍ବରୁ ହନ୍ତାଳ, ଜା-ଗଉଡ, ବାସ-ନିଜଗାଁ |
| ଗୌଡପୁଟ | ଗୌଡପୁଟ | ୮୪/୩୯ | ୨୬୩/୪୫୦ | ଘରବାରି | ୦.୦୪୦ | ୦.୦୪୦ | ଦେବ ଗଉଡ, ପି-ସୁକୁରା ଗଉଡ, ସାମରି ଗଉଡ, ସ୍ୱା-ଦେବ ଗଉଡ, ଜା-ଗଉଡ,ବାସ-ନିଜଗାଁ |
| ଗୌଡପୁଟ | ଗୌଡପୁଟ | ୮୪/୪୦ | ୨୬୩/୪୫୧ | ଘରବାରି | ୦.୦୪୦ | ୦.୦୪୦ | ସୁଦର୍ଶନ ଗଉଡ, ପି-ସୁନାଧର, ସନାଦେଇ ଗଉଡ, ସ୍ୱା-ସୁଦର୍ଶନ ଗଉଡ, ଜା-ଗଉଡ, ବାସ-ନିଜଗାଁ |
| ଗୌଡପୁଟ | ଗୌଡପୁଟ | ୮୪/୪୧ | ୨୬୩/୪୫୨ | ଘରବାରି | ୦.୦୪୦ | ୦.୦୪୦ | ଲକ୍ଷ୍ମଣ ଗୋଲରି, ପି-ସନ୍ୟାସୀ ଗୋଲରି ଚନ୍ଦ୍ରମା ଗୋଲରି,ସ୍ୱା-ଲକ୍ଷ୍ମଣ ଗୋଲରି ଜା-ଗଉଡ, ବାସ-ନିଜଗାଁ |
| ଗୌଡପୁଟ | ଗୌଡପୁଟ | ୮୪/୪୨ | ୨୬୩/୪୫୩ | ଘରବାରି | ୦.୦୪୦ | ୦.୦୩୦ | ମୁକୁନ୍ଦ ଆଲଙ୍ଗ,ପି-ଆଦୁ ଆଲଙ୍ଗ, ଯମୁନା ଆଲଙ୍ଗ,ସ୍ୱା-ମୁକୁନ୍ଦ ଆଲଙ୍ଗ, ଜା-ଗଉଡ, ବାସ-ନିଜଗାଁ |
| ଗୌଡପୁଟ | ଗୌଡପୁଟ | ୮୪/୪୩ | ୨୬୩/୪୫୪ | ଘରବାରି | ୦.୦୪୦ | ୦.୦୩୦ | ବଳରାମ ଗୋଲରି, ପି-ମଧୁ ଗୋଲରି, ସାମାରି ଗୋଲରି, ସ୍ୱା-ବଳରାମ ଗୋଲରି,ଜା-ଗଉଡ, ବାସ-ନିଜଗାଁ |
| ଗୌଡପୁଟ | ଗୌଡପୁଟ | ୮୪/୪୪ | ୨୬୩/୪୫୫ | ଘରବାରି | ୦.୦୪୦ | ୦.୦୩୦ | ସନା ପୂଜାରୀ, ପି-ଲକ୍ଷ୍ମଣ ପୂଜାରୀ, ଲକ୍ଷ୍ମୀ ପୂଜାରୀ, ସ୍ୱା-ସନା ପୂଜାରୀ, ଜା-ଗଉଡ, ବାସ-ନିଜଗାଁ |
| ଗୌଡପୁଟ | ଗୌଡପୁଟ | ୮୪/୪୫ | ୨୬୩/୪୫୬ | ଘରବାରି | ୦.୦୪୦ | ୦.୦୨୦ | ମୁକୁନ୍ଦ ଗଲରି, ପି-ଗୁରୁ ଗଲରି, ବିମଳା ଗଲରି, ସ୍ୱା-ମୁକୁନ୍ଦ ଗଲରି, ଜା-ଗଉଡ, ବାସ-ନିଜଗାଁ |
| ଗୌଡପୁଟ | ଗୌଡପୁଟ | ୮୪/୪୬ | ୨୬୩/୪୫୭ | ଘରବାରି | ୦.୦୪୦ | ୦.୦୨୦ | ଗୋପୀ ପୂଜାରୀ ପି-ଲକ୍ଷ୍ମଣ ପୂଜାରୀ, ବାଲା ପୂଜାରୀ, ସ୍ୱା-ଗୋପୀ ପୂଜାରୀ, ଜା-ଗଉଡ, ବାସ-ନିଜଗାଁ |
| ଗୌଡପୁଟ | ଗୌଡପୁଟ | ୮୪/୪୭ | ୨୬୩/୪୫୮ | ଘରବାରି | ୦.୦୪୦ | ୦.୦୨୦ | ଲାଛୁ ପୂଜାରୀ, ପି-ଲକ୍ଷ୍ମଣ ପୂଜାରୀ, ଡାଲିମା ପୂଜାରୀ, ସ୍ୱା-ଲାଛୁ ପୂଜାରୀ, ଜା-ଗଉଡ, ବାସ-ନିଜଗାଁ |
| ଗୌଡପୁଟ | ଗୌଡପୁଟ | ୮୪/୪୮ | ୨୬୩/୪୫୯ | ଘରବାରି | ୦.୦୪୦ | ୦.୦୧୦ | ଜଗନ୍ନାଥ ଗୋଲରି, ପି-ସନୁ ଗୋଲରି, ସୁବର୍ଣ୍ଣ ଗୋଲରି,ସ୍ୱା-ଜଗନ୍ନାଥ ଗୋଲରି ଜା-ଗଉଡ, ବାସ-ନିଜଗାଁ |
| ଗୌଡପୁଟ | ଗୌଡପୁଟ | ୮୪/୪୯ | ୨୬୩/୪୬୦ | ଘରବାରି | ୦.୦୪୦ | ୦.୦୧୦ | ମଙ୍ଗରାଜ ପୂଜାରୀ,ପି-ଲଖଣ ପୂଜାରୀ, ସୁନାଦେଇ ପୂଜାରୀ ସ୍ୱା-ମଙ୍ଗରାଜ ପୂଜାରୀ, ଜା-ଗଉଡ ବାସ-ନିଜଗାଁ |
| ଗୌଡପୁଟ | ଗୌଡପୁଟ | ୮୪/୫୦ | ୨୬୩/୪୬୧ | ଘରବାରି | ୦.୦୪୦ | ୦.୦୧୦ | ସୁନାଧର ପାଙ୍ଗି ପି-ସନିଆ ପାଙ୍ଗି, ପାର୍ବତୀ ପାଙ୍ଗି, ସ୍ୱା-ସୁନାଧର ପାଙ୍ଗି, ଜା-ଗଉଡ, ବାସ-ନିଜଗାଁ |
| ଗୌଡପୁଟ | ଗୌଡପୁଟ | ୮୪/୫୧ | ୨୬୩/୪୬୨ | ଘରବାରି | ୦.୦୪୦ | ୦.୦୧୦ | ସନିଆ ଖିଲ, ପି-ହରି ଖିଲ, ସୁକୁରୀ ଖିଲ, ସ୍ୱା-ସନିଆ ଖିଲ,ଜା-ଗଉଡ, ବାସ-ନିଜଗାଁ |
| ଗୌଡପୁଟ | ଗୌଡପୁଟ | ୮୪/୫୨ | ୨୬୩/୪୬୩ | ଘରବାରି | ୦.୦୪୦ | ୦.୦୧୦ | ଚନ୍ଦ୍ର ଗୋଲରି, ପି-ବଳରାମ ଗୋଲରି, ସୁବର୍ଣ୍ଣ ଗୋଲରି, ସ୍ୱା-ଚନ୍ଦ୍ର ଗୋଲରି, ଜା-ଗଉଡ, ବାସ-ନିଜଗାଁ |
| ଗୌଡପୁଟ | ଗୌଡପୁଟ | ୮୪/୫୩ | ୨୬୩/୪୬୪ | ଘରବାରି | ୦.୦୪୦ | ୦.୦୧୦ | ଡମୁ ଗୋଲରି, ପି-ମଧୁ ଗୋଲରି, ହୀରାମଣି ଗୋଲରି, ସ୍ୱା-ଡମୁ ଗୋଲରି ଜା-ଗଉଡ, ବାସ-ନିଜଗାଁ |
| ଗୌଡପୁଟ | ଗୌଡପୁଟ | ୮୪/୫୪ | ୨୬୩/୪୬୫ | ଘରବାରି | ୦.୦୪୦ | ୦.୦୧୦ | ସୋମନାଥ ହନ୍ତାଳ, ପି-ଜଗବନ୍ଧୁ ହନ୍ତାଳ, ଜା-ଗଉଡ, ବାସ-ନିଜଗାଁ |
| ଗୌଡପୁଟ | ଗୌଡପୁଟ | ୮୪/୫୫ | ୨୬୩/୪୬୬ | ଘରବାରି | ୦.୦୪୦ | ୦.୦୧୦ | ଲଖଣ ପାଙ୍ଗି, ପି-ସନିଆ, ଜମୁନା ପାଙ୍ଗି, ସ୍ୱା-ଲଖଣ ପାଙ୍ଗି,ଜା-ଗଉଡ,ବାସ-ନିଜଗାଁ |
| ଗୌଡପୁଟ | ଗୌଡପୁଟ | ୮୪/୫୬ | ୨୬୩/୪୬୭ | ଘରବାରି | ୦.୦୪୦ | ୦.୦୪୦ | ଚନ୍ଦ୍ରମା ଆଲଙ୍ଗ, ପି- ରାମ ଆଲଙ୍ଗ, ଜା-ଗଉଡ, ବାସ-ନିଜଗାଁ |
| ଗୌଡପୁଟ | ଗୌଡପୁଟ | ୮୪/୫୭ | ୨୬୩/୪୬୮ | ଘରବାରି | ୦.୦୪୦ | ୦.୦୪୦ | ମୁକୁନ୍ଦ ଗୋଲରି, ପି-ମଧୁ ଗୋଲରି, ସୁକୁରୀ ଗୋଲରି, ସ୍ୱା-ମୁକୁନ୍ଦ ଗୋଲରି, ଜା-ଗଉଡ, ବାସ-ନିଜଗାଁ |
| ଗୌଡପୁଟ | ଗୌଡପୁଟ | ୮୪/୫୮ | ୨୬୩/୪୬୯ | ଘରବାରି | ୦.୦୪୦ | ୦.୦୪୦ | ଗୁଡୁ ବଗାଡିଅତ, ପି- ରାମଚନ୍ଦ୍ର ବଗାଡିଅତ, ଜା-ଗଉଡ, ବାସ-ନିଜଗାଁ |
| ଗୌଡପୁଟ | ଗୌଡପୁଟ | ୮୪/୫୯ | ୨୬୩/୪୭୦ | ଘରବାରି | ୦.୦୪୦ | ୦.୦୪୦ | ଲଇଖନ ହନ୍ତାଳ, ପି-ଡମ୍ବରୁ ହନ୍ତାଳ, ନଇନା ହନ୍ତାଳ, ସ୍ୱା-ଲଇଖନ ହନ୍ତାଳ, ଜା-ଗଉଡ, ବାସ-ନିଜଗାଁ |
| ଗୌଡପୁଟ | ଗୌଡପୁଟ | ୮୪/୬୦ | ୨୬୩/୪୭୧ | ଘରବାରି | ୦.୦୪୦ | ୦.୦୪୦ | ରାମଚନ୍ଦ୍ର ହନ୍ତାଳ, ପି-ଡମୁ ହନ୍ତାଳ, ଜା-ଗଉଡ, ବାସ-ନିଜଗାଁ |
| ଗୌଡପୁଟ | ଗୌଡପୁଟ | ୮୪/୬୧ | ୨୬୩/୪୭୨ | ଘରବାରି | ୦.୦୪୦ | ୦.୦୪୦ | ଭଗତ ହନ୍ତାଳ, ପି ଜଗବନ୍ଧୁ ହନ୍ତାଳ, ସମ୍ବାରୀ ହନ୍ତାଳ, ପି-ଜଗବନ୍ଧୁ ହନ୍ତାଳ, ଜା-ଗଉଡ, ବାସ-ନିଜଗାଁ |
| ଗୌଡପୁଟ | ଗୌଡପୁଟ | ୮୪/୬୨ | ୨୬୩/୪୭୩ | ଘରବାରି | ୦.୦୪୦ | ୦.୦୪୦ | ମଙ୍ଗଲୁ ଖରା, ପି-ବାଲିଆ ଖରା, ଜା-ଗଉଡ, ବାସ-ନିଜଗାଁ |
| ଗୌଡପୁଟ | ଗୌଡପୁଟ | ୮୪/୬୪ | ୨୬୩/୪୭୫ | ଘରବାରି | ୦.୦୪୦ | ୦.୦୪୦ | ଦୟା ଗଲୋରୀ, ପି ଗୁରୁ ଗଲୋରୀ, ସମାରୀ ଗଲୋରୀ, ସ୍ୱା-ଦୟା ଗଲୋରୀ, ଜା-ଗଉଡ, ବାସ-ନିଜଗାଁ |
| ଗୌଡପୁଟ | ଗୌଡପୁଟ | ୮୪/୬୫ | ୨୬୩/୪୭୬ | ଘରବାରି | ୦.୦୪୦ | ୦.୦୪୦ | ରଘୁ ହନ୍ତାଳ, ପି ନରସିଂହ ହନ୍ତାଳ, ସନି ହନ୍ତାଳ, ସ୍ୱା-ରଘୁ ହନ୍ତାଳ, ଜା-ଗଉଡ, ବାସ-ନିଜଗାଁ |
| ଗୌଡପୁଟ | ଗୌଡପୁଟ | ୮୪/୬୬ | ୨୬୩/୪୭୭ | ଘରବାରି | ୦.୦୪୦ | ୦.୦୪୦ | ମୁକ୍ତା ପୂଜାରୀ, ସ୍ୱା-ମଙ୍ଗଳା ପୂଜାରୀ, ଜା-ଗଉଡ, ବାସ-ନିଜଗାଁ |
| ଗୌଡପୁଟ | ଗୌଡପୁଟ | ୮୪/୬୭ | ୨୬୩/୪୭୮ | ଘରବାରି | ୦.୦୪୦ | ୦.୦୨୦ | ହରି ଗଉଡ, ପି- ଗୁରୁ ଗଉଡ, ଜା-ଗଉଡ, ବାସ-ନିଜଗାଁ |
| ଗୌଡପୁଟ | ଗୌଡପୁଟ | ୮୪/୬୮ | ୨୬୩/୪୭୯ | ଘରବାରି | ୦.୦୪୦ | ୦.୦୨୦ | ଅର୍ଜୁନ ପୂଜାରୀ, ପି-ଡମୁ ପୂଜାରୀ, ଜା-ଗଉଡ, ବାସ-ନିଜଗାଁ, ପଡା- କମଳାପଦର |
| ଗୌଡପୁଟ | ଗୌଡପୁଟ | ୮୪/୬୯ | ୨୬୩/୪୮୦ | ଘରବାରି | ୦.୦୪୦ | ୦.୦୧୦ | ହରି ହନ୍ତାଳ, ପି ଗୁରୁ ହନ୍ତାଳ, ଜା-ଗଉଡ, ବାସ-ନିଜଗାଁ, ପଡା- କମଳାପଦର |
| ଗୌଡପୁଟ | ଗୌଡପୁଟ | ୮୪/୭୦ | ୨୬୩/୪୮୧ | ଘରବାରି | ୦.୦୪୦ | ୦.୦୧୦ | ସୁନାଧର ହନ୍ତାଳ, ପି ଲାକୁ ହନ୍ତାଳ, ଜା-ଗଉଡ, ବାସ-ନିଜଗାଁ, ପଡା-କମଳାପଦର |

### ତଫସିଲ-ଖ
### (ପୁନର୍ବାସ ନିମିତ ଚିହ୍ନଟ ଭୂମି ଅନୁସୂଚୀ)

**ଜିଲ୍ଲା-ମାଲକାନଗିରି** **ତହସିଲ-ଖଇରପୁଟ**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନମ୍ବର | ପ୍ଲଟ ନମ୍ବର | କିସମ | ପ୍ଲଟର ମୋଟ ରକବା (ଏକର) | ପୁନର୍ବାସ ନିମିତ ଚିହ୍ନଟ ଜମିର ରକବା (ଏକର) | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ:ଅଧିସୂଚନା ପ୍ରକାଶିତ ହେବାର ୩୦ ଦିନଠାରୁ ଛଅ ମାସ ମଧ୍ୟରେ ।

ଉକ୍ତ ଜମିରେ ସ୍ୱାର୍ଥ ଥିବା ବ୍ୟକ୍ତିବିଶେଷ ନିଜେ କିମ୍ବା ନିଜର ପ୍ରତିନିଧି କିମ୍ବା ଓକିଲଙ୍କ ଜରିଆରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ମାଲକାନଗିରିଠାରେ ତା.୧୧.୦୭.୨୦୨୫ ରିଖ ଦିବା ୧୧.୦୦ ଘଣ୍ଟିକା ସମୟରେ ଉପସ୍ଥିତ ହୋଇ ଜିଲ୍ଲାପାଳଙ୍କ ନିକଟରେ ନିଜର ସ୍ୱାର୍ଥ ସାବ୍ୟସ୍ତ କରିପାରିବେ ।

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ସ୍ୱା./-**
**ଜିଲ୍ଲାପାଳ, ମାଲକାନଗିରି**

OIPR-24382/14/0011/2526

## ଶେୟାର ବଜାରରେ ଉତ୍ସାହ

ମୁମ୍ବାଇ: କ୍ରମାଗତ ଦ୍ୱିତୀୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଚଳିତ ସପ୍ତାହର ତୃତୀୟ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ଉତ୍ସାହ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇପାରିଛନ୍ତି। ବିଶେଷକରି ବୁଧବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍ସେକ୍ସ ୧୪୪ (୧୪୩.୯୧) ପଏଣ୍ଟ ବୃଦ୍ଧି ଘଟି ୮୧,୪୮୧ (୮୧,୪୮୧.୮୬) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ)ର ନିଫ୍ଟି-୫୦ ରେ ମଧ ୩୪ (୩୩.୯୫) ପଏଣ୍ଟ ବଢ଼ି ୨୪,୮୫୫ (୨୪,୮୫୫.୦୫) ଅଙ୍କରେ କାରବାର ଶେଷ ହୋଇଥିଲା।

# ଏମିରେଟ୍ସ ଏନ୍‌ବିଡି ସହ ଜୟଆଲୁକ୍କାସ୍‌ର ବୁଝାମଣା

ନୂଆଦିଲ୍ଲୀ,୩୦।୭ (ଅଭୟ ଦାଶ)



ଚୁକ୍ତିନାମା ଅବସରରେ ଜୟଆଲୁକ୍କାସ ଏବଂ ଏମିରେଟ୍ସ ଏନବିଡିର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଅଛନ୍ତି।

ଦେଶର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ ତଥା ବୈଶ୍ୱିକ ଗହଣା ବ୍ରାଣ୍ଡ ଜୟଆଲୁକ୍କାସ୍ ଏବଂ ଏମିରେଟ୍ସ ଏନ୍‌ବିଡି ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ଏପରିକି ମେନାଟ୍ ଅଞ୍ଚଳର ଅଗ୍ରଣୀ ବ୍ୟାଙ୍କିଙ୍ଗ୍ ଗୋଷ୍ଠୀ ଏମିରେଟ୍ସ ଏନ୍‌ବିଡି ମାଧ୍ୟମରେ ବିଶ୍ୱର ଅନ୍ୟତମ ସର୍ବବୃହତ୍ ଅଳଙ୍କାର ଖୁଚୁରା ବ୍ୟବସାୟୀ ଜୟଆଲୁକ୍କାସ୍ ଏକ ଐତିହାସିକ ୫୦୦ ନିୟୁତ ଏଇଡିର ଗୁରୁତ୍ୱପୂର୍ଣ୍ଣ ପୁଞ୍ଜି ଗ୍ରହଣ ସୁବିଧା ବ୍ୟବସ୍ଥା ସମ୍ପର୍କରେ ଘୋଷଣା କରିଛି। ଏହି ଚୁକ୍ତିପତ୍ର ୟୁକେ, ୟୁଏସ୍ଏ, କାନାଡା ଏବଂ ଅଷ୍ଟ୍ରେଲିଆ ସମେତ ୟୁଏଇ ଭଳି ପ୍ରମୁଖ ଅନ୍ତର୍ଜାତୀୟ ବଜାରରେ ଜୟଆଲୁକ୍କାସ୍‌ର ଦୀର୍ଘକାଳୀନ ସମ୍ପ୍ରସାରଣ ଯୋଜନାକୁ ସମର୍ଥନ କରିଥାଏ।

ଜୟଆଲୁକ୍କାସ୍‌କୁ ପୁଞ୍ଜି ଗ୍ରହଣ ପାଇଁ ସୁଗମତା ଏବଂ ନମନୀୟତା ପ୍ରଦାନ କରିବା ସହ ସୁଚିନ୍ତିତ ଢଙ୍ଗରେ ପ୍ରସ୍ତୁତ ଏହି ପୂର୍ବ ଆଲୋଚିତ ଚୁକ୍ତି ବେଶ୍ ସହାୟକ ହେବ। ବିଶ୍ୱରେ ଖୁଚୁରା ବିକ୍ରୟର ଅଭିବୃଦ୍ଧି ପାଇଁ ଏହି ଖୁଚୁରା ବ୍ୟବସାୟୀଙ୍କ ଅଗ୍ରଣୀ ଆଭିମୁଖ୍ୟକୁ ଉଜ୍ଜ୍ୱଳ କରିଥାଏ ଏବଂ ଏମିରେଟ୍ସ ଏନ୍‌ବିଡି ସହିତ ତାଙ୍କର ଦୀର୍ଘକାଳୀନ ସମ୍ପର୍କକୁ ଗୁରୁତ୍ୱାରୋପ କରିଛି। ଏହି ସୁବିଧା ଏକ ଘୂର୍ଣ୍ଣନଶୀଳ ଆଧାରରେ କାର୍ଯ୍ୟକ୍ଷମ ମୂଳଧନ ପ୍ରଦାନ କରିଥାଏ, ଯାହା ଜୟଆଲୁକ୍କାସ୍‌କୁ ଆବଶ୍ୟକତା ଅନୁଯାୟୀ ପାଣ୍ଠି ଗ୍ରହଣ ଏବଂ ପରିଶୋଧ କରିବାକୁ ସକ୍ଷମ କରିଥାଏ, ଯାହା ଦ୍ୱାରା ମୂଲ୍ୟ-ଦକ୍ଷତା ଏବଂ କାର୍ଯ୍ୟକ୍ଷମ ନିୟନ୍ତ୍ରଣ ବୃଦ୍ଧି କରିଥାଏ।

ଯେହେତୁ ଜୟଆଲୁକ୍କାସ୍ ସାରା ବିଶ୍ୱରେ ଏହାର ପାଦଚିହ୍ନକୁ ମଜଭୁତ କରିବାର ଉପକ୍ରମ ଜାରି ରଖିଛି। ଏହି ୫୦୦ନିୟୁତ ଏଇଡି ସୁବିଧା ଶୀର୍ଷ ବାଣିଜ୍ୟ ଅବଧି ଏବଂ ଯୋଗାଣକାରୀ ପ୍ରତିଶ୍ରୁତିକୁ ସମର୍ଥନ କରିବା ପାଇଁ ଇନ୍‌ଭେଣ୍ଟରି ଆର୍ଥିକ ଏବଂ ଆଦାନପ୍ରଦାନର ସୁବିଧା ପାଇଁ ସମୟାନୁସାରେ ପ୍ରବେଶ ସୁନିଶ୍ଚିତ କରିଛି। ଏହି ଚୁକ୍ତି ଏମିରେଟ୍ସ ଏନ୍‌ବିଡିର ଉନ୍ନତ ଡିଜିଟାଲ୍ ଏବଂ ବାଣିଜ୍ୟ ପ୍ଲାଟ୍‌ଫର୍ମ ସହ ସମ୍ପୂର୍ଣ୍ଣ ଭାବେ ସମନ୍ୱିତ ରହିଛି, ଯାହା ଜୟଆଲୁକ୍କାସର ଆର୍ଥିକ କାର୍ଯ୍ୟଗୁଡ଼ିକରେ ପ୍ରକୃତ-ସମୟ ଦୃଶ୍ୟମାନତା ଏବଂ ସୁବିଧା ପ୍ରଦାନ କରିଥାଏ।

ଏହି ଚୁକ୍ତିପତ୍ର ଜୟଆଲୁକ୍କାସ୍ ଏବଂ ଏମିରେଟ୍ସ ଏନ୍‌ବିଡି ମଧ୍ୟରେ ବିଶ୍ୱାସ ଏବଂ ରଣନୈତିକ ସମନ୍ୱୟର ଗଭୀରତାକୁ ମଧ୍ୟ ସୂଚିତ କରିଥାଏ। ବିଶେଷକରି ଏହା ଜୁଏଲର୍ସର ଶୃଙ୍ଖଳିତ ଏବଂ ଭବିଷ୍ୟତ ଦୃଷ୍ଟିକୋଣ ସମନ୍ୱିତ ବ୍ୟବସାୟ ମଡେଲକୁ ପ୍ରତିଫଳିତ ଏବଂ ସଂଗଠିତ ଅଳଙ୍କାର ଖୁଚୁରା କ୍ଷେତ୍ରରେ ଏକ ବିଶ୍ୱଶକ୍ତି ଭାବେ ଏହାର ସ୍ଥିତିକୁ ଆହୁରି ସଶକ୍ତ କରିଥାଏ।

ଏ ସମ୍ପର୍କରେ ଜୟଆଲୁକ୍କାସ୍ ଗ୍ରୁପ୍‌ର ଅଧ୍ୟକ୍ଷ ଜୟ ଆଲୁକ୍କାସ କହିଛନ୍ତି, ଏହି ସୁବିଧା ଜୟଆଲୁକ୍କାସ୍‌କୁ ୟୁକେ, ଆମେରିକା, କାନାଡା ଏବଂ ଅଷ୍ଟ୍ରେଲିଆ ଭଳି ପ୍ରମୁଖ ଅନ୍ତର୍ଜାତୀୟ ବଜାରରେ ବିସ୍ତାର କରିବା ପାଇଁ ସହଯୋଗ ପ୍ରଦାନ କରିବ। ଏପରିକି ଆମର ଯାତ୍ରାରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଚିହ୍ନିତ କରିଥାଏ। ଏମିରେଟ୍ସ ଏନ୍‌ବିଡି ଏକ ବିଶ୍ୱସ୍ତ ଅଂଶୀଦାର ଭାବେ ଆମ ସହ ସାମିଲ ହୋଇଛି, ଯିଏ ଆମର ବିଶ୍ୱବ୍ୟାପୀ ଖୁଚୁରା ବିକ୍ରୟ ରଣନୀତି ପଛରେ ଥିବା ପରିମାଣ, ମହତ୍ତ୍ୱାକାଂକ୍ଷା ଏବଂ ଶୃଙ୍ଖଳାକୁ ବୁଝେ। ଏପରିକି ନମନୀୟତା ଏବଂ ଦୂରଦୃଷ୍ଟି ସହ ସଂରଚିତ ଏହି ଚୁକ୍ତି ଅଳଙ୍କାର ଶିଳ୍ପରେ ଏକ ନୂତନ ମାନଦଣ୍ଡ ସ୍ଥାପନ କରିବ। ଏକ ସଂଗଠିତ ଖୁଚୁରା ବିକ୍ରୟ ପ୍ରତି ଆମର ଅଗ୍ରଣୀ ଆଭିମୁଖ୍ୟକୁ ଏହା ପ୍ରତିଫଳିତ କରିଛି। ଆମର ଦୃଷ୍ଟିକୋଣରେ ସେମାନଙ୍କର ନିରନ୍ତର ସମର୍ଥନ ଏବଂ ବିଶ୍ୱାସ ପାଇଁ ମୁଁ ଏମିରେଟ୍ସ ଏନବିଡିଦଳକୁ ଧନ୍ୟବାଦ ଜଣାଉଛି।

ସେହିଭଳି ଏମିରେଟ୍ସ ଏନ୍‌ବିଡିର ହୋଲସେଲ ବ୍ୟାଙ୍କିଙ୍ଗ୍‌ର ଗୋଷ୍ଠୀ ମୁଖ୍ୟ ଅହମଦ ଅଲ କାସିମ କହିଛନ୍ତି, ଜୟଆଲୁକ୍କାସ୍ ପାଇଁ ଏହି କାର୍ଯ୍ୟକାରୀ ମୂଳଧନ ସୁବିଧାର ବ୍ୟବସ୍ଥା ଏମିରେଟ୍ସ ଏନ୍‌ବିଡିର ସଫଳତା ଏବଂ ଆମର ବିସ୍ତୃତ ଏବଂ ବିବିଧ ଗ୍ରାହକଙ୍କ ଇକୋସିଷ୍ଟମର ଆବଶ୍ୟକତା ପୂରଣ କରୁଥିବା କ୍ଷେତ୍ର-ନିର୍ଦ୍ଦିଷ୍ଟ କାରବାର ବିକଶିତ କରିବାର କ୍ଷମତାକୁ ଦର୍ଶାଉଛି।

ଜୟଆଲୁକ୍କାସ୍‌ର ରଣନୈତିକ ଆବଶ୍ୟକତା ପୂରଣ କରିବା ପାଇଁ ଡିଜାଇନ୍ କରାଯାଇଥିବା ଏହି ଚୁକ୍ତିରେ ଏମିରେଟ୍ସ ଏନ୍‌ବିଡି କିପରି ପୂର୍ବ ଆଲୋଚିତ, ଡିଜିଟାଲ-ଫାଷ୍ଟ ଏବଂ କଷ୍ଟମାଇଜ୍ କ୍ରେଡିଟ୍ ସମାଧାନ ପ୍ରଦାନ କରିପାରିବ। ଯାହା ଅଗ୍ରଣୀ କମ୍ପାନୀଗୁଡ଼ିକୁ ସଶକ୍ତି କରିଥାଏ ଏବଂ ସେମାନଙ୍କର ଏବଂ ୟୁଏଇର ଆର୍ଥିକ ଅଭିବୃଦ୍ଧିକୁ ସମର୍ଥନ କରିଥାଏ ।

# ଫର୍ଚ୍ୟୁନ୍ ଗ୍ଲୋବାଲ ୫୦୦ ତାଲିକାରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍

- ଶ୍ରେଷ୍ଠ ୧୦୦ ମଧ୍ୟରେ ଏଲ୍ଆଇସି
- ଶ୍ରେଷ୍ଠ ୫୦୦ ମଧ୍ୟରେ ୯ ଭାରତୀୟ କମ୍ପାନୀ




ମୁମ୍ବାଇ,୩୦।୭

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ (ଆର୍ଆଇଏଲ୍)କୁ ନିକଟରେ ଆଉ ଏକ ଐତିହାସିକ ସଫଳତା ମିଳିଛି। ଏପରିକି ୨୦୨୫ ଫର୍ଚ୍ୟୁନ୍ ଗ୍ଲୋବାଲ ୫୦୦ ତାଲିକାରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ୮୮ତମ ସ୍ଥାନରେ ରହିଛି। ଏହି ତାଲିକାରେ ମୋଟ ୯ ଭାରତୀୟ କମ୍ପାନୀ ସ୍ଥାନ ପାଇଛନ୍ତି। ସେହିଭଳି ଏହି ତାଲିକାରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ସର୍ବୋଚ୍ଚ ଭାରତୀୟ କମ୍ପାନୀ ଭାବେ ସ୍ଥାନ ହାସଲ କରିଛି। କ୍ରମାଗତ ୨୨ ବର୍ଷ ଧରି ଏହି ତାଲିକାରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ସ୍ଥାନ ହାସଲ ସହ ଅଭିବୃଦ୍ଧି ଓ ତାଲିକାରେ ସ୍ଥାନ ପରିବର୍ତ୍ତନ କରିଆସୁଛି।

ସେହିପରି ରିଲାଏନ୍ସ ଲଗାତର ୨୨ ବର୍ଷ ଧରି ପ୍ରତିଷ୍ଠିତ ଫର୍ଚ୍ୟୁନ୍ ଗ୍ଲୋବାଲ ୫୦୦ ତାଲିକାରେ ନିଜର ସ୍ଥାନ ବଜାୟ ରଖିଛି। ଏପରିକି କୌଣସି ଘରୋଇ କ୍ଷେତ୍ରର ଭାରତୀୟ କମ୍ପାନୀ ଏତେ ଦୀର୍ଘ ସମୟ ପର୍ଯ୍ୟନ୍ତ ଏହି ତାଲିକାରେ ରହିପାରିନାହିଁ। ଯଦିଓ ଗତ ବର୍ଷ କମ୍ପାନୀର ର୍‍ୟାଙ୍କିଙ୍ଗ୍ ୮୬ ରହିଥିଲା କିନ୍ତୁ ଏହା ୨୦୨୧ ଠାରୁ ୬୭ ସ୍ଥାନ ଉପରକୁ ଉଠିଛି, ଯେତେବେଳେ ଏହା ୧୫୫ ତମ ସ୍ଥାନରେ ରହିଥିଲା। ଉଲ୍ଲେଖଯୋଗ୍ୟ, ଫର୍ଚ୍ୟୁନ୍ ଗ୍ଲୋବାଲ ୫୦୦ ତାଲିକା କମ୍ପାନୀର ମୋଟ ରାଜସ୍ୱ ଆଧାରରେ ସ୍ଥିର ସହ ଏହି ତାଲିକାରେ ସେହି କମ୍ପାନୀଗୁଡ଼ିକୁ ସ୍ଥାନ ଦିଆଯାଇଛି। ଏହି ତାଲିକାରେ ମୋଟ ୯ ଭାରତୀୟ କମ୍ପାନୀ ସାମିଲ ଥିଲାବେଳେ ସେଥିମଧ୍ୟରୁ ୫ଟି ସରକାରୀ କ୍ଷେତ୍ରର ଉଦ୍ୟୋଗ ଏବଂ ୪ଟି ଘରୋଇ କ୍ଷେତ୍ରର ଉଦ୍ୟୋଗ ଅନ୍ତର୍ଭୁକ୍ତ ରହିଛନ୍ତି। ବିଶେଷକରି ଏହି ତାଲିକାରେ ରିଲାଏନ୍ସ ୮୮ ତମ ସ୍ଥାନ ଅଧିକାର କରିଥିବାବେଳେ ଭାରତୀୟ ଜୀବନ ବୀମା ନିଗମ (ଏଲ୍ଆଇସି) ୯୫ ତମ ସ୍ଥାନରେ ରହିଛି। ସେହିଭଳି ଇଣ୍ଡିଆନ୍ ଅଏଲ୍ କର୍ପୋରେଶନ ୧୨୭ତମ ସ୍ଥାନ, ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ୧୬୩ ତମ ସ୍ଥାନ, ଓଏନ୍‌ଜିସି ୧୮୧ତମ ସ୍ଥାନ, ଏଚ୍‌ଡିଏଫ୍‌ସି ବ୍ୟାଙ୍କ ୨୫୮ତମ ସ୍ଥାନ, ଟାଟା ମୋଟର୍ସ ୨୮୩ତମ ସ୍ଥାନ, ବିପିସିଏଲ୍ ୨୮୫ତମ ସ୍ଥାନ ଏବଂ ଆଇସିଆଇସିଆଇ ବ୍ୟାଙ୍କ ୪୬୪ ତମ ସ୍ଥାନରେ ରହିଛନ୍ତି। ସୂଚନାଯୋଗ୍ୟ, ୨୦୨୪-୨୫ ଆର୍ଥିକ ବର୍ଷରେ ଆର୍ଆଇଏଲ୍ ୧,୦୭୧,୧୭୪ କୋଟି ଟଙ୍କାର ରେକର୍ଡ ସମନ୍ୱିତ ମୋଟ ରାଜସ୍ୱ ରେକର୍ଡ କରିଥିଲା, ଯାହା ପୂର୍ବ ବର୍ଷ ତୁଳନାରେ ୭.୧% ବୃଦ୍ଧି ପାଇଥିଲା। ରିଲାଏନ୍ସ ଗ୍ରୁପ୍‌ର ସମସ୍ତ ବ୍ୟବସାୟ ଯଥା ତୈଳରୁ ରସାୟନ, ତୈଳ ଏବଂ ଗ୍ୟାସ୍, ରିଟେଲ ଏବଂ ଡିଜିଟାଲ ସେବା ଆଦି କ୍ଷେତ୍ରରେ ଜବରଦସ୍ତ ଅଭିବୃଦ୍ଧି ରେକର୍ଡ କରିଥିଲା।

ଅପରପକ୍ଷରେ ଫର୍ଚ୍ୟୁନ୍ ଗ୍ଲୋବାଲ ୫୦୦ ତାଲିକାରେ ୱାଲ୍‌ମାର୍ଟ (୧ମ), ଆମାଜନ (୨ୟ) ଏବଂ ଷ୍ଟେଟ୍ ଗ୍ରୀଡ୍ ଶ୍ରେଷ୍ଠ ୩ୟ ସ୍ଥାନରେ ରହିଛନ୍ତି।


## DISTRICT PROJECT OFFICE, SAMAGRA SHIKSHA, DHENKANAL

Phone & Fax : 95-6762-223175/227082, E-mail : dpcdhenkssa@opepa.nic.in
No. : 1316/dtd : 30.07.2025

### NOTICE INVITING TENDER (NIT)

Sealed tenders are invited from the reputed & credible manufactures/ suppliers supply of "Equipment's, TLMS and Furniture" for 09 No's Saksham Resource Centre at PM SHRI Schools of Dhenkanal District in two bid systems (Technical & Commercial Bid) as detailed below.

| Name of the Tender | Bid processing fees | Amount of EMD | Last Date & time of receipt of Bid | Date & time of opening of Technical Bid |
|---|---|---|---|---|
| Procurement of different equipment's TLMs & Furniture for SRC | Rs.1000/- | Rs.70000/- | 18.08.2025 at 2.00 P.M. | 19.08.2025 at 11.30 A.M. |

The detailed BID document is available in the website www.dhenkanal.odisha.gov.in & www.osepa.odisha.gov.in. Interested and eligible manufacturers/ Suppliers may download BID DOCUMENT from the above website and apply accordingly. Corrigendum / addendum, if required, will be uploaded in the above website. Hence potential bidders are requested to be in continuous touch with the above website.

The Tender Inviting Authority (TIA) reserves the right to accept / reject any full or part / all BID/cancel the entire selection process at any stage without assigning any reason thereof.

By orders of Collector-cum-Chairperson
Sd./- DEO-cum-DPC,
Samagra Shiksha, Dhenkanal


# ବିଏନ୍‌ଆଇ ଧଉଳି ଚାପ୍ଟରର ଶୁଭାରମ୍ଭ

ଭୁବନେଶ୍ୱର,୩୦।୭

ବିଜ୍‌ନେସ ନେଟ୍‌ୱାର୍କ ଇଣ୍ଟରନ୍ୟାଶନାଲ (ବିଏନ୍‌ଆଇ)ର ନୂତନ ଚାପ୍ଟର 'ବିଏନ୍‌ଆଇ ଧଉଳି ଗ୍ରେଟର ଓଡିଶା ଚାପ୍ଟର'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ବିଶେଷକରି ଏହା ଚାପ୍ଟରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ସିଏସ୍ ସୁନିତା ମହାନ୍ତିଙ୍କ ତତ୍ତ୍ୱାବଧାନରେ ଶୁଭାରମ୍ଭ ହୋଇଯାଇଛି। ଏହି ଶୁଭାରମ୍ଭ ସମାରୋହ ଉତ୍ସବରେ ଚାପ୍ଟରର କ୍ଷେତ୍ର ନିର୍ଦ୍ଦେଶକ କେ.ସଞ୍ଜୀବ ପାତ୍ରଙ୍କ ସମେତ ଜିଲା ନିର୍ଦ୍ଦେଶକ ବିମଳ ସାମଲ, ପ୍ରଦୀପ ଅଗ୍ରୱାଲ, ନମ୍ରତା ସାମଲ ଏବଂ ଧଉଳି ଚାପ୍ଟରର ସଭାପତିଜିତୁଶତପଥୀ, ଉପସଭାପତି ଅଭିଜିତ ମହାନ୍ତି, ସମ୍ପାଦକ ତଥା କୋଷାଧ୍ୟକ୍ଷ ବିବେକାନନ୍ଦ ମାଝୀ ଏବଂ ଏଲ୍‌ଭିଏଚ୍ ନିବେଦିତା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।


## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ନବରଙ୍ଗପୁର
### (ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍)
### ବିଜ୍ଞାପନ

ପତ୍ର ସଂଖ୍ୟା: ୩୬୪ ତାରିଖ: ୩୦।୦୭।୨୦୨୫



ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ଗତ ତା୨୧।୦୫।୨୦୨୫ରିଖ ଦିନ ଡାବୁଗାଁ ଥାନା ଅନ୍ତର୍ଗତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଠାରୁ ଏକ ପରିତ୍ୟକ୍ତ ଶିଶୁ କନ୍ୟା ଉଦ୍ଧାର ହୋଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ନବରଙ୍ଗପୁରଠାରେ ଚିକିତ୍ସା କରାଯାଇଥିଲା। ବର୍ତ୍ତମାନ ଉକ୍ତ ଶିଶୁ କନ୍ୟାଟିକୁ ଜିଲ୍ଲା ଶିଶୁ ମଙ୍ଗଳ କମିଟି, ନବରଙ୍ଗପୁରଙ୍କ ନିର୍ଦ୍ଦେଶକ୍ରମେ ନବରଙ୍ଗପୁରଠାରେ ଥିବା ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରରେ ତା'ର ଯତ୍ନ ଓ ସୁରକ୍ଷା ନିମନ୍ତେ ଥଇଥାନ କରାଯାଇଅଛି। ଉକ୍ତ ଶିଶୁ କନ୍ୟାର ଯଦି ନିଜସ୍ୱ ପିତାମାତା ବା ରକ୍ତ ସମ୍ପର୍କୀୟ ଦାବିଦାର ଥାଆନ୍ତି ତେବେ ଉପଯୁକ୍ତ ପ୍ରମାଣ ସହ ଏହି ବିଜ୍ଞାପନ ପ୍ରକାଶ ପାଇବାର ୩୦ ଦିନ ମଧ୍ୟରେ ନିମ୍ନ ଠିକଣାରେ ଯୋଗାଯୋଗ କରିବାକୁ ଅନୁରୋଧ। ଯଦି ଏହି ସମୟସୀମା ମଧ୍ୟରେ ଉକ୍ତ ଶିଶୁ କନ୍ୟାର ନିଜସ୍ୱ ପିତାମାତା ବା ରକ୍ତ ସମ୍ପର୍କୀୟ ଦାବିଦାର ନ ମିଳନ୍ତି, ତା'ହେଲେ ଉକ୍ତ ଶିଶୁକୁ କିଶୋର ନ୍ୟାୟ (ଶିଶୁମାନଙ୍କ ଯତ୍ନ ଓ ସୁରକ୍ଷା) ଆଇନ୍ ୨୦୧୫, ୨୦୨୧ ଏବଂ ପୋଷ୍ୟ ସନ୍ତାନ ଗ୍ରହଣ ଅଧିନିୟମ ୨୦୧୭, ୨୦୨୨ ଅନୁଯାୟୀ ପୋଷ୍ୟ ସନ୍ତାନ ଗ୍ରହଣ ପାଇଁ ଯୋଗ୍ୟ ବିବେଚିତ କରାଯିବ।

**ଯୋଗାଯୋଗ ଠିକଣା:**

- ଅଧ୍ୟକ୍ଷ, ଜିଲ୍ଲା ଶିଶୁ ମଙ୍ଗଳ କମିଟି, ନବରଙ୍ଗପୁର - ୮୭୬୩୧୦୫୩୫୦/ ୭୯୭୮୦୫୦୦୧୬।
- ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ନବରଙ୍ଗପୁର - ୮୮୯୫୧୮୬୪୦୩/୭୯୭୮୫୩୩୮୩୮।

ସ୍ୱା./- ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ନବରଙ୍ଗପୁର



## वरीय पुलिस अधीक्षक का कार्यालय पूर्वी सिंहभूम, जमशेदपुर

### लापताः आवश्यक सूचना



**गुमशुदा पुरूष बलदेव सिंह, उम्र–70 वर्ष ।**

सर्व साधारण को सूचित किया जाता है कि आवेदक कमलजीत सिंह के द्वारा अपने **पिता–बलदेव सिंह, उम्र–70 वर्ष की गुमशुदगी** के संबंध में टेल्को थाना में लिखित आवेदन दिया गया है। आवेदन में इनके द्वारा बताया गया है कि **गुमशुदा बलदेव सिंह, उम्र–70 वर्ष, पिता–स्व0 जागीर सिंह, पता–जेम्को आजाद बस्ती, थाना–टेल्को, जिला–पूर्वी सिंहभूम, जमशेदपुर** जो दिनांक–03.07.2025 को सुबह समय–करीब 06:30 बजे घर से बिना बताये निकले हैं अभी तक वापस नहीं लौटे हैं। गुमशुदा मानसिक तनाव में रहते हैं।

आवेदक एवं इनके परिवारवालों ने अपने स्तर से काफी खोजबीन किया परन्तु कुछ पता नहीं चल सका। **गुमशुदा पुरूष का हुलिया निम्न प्रकार है:–उम्र–70 वर्ष, कद–करीब 05 फीट 05 इंच, रंग–सांवला, सफेद रंग का लम्बा मूँछ दाढ़ी, पहनावा–सफेद रंग का कुर्ता पैजामा, चप्पल और सिर पर पगड़ी।**

अतः आप सभी जन साधारण से अनुरोध है कि यदि उपरोक्त हुलिये के संबंध में किसी प्रकार की जानकारी प्राप्त होती है तो इसकी सूचना वरीय पुलिस अधीक्षक के कार्यालय में निम्नांकित फोन नम्बर पर सूचित करें।

वरीय पुलिस अधीक्षक, पूर्वी सिंहभूम, जमशेदपुर : 0657–2431006
पुलिस अधीक्षक (नगर), पूर्वी सिंहभूम, जमशेदपुर : 9471190203
पुलिस उपाधीक्षक, (नगर) : 9431706483
थाना प्रभारी, टेल्को : 9431706510

वरीय पुलिस अधीक्षक, पूर्वी सिंहभूम, जमशेदपुर

PR 358555 (Police)25-26*D



## ଓଡ଼ିଶା ସରକାର
## ମାଲକାନଗିରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ମାଲକାନଗିରି
### ଘୋଷଣା

File No.4243/2025 Date:17.06.2025

No. XXVII-9: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act.2013) ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ, ମୌଜା-**ବତ୍ରିଆତାଲ**, ଥାନା-**ମାଲକାନଗିରି**, ତହସିଲ-**ମାଲକାନଗିରି**, **ଜିଲ୍ଲା- ମାଲକାନଗିରିରେ** ନିମ୍ନସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗୀକରଣ ପ୍ରକଳ୍ପ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ,୨୦୧୩ (RFCTLAR & R Act.2013)ର ଧାରା ୧୧ (୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୩୭୩/୨୦୨୩, ତା.୧୬.୦୬.୨୦୨୩ ରିଖରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା-**ବତ୍ରିଆତାଲ**, ଥାନା-**ମାଲକାନଗିରି**, ତହସିଲ-**ମାଲକାନଗିରି**, **ଜିଲ୍ଲା- ମାଲକାନଗିରିର** ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗୀକରଣ ପ୍ରକଳ୍ପ ନିମନ୍ତେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମନ୍ତେ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ । ଏହା ମଧ୍ୟ ଜିଲ୍ଲା ୱେବସାଇଟ www.malkangiri.odisha.gov.in ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ କରାଯାଇଅଛି । ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳସଂଯୋଗୀକରଣ ପ୍ରକଳ୍ପ ତଥା ତହସିଲଦାର ମାଲକାନଗିରିଙ୍କ ତହସିଲ କାର୍ଯ୍ୟାଳୟ, ମାଲକାନଗିରି କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

**ତଫସିଲ-କ**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**

ଜିଲ୍ଲା-ମାଲକାନଗିରି ତହସିଲ-ମାଲକାନଗିରି

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନମ୍ବର | ପ୍ଲଟ ନମ୍ବର | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ବତ୍ରିଆତାଲ | ଗ୍ରାମାଞ୍ଚଳ | ଅଧିଗ୍ରହଣ ହେବାକୁ ଥିବା ଜମିର ସମ୍ପୂର୍ଣ୍ଣ ବିବରଣୀ ଏଥି ସହ ସଂଲଗ୍ନ କରାଗଲା । | | | | | |

**ଭୂମି ଅନୁସୂଚୀ**
**ମୌଜା-ବତ୍ରିଆତାଲ, ଥାନା-ମାଲକାନଗିରି ନଂ-୭୪, ତହସିଲ-ମାଲକାନଗିରି, ଜିଲ୍ଲା-ମାଲକାନଗିରି**
**ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ଜୟପୁର ନିର୍ମାଣ ନିମନ୍ତେ**

| ଖାତା ନଂ. | ପ୍ଲଟ ନଂ. | ମୋଟ ରକବା | ଅଧିଗ୍ରହଣ ରକବା | କିସମ | ରୟତଙ୍କ ନାମ |
|---|---|---|---|---|---|
| ୭ | ୨୨୭ | ୮.୩୦୨ | ୦.୮୯୦ | ଡଙ୍ଗର-୨ | ଜଗା କୁଡାମି, ପି:ଇଡିମା କୁଡାମି, ଜା:କୋୟା, ବା:ନିଜଗାଁ |
| | ୧୮୮ | ୦.୫୫୮ | ୦.୦୨୬ | ଡଙ୍ଗର-୨ | |
| | ୧୮୬ | ୧.୩୬୪ | ୦.୯୮୩ | ଧାନ-୩ | |
| ୧୩ | ୨୨୩ | ୦.୬୮୦ | ୦.୧୬୪ | ଡଙ୍ଗର-୨ | ଦେବା କୁଡାମି, ମେଣ୍ଡା କୁଡାମି, ପି:ଗାଙ୍ଗା କୁଡାମି, ଜା:କୋୟା, ବା:ନିଜଗାଁ |
| | ୬୪ | ୦.୪୦୮ | ୦.୦୦୨ | ଡଙ୍ଗର-୨ | |
| ୧୯ | ୨୨୯ | ୧.୫୧୨ | ୦.୬୧୮ | ଡଙ୍ଗର-୨ | ଭିମା କାରତାମି, ପି:ମୁଡା କାରତାମି, ଜା:କୋୟା, ବା:ନିଜଗାଁ |
| | ୨୩୧ | ୦.୨୨୭ | ୦.୦୦୫ | ଧାନ-୩ | |
| ୬୮ | ୨୨୪/୮ | ୧.୦୮୭ | ୦.୧୩୮ | ଜଙ୍ଗଲ | ଗଙ୍ଗା କୁରାମି, ପି:ଦେବା କୁରାମି, ଗାଙ୍ଗି କୁରାମି, ସ୍ୱା:ଗଙ୍ଗା କୁରାମି, ଜା:କୋୟା, ବା:ବତ୍ରିଆତାଲ |
| ୧୦୧ | ୧୮୭/୩ | ୦.୯୩୯ | ୦.୧୩୩ | ଜଙ୍ଗଲ | ଲଛମା କୁରାମି, ପି:ଜଗା କୁରାମି, ବୁଦ୍ରୀ କୁରାମି, ସ୍ୱା:ଲଛମା କୁରାମି, ଜା:କୋୟା, ବା:ବତ୍ରିଆତାଲ |
| ୩୨ | ୧୮୭/୧ | ୨.୩୭୧ | ୦.୦୯୬ | ଜଙ୍ଗଲ | ଜଙ୍ଗଲ |
| ୭୧ | ୧୮୫/୧ | ୧.୫୦୭ | ୧.୦୫୦ | ଜଙ୍ଗଲ | ଆଡମା କୁରାମି, ପି:ଜଗା କୁରାମି, ଜା:କୋୟା, ବା:ବତ୍ରିଆତାଲ |
| | ମୋଟ | ୧୮.୯୫୫ | ୪.୧୦୫ | | |

**ତଫସିଲ-ଖ**
**(ପୁନର୍ବାସ ନିମନ୍ତେ ଚିହ୍ନଟ ଭୂମି ଅନୁସୂଚୀ)**

ଜିଲ୍ଲା-ମାଲକାନଗିରି ତହସିଲ-ମାଲକାନଗିରି

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନମ୍ବର | ପ୍ଲଟ ନମ୍ବର | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନା ବୈଧ ତାରିଖ: ଅଧିସୂଚନା ପ୍ରକାଶିତ ହେବାର ୩୦ ଦିନ ଠାରୁ ଛଅ ମାସ ମଧ୍ୟରେ ।
ଉକ୍ତ ଜମିରେ ସ୍ୱାର୍ଥ ଥିବା ବ୍ୟକ୍ତି ବିଶେଷ ନିଜେ କିମ୍ବା ନିଜର ପ୍ରତିନିଧି କିମ୍ବା ଓକିଲ ଜରିଆରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ମାଲକାନଗିରି ଠାରେ ତା.୨୦.୦୭.୨୦୨୫ ରିଖ ଦିବା ୧୧.୦୦ ଘଟିକା ସମୟରେ ଉପସ୍ଥିତ ହୋଇ ଜିଲ୍ଲାପାଳଙ୍କ ନିକଟରେ ନିଜର ସ୍ୱାର୍ଥ ସାବ୍ୟସ୍ତ କରିପାରିବେ ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- ଜିଲ୍ଲାପାଳ, ମାଲକାନଗିରି

OIPR-24382/14/0013/2526



## ଓଡ଼ିଶା ସରକାର
## ମାଲକାନଗିରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ମାଲକାନଗିରି
### ଘୋଷଣା

File No.1362/2025 Date:14.5.2025

No. XXVII-7: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ବହୁ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act.2013) ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ, ମୌଜା-**ଧଉଡ଼ାଗୁଡା**, ଥାନା-**ମାଥିଲି**, ତହସିଲ-**ମାଥିଲି**, **ଜିଲ୍ଲା- ମାଲକାନଗିରିରେ** ନିମ୍ନସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗୀକରଣ ପ୍ରକଳ୍ପ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ,୨୦୧୩ (RFCTLAR & R Act.2013)ର ଧାରା ୧୧ (୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୪୦୯/୨୦୨୩, ତା.୧୬.୦୬.୨୦୨୩ ରିଖରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା-**ଧଉଡ଼ାଗୁଡା**, ଥାନା-**ମାଥିଲି**, ତହସିଲ-**ମାଥିଲି**, **ଜିଲ୍ଲା- ମାଲକାନଗିରିର** ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗୀକରଣ ପ୍ରକଳ୍ପ ନିମନ୍ତେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମନ୍ତେ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ । ଏହା ମଧ୍ୟ ଜିଲ୍ଲା ୱେବସାଇଟ www.malkangiri.odisha.gov.in ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ କରାଯାଇଅଛି । ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳସଂଯୋଗୀକରଣ ପ୍ରକଳ୍ପ ତଥା ତହସିଲଦାର ମାଥିଲିଙ୍କ ତହସିଲ କାର୍ଯ୍ୟାଳୟ, ମାଥିଲି କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

**ତଫସିଲ-କ**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**

ଜିଲ୍ଲା-ମାଲକାନଗିରି ତହସିଲ-ମାଥିଲି

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନମ୍ବର | ପ୍ଲଟ ନମ୍ବର | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଧଉଡ଼ାଗୁଡା | ଗ୍ରାମାଞ୍ଚଳ | ଅଧିଗ୍ରହଣ ହେବାକୁ ଥିବା ଜମିର ସମ୍ପୂର୍ଣ୍ଣ ବିବରଣୀ ଏଥି ସହ ସଂଲଗ୍ନ କରାଗଲା । | | | | | |

**ଭୂମି ଅନୁସୂଚୀ**
**ମୌଜା:ଧଉଡ଼ାଗୁଡା, ଥାନା-ମାଥିଲି ନଂ-୭୦, ତହସିଲ-ମାଥିଲି, ଜିଲ୍ଲା-ମାଲକାନଗିରି**
**ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ଜୟପୁର ନିର୍ମାଣ ନିମନ୍ତେ**

| ଖାତା ନଂ. | ପ୍ଲଟ ନଂ. | ମୋଟ ରକବା (ଏକର) | ଅଧିଗ୍ରହଣ ରକବା (ଏକର) | କିସମ | ରୟତଙ୍କ ନାମ |
|---|---|---|---|---|---|
| ୫ | ୮୫ | ୧.୮୮୦ | ୦.୬୪୧୧ | ଧାନ ଦୁଇ | ଗୁରୁ ପରଜା ବୁଧୁ ପରଜା, ପି-ଜଗବନ୍ଧୁ ପରଜା, ଜା-ପରଜା, ବା-ନିଜଗାଁ |
| ୧୨ | ୪ | ୬.୪୨୫ | ୦.୦୦୩୧ | ଡଙ୍ଗର ଦୁଇ | ଘେନୁଆ ପରଜା ରଘୁ ପରଜା ଗୋପି ପରଜା, ପି-ଗୁଡା ପରଜା, ଜା-ପରଜା, ବା-ନିଜଗାଁ |
| ୯୧/୫୦ | ୭ | ୦.୯୧୯ | ୦.୩୬୫୬ | ଧାନ ଦୁଇ | ଦଇମତି ଖିଲ, ସ୍ୱା-ସନୁ ଖିଲ, ଜା-ଡମ୍ବ, ବା-ନିଜଗାଁ |
| ୯୧/୩୯ | ୧୨/୫୩୫ | ୦.୦୩୯୫ | ୦.୦୨୯୬ | ଘରବାରି | ସନୁ ଖିଲ, ପି-ସନ୍ୟା ଖିଲ, ଦଇମତୀ ଖିଲ, ସ୍ୱା-ସନୁ ଖିଲ, ଜା-ଡମ୍ବ, ବା-ଧଉଡାଗୁଡା |
| ୯୧/୪୦ | ୧୨/୫୩୬ | ୦.୦୩୯୫ | ୦.୦୦୯୮ | ଘରବାରି | ଲଛମନ ପରଜା, ପି-ସନ୍ୟା ପରଜା, ଜମୁନା ପରଜା, ସ୍ୱା-ଲଛମନ ପରଜା |
| | ମୋଟ | ୯.୩୦୩ | ୧.୦୪୯ | | |

**ତଫସିଲ-ଖ**
**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**

ଜିଲ୍ଲା-ମାଲକାନଗିରି ତହସିଲ-ମାଥିଲି

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନମ୍ବର | ପ୍ଲଟ ନମ୍ବର | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନା ବୈଧ ତାରିଖ: ଅଧିସୂଚନା ପ୍ରକାଶିତ ହେବାର ୩୦ ଦିନ ଠାରୁ ଛଅ ମାସ ମଧ୍ୟରେ ।
ଉକ୍ତ ଜମିରେ ସ୍ୱାର୍ଥ ଥିବା ବ୍ୟକ୍ତି ବିଶେଷ ନିଜେ କିମ୍ବା ନିଜର ପ୍ରତିନିଧି କିମ୍ବା ଓକିଲ ଜରିଆରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ମାଲକାନଗିରି ଠାରେ ତା.୦୧.୦୭.୨୦୨୫ ରିଖ ଦିବା ୧୧.୦୦ ଘଟିକା ସମୟରେ ଉପସ୍ଥିତ ହୋଇ ଜିଲ୍ଲାପାଳଙ୍କ ନିକଟରେ ନିଜର ସ୍ୱାର୍ଥ ସାବ୍ୟସ୍ତ କରିପାରିବେ ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- ଜିଲ୍ଲାପାଳ, ମାଲକାନଗିରି

OIPR-24382/14/0014/2526

# ଗୁଡ୍ ସମରିଟାନ ପଲିସିରେ ୧୦ଜଣଙ୍କୁ ସମ୍ବର୍ଦ୍ଧନା

ସୋନପୁର,୩୦।୭(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ସଡକ ସୁରକ୍ଷା କମିଟିର ବୈଠକ ଅତିରିକ୍ତ ଜିଲାପାଳ ଅଞ୍ଜଳିନା ପଧାନଙ୍କ ଅଧ୍ୟକ୍ଷତାରେ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ ପରିବହନ ଅଧିକାରୀ ଅକ୍ଷୟ କୁମାର ଜେନା ବୈଠକ ସମ୍ପର୍କରେ ସୂଚନା ଦେବା ସହ ଜୁନ୍ ମାସରେ ଜିଲାରେ ଦୁର୍ଘଟଣାଜନିତ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିବା ସୂଚନା ଦେଇଥିଲେ। ସଚେତନତା ପରେ ଜିଲାରେ ଦୁର୍ଘଟଣା ଓ ତଦ୍‌ଜନିତ ମୃତ୍ୟୁ ସଂଖ୍ୟା ହ୍ରାସ ପାଇଛି। ତେବେ ମଣିଷ ଜୀବନ ବହୁ ମୂଲ୍ୟବାନ। ତେଣୁ ପୋଲିସ ଓ ପରିବହନ ବିଭାଗର ମିଳିତ ଯାଞ୍ଚକୁ କଡାକଡି କରିବାକୁ ଅତିରିକ୍ତ ଜିଲାପାଳ ପରାମର୍ଶ ଦେଇଥିଲେ। ବୋଲବମ୍ ଭକ୍ତମାନେ ଅସୁରକ୍ଷିତଭାବେ ଯାତାୟତ କରୁଛନ୍ତି। ସେମାନଙ୍କୁ ସଚେତନ କରିବା ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ସୁରକ୍ଷାକୁ ଦୃଷ୍ଟିରେ ସ୍କୁଲ ସେଫ୍ଟି କମିଟି ଗଠନ ଓ ସ୍କୁଲକୁ ଯାତାୟାତ କରୁଥିବା ଯାନଗୁଡିକର ଫିଟ୍‌ନେସ ଓ ପରମିଟ୍ ଯାଞ୍ଚ କରିବା ନେଇ ଆଲୋଚନା ହୋଇଥିଲା। ପୋଲିସ ଓ ପରିବହନ ବିଭାଗ ପକ୍ଷରୁ ହେଲମେଟ ଚେକିଂ, ଟ୍ରିପୁଲ ରାଇଡିଂ, ମଦ୍ୟପାନ କରି ଗାଡି ଚାଳନା ଓ ଡ୍ରାଇଭିଂ ସମୟରେ ମୋବାଇଲ ଫୋନ୍ ବ୍ୟବହାର ହେଉଥିବା ଯାନଗୁଡିକୁ କଡାକଡି ଯାଞ୍ଚ କରିବା ପାଇଁ ନିଷ୍ପତ୍ତି ହୋଇଛି। ଏହି ଅବସରରେ



ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ହୋଇଥିବା ସ୍ୱେଚ୍ଛାସେବୀମାନେ।

ଜିଲାର ୧୫ଟି ସ୍ଥାନରେ ଦୁର୍ଘଟଣାରେ ଆହତଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିବା ୧୦ସ୍ୱେଚ୍ଛାସେବୀଙ୍କୁ ସରକାରଙ୍କ ଗୁଡ୍ ସମରିଟାନ ପଲିସିରେ ସମ୍ବର୍ଦ୍ଧିତ କରାଯାଇଥିଲା। ରକ୍ସାର ମାଗୁଣି ଭୋଇ, ମାୟାବାହା ପଞ୍ଚାୟତ ହାଇସ୍କୁଲର ଶିକ୍ଷକ ରବି ଚନ୍ଦ୍ର ପଶାୟତ, କାଦୋଦର ପଞ୍ଚାୟତ ଗେଲଗୁଡିର ତିଲୋକେଶ କର୍ମୀ, ବୀରମହାରାଜପୁର ଥାନା ମହଦାର ଜତିନ ସାହୁ, ବଡଅଙ୍କରିଆର ରାମେଶ୍ୱର ପଧାନ, ମେଣ୍ଡାର କମ୍ବୁପାଣି ସାହୁ, ରାମପୁର ର ସଞ୍ଜିବ ବାଗ, ମେଘଲାର ଶମ୍ଭୁ ପ୍ରସାଦ ପଧାନ, ସୁବର୍ଣ୍ଣପୁର ସହର ଘୋଡାଘାଟପଡାର ହେମନ୍ତ ବାଗ ଓ କଳିଙ୍ଗ ନଗର ର ବିନୋଦ ଘଡିଆ ପ୍ରମୁଖ

**ସୁବର୍ଣ୍ଣପୁରରେ ସଡ଼କ ସୁରକ୍ଷା କମିଟି ବୈଠକ**

**ରାହାବୀର ସ୍କିମ୍ ସମ୍ପର୍କରେ ଆଲୋଚନା**

ସ୍ୱେଚ୍ଛାସେବୀଙ୍କୁ ଅର୍ଥ ରାଶି ଓ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ଏହି ଅବସରରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ନୂତନ ଭାବେ ଲାଗୁ କରାଯାଇଥିବା ରାହାବୀର ଯୋଜନା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଗୋଲଡେନ ଆୱାର ସମୟରେ ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କୁ ଡାକ୍ତରଖାନାରେ ପହଞ୍ଚାଉଥିବା ବ୍ୟକ୍ତିଙ୍କୁ ପ୍ରୋତ୍ସାହାନ ସ୍ୱରୂପ ସରକାର ୨ହଜାର ଲେଖାଏ ପ୍ରଦାନ କରୁଥିଲେ। ଗତ ୫ ତାରିଖଠାରୁ କେନ୍ଦ୍ର ସରକାର ରାହାବୀର ଯୋଜନା ପ୍ରଣୟନ କରିଛନ୍ତି। ଏଣିକି ଦୁର୍ଘଟଣାରେ ଆହତଙ୍କୁ ଡାକ୍ତରଖାନାରେ ପହଞ୍ଚାଇ ଦେଖାଶୁଣା କଲେ କେନ୍ଦ୍ର ସରକାର ସ୍ୱେଚ୍ଛାସେବୀଙ୍କୁ ୨୫ହଜାର ଟଙ୍କା ପ୍ରଦାନ କରିବେ। ଏନେଇ ପରିବହନ ଅଧିକାରୀ ଜେନା ବୁଝାଇଥିଲେ। ସେହିପରି ବ୍ଲକ ଛକକୁ ୬୦ମିଟର ଗୋଲେଇ ଓ ଆକର୍ଷଣୀୟ କରିବା ପାଇଁ ଜମି ଚିହ୍ନଟ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ବୈଠକରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ କେ କେ ହରିପ୍ରସାଦ, ଡିଏସପି ଚନ୍ଦ୍ର ଶେଖର ଶବର, ପୂର୍ତ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀ ଇଂ ଶୈଳେଶ ଢେଲକି, ସିଏସଓ କେଦାର ନାୟକ, ଭାରପ୍ରାପ୍ତ ଡିଆଇପିଆରଓ ଅର୍ଜୁନ ମାଝୀ, ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ଋଷି ମାଝୀ, ଏମଭିଆଇ ବିଶ୍ୱ ରଞ୍ଜନ ସାହୁ, କନିଷ୍ଠ ଏମ୍‌ଭିଆଇ ଦେବବ୍ରତ ପଟ୍ଟା, ଟ୍ରାଫିକ ସବ୍‌ଇନିସପେକ୍ଟର ପୂଜା ଭେଣ୍ଡ୍ରା, ଜିଲା ସଡକ ସୁରକ୍ଷା କମିଟିର ମୃତ୍ୟୁଞ୍ଜୟ ଶତପଥୀ, ସ୍ୱାଧୀନ କୁମାର ମେହେର, ରେଆର ସମ୍ପାଦକ ଅନଙ୍ଗ ନେଗୀ, ବେସରକାରୀ ବସ ମାଲିକ ସଂଘର ସଭାପତି ଦୀପକ କୁମାର ମହାପାତ୍ର, ଦେବରଞ୍ଜନ ତ୍ରିପାଠୀ, ଚିତ୍ତ ପଟ୍ଟନାୟକ ଓ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ରହି ନିଜର ମତାମତ ପ୍ରଦାନ କରିଥିଲେ।

# ବେପରୁଆ କାର୍ ଚାଳନା, ଭାଙ୍ଗିଲା ବିଦ୍ୟୁତ୍ ଖୁଣ୍ଟ

ବୀରମହାରାଜପୁର,୩୦।୭(ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରରେ ମଙ୍ଗଳବାର ରାତିରେ ଜଣେ ମହିଳା ଡାକ୍ତରଙ୍କ ବେପରୁଆ କାରଚାଳନା ଯୋଗୁ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ପ୍ରତ୍ୟକ୍ଷଦର୍ଶୀଙ୍କ କହିବାନୁସାରେ ତ୍ରିବେଣୀ ଛକ ପାଖରେ ରାତି ପ୍ରାୟ ୧୦ଟା ୧୫ରେ ସମ୍ପୃକ୍ତା ଡାକ୍ତର ଘରକୁ ଫେରୁଥିବା ବେଳେ ନିୟନ୍ତ୍ରଣ ହରାଇ କାରକୁ ଟାଉନ ହଲ ସମ୍ମୁଖରେ ଥିବା ଏକ ଏକ ସିମେଣ୍ଟ ଇଲେକ୍ଟ୍ରି ଖୁଣ୍ଟରେ ଧକ୍କା ଦେଇଥିଲେ। କାର ଧକ୍କାରେ ଇଲେକ୍ଟ୍ରି ଖୁଣ୍ଟ ଅଧା ଭାଙ୍ଗିଯାଇଥିଲା। ପରେ ଏକ ଜାମୁଗଛ, ଜଣେ ବ୍ୟକ୍ତିଙ୍କ ବାଇକକୁ ପିଟି ପାର୍ଶ୍ୱରେ ଥିବା ଚା' ଦୋକାନ ଲୁହାବେଞ୍ଚରେ କାର ବାଡ଼େଇ ହୋଇଥିଲା। ଏହି ସମୟରେ ଉକ୍ତ ବେଞ୍ଚରେ ଶୋଇଥିବା ଏକ ଭେରାଇଟି ଷ୍ଟୋର ମାଲିକ ଛିଟିକି ପଡ଼ି ଆହତ ହୋଇଥିଲେ। ଡାକ୍ତରଙ୍କ କାର ସମ୍ମୁଖ ପଟ ଭାଙ୍ଗି ଯାଇଛି। ଦୁର୍ଘଟଣାସ୍ଥଳରେ ଥିବା ଲୋକେ ଉତ୍ତ୍ୟକ୍ତ ହୋଇ ସମ୍ପୃକ୍ତ ଡାକ୍ତରଙ୍କୁ ଗାଳିଗୁଲଜ କରିଥିଲେ। ଖବର ପାଇ ପୋଲିସଙ୍କ ସହିତ କେତେଜଣ ସ୍ୱେଚ୍ଛାସେବୀ ଘଟଣାସ୍ଥଳରେ ପହଞ୍ଚି ଉତ୍ତେଜନାକୁ ପ୍ରଶମିତ କରିଥବା କୁହାଯାଉଛି। ଏ ସଂକ୍ରାନ୍ତରେ ସ୍ଥାନୀୟ ଥାନାରେ କୌଣସି ମାମଲା ରୁଜୁ ହୋଇନାହିଁ। ଅପରପକ୍ଷରେ ବୁଧବାର ଭାଙ୍ଗି ଯାଇଥିବା ଇଲେକ୍ଟ୍ରି ଖୁଣ୍ଟକୁ ସମ୍ପୃକ୍ତ ବିଭାଗ ତରଫରୁ ବଦଳା ଯାଇଛି। ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି।

# ଅମରପାଲି ହାଇସ୍କୁଲରେ ଶିକ୍ଷକ-ଅଭିଭାବକ ସମ୍ମିଳନୀ



ସମ୍ମିଳନୀରେ ଉପସ୍ଥିତ ଅଭିଭାବକ ଓ ଶିକ୍ଷକ।

ଅମରପାଲି,୩୦।୭(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅମରପାଲି ହାଇସ୍କୁଲରେ ବୁଧବାର ଶିକ୍ଷକ-ଅଭିଭାବକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଉମେଶ ଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସ୍କୁଲ ପରିଚାଳନା କମିଟି ସଭାପତି ଅଶୋକ କୁମାର ସାହୁ, ପଞ୍ଚସଖା ଶିକ୍ଷା ସେତୁ କମିଟି ସଭାପତି ପୀତାମ୍ବର ସାହୁ ଓ ଅନ୍ୟ ଶିକ୍ଷକମାନେ ମଞ୍ଚାସୀନ ଥିଲେ। ଶିକ୍ଷକ ସମ୍ବିତ ପ୍ରଧାନ ଅତିଥି ପରିଚୟ ପ୍ରଦାନ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶିକ୍ଷକ ପଦ୍ମନାଭ ପ୍ରଧାନ ବିବରଣୀ ପ୍ରଦାନ କରିଥିବା ବେଳେ ବ୍ରହ୍ମାନନ୍ଦ ପ୍ରଧାନ ଗତ ବୈଠକର ବିବରଣୀ ପ୍ରଦାନ କରିଥିଲେ। ଶିକ୍ଷକ ଶ୍ୟାମ ସୁନ୍ଦର ସେଠୀ ସ୍ୱଚ୍ଛତା ପକ୍ଷ ଉପରେ ଉପସ୍ଥିତ ଅଭିଭାବକଙ୍କୁ କହିଥିଲେ। କହ୍ନେଇ ଚରଣ ପଧାନ, ସମ୍ବିତ ପ୍ରଧାନ, ପଦ୍ମନାଭ ପ୍ରଧାନ, ବ୍ରହ୍ମାନନ୍ଦ ପ୍ରଧାନ ସ୍କୁଲର ଶିକ୍ଷା ପ୍ରଣାଳୀ ଓ ଅନ୍ୟାନ୍ୟ ବିଷୟ ଉପରେ ମତବ୍ୟକ୍ତ କରିଥିଲେ। ଉପସ୍ଥିତ ଅଭିଭାବକମାନେ ମଧ୍ୟ ସୁଚିନ୍ତିତ ମତ ରଖିଥିଲେ। ଏହି ବୈଠକରେ ସ୍କୁଲର ସମସ୍ତ ଶିକ୍ଷକ, ଅଭିଭାବକ, ସ୍କୁଲ କର୍ମଚାରୀ, ସ୍କୁଲ ପରିଚାଳନା କମିଟି ସଦସ୍ୟ ଉପସ୍ଥିତ ଥିଲେ।

# ଶିକ୍ଷକ, ଅଭିଭାବକ ବୈଠକ

ହରଭଙ୍ଗା,୩୦।୭(ନରେନ୍ଦ୍ର କୁମାର ସାହୁ)

**ଛାତ୍ରୀ ଛାତ୍ରଙ୍କୁ ପଠନ ଲିଖନ ସାମଗ୍ରୀ ବଣ୍ଟନ**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ତୁକୁଲୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବୁଧବାର ଶିକ୍ଷକ ଓ ଅଭିଭାବକ ବୈଠକ ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଶିକ୍ଷକ ବାମଦେବ ଦାଶଙ୍କ ବେସରକାରୀ ସଂସ୍ଥା ସହଯୋଗର ଛାତ୍ରୀଛାତ୍ରଙ୍କୁ ପଠନ ଲିଖନ ସାମଗ୍ରୀ ବଣ୍ଟନ କରାଯାଇଥିଲା। ବିଦ୍ୟାଳୟର ଉନ୍ନତି ହେବା ସହ ପିଲାମାନେ ଠିକ ଭାବେ ଶିକ୍ଷା ପାଇପାରିବେ ସେ ନେଇ ଆଲୋଚନା ହୋଇଥିଲା। ପିଲାମାନଙ୍କୁ ପ୍ରତିଦିନ ବିଦ୍ୟାଳୟକୁ ପଠାଇବାକୁ ଅଭିଭାବକମାନେ ଶପଥ ପାଠ କରିଥିଲେ। ଏହା ସହ ବିଦ୍ୟାଳୟର ସୌନ୍ଦର୍ଯ୍ୟକରଣ ଉପରେ ଗୁରୁତ୍ୱ ଦେବାକୁ ଅଭିଭାବକମାନେ କହିଥିଲେ। ବୈଠକରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।



ପିଲାଙ୍କୁ ପଠନ ସାମଗ୍ରୀ ବଣ୍ଟନ କରାଯାଉଛି।



ସମ୍ବଲପୁରୀ ଦିନ ପାଳନ ପ୍ରସ୍ତୁତି ବୈଠକରେ ବରିଷ୍ଠ ନାଗରିକ ସଙ୍ଗଠନ ସଦସ୍ୟ।

# ସମ୍ବଲପୁରୀ ଦିନ୍ ପାଇଁ ପ୍ରସ୍ତୁତି ବୈଠକ

ବୀରମହାରାଜପୁର,୩୦।୭(ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବରିଷ୍ଠ ନାଗରିକ ସଙ୍ଗଠନ କାର୍ଯ୍ୟାଳୟ ପରିସରରେ ବୁଧବାର ପୂର୍ବାହ୍ନ ୧୧ଟାରେ ଅଗଷ୍ଟ ୧ ତାରିଖ ସମ୍ବଲପୁରୀ ଦିନ୍ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ଡକ୍ଟର ପ୍ରଫୁଲ୍ଲ କୁମାର ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଉକ୍ତଦିନ ଅନୁଷ୍ଠାନ ସଦସ୍ୟମାନେ ସମ୍ବଲପୁରୀ ପୋଷାକ ପରିଧାନ କରିବେ। ଏଥିସହ ଦିବସବ୍ୟାପୀ ସମ୍ବଲପୁରୀ କବିତା ଆସର ଓ ଆଲୋଚନାଚକ୍ର କରାଯିବାକୁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏହା ସହିତ ଆସନ୍ତା ଅଗଷ୍ଟ ୨ରେ ବରିଷ୍ଠ ନାଗରିକମାନଙ୍କୁ ପରିଚୟ ପତ୍ର ପ୍ରଦାନ କରାଯିବା ବ୍ୟବସ୍ଥା କରାଯାଇଥିବାରୁ ସେ ସଂକ୍ରାନ୍ତରେ ମଧ୍ୟ ଆଲୋଚନା କରାଯାଇଥିଲା। ଅନୁଷ୍ଠାନ ପକ୍ଷରୁ ପାଳନ କରାଯାଉଥିବା ଗଙ୍ଗାଧର ମେହେର ଜୟନ୍ତୀ ଓ ନୂଆଁଖାଇ ଭେଟ୍‌ଘାଟ ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା। ବୈଠକରେ ଡକ୍ଟର ଦ୍ୱିତୀକୃଷ୍ଣ ପଣ୍ଡା, ବାସୁଦେବ ପଣ୍ଡା, ଉପ ସଭାପତି ସୌମିତ୍ରୀ ମେହେର, ସମ୍ପାଦକ ସନ୍ତୋଷ ଷଡ଼ଙ୍ଗୀ, ଭୂଷଣ କୁମାର ପାତ୍ର, କୋଷାଧ୍ୟକ୍ଷ ଦୟାନିଧି ହୋତା, ଅକ୍ରୁର ଦନ୍ତା, ନାରାୟଣ ପ୍ରସାଦ ନାୟକ, ଜୀତେନ୍ଦ୍ର ପ୍ରଧାନ, ସତ୍ୟ ନାରାୟଣ ନାୟକ, ଚନ୍ଦ୍ର କୁମାର ବିଶି, ନରେନ୍ଦ୍ର ମହାନନ୍ଦ, ଦିଲୀପ କୁମାର ତ୍ରିପାଠୀ ଉପସ୍ଥିତ ଥିଲେ।

# ୬୦ଲିଟର ଦେଶୀମଦ ଜବତ, ୨ ଗିରଫ

ତରଭା, ୩୦।୭(ମାନଭଞ୍ଜନ ମିଶ୍ର)

ସୁବର୍ଣ୍ଣପୁର ଜିଲା ତରଭା ଥାନା ଅଧୀନ ମେଣ୍ଡା ଫାଣ୍ଡି ପୋଲିସ ପାଟ୍ରୋଲିଂ କରୁଥିବା ସମୟରେ ବୁଧବାର ସକାଳେ ତିଳେଇମାଲ ଛକରୁ ଚାଲାଣ ହେଉଥିବା ୬୦ ଲିଟର ମଦ ଜବତ କରିଛି। ଚାଲାଣରେ ସମ୍ପୃକ୍ତ ୨ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ବଲାଡ଼ି ଗ୍ରାମର ସଚିନ ସାହୁ ଓ ସିଂବାହାଲି ଗ୍ରାମର ଜ୍ଞାନ ସାହୁ। ଉଭୟଙ୍କୁ ବୁଧବାର କୋର୍ଟଚାଲାଣ କରାଯାଇଥିଲା। ଏ ନେଇ ତରଭା ଥାନାରେ ଏକ ମାମଲା(ନଂ. ୧୯୪/୨୫) ରୁଜୁ ହୋଇଛି। ଫାଣ୍ଡି ଅଧିକାରୀ ଟଙ୍କଧର ଛତ୍ରିଆ ପାଟ୍ରୋଲିଂ କରୁଥିବା ବେଳେ ଏକ ବାଇକକୁ ସନ୍ଦେହରେ ଅଟକାଇ ଯାଞ୍ଚ କଲାବେଳେ ଜରିବସ୍ତାରେ ଥିବା ମଦ ଜବତ କରିଥିଲେ।

# ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକ

ଡୁଙ୍ଗୁରିପାଲି, ୩୦।୭(ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ସଭାଗୃହରେ ବୁଧବାର ସ୍ୱାଧୀନତା ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଡିଓ ଦିଲୀପ କୁମାର ବାଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକକୁ ଏବିଡିଓ ମହେଶ୍ୱର ପଧାନ ପରିଚାଳନା କରିଥିଲେ। ବିପ୍ରଚରଣ ସାହୁ ଆସନ୍ତା ସ୍ୱାଧୀନତା ଦିବସକୁ ସୁଚାରୁରୂପେ ପାଳନ ଉପରେ ସୂଚନା ପ୍ରଦାନ କରିଥିଲେ। ଏବିଓ ଜଗତ ମଲ୍ଲିକ, ସମାଜସେବୀ ଗୋପାଳ ବାରିକ, ଶିକ୍ଷକ ଦେବରାଜ ସେଠ, ପଦ୍ମିନୀ ସାହୁ, ପ୍ରଧାନଶିକ୍ଷକ କରମଚାନ୍ଦ ବାରିକ, ଓକିଲ ସଂଘ ସଭାପତି ସୁବାଷଚନ୍ଦ୍ର ଭୋଇ, ଉପସଭାପତି ଜଗନ୍ନାଥ ମିଶ୍ର, ଇନ୍ଦ୍ରା ସାହୁ, ଓଏଭି ପ୍ରଧାନଶିକ୍ଷକ ହିମାଂଶୁ କୁଅଁର, ଡୁଙ୍ଗୁରିପାଲି ଆଥଲେଟିକ ଆସୋସିଏଶନର ଧର୍ମେନ୍ଦ୍ର ବିଶ୍ୱାଳ, ବିଏସ୍‌ଏସ୍‌ଓ କ୍ଷୀରୋଦ ଭୂଷଣ ରଥ, ପୋଗ୍ରାମ ଆସିଷ୍ଟାଣ୍ଟ ପ୍ରଭୁଦତ୍ତ ନାଏକ, ଏପିଓ ପ୍ରଦ୍ୟୁମ୍ନ କୁମାର ସାହୁ, ଅତୁଲ୍ୟ କୁମାର ସାହୁ, ବ୍ଲକ ଯୋଗାଣ ନିରୀକ୍ଷକ ସୁବ୍ରତକୁମାର ପାଣି, ବିପିସି ସଞ୍ଜିତ କୁମାର ଷଡ଼ଙ୍ଗୀ ଓ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ। ଆସନ୍ତା ସ୍ୱାଧୀନତା ଦିବସ ପାଳନର ରୂପରେଖ ଉପରେ ବୈଠକରେ ଆଲୋଚନା ହୋଇଥିଲା। କାର୍ଯ୍ୟସୂଚୀ ଅନୁଯାୟୀ ସ୍ୱାଧୀନତା ଦିବସରେ ଭୋର ୪ଟାରେ ରାମଧୂନ, ପ୍ରଭାତଫେରି, ସାମୂହିକ ଜାତୀୟ ପତାକା ଉତ୍ତୋଳନ କରାଯିବ। କାର୍ଯ୍ୟକ୍ରମ ବିଇଓ ଅଫିସ ସମ୍ମୁଖରେ ଥିବା ସଂଗ୍ରାମୀ ମଣ୍ଡପରେ ହେବ।

# ପାପକ୍ଷୟ ଘାଟ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ବୃକ୍ଷରୋପଣ




ମନ୍ଦିର ପରିସରରେ ନଡିଆ ଚାରା ରୋପଣ କରାଯାଉଛି।

ବିନିକା,୩୦।୭(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ସହରାଞ୍ଚଳ ପାପକ୍ଷୟ ଘାଟ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ବୁଧବାର ସକାଳ ୯ଟାରେ ଭୀମଭୋଇ ସେବା ଫାଉଣ୍ଡେଶନ ତରଫରୁ ୨୫ଟି ନଡ଼ିଆ ଚାରା ରୋପଣ କରାଯାଇଛି। ଏଥିରେ ଏନଏସି ଏକଜିକ୍ୟୁଟିଭ ଅଫିସର ମାନସ ରଞ୍ଜନ ଭୋଇ, ଅବସରପ୍ରାପ୍ତ ଏସବିଆଇ ଶାଖା ପରିଚାଳକ ଘନଶ୍ୟାମ ମେହେର, ଭାଜପା ବରିଷ୍ଠ ନେତା ଭୁବନେଶ୍ୱର ପାତ୍ର, ଜୟଦେବ ହରି, ସାମାଜିକ କର୍ମୀ ରୀତାରାଣୀ ପଣ୍ଡା, ପୂର୍ଣ୍ଣଚନ୍ଦ୍ର ଦୀପଙ୍କ ସମେତ ଫାଉଣ୍ଡେସନ ପ୍ରତିଷ୍ଠାତା ରାମ ଗୋପାଳ ବାଘ ଓ ସଦସ୍ୟମାନେ ଯୋଗଦେଇଥିଲେ।

# ଲୋକଙ୍କ ସହଯୋଗରେ ଅଞ୍ଚଳର ବିକାଶ ହେବ

ବୀରମହାରାଜପୁର,୩୦।୭(ଯୁଗଳ କିଶୋର ମିଶ୍ର)




ସାଂସ୍କୃତିକ ସଂସଦ ତରଫରୁ ନୂତନ ଉପଜିଲାପାଳଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ସାଂସ୍କୃତିକ ସଂସଦ ତରଫରୁ ନୂତନ ଉପଜିଲାପାଳଙ୍କୁ ସମ୍ବର୍ଦ୍ଧନା**

ବୀରମହାରାଜପୁର ସାଂସ୍କୃତିକ ସଂସଦ ତରଫରୁ ମୈତ୍ରୀ ସଦନଠାରେ ନୂତନ ଉପଜିଲାପାଳ ତଥା ସଂସଦର ସ୍ଥାୟୀ ସଭାପତି ସୁରେନ୍ଦ୍ର ମେହେରଙ୍କୁ ବୁଧବାର ସନ୍ଧ୍ୟା ୬ଟାରେ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ବୀରମହାରାଜପୁର ସାଂସ୍କୃତିକ ସଂସଦ କାର୍ଯ୍ୟକାରୀ ସଭାପତି ସ୍ୱୟମ୍ଭୁନାଥ ଖଣ୍ଡଗିରୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ଏହି କାର୍ଯ୍ୟକ୍ରମରେ ବୀରମହାରାଜପୁର ଉପଖଣ୍ଡ ପୋଲିସ ଅଧିକାରୀ ହେମନ୍ତ କୁମାର ରାଓ, ତହସିଲଦାର ସୁଚିସ୍ମିତା ପାଣିଗ୍ରାହୀ, ଅନୁଷ୍ଠାନର ସାଧାରଣ ସମ୍ପାଦକ ଭୂଷଣ କୁମାର ପାତ୍ର, ଉପଦେଷ୍ଟା ଡ଼ ପ୍ରଫୁଲ୍ଲ କୁମାର ରଥ ମଞ୍ଚାସୀନ ଥିଲେ। ଉପଜିଲାପାଳ ତାଙ୍କ ସମ୍ବର୍ଦ୍ଧନା ଉତ୍ତରରେ ବୀରମହାରାଜପୁର ଏକ ବୀରମାଟି। ଏଠାରୁ ପ୍ରଜା ଆନ୍ଦୋଳନ ହୋଇଥିଲା। ଏଠାକାର ସାଂସ୍କୃତିକ ଐତିହ୍ୟ ଓ ବିଶେଷ ଭାବରେ ଏଠାକାର ବାନ୍ଧକଳା ସାରା ଦେଶ ଓ ଦେଶ ବାହାରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ଏଣୁ ସମସ୍ତ ମିଳିତ ସହଯୋଗରେ ଏଠାରେ ଲୋକ ମହୋତ୍ସବ ମାଳେଶ୍ରୀ ସହିତ ଅଞ୍ଚଳର ସମସ୍ତ ସାଂସ୍କୃତିକ ଓ ଐତିହ୍ୟକୁ ଋଦ୍ଧିମନ୍ତ କରାଯାଇ ପାରିବ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ସ୍ୱୟମ୍ଭୁନାଥ ଖଣ୍ଡଗିରୀ। ସ୍ୱାଗତ ସମ୍ବର୍ଦ୍ଧନା ପାଇଁ ସପ୍ତଦୀପା ସାହିତ୍ୟ ସଂସଦ ସଭାପତି ଡ଼ ଦ୍ୱୀତିକୃଷ୍ଣ ପଣ୍ଡା, ବୀରମହାରାଜପୁର ମହାବିଦ୍ୟାଳୟ ଅଧ୍ୟକ୍ଷ ଡ଼ ହିମାଂଶୁ ଶେଖର ପାଢ଼ୀ, ଅକ୍ଷୟ କୁମାର ରାଏ, କିଶୋର କୁମାର ହୋତା, ଅଧ୍ୟାପିକା ସନ୍ତୋଷିନୀ ନାୟକ ପ୍ରମୁଖ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଲକ୍ଷ୍ମୀ ନାରାୟଣ ସାହୁ। ଅନୁଷ୍ଠାନର ସମାଜ ମଙ୍ଗଳ ସମ୍ପାଦକ ଯୁଗଳ କିଶୋର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସହକାରୀ ଜିଲାପାଳ ଅଜିତ କୁମାର ମିର୍ଦ୍ଧା, ବରିଷ୍ଠ ସଦସ୍ୟ ଗୋପୀନାଥ ମହାକୁଡ଼, ପୂର୍ବତନ ବ୍ଲକ ଅଧ୍ୟକ୍ଷ ରଞ୍ଜିତ କୁମାର ରଥ, ଆଇନଜୀବୀ ପ୍ରଦୀପ କୁମାର ମିଶ୍ର, ନାରାୟଣ ଦେହୁରୀ, ପ୍ରତିଷ୍ଠାତା କାର୍ଯ୍ୟକାରୀ ସଭାପତି ସୌମିତ୍ରୀ ମେହେର, କୋଷାଧ୍ୟକ୍ଷ ଦୟାନିଧି ହୋତା, ବରିଷ୍ଠ ନାଗରିକ ସଙ୍ଗଠନ ସମ୍ପାଦକ ସନ୍ତୋଷ କୁମାର ଷଡଙ୍ଗୀ ପ୍ରମୁଖ ସାମିଲ ଥିଲେ।

# କରିଡରରେ ଗ୍ରୀଲ୍, ସୋଲାର ବିଦ୍ୟୁତ୍ ବ୍ୟବସ୍ଥା ନାହିଁ

**ବଲାଙ୍ଗୀର,୩୦।୭(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଅନେକ ସମସ୍ୟା ଦେଇ ଗତି କରୁଛି। ପ୍ରାଧ୍ୟାପକ ଏବଂ ଅଣଶୈକ୍ଷିକ ଷ୍ଟାଫ୍ ଅଭାବଜନିତ ସମସ୍ୟା ସହ କଲେଜ ସମୟରୁ ଲାଗି ରହିଥିବା ଜମି ସମସ୍ୟାର ସମାଧାନ ହୋଇନାହିଁ। ଏହି ବିଶ୍ୱବିଦ୍ୟାଳୟର ପାଚେରି ନିର୍ମାଣ ହେଉନାହିଁ। ଫଳରେ ଛାତ୍ରୀଛାତ୍ର, ଅଧ୍ୟାପକ ଏବଂ ଷ୍ଟାଫ୍‌ଙ୍କ ସୁରକ୍ଷା ଚିନ୍ତା ଲାଗି ରହିଛି। ଭିତ୍ତିଭୂମିର ବିକାଶ ହେଉ ନ ଥିବାରୁ ଏହି ଶିକ୍ଷାନୁଷ୍ଠାନ ଅନେକ ସଦସ୍ୟା ଦେଇ ଗତି କରୁଛି। ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ନିର୍ମାଣ ହୋଇଥିବା ଏକମାତ୍ର ଏକାଡେମିକ୍ କୋଠା ମଧ୍ୟ ଅନେକ ସମସ୍ୟା ଦେଇ ଗତି କରୁଛି। କର୍ତ୍ତୃପକ୍ଷଙ୍କ ପାଖରେ ଏହି ଏକାଡେମିକ୍ କୋଠା ଏକମାତ୍ର ଏବଂ ନୂଆ ଭିତ୍ତିଭୂମି ଭାବେ ରହିଛି। ଏଠାରେ ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଭାଗର ପାଠପଢ଼ା ଏବଂ ପ୍ରାଧ୍ୟାପକଙ୍କ ବିଭାଗୀୟ ଚ୍ୟାମ୍ବର ରହିଛି। ତିନିତଳ ବିଶିଷ୍ଟ ଏହି କୋଠାରେ ପ୍ରାୟ ୧୦୦ଟି କୋଠରୀ ରହିଛି। ତେବେ ଏହି କୋଠାର ଦ୍ୱିତୀୟ ଏବଂ ତୃତୀୟ ମହଲାସ୍ଥିତ କରିଡରରେ କୌଣସି ଲୁହା ଗ୍ରୀଲ ବ୍ୟବସ୍ଥା ହୋଇନଥିବାରୁ ଏହାକୁ ନେଇ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ



ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ପ୍ରଫେସର ଡ. ଉମାବଲ୍ଲଭ ମହାପାତ୍ର ଲୁହା ଗ୍ରୀଲ ନ ଥିବା କରିଡର ବୁଲି ଦେଖୁଛନ୍ତି।

ଚିନ୍ତା ପ୍ରକଟ କରିଛନ୍ତି। ଛାତ୍ରୀଛାତ୍ର ଓ ଅଧ୍ୟାପକଙ୍କ ସୁରକ୍ଷା ଦୃଷ୍ଟିରୁ ଏହି କୋଠାର କରିଡରରେ ଲୁହା ଗ୍ରୀଲ ଲଗାଯିବାର ନିହାତି ଆବଶ୍ୟକତା ରହିଛି। କୌଣସି ଯୋଜନାରେ ବିଶେଷ କରି ଶିକ୍ଷାନୁଷ୍ଠାନ, ହସ୍ପିଟାଲ ଏବଂ ହଷ୍ଟେଲ ସୁଉଚ୍ଚ କୋଠା ତିଆରି ସମୟରେ କରିଡର ଏବଂ କଠୋରୀ ଝରକାଗୁଡିକରେ ଲୁହା ଗ୍ରୀଲ ଲଗାଯିବା ଅନିବାର୍ଯ୍ୟ ଓ ବାଧ୍ୟତାମୂଳକ କରାଯାଇଥିଲେ ମଧ୍ୟ ଏଠାରେ ଲୁହା ଗ୍ରୀଲ ଲଗାଯାଇନାହିଁ। ଫଳରେ ଅଘଟଣ ଆଶଙ୍କା ଲାଗି ରହିଛି। ଲୁହା ଗ୍ରୀଲ୍ ବ୍ୟବସ୍ଥା କରିବାକୁ ବିଶ୍ୱବିଦ୍ୟାଳୟ ପକ୍ଷରୁ ଉଚ୍ଚଶିକ୍ଷା ବିଭାଗ ନିକଟରେ ଦାବି କରାଯାଇଛି।

ଏହାବାଦ୍ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରେ ଏ ପର୍ଯ୍ୟନ୍ତ ସୌରଶକ୍ତି ଓ ସୌର ବିଦ୍ୟୁତ୍ ବ୍ୟବହାର ବ୍ୟବସ୍ଥା ହୋଇନାହିଁ। ଫଳରେ ବିଶ୍ୱବିଦ୍ୟାଳୟକୁ ଅଧିକ ବିଦ୍ୟୁତ୍ ବ୍ୟୟଭାର ବହନ କରିବାକୁ ପଡୁଛି। ସରକାର ବିଭିନ୍ନ ସରକାରୀ ଅଫିସ, ଶିକ୍ଷାନୁଷ୍ଠାନ, ହସ୍ପିଟାଲ, କାରଖାନା ଏବଂ ବିଭିନ୍ନ ବ୍ୟକ୍ତିଗତ କୋଠାକୁ ସୌର ବିଦ୍ୟୁତ୍‌ସମ୍ପନ୍ନ କରି ଜଳ ଓ ତାପଜ ବିଦ୍ୟୁତ୍ ବ୍ୟବହାର ଭାରକୁ କମ୍ କରିବାକୁ ଚାହୁଁଛନ୍ତି। ଏନେଇ ବିଭିନ୍ନ ଯୋଜନା କରି ଲୋକଙ୍କୁ ସଚେତନ କରୁଛନ୍ତି। ତେବେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ

**ବଲାଙ୍ଗୀର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ**

- ଅନୁମୋଦନ ଅପେକ୍ଷାରେ ଓରେଡ଼ା ପ୍ରସ୍ତୁତ ରୁଫ୍‌ଟପ୍ ସୌର ପ୍ରକଳ୍ପ
- ଦ୍ୱିତୀୟ, ତୃତୀୟ ଏକାଡେମିକ୍ କୋଠା ନିର୍ମାଣ ହୋଇନାହିଁ
- ଅଡିଟୋରିୟମ୍, ଲାଇବ୍ରେରି ହଲ୍, ରାସ୍ତା, ଡ୍ରେନ୍ ଓ ପାଚେରି ଶୀଘ୍ର ନିର୍ମାଣ ଦାବି

କର୍ତ୍ତୃପକ୍ଷ ବିଶ୍ୱବିଦ୍ୟାଳୟକୁ ସୌର ବିଦ୍ୟୁତ୍ ସମ୍ପନ୍ନ କରିବା ଦିଗରେ ବାରମ୍ବାର ଦାବି କରି ଆସୁଥିଲେ ମଧ୍ୟ ଏ ଦିଗରେ ବିଭାଗୀୟ ଆଗ୍ରହ ଦେଖାଯାଉନଥିବାରୁ ବିଶ୍ୱବିଦ୍ୟାଳୟକୁ ଅଧିକ ବିଦ୍ୟୁତ୍ ଦେୟ ଭାର ବହନ କରିବାକୁ ପଡୁଛି। ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ପକ୍ଷରୁ ଗତବର୍ଷରୁ ଭୁବନେଶ୍ୱର ଓରେଡା ପ୍ରସ୍ତୁତ ଏକ 'ରୁଫ୍ ଟପ୍ ସୌର ଶକ୍ତି ପ୍ରକଳ୍ପ' ରିପୋର୍ଟକୁ ଉଚ୍ଚଶିକ୍ଷା ବିଭାଗକୁ ଦିଆଯାଇଛି। ପ୍ରାୟ ଦେଢ଼ କୋଟି ଟଙ୍କାର ଉକ୍ତ ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଭାଗ ସୌର ବିଦ୍ୟୁତ୍‌ରେ ଚାଲିପାରିବ। ଏପରି କି ବିଶ୍ୱବିଦ୍ୟାଳୟ ଛାତ ପ୍ରକଳ୍ପରୁ ଉତ୍ପନ୍ନ ସୌର ଶକ୍ତିକୁ ନିଜେ ବ୍ୟବହାର କରିବା ସହ ବଳକା ସୌର ବିଦ୍ୟୁତ୍‌କୁ ବିଦ୍ୟୁତ୍ ବିଭାଗକୁ ବିକ୍ରି ମଧ୍ୟ କରିପାରିବେ। ଫଳରେ ବିଶ୍ୱବିଦ୍ୟାଳୟର ବିଦ୍ୟୁତ୍ ଦେୟ ଢ଼େର କମିଯିବ। ଏସବୁ ପାଇଁ ବିଶ୍ୱବିଦ୍ୟାଳୟରେ ଆବଶ୍ୟକ ଭିତ୍ତିଭୂମି ବା ବିରାଟ ଛାତ ରହିଛି। ତେବେ ଏଯାଏ ଉଚ୍ଚଶିକ୍ଷା ବିଭାଗ ଏ ଦିଗରେ କୌଣସି ପଦକ୍ଷେପ ନେଇନାହିଁ। ଏନେଇ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡ. ଉମାବଲ୍ଲଭ ମହାପାତ୍ରଙ୍କୁ ପଚାରିବାରେ ୨୦୨୪ ମସିହାରୁ ରୁଫ୍‌ଟପ୍ ସୋଲାର ବିଦ୍ୟୁତ୍ ପ୍ରକଳ୍ପ ସଂକ୍ରାନ୍ତରେ ଓରେଡା ପ୍ରସ୍ତୁତ ପ୍ରକଳ୍ପ ଅନୁମୋଦନ ପାଇଁ ବିଭାଗକୁ ପଠାଯାଇଛି। ଏହା ବିଶ୍ୱବିଦ୍ୟାଳୟ ପାଇଁ ଏକ ଜରୁରୀ ପ୍ରକଳ୍ପ । ଏହାକୁ ବିଭାଗ ଶୀଘ୍ର କାର୍ଯ୍ୟକାରୀ କରିବା ପାଇଁ ପଦକ୍ଷେପ ନେବା ଉଚିତ୍ ବୋଲି ସେ କହିଛନ୍ତି। ଏହାଛଡା କରିଡରରେ ଶୀଘ୍ର ଲୁହା ଗ୍ରୀଲ ବ୍ୟବସ୍ଥା, ଶୀଘ୍ର ଦ୍ୱିତୀୟ ଏବଂ ତୃତୀୟ ଏକାଡେମିକ୍ କୋଠା ନିର୍ମାଣ, ଅଡିଟୋରିୟମ୍ ଓ ଲାଇବ୍ରେରୀ ହଲ ଶୀଘ୍ର ନିର୍ମାଣ କରିବାକୁ ସେ କହିଛନ୍ତି। ବିଶ୍ୱବିଦ୍ୟାଳୟ ପାଇଁ ଅବଶ୍ୟକ ଜମି, ଭିତ୍ତିଭୂମି, ରାସ୍ତା ଓ ଡ୍ରେନ୍ ନିର୍ମାଣ, ପାଚେରୀ ନିର୍ମାଣ ଉପରେ ଧ୍ୟାନ ଦେବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି।

# ଯୁବୋଦୟ ପକ୍ଷରୁ ଏଡ୍‌ସ ସଚେତନତା କାର୍ଯ୍ୟକ୍ରମ




ଯୁବୋଦୟ ପକ୍ଷରୁ ଅନୁଷ୍ଠିତ ଏଡ୍‌ସ ସଚେତନତା ରାଲି।

**ବଲାଙ୍ଗୀର,୩୦।୭(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ସଦର ବ୍ଲକ ଅନ୍ତର୍ଗତ ସକମା ସ୍ଥିତ ଯୁବୋଦୟ କଲେଜ ଅଫ ଆଡ଼ଭାନ୍ସଡ ଟେକ୍ନୋଲୋଜିରେ ଏଡ଼ସ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଡ଼. ଦୈତାରୀ ପୂଜାହାରୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଥମେ ଲୋଇସିଂହାଠାରେ ଏକ ସଚେତନତା ରାଲି କରାଯାଇ ଏଡ଼ସ ସମ୍ପର୍କରେ ଲୋକଙ୍କୁ ସଚେତନ କରାଯାଇଥିଲା। ରାଲି ପରେ ଛାତ୍ରୀଛାତ୍ରଙ୍କ ପାଇଁ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ବିଜେତାମାନଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ବଲାଙ୍ଗୀର ଡିଆଇସି ଜେନେରାଲ ମ୍ୟାନେଜର ଇଂ. ବି. ପି. ଦାଶ, ଡ଼. ଦୈତାରୀ ପୂଜାହାରୀ ଏବଂ କଲେଜ ଅଧ୍ୟକ୍ଷ ଉପସ୍ଥିତ ରହିବିଜେତାମାନଙ୍କୁ ପୁରସ୍କାର ଓ ସମ୍ମାନପତ୍ର ପ୍ରଦାନ କରିଥିଲେ। ସମସ୍ତ ବିଏସି., ବିସିଏ ଓ ବିବିଏ ଛାତ୍ରୀଛାତ୍ରଙ୍କୁ ଅଂଶଗ୍ରହଣ ପାଇଁ ପ୍ରମାଣପତ୍ର ଦିଆଯାଇଥିଲା।

# ଯୁବୋଦୟରେ 'ଯୁବକ ଓ ଶିଳ୍ପ' ଶୀର୍ଷକ ସେମିନାର



ଯୁବୋଦୟରେ ଅନୁଷ୍ଠିତ ସେମିନାର।

**ବଲାଙ୍ଗୀର,୩୦।୭(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ସକ୍‌ମାସ୍ଥିତ ଯୁବୋଦୟ କଲେଜ ଅଫ୍ ଆଡ଼ଭାନ୍ସଡ ଟେକ୍ନୋଲୋଜିଠାରେ ଯୁବକ ଓ ଶିଳ୍ପ ଶୀର୍ଷକ ସେମିନାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ଶିଳ୍ପ କେନ୍ଦ୍ର (ଡିଆଇସି)ର ଜେନେରାଲ ମ୍ୟାନେଜର ଇଂ. ବିପି ଦାଶ ଯୋଗଦେଇ ସେମିନାରରେ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇଥିଲେ। କ୍ଷୁଦ୍ର, ଛୋଟ ଓ ମଧ୍ୟମ ଶିଳ୍ପ (ଏମ୍‌ଏସ୍‌ଏମ୍‌ଇ) ପ୍ରୋତ୍ସାହନ ଓ ବିକାଶ ବିଷୟରେ ଆଲୋଚନା କରିଥିଲେ। ଡିଆଇସି ପକ୍ଷରୁ ଲାଭଜନକ ପ୍ରୋଜେକ୍ଟ ଚିହ୍ନଟ କରିବା, ପଞ୍ଜୀକରଣ, ପ୍ରମାଣପତ୍ର ପ୍ରଦାନ, ପ୍ରୋଜେକ୍ଟ ରିପୋର୍ଟ ପ୍ରସ୍ତୁତ କରିବା ଏବଂ ଉଦ୍ୟୋଗୀମାନଙ୍କୁ ବ୍ୟବସାୟ ଆରମ୍ଭ ଓ ବିସ୍ତାର କରିବାରେ କିଭଳି ମାର୍ଗଦର୍ଶନ କରେ କହିଥିଲେ। ଏହି ସେମିନାରରେ କଲେଜର ଛାତ୍ରୀଛାତ୍ର, ପ୍ରଧ୍ୟାପକ ଉପସ୍ଥିତ ଥିଲେ।

**ସଂକ୍ଷେପରେ**

## ପୋଖରୀରୁ ଜବତ ହେଲା ଯୁବକଙ୍କ ମୃତଦେହ

**ଯୁବକ ନିଖୋଜ ଘଟଣା**

**ପାଟଣାଗଡ,୩୦।୭(ସଚ୍ଚିଦାନନ୍ଦ ମହାକୁର)**

ବୁଧବାର ବଲାଙ୍ଗୀର ଜିଲା ଲରମ୍ବା ଥାନା କନ୍ହେଇଟାଳ ଗାଁ ପୋଖରୀରୁ ଜଣେ ଯୁବକଙ୍କ ମୃତଦେହ ଜବତ ହୋଇଛି। ମୃତକ ହେଲେ ସେହି ଗାଁର ଶୁଶିଲ ବରିହା (୩୫)। ମଙ୍ଗଳବାର ଶୁଶିଲ ମଧ୍ୟାହ୍ନ ସମୟରେ ଗାଁ ପୋଖରୀକୁ ଗାଧୋଇବାକୁ ଯାଇ ନିଖୋଜ ଥିବା ନେଇ ପରିବାର ବର୍ଗ ପ୍ରଥମେ ପୋଲିସ ଓ ପରେ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ । ଦୀର୍ଘ ସମୟ ଧରି ଦମକଳ ବାହିନୀ ଖୋଜିଖୋଜି କରିବା ପରେ ମଧ୍ୟ ତାଙ୍କ ପତ୍ତା ମିଳି ନ ଥିଲା । ବୁଧବାର ପୁଣି ଦମକଳ ବାହିନୀ ଓ ଓଡ୍ରାଫ ଟିମ୍ ୩ ଘଣ୍ଟା ଧରି ଖୋଜାଖୋଜି କରିବା ପରେ ପୋଖରୀରୁ ଯୁବକଙ୍କ ମୃତଦେହ ଜବତ ହୋଇଥିଲା। ଲରମ୍ବା ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ଅଧିକ ତଦନ୍ତ ଚଳାଇଛି ।

## ଧର୍ମ ପରାୟଣା ଶାନ୍ତିଲତା ମହାନ୍ତିଙ୍କ ପରଲୋକ



ସ୍ୱର୍ଗତା ଶାନ୍ତିଲତା ମହାନ୍ତି।

**ବଲାଙ୍ଗୀର,୩୦।୭(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ଟିକ୍ରାପଡା ନିବାସୀ ଶାନ୍ତିଲତା ମହାନ୍ତି (୯୬)ଙ୍କ ମଙ୍ଗଳବାର ପରଲୋକ ଘଟିଛି। ସେ ଜଣେ ଧର୍ମ ପରାୟଣା, ମେଳାପି ଓ ସ୍ନେହୀ ମହିଳା ଭାବେ ପରିଚିତ ଥିଲେ। ଜୀବନରେ ଅତି ଅଳ୍ପ ବୟସରୁ ସ୍ୱାମୀଙ୍କୁ ହରାଇଥିଲେ ବି ସଂଘର୍ଷମୟ ପରିସ୍ଥିତିକୁ ସାମନା କରି ତାଙ୍କ ସନ୍ତାନ ସନ୍ତତିଙ୍କୁ ଉପଯୁକ୍ତ ଶିକ୍ଷା ପ୍ରଦାନ କରି ସମାଜରେ ପ୍ରତିଷ୍ଠିତ କରି ପାରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ଦୁଇପୁଅ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ପ୍ରେମଚାନ୍ଦ ମହାନ୍ତି ଓ ନିତେଇ ଚାନ୍ଦ ମହାନ୍ତି, ବୋହୂ, ନାତି ଓ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। ବିଭୂତିପଡାସ୍ଥିତ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ, ମଦନ ମୋହନ ରଥ, କେଶବ ଚନ୍ଦ୍ର ମିଶ୍ର, ଅରୁଣ ଖୁଆସ, କସ୍ତୁରୀ ରଥ, ମାଳତୀ ଉଦ୍‌ଗାତା, ଡା. ଆଶିଷ ଦାନୀ, ଡା. ପ୍ରଶାନ୍ତ ପ୍ରଧାନ ,ବିଧୁଭୂଷଣ ତ୍ରିପାଠୀ, କପିଳ ପତି, ମୋତିଲାଲ ସାହୁ, ସୁବ୍ରତ ବହିଦାର, ଗଙ୍ଗାଭୂଷଣ ପୃଷେଠ, ସୁଶାନ୍ତ ପଟ୍ଟନାୟକ ଉପସ୍ଥିତ ରହି ଗଭୀର ଶୋକବ୍ୟକ୍ତ କରିଥିଲେ।

# ନାନା ସମସ୍ୟା ଦେଇ ଗତି କରୁଛି ଦେଓଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର



ଦେଓଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କ ଲମ୍ବା ଲାଇନ।

- ବିଶେଷଜ୍ଞ ଡାକ୍ତର ଓ ନର୍ସ ଅଭାବ
- ୫ଟି ବ୍ଲକର ଲୋକେ ନିର୍ଭରଶୀଳ

**ଦେଓଗାଁ,୩୦।୭(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ମୁଖ୍ୟାଳୟରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନା ନା ଅବ୍ୟବସ୍ଥା ମଧ୍ୟରେ ଚାଲିଛି। ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଦେଓଗାଁ ସମେତ ପଡୋଶୀ ବ୍ଲକର ଲୋକେ ନିର୍ଭର କରିଥାନ୍ତି। ଦିନକୁ ଦିନ ରୋଗୀ ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ବିଶେଷଜ୍ଞ ଡାକ୍ତର ଓ ନର୍ସ ଅଭାବ ଲାଗି ରହିଛି । ଏହି ପୁରାତନ ସ୍ୱାସ୍ଥ୍ୟକେନ୍ଦ୍ରର ଭିତ୍ତିଭୂମି ସୁଦୃଢ଼ କରା ନ ଯିବା ତଥା ଡାକ୍ତର ପଦବୀ ଦୀର୍ଘ ଦିନ ଧରି ଖାଲି ପଡିଥିବା ବେଳେ ଏଥିପ୍ରତି ସରକାରୀ କଳର ଦୃଷ୍ଟି ନ ପଡିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ବୁଧବାର ପୂର୍ବାହ୍ନରେ ବଲାଙ୍ଗୀର ଭୀମଭୋଇ ମେଡିକାଲର ସୁପରିଟେଣ୍ଡେଣ୍ଟ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପରିଦର୍ଶନରେ ଆସି ଉପସ୍ଥିତ ରୋଗୀମାନଙ୍କୁ ସମସ୍ୟା ନେଇ ପଚାରି ବୁଝିଥିଲେ। ବିଶେଷଜ୍ଞ ଡାକ୍ତର ନ ଥିବାରୁ ଅନେକ ରୋଗୀ ଉଚ୍ଚତ୍ତର ଚିକିତ୍ସା ନ ପାଇ ଅଯଥାରେ ଖର୍ଚ୍ଚାନ୍ତ ହେଉଥିବା ଅଭିଯୋଗ ହୋଇଥିଲା। ସେହିପରି ଚିକିତ୍ସାଳୟରେ ଆବଶ୍ୟକ ଥିବା ୧୦ଜଣ ନର୍ସ ମଧ୍ୟରୁ ମାତ୍ର ୪ଜଣ ଥିବାରୁ ଚିକିତ୍ସାରେ ବାଧା ସୃଷ୍ଟି ହେଉଥିବା ଅନେକ ଅଭିଯୋଗ କରିଥିଲେ। ଏହାଛଡା ଆବଶ୍ୟକ ପଡୁଥିବା ବିଭିନ୍ନ ଉପକରଣ ଅଭାବ ରହିଛି। ଏହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମାନ୍ୟତା ପାଇଥିଲେ ହେଁ ଭିତ୍ତିଭୂମିର କୌଣସି ବିକାଶ ହୋଇନାହିଁ ବୋଲି କହିଥିଲେ।

ପୁରାତନ ଆଜବେଷ୍ଟସ୍ କୋଠା ଏବେ ବିପଦପୂର୍ଣ୍ଣ ହୋଇଥିବାରୁ ପରିସରରେ ନିର୍ମାଣ ହୋଇଥିବା ଭୀମଭୋଇ ମେଡିକାଲର ଟ୍ରେନିଂ ସେଣ୍ଟରରେ ସ୍ୱାସ୍ଥ୍ୟକେନ୍ଦ୍ର ଚାଲୁଛି। ସ୍ୱାସ୍ଥ୍ୟକେନ୍ଦ୍ରରେ ସମୁଦାୟ ୨୧ଜଣ ଡାକ୍ତର ରହିବା ସ୍ଥଳେ ନିୟମିତ ଡାକ୍ତର ମାତ୍ର ୩ ଜଣ ଓ ଚୁକ୍ତିଭିତ୍ତିକ ଡାକ୍ତର ୩ ଜଣ ରହିଛନ୍ତି। ଭେଷଜ ବିଶେଷଜ୍ଞ, ଶିଶୁ ରୋଗ ବିଶେଷଜ୍ଞ ଓ ସର୍ଜରୀ ବିଶେଷଜ୍ଞ ପଦବୀ ଖାଲି ରହିଥିବାରୁ ଲୋକମାନେ ହାତପାହାନ୍ତାରେ ଚିକିତ୍ସା ସୁବିଧା ପାଇପାରୁନାହାନ୍ତି। ଏହି ଚିକିତ୍ସାଳୟ ଉପରେ ଦେଓଗାଁ ବ୍ଲକ ସମେତ ଗୁଡଭେଲା, ସଇଁତଲା, ପୁଇଁତଲା, ସଦର ବ୍ଲକ ଓ ତୂଡାପାଲିର ଲୋକମାନେ ନିର୍ଭର କରନ୍ତି। ପ୍ରାୟ ୬-୭ ମାସ ତଳେ ୪୦ରୁ ୫୦ ଜଣ ରୋଗୀ ଆସୁଥିବା ବେଳେ ଏବେ ପ୍ରତ୍ୟେକ ଦିନ ଉପରୋକ୍ତ ୫ଟି ବ୍ଲକ ଅଞ୍ଚଳରୁ ୨ଶହରୁ ୨୫୦ ରୋଗୀ ପଞ୍ଜୀକୃତ ହୋଇ ଚିକିତ୍ସିତ ହେଉଥିବା ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ସୂଚନା ମିଳିଛି। ଅନ୍ୟପକ୍ଷରେ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱତନ୍ତ୍ର ଟ୍ରାନ୍ସଫର୍ମର ନ ଥିବା ବେଳେ ଲୋ ଭୋଲଟେଜ ରହୁଛି। ଫଳରେ ଅନେକ ଯନ୍ତ୍ରପାତି ଓ ମୂଲ୍ୟବାନ ଇଞ୍ଜେକ୍ସନ ନଷ୍ଟ ହେଉଥିବା ଚିକିତ୍ସାଳୟର ଅଧୀକ୍ଷକ ଡା. ଚିତ୍ତରଞ୍ଜନ ମିଶ୍ର ସୂଚନା ଦେଇଛନ୍ତି। ଏଣୁ ଥ୍ରୀ ଫେଜ୍ ବିଦ୍ୟୁତ ପାଇଁ ଏକ ସ୍ୱତନ୍ତ୍ର ଟ୍ରାନ୍ସଫର୍ମର ଲଗାଇବା ଜରୁରୀ ବୋଲି ମତପ୍ରକାଶ ପାଇଛି । ସେହିପରି ସ୍ୱାସ୍ଥ୍ୟକେନ୍ଦ୍ରର ନିଜସ୍ୱ କୋଠା ନିର୍ମାଣ, ମୁଖ୍ୟ ଫାଟକ ନିର୍ମାଣ ଓ ବ୍ଲକ କାର୍ଯ୍ୟାଳୟ ନିକଟରୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ରାସ୍ତା ଉନ୍ନତୀକରଣ କରିବା ଦିଗରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ସ୍ୱତନ୍ତ୍ର ଭାବେ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

# ଖପ୍ରାଖୋଲରେ ହେବ ରାଜ୍ୟସ୍ତରୀୟ ତୀରନ୍ଦାଜ ପ୍ରତିଯୋଗିତା

**ଖପ୍ରାଖୋଲ,୩୦।୭(ଅଭୟ ତ୍ରିପାଠୀ)**

ଖପ୍ରାଖୋଲ ବ୍ଲକ ସଦର ମହକୁମାରେ ଆଗାମୀ ଅକ୍ଟୋବରରେ ରାଜ୍ୟସ୍ତରୀୟ ତୀରନ୍ଦାଜ ପ୍ରତିଯୋଗିତା ହେବ ବୋଲି ଜଣାଯାଇଛି। ଏନେଇ ଜିଲା ଆର୍ଚେରୀ ଆସୋସିଏଶନ ଜିଲା ସଭାପତି ରମାକାନ୍ତ ଭୋଇ ସୂଚନା ଦେଇଛନ୍ତି। ରାଜ୍ୟସ୍ତରୀୟ ଆର୍ଚେରୀ ଆସୋସିଏଶନ ତରଫରୁ ଆୟୋଜିତ ରାଜ୍ୟସ୍ତରୀୟ କର୍ମକର୍ତ୍ତା ସମାବେଶ ରେ ନିଷ୍ପତି ନିଆଯାଇଥିଲା ଜଣାଯାଇଛି। ଖପ୍ରାଖୋଲରେ ଆର୍ଚେରୀ ଆସୋସିଏଶନ ତରଫରୁ ଯୁବକମାନଙ୍କୁ କିଛି ବର୍ଷ ହେଲା ତୀରନ୍ଦାଜ ପ୍ରଶିକ୍ଷଣ ଦିଆଯାଉଛି। ରାଜ୍ୟସ୍ତରୀୟ ତୀରନ୍ଦାଜ ପ୍ରତିଯୋଗିତା ହେବ ବୋଲି ସୂଚନା ମିଳିଲା ପରେ ସ୍ଥାନୀୟ ଯୁବକମାନଙ୍କ ମଧ୍ୟରେ ଉତ୍ସାହ ଦେଖାଯାଇଛି।

# ଅଭିଭାବକ ସମ୍ମିଳନୀ: ଶିକ୍ଷକ ପଦବୀ ଖାଲି ନେଇ ଉଦ୍‌ବେଗ

**ଲୋଇସିଂହା,୩୦।୭(ସୁଶାନ୍ତ ବାରିକ)**

ବୁଧବାର ଲୋଇସିଂହା ବ୍ଲକ ଅନ୍ତର୍ଗତ ବୁର୍ଡା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୨୦୨୫-୨୬ ଶିକ୍ଷାବର୍ଷର ଦ୍ୱିତୀୟ ପର୍ଯ୍ୟାୟ ଶିକ୍ଷକ, ଅଭିଭାବକ ଓ ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉଚ୍ଚ ବିଦ୍ୟାଳୟ ବୈଠକରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଅଶୋକ ମେହେର ଅଧ୍ୟକ୍ଷତା କରି ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ବିଦ୍ୟାଳୟର ରମେଶଚନ୍ଦ୍ର ସାହୁ ଯୌନ ନିର୍ଯାତନା, ଏକ ପେଡ ମା' କେ ନାମ, ପରିବେଶ, ସ୍ୱଚ୍ଛତା ପ୍ରସଙ୍ଗରେ ଆଲୋଚନା କରିଥିଲେ। ବିଦ୍ୟାଳୟରେ ଖାଲି ପଡିଥିବା ଶିକ୍ଷକ ପଦବୀ ପୂରଣ ନ ହେବା ଓ ବର୍ଷାଧିକ ସମୟ ହେଲା ବିଦ୍ୟାଳୟର ୨ଟି ଅତିରିକ୍ତ ଶ୍ରେଣୀ ଗୃହ ଅଧାପନ୍ତରିଆ ପଡିଥିବା କାରଣରୁ ଅଭିଭାବକମାନେ ଉଦବେଗ ପ୍ରକାଶ କରିଥିଲେ। ଆବଶ୍ୟକ ଶିକ୍ଷକ ପୂରଣ ଓ ଅସମ୍ପୂର୍ଣ୍ଣ ଶ୍ରେଣୀଗୃହ କାମ ସାରିବା ପାଇଁ ଜିଲା ପ୍ରଶାସନର ଦ୍ୱାରସ୍ଥ ପାଇଁ ବୈଠକରେ ମତପ୍ରକାଶ ପାଇଥିଲା। ଏହାଛଡା ବିଦ୍ୟାଳୟରେ ଏକ ରୋଷେଇ ଘର, ଶୌଚାଳୟ ନିର୍ମାଣ ପାଇଁ ସ୍ଥାନୀୟ ସରପଞ୍ଚଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏହି ଅବସରରେ ୧୭ ଜଣିଆ ବିଦ୍ୟାଳୟର ଉନ୍ନୟନ ଓ ପରିଚାଳନା କମିଟି ଗଠନ କରାଯାଇଥିଲା। ସେହିପରି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ମୌନାବତୀ ଛତ୍ରିଆ, ସହକାରୀ ଶିକ୍ଷୟିତ୍ରୀ ରାଶେଶ୍ୱରୀ ସାହୁ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ଅଭିଭାବକଙ୍କ ମତାମତ ଲୋଡାଯାଇଥିଲା। ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ପିଇବା ପାଣି ସମସ୍ୟା ଲାଗି ରହିଥିବାରୁ ବୈଠକରେ ଚିନ୍ତାବ୍ୟକ୍ତ କରାଯାଇଥିଲା। ବିଦ୍ୟାଳୟକୁ ପାଇପ ଜଳ ସଂଯୋଗ କରି ୧ ହଜାର ଲିଟର ବିଶିଷ୍ଟ ପାଣି ଟାଙ୍କିର ବ୍ୟବସ୍ଥା ପାଇଁ ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ବୈଠକରେ ମତପ୍ରକାଶ ପାଇଥିଲା ।

# ରାସ୍ତା କଡ଼ରେ ଅଧା କଟା ଗଛ: ବିପଦ ଆଶଙ୍କା

**ପାଟଣାଗଡ,୩୦।୭(ସଚ୍ଚିଦାନନ୍ଦ ମହାକୁର)**

ବଲାଙ୍ଗୀର ଜିଲା ପାଟଣାଗଡ଼ ବ୍ଲକ ଯୋଗୀମୁଣ୍ଡା ମୁଖ୍ୟରାସ୍ତାର ଜନଗହଳି ସ୍ଥାନରେ ଠିକା ସଂସ୍ଥା ଦ୍ୱାରା କେତେକ ଗଛ ଅଧା କଟାଯାଇ ଛାଡି ଦିଆଯାଇଛି। ଏହିସବୁ ଗଛର ମୂଳରେ ଅଧାରୁ ଅଧିକ ଅଂଶ କଟାଯାଇ ଛାଡି ଦିଆଯାଇ ଥିବାରୁ ସେହି ରାସ୍ତାଦେଇ ଯିବାଆସିବା କରୁଥିବା ଲୋକଙ୍କ ଜୀବନ ପ୍ରତି ବିପଦ ଆଶଙ୍କା ରହିଛି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ସଂପୃକ୍ତ ଠିକା ସଂସ୍ଥା କିମ୍ବା ପ୍ରଶାସନିକ ସ୍ତରରେ ଏଥିପ୍ରତି ଦୃଷ୍ଟି ଦିଆଯାଉ ନ ଥିବା କାରଣରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି।

ପ୍ରକାଶ ଯେ,ଏକ ନିର୍ଦ୍ଦିଷ୍ଟ ଠିକା ସଂସ୍ଥା ଦ୍ୱାରା ଏବେ ପାଟଣାଗଡ଼ ବର୍ଥଲା ଛକ ଠାରୁ ଖପ୍ରାଖୋଲ ଲାଠୋର ପର୍ଯ୍ୟନ୍ତ ରାସ୍ତାର ପ୍ରସ୍ତୁତୀକରଣ କାମ ଚାଲିଛି। ଏହି ପରିପ୍ରେକ୍ଷୀରେ ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଶହ ଶହ ବର୍ଷର ଗଛଗୁଡ଼ିକ କଟା ଚାଲିଛି। ଏହାର ପ୍ରତିବାଦରେ ସେପ୍ଟେମ୍ବର ୭ ତାରିଖ ଦିନ ଜିଲା ଆଦିବାସୀ କଲ୍ୟାଣ ସଂଘ ପାଟଣାଗଡ଼ ଶାଖା ପକ୍ଷରୁ ଉପଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯିବା ସହ ତାପରଦିନ କାର୍ଯ୍ୟାଳୟ



ମୂଳରୁ ଅଧା କଟା ଯାଇଥିବା ଗଛ।

**ଉପଜିଲାପାଳ ଦୃଷ୍ଟି ଦେବାକୁ ଦାବି**

ସମ୍ମୁଖରେ ସଂଘର କର୍ମକର୍ତ୍ତାମାନେ ଧାରଣା ଦେଇଥିଲେ। ଗଛ କଟା ବନ୍ଦ କରାଯିବ ବୋଲି ଉପଜିଲାପାଳ ପ୍ରତିଶ୍ରୁତି ଦେବା ପରେ ମଧ୍ୟ ଗଛକଟା ବନ୍ଦ ହୋଇ ନ ଥିଲା। ୧୫ ଦିନରୁ ଊର୍ଦ୍ଧ୍ୱ ହେବ ଯୋଗୀମୁଣ୍ଡାର ମୁଖ୍ୟ ରାସ୍ତାରେ ଏକାଧିକ ବିରାଟ ନିମ୍ବଗଛ କଟର ସାହାଯ୍ୟରେ ଅଧାରୁ ଅଧିକ ଅଂଶ କଟାଯାଇ ଛାଡି ଦିଆଯାଇଛି। ସେହି ରାସ୍ତାଦେଇ ଲୋକେ ଭୟଭୀତ ଅବସ୍ଥାରେ ଯିବାଆସିବା କରୁଛନ୍ତି। ଯେ କୌଣସି ମୁହୂର୍ତ୍ତରେ ଏହି ଗଛ ପଡି ଲୋକଙ୍କ ଜୀବନ ହାନି ଆଶଙ୍କାକୁ ଏଡାଇ ଦେଇ ହେଉନାହିଁ। ଅପରପକ୍ଷରେ ସେହି ରାସ୍ତା ଦେଇ ଯାତାୟତ କରୁଥିବା ପ୍ରଶାସନିକ ଅଧିକାରୀମାନଙ୍କୁ ସ୍ଥାନୀୟ ଅଞ୍ଚଳର ସଚେତନ ଲୋକେ ଘଟଣାସ୍ଥଳରେ ଅଟକାଇ ଅଭିଯୋଗ କରିବା ସତ୍ତ୍ୱେ କେହି କର୍ଣ୍ଣପାତ କରୁ ନ ଥିବା ଅଭିଯୋଗ ହେଉଛି। କିଛି ଅଘଟଣ ଘଟିବା ପୂର୍ବରୁ ଏଥିପ୍ରତି ଉପଜିଲାପାଳ ଦୃଷ୍ଟି ଦେବାକୁ ଯୋଗୀମୁଣ୍ଡା ଗ୍ରାମବାସୀ ଦାବି କରିଛନ୍ତି।

## ସଂକ୍ଷେପରେ

### ପ୍ରାକ୍ତନ ଆର୍‌ଏସ୍‌ପି କର୍ମଚାରୀଙ୍କ ଅସ୍ୱାଭାବିକ ମୃତ୍ୟୁ

**ରାଉରକେଲା, ୩୦।୭(ସଙ୍ଗୀତା ଜେନା):** ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି)ର ଜଣେ ପ୍ରାକ୍ତନ କର୍ମଚାରୀଙ୍କ ମଙ୍ଗଳବାର ସନ୍ଧ୍ୟାରେ ଅସ୍ୱାଭାବିକ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ମୃତକ ହେଉଛନ୍ତି ସେକ୍ଟର ୧ ସି/୯୪ର ମେଘରାଇ ମାଝୀ(୫୩)। ଏ ନେଇ ସେକ୍ଟର-୩ ଥାନାରେ ଅପମୃତ୍ୟୁ ମାମଲା(ନଂ.୧୧/୨୦୨୫) ରୁଜୁ ହୋଇଛି। ବୁଧବାର ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି। ସୂଚନା ଅନୁଯାୟୀ ମେଘରାଇ କିଛି ଦିନ ପୂର୍ବେ କାରଖାନାରୁ ସ୍ୱେଚ୍ଛାକୃତ ଅବସର ଗ୍ରହଣ କରିଥିଲେ। ମଙ୍ଗଳବାର ଖାଉଥିବା ବେଳେ ସେ ଅଚେତ ହୋଇଯାଇଥିଲେ। ତାଙ୍କୁ ତୁରନ୍ତ ଆଇଜିଏଚ୍ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷିତ କରିଥିଲେ। ଏ ନେଇ ତାଙ୍କ ପୁଅ ଧିରଜ ମାଝୀ ଥାନାରେ ଲିଖିତ ଭାବେ ଅବଗତ କରାଇଛନ୍ତି।

### ଆର୍‌ଜିଏଚ୍‌ର ୧୫ରୁ ଊର୍ଦ୍ଧ୍ୱ ଏସିର କପର୍ ଓ ଯନ୍ତ୍ରାଂଶ ଚୋରି

**ରାଉରକେଲା, ୩୦।୭(ସଙ୍ଗୀତା ଜେନା):** ରାଉରକେଲା ସରକାରୀ ଡାକ୍ତରଖାନା (ଆର୍‌ଜିଏଚ୍) ପରିସରରେ ଥିବା ବିଭିନ୍ନ ବିଭାଗରେ ଲାଗିଥିବା ପ୍ରାୟ ୧୫ ରୁ ଊର୍ଦ୍ଧ୍ୱ ଏସିର କପର ଓ ଅନ୍ୟାନ୍ୟ ଯନ୍ତ୍ରାଂଶ ଚୋରି ହୋଇଥିବା ସୂଚନା ମିଳିଛି। ଏହା ୨୫ ତାରିଖରେ ଚୋରି ହୋଇଥିଲା। ତେବେ ବୁଧବାର ପୂର୍ବାହ୍ନ ୧୦ଟାରେ ଡାକ୍ତରଖାନା କର୍ତ୍ତୃପକ୍ଷ ରଘୁନାଥପାଲୀ ଥାନାରେ ଏ ନେଇ ଅଭିଯୋଗ କରିଛନ୍ତି। ଯାହାର ପୋଲିସ ତଦନ୍ତ କରୁଛି। ସୂଚନାଯୋଗ୍ୟ, ଡାକ୍ତରଖାନାରେ ଠିକା ସୁରକ୍ଷାକର୍ମୀ ଥିବା ସତ୍ତ୍ୱେ ଏପରି ଚୋରି ହେଉଥିବା ଯୋଗୁ ସମାଲୋଚନା କରାଯାଉଛି।

### ପ୍ଲାଣ୍ଟସାଇଟ୍ ଥାନା ପୋଲିସ ଦ୍ୱାରା ୪ ଅଭିଯୁକ୍ତ କୋର୍ଟ ଚାଲାଣ

**ରାଉରକେଲା, ୩୦।୭(ସଙ୍ଗୀତା ଜେନା):** ମାଡପିଟ୍, ଚୋରି, ଡକାୟତି ଉଦ୍ୟମ, ଧମକଚମକ ଦେବା ଭଳି ଅପରାଧିକ ମାମଲାରେ ଜଡ଼ିତ ଥାଇ ଦୀର୍ଘ ଦିନରୁ ଫେରାର ଥିବା ୪ ଜଣ ଅଭିଯୁକ୍ତଙ୍କୁ ବୁଧବାର ପ୍ଲାଣ୍ଟସାଇଟ୍ ଥାନା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଏ ନେଇ ଥାନା ଅଧିକାରୀ ବିବସ୍ୱ ପ୍ରଧାନ ସୂଚନା ପ୍ରଦାନ କରିଛନ୍ତି।

### ଏଡିଏମ୍‌ଙ୍କୁ ଭେଟିଲେ ଲଘୁ ଉଦ୍ୟୋଗଭାରତୀ ଶାଖା ସଦସ୍ୟ

**ରାଉରକେଲା, ୩୦।୭(ସଙ୍ଗୀତା ଜେନା)**

ବୁଧବାର ପୂର୍ବାହ୍ନ ୧୧ଟାରେ ରାଉରକେଲା ଅତିରିକ୍ତ ଜିଲାପାଳ କାର୍ଯ୍ୟାଳୟରେ ନୂତନ ଏଡିଏମ୍ ଦୀନା ଦସ୍ତଗିରଙ୍କୁ ଲଘୁ ଉଦ୍ୟୋଗଭାରତୀ ରାଉରକେଲା ଅଧ୍ୟାୟ ଶାଖା ସଦସ୍ୟମାନେ ଭେଟି ଆଲୋଚନା କରିଥିଲେ। ସଭାପତି ରାଜେଶ ଗର୍ଗଙ୍କ ନେତୃତ୍ୱରେ ଚଞ୍ଚଳ ସାହୁ, ରୋହିତ ଗର୍ଗ, ଶୈଳେନ୍ଦ୍ର ଅଗ୍ରୱାଲ, ରାଜେଶ ଅଗ୍ରୱାଲ, କାଞ୍ଚନ ଅଗ୍ରୱାଲ, ଚନ୍ଦ୍ରେଶ ଗୁପ୍ତା, ହିମାଂଶୁ ବାଗାଡିଆଙ୍କ ସମେତ ଅନ୍ୟ କାର୍ଯ୍ୟକର୍ତ୍ତା ଦସ୍ତଗିରଙ୍କୁ ଭେଟି ବ୍ୟବସାୟ ସମ୍ପର୍କିତ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ତଥା ପ୍ରସ୍ତାବ ଦେଇଥିଲେ।



ପ୍ରତିବାଦ ସଭା, ବିକ୍ଷୋଭ ଶୋଭାଯାତ୍ରାରେ ସାମିଲ ହୋଇଥିବା ଭାଜପାର କର୍ମକର୍ତ୍ତା।

# ଭାଜପାର ପ୍ରତିବାଦ ସଭା, ବିକ୍ଷୋଭ ଶୋଭାଯାତ୍ରା

- **କଂଗ୍ରେସ, ବିଜେଡିର ଦୋମୁହାଁ ନୀତିର ବିରୋଧ**
- **କଂଗ୍ରେସ, ବିଜେଡି ନେତାଙ୍କ କୁଶପୁତ୍ତଳିକା ଦାହ**

**ରାଉରକେଲା, ୩୦।୭(ବିପ୍ଳବ ରଞ୍ଜନ ଦାଶ)**

ମହିଳାଙ୍କ ସୁରକ୍ଷା ପ୍ରସଙ୍ଗରେ କଂଗ୍ରେସ, ବିଜେଡିର ଦୋମୁହାଁ ନୀତିକୁ ତୀବ୍ର ବିରୋଧ କରିଛି ଭାଜପା। କଂଗ୍ରେସ, ବିଜେଡିର ଦୋମୁହାଁ ନୀତିକୁ ସମାଲୋଚନା କରାଯାଇ ରାଉରକେଲାରେ ଭାଜପା ପକ୍ଷରୁ ବୁଧବାର ସନ୍ଧ୍ୟାରେ ପ୍ରତିବାଦ ସଭା, ବିକ୍ଷୋଭ ଶୋଭାଯାତ୍ରା ହୋଇଥିଲା। ମହିଳାଙ୍କ ସୁରକ୍ଷା ନେଇ ଗତ କିଛିଦିନ ପୂର୍ବେ କଂଗ୍ରେସ ଓ ବିଜେଡି କୁମ୍ଭୀର କାନ୍ଦଣା କାନ୍ଦୁଥିଲେ। ଉଭୟ ଦଳର ପଦାଧିକାରୀମାନେ ନାରୀଙ୍କୁ କେଉଁ ପରି ଭାବେ ସମ୍ମାନ ଦିଅନ୍ତି ତାହାର ଜ୍ୱଳନ୍ତ ପ୍ରମାଣ, ସେମାନଙ୍କ ଦଳର ଅସଲ ଚରିତ୍ର, ସ୍ୱଭାବ ଓ ମାନସିକତାକୁ ଜଣାଇଛନ୍ତି। ଭୁବନେଶ୍ୱର ମହାନଗର ନିଗମର ବିଜେଡି କର୍ପୋରେଟର ଅମରେଶ ଜେନା ଏବଂ ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ଉଦିତ ପ୍ରଧାନ ନାରୀଙ୍କୁ ନିର୍ଯ୍ୟାତନା ଦେବା ସହିତ ଅସମ୍ମାନ କରିଥିବା କ୍ଷେତ୍ରରେ ଉଭୟ ଦଳର ବଡ଼ ବଡ଼ ମୁଖିଆ ମୁହଁ ଖୋଲୁ ନାହାନ୍ତି। ଏହାର ପ୍ରତିବାଦରେ ବୁଧବାର ଭାଜପା ରାଉରକେଲା ସାଙ୍ଗଠନିକ ଜିଲା ତରଫରୁ ଏକ ପ୍ରତିବାଦ ସଭା ଜିଲା ସଭାନେତ୍ରୀ ପୂର୍ଣ୍ଣିମା କେରକେଟାଙ୍କ ନେତୃତ୍ୱରେ ସେକ୍ଟର ୨ସ୍ଥିତ ବିଜୁ ପଟ୍ଟନାୟକ ଛକରେ ଅନୁଷ୍ଠିତ ହୋଇଥିଲା। ଏହି ଦୁଇ ଦଳର ଶାସନ କାଳରେ ମହିଳା କେତେ ସୁରକ୍ଷିତ ଥିଲେ, ତାହା ଅତୀତ କଥା ତାଙ୍କର ମନେ ପଡୁ ନାହିଁ। ବାସ୍ତବ କ୍ଷେତ୍ରରେ ମହିଳା ସୁରକ୍ଷା ପ୍ରସଙ୍ଗରେ ଉଭୟ ଦଳର ଦୋମୁହାଁ ନୀତି ପଦାରେ ପଡ଼ିଛି ବୋଲି ଭାଜପାର ନେତା, କର୍ମକର୍ତ୍ତାମାନେ କହିଥିଲେ। ପୂର୍ଣ୍ଣିମା କେରକେଟା, ବରିଷ୍ଠ ନେତା ତଥା ପ୍ରସିଦ୍ଧ ଯୋଗଗୁରୁ ଗଙ୍ଗାଧର ଦାଶ, ଜିଲା ସାଧାରଣ ସମ୍ପାଦକ ଅଭିରାମ ମହାକୁଲ, ଯୁବ ନେତା ଅଙ୍କୁଶ ବର୍ମା, ପରେଶ ମିଶ୍ର ପ୍ରମୁଖ ନିଜ ବକ୍ତବ୍ୟରେ ପ୍ରକାଶ କରିବା ସହିତ କଡା ସମାଲୋଚନା କରିଥିଲେ। ମନୋଜ କୁମାର ସେନାପତି ଉକ୍ତ ପ୍ରତିବାଦ ସଭା ପରିଚାଳନା କରିଥିଲେ। ପ୍ରତିବାଦ ତଥା ବିକ୍ଷୋଭ ପ୍ରଦର୍ଶନ ଏବଂ ରାଲି ପରେ ବିଜେଡି ସଭାପତି ନବୀନ ପଟ୍ଟନାୟକ ଓ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱରଞ୍ଜନ ବେଉରା, ବୁଲୁ ପୁହାଣ, ଅଶୋକ ଲେଙ୍କା, ଭୁବନେଶ୍ୱର ବେହେରା, ପୂର୍ଣ୍ଣଚନ୍ଦ୍ର ଓରାମ, ମମତା ମହାନ୍ତି, ରଞ୍ଜିତା କିସପୋଟା, ପ୍ରତିମା ରାଉତ, ମନୋଜ ସ୍ୱାଇଁ, ଗୁଡ୍ଡୁ ସିଂ, ଜନ ନାୟକ, ବଟକୃଷ୍ଣ ନାୟକ, ଅନିଲ ମହାନନ୍ଦିଆ, ଲକ୍ଷ୍ମଣ ଲୋହାର ସାମିଲ ଥିଲେ। ରାଉରକେଲା ସାଙ୍ଗଠନିକ ଜିଲା ଭାଜପାର ସମସ୍ତ ମଣ୍ଡଳ ସଭାପତି, ଜିଲା ଏବଂ ରାଜ୍ୟସ୍ତରୀୟ ନେତୃବୃନ୍ଦ ତଥା କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ଭାରତ ବିକାଶ ପରିଷଦର କାର୍ଯ୍ୟଶାଳା

**ରାଉରକେଲା, ୩୦।୭(ବିପ୍ଳବ ରଞ୍ଜନ ଦାଶ)**

ଭାରତ ବିକାଶ ପରିଷଦ ରାଉରକେଲା ଶାଖା ତରଫରୁ କର୍ମକର୍ତ୍ତାଙ୍କ ଶାଖାସ୍ତରୀୟ କାର୍ଯ୍ୟଶାଳା କୋଏଲନଗରସ୍ଥିତ ମାରୁତି ମଣ୍ଡପ ଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି ଅଶୋକ କକ୍କଡଙ୍କ ସଭାପତିତ୍ୱ ଓ ସାଧାରଣ ସମ୍ପାଦିକା ବନ୍ଦିତା ମାହାତୋଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପରିଷଦର ରାଜ୍ୟ ସାଧାରଣ ସମ୍ପାଦକ ଆଇନଜୀବୀ ପ୍ରକାଶ ପଟ୍ଟନାୟକ ଅତିଥି ଭାବେ ଯୋଗଦେଇ କାର୍ଯ୍ୟଶାଳାର ଆଭିମୁଖ୍ୟ, ଲକ୍ଷ୍ୟ, ସଭାପତି, ସମ୍ପାଦକଙ୍କ ଦାୟିତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଞ୍ଚଳିକ ସମ୍ପାଦିକା ରଶ୍ମିରେଖା ଜେନା ଓ ଅନୁପମ ଗୁପ୍ତା, ସମ୍ପର୍କ ପ୍ରମୁଖ ଡାକ୍ତର ଆର୍.ସି ମେହେର ପ୍ରମୁଖ ଏହି ଅବସରରେ ବକ୍ତବ୍ୟ ରଖିଥିଲେ। ଅତିଥିମାନେ ସେମାନଙ୍କ ବକ୍ତବ୍ୟରେ ପର୍ଯ୍ୟାବରଣ, ସଂସ୍କାର, ସେବା, ସମ୍ପର୍କ ଓ ମହିଳା ବିଭାଗ ସମ୍ପର୍କରେ ଆଲୋଚନା ସହ ଗୁରୁତ୍ୱାରୋପ କରିଥିଲେ। ପ୍ରାରମ୍ଭରେ ସଭାପତି କକ୍କଡ ସ୍ୱାଗତ ଭାଷଣ ଓ ଶେଷରେ ସମ୍ପାଦିକା ମାହାତୋ ଧନ୍ୟବାଦ ଅର୍ପଣ କରିଥିଲେ। ପରିଷଦର ଅନ୍ୟ ସଦସ୍ୟମାନଙ୍କ ମଧ୍ୟରେ ସର୍ବଶ୍ରୀ ଜିତେନ୍ଦ୍ର ପ୍ରସାଦ, ସୁଷମା ପ୍ରସାଦ,ଅଞ୍ଜୁ କକ୍କଡ, ପ୍ରଦୀପ ପଟ୍ଟନାୟକ, ମଧୁସୂଦନ ମହାପାତ୍ର, ନଳିନୀ ମହାପାତ୍ର, ରବି ଦାସ, ଗୀତା ଦାସ, ମାନା ନାୟାର, ମଞ୍ଜୁ ମେହେର, ଶିବପ୍ରସାଦ ତ୍ରିପାଠୀ, ପ୍ରାଞ୍ଜଳୀ ନାଗ୍, ଭାରତୀ ଗୁପ୍ତା, ବିଷ୍ଣୁ ଅଗ୍ରୱାଲ, ସତ୍ୟବ୍ରତ ମିଶ୍ର, ବିଜେନ୍ଦ୍ର ଗୌର ପ୍ରମୁଖ ଉପସ୍ଥିତ ଥିଲେ।



ଭାରତ ବିକାଶ ପରିଷଦ କର୍ମକର୍ତ୍ତାଙ୍କ କାର୍ଯ୍ୟଶାଳାରେ ଉପସ୍ଥିତ ଅତିଥି।

# ୭୦ ଚାଷୀଙ୍କୁ ବିହନ, ଜୈବିକ ସାର, ଔଷଧ ବଣ୍ଟନ



**ରାଉରକେଲା, ୩୦।୭(ବିପ୍ଳବ ରଞ୍ଜନ ଦାଶ)**

ପାନପୋଷ ଆଇଟିଡିଏ ପକ୍ଷରୁ ବୁଧବାର ବଲାଣି ଗ୍ରାମ ପଞ୍ଚାୟତ ପରିସରରେ ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ଯୋଜନାରେ ଖରିଫ ବିହନ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଇଟିଡିଏ ପ୍ରକଳ୍ପ ପ୍ରଶାସିକା ବିକରାନି କିସପଟ୍ଟାଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ସମ୍ମାନିତ ଅତିଥି ଭାବେ ବଲାଣୀ ସରପଞ୍ଚ ଅର୍ଜୁନ ଏକ୍କା, ପଞ୍ଚାୟତ ନିର୍ବାହୀ ଅଧିକାରୀ ସତ୍ୟପ୍ରିୟା ମହନ୍ତ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ଏହି ଅବସରରେ ବଲାଣୀ, ଝିରିଗାଟୋଲା, ଯାତ୍ରାଟୋଲା, ଟିମଯୋର, ନୂଆଗାଁ ଜୀବିକା ପରିଷଦର ୭୦ ଜଣ ଚାଷୀଙ୍କୁ ଖରିଫ ଚାଷ ପାଇଁ କଲରା, ଲଙ୍କା, ଭେଣ୍ଡି ବିହନ ସହ ଜୈବିକ ସାର ଓ କୀଟନାଶକ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଆଇଟିଡିଏ ପିଏମ୍‌ୟୁର କାର୍ଯ୍ୟକର୍ତ୍ତାମାନେ ସଂଯୋଜନା ଓ ପରିଚାଳନା କରିଥିଲେ।

# ଆର୍‌ଏସ୍‌ପି ପକ୍ଷରୁ ବିଶ୍ୱ ଓଆର୍‌ଏସ୍ ଦିବସ

**କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର**

**ରାଉରକେଲା, ୩୦।୭(ବିପ୍ଳବ ରଞ୍ଜନ ଦାଶ)**




ବିଶ୍ୱ ଓଆର୍‌ଏସ୍ ଦିବସ ପାଳନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଆର୍‌ଏସ୍‌ପି ଅଧିନସ୍ଥ ଇସ୍ପାତ ଜେନେରାଲ ହସ୍ପିଟାଲର ନର୍ସିଂ ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ ଓ ଭାରତୀୟ ଶିଶୁ ରୋଗ ବିଶେଷଜ୍ଞ ସଂଘ (ଆଇଏପି)ର ମିଳିତ ସହଯୋଗରେ ମଙ୍ଗଳବାର ବିଶ୍ୱ ଓଆର୍‌ଏସ୍ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ଅତିରିକ୍ତ ସିଏମ୍‌ଓ ଡା.ସୋନିଆ ଯୋଶୀ ମୁଖ୍ୟଅତିଥି, ଅତିରିକ୍ତ ସିଏମ୍‌ଓ ତଥା କୋଷାଧ୍ୟକ୍ଷ ଡା. ଅର୍ଚ୍ଚନା ବେହେରା ସମ୍ମାନିତ ଅତିଥି ଏବଂ ଶିଶୁ ରୋଗ ବିଶେଷଜ୍ଞ ବିଭାଗର ପରାମର୍ଶଦାତା ଡା. ପୁନମ ଏକ୍କା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଏନ୍‌ଟିଆଇ ଅଧକ୍ଷା ବିଦ୍ୟୁତ୍‌ପ୍ରଭା ଗୋଥ ଏବଂ ଉପାଧକ୍ଷା ନବନୀତା ଜେନା ମଧ୍ୟ ମଞ୍ଚାସୀନ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଏନ୍‌ଟିଆଇର ଉପାଧକ୍ଷା ଏବଂ କର୍ମଚାରୀମାନଙ୍କ ସହିତ ୧ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ସମ୍ମିଳିତ ରହିଥିଲେ। ଏଥି ଉପଲକ୍ଷେ ଡା. ଯୋଶୀ କହିଥିଲେ, ପ୍ରତିରୋଧଯୋଗ୍ୟ ମୃତ୍ୟୁହାର ହ୍ରାସ କରିବା ଏବଂ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ଉପରେ ବୋଝ କମ କରିବା ନିମିତ ସମସ୍ତଙ୍କୁ ଓଆର୍‌ଏସ୍‌ର ଠିକ ବ୍ୟବହାର ସମ୍ପର୍କରେ ସଚେତନାତ୍ମକ ଧାରଣା ପ୍ରଦାନ କରିବା ଆବଶ୍ୟକ। ଡା. ପୁନମ ଏକ୍କା କହିଥିଲେ, ଝାଡ଼ାବାନ୍ତି ସମୟରେ ଶରୀରରେ ଜଳ ଶୁନ୍ୟତା ହୁଏ, ଏଣୁ ଏହି ସମୟରେ ଓଆର୍‌ଏସ୍ ବ୍ୟବହାରର ସୁଲଭତା ଏବଂ ଜୀବନ ରକ୍ଷାକାରୀ ସମ୍ଭାବନା ଉପରେ ଆଲୋକପାତ କରିଥିଲେ। ଅତିଥିମାନେ ଜୁଲାଇ ୨୩ରେ ଆରମ୍ଭ ହୋଇଥିବା ବିଶ୍ୱ ଓଆର୍‌ଏସ୍ ସପ୍ତାହରେ ଅନୁଷ୍ଠିତ ଲିଖିତ କୁଇଜ ଏବଂ ସ୍ଲୋଗାନ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଏନ୍‌ଟିଆଇ ସିଷ୍ଟର ଟ୍ୟୁଟର ସୁଶ୍ରୀ ଏମ.ଜ୍ୟୋତିର୍ମୟୀ ଏହି ସମାବେଶକୁ ସ୍ୱାଗତ କରିବା ସହିତ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

# ମହାତ୍ମା ଗାନ୍ଧୀ ଜୟନ୍ତୀ କମିଟି ସଦସ୍ୟଙ୍କ ଏଡିଏମ୍‌ଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ

**ରାଉରକେଲା,୩୦।୭(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ମହାତ୍ମାଗାନ୍ଧି ଜୟନ୍ତୀ କମିଟି ପକ୍ଷରୁ ରାଉରକେଲା ନୂତନ ଅତିରିକ୍ତ ଜିଲାପାଳ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ଯୁବ ଆଇ୍‌ଏଏସ୍ ଦିନା ଦସ୍ତଗୀରଙ୍କୁ ବୁଧବାର ତାଙ୍କ କାର୍ଯ୍ୟାଳୟରେ ସୌଜନ୍ୟମୂଳକ ସାକ୍ଷାତ ସହ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା। କମିଟିର ସଭାପତି ପ୍ରସନ୍ନ କୁମାର ତ୍ରିପାଠୀ,ସାଧାରଣ ସମ୍ପାଦିକା ସବିତା ଖାତୁନ, କାର୍ଯ୍ୟକାରୀ ସଦସ୍ୟା ପ୍ରତିମା ଦାସ ଓ ସଦସ୍ୟ ଏମ୍.ଡି ସାଜନ ଉପସ୍ଥିତ ଥିଲେ। ତ୍ରିପାଠୀ ଓ ଖାତୁନ ଆଲୋଚନା ବେଳେ ସହରରେ ପ୍ରଶାସନିକ ବ୍ୟବସ୍ଥା ସୁଦୃଢ କରିବା ଓ ବିଭିନ୍ନ ସମସ୍ୟା ପ୍ରତି ଅବଗତ ହୋଇ ପଦକ୍ଷେପ ନେବାକୁ ଅନୁରୋଧ କରିଥିଲେ।

# ଶ୍ୱାନ ପ୍ରତିଯୋଗିତାରେ ରାଉରକେଲା ଆର୍‌ପିଏଫ୍‌ର ୨କୁକୁରଙ୍କ କୃତିତ୍ୱ

**ରାଉରକେଲା, ୩୦।୭(ସଙ୍ଗୀତା ଜେନା)**

ଦକ୍ଷିଣ ପୂର୍ବ ରେଳପଥ ଚକ୍ରଧରପୁର ମଣ୍ଡଳରେ ଥିବା ରେଳ ସୁରକ୍ଷା ବଳରେ ନିୟୋଜିତ କୁକୁରମାନଙ୍କୁ ନେଇ ଝାଡଖଣ୍ଡ ଜାମସେଦ୍‌ପୁରଠାରେ ଆନ୍ତଃ ମଣ୍ଡଳସ୍ତରୀୟ ରେଳପଥ ଶ୍ୱାନ ପ୍ରତିଯୋଗିତା ୨୦୨୫ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨ଟି ବର୍ଗରେ ରାଉରକେଲା ଆର୍‌ପିଏଫ୍‌ରେ ନିୟୋଜିତ ୨ ଶ୍ୱାନ କୃତିତ୍ୱ ହାସଲ କରିଛନ୍ତି। ଏ ନେଇ ବୁଧବାର ପୂର୍ବାହ୍ନ ୧୦ଟାରେ ଉଭୟ ଶ୍ୱାନକୁ ସମ୍ବର୍ଦ୍ଧିତ କରାଯାଇଛି। ସୂଚନା ଅନୁଯାୟୀ, ନାରକୋଟିକ୍ସ ଡଗ୍ 'ମଂଟି' ଏବଂ ଏକ୍ସପ୍ଲୋସିଭ୍ ଡଗ୍ 'ଡନ୍' ଉକ୍ତ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ମଂଟି ବିସ୍ଫୋଟକ ଅନ୍ୱେଷଣ ଓ ଯାଞ୍ଚ ପ୍ରକ୍ରିୟା ରାଉଣ୍ଡରେ ପ୍ରଥମ ସ୍ଥାନ ହାସଲ କରିଥିବା ବେଳେ ଡନ୍ ନାରେକୋଟିକ୍ସ ରାଉଣ୍ଡରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା। ପ୍ରତିଯୋଗିତାରେ ରାଉରକେଲା ଆର୍‌ପିଏଫ୍ ସେଣ୍ଟରର ହେଡ୍ କନଷ୍ଟେବଳ ଏସ୍.କେ ସାହୁ, କେକେ ଆଦିତ୍ୟ, ଏସ୍.କେ ଦାସ ପ୍ରମୁଖ ସହଯୋଗ କରିଥିଲେ।



ଆର୍‌ପିଏଫ୍ କର୍ମଚାରୀ ଓ ପ୍ରତିଯୋଗିତାରେ ଭାଗ ନେଇଥିବା ଶ୍ୱାନ।

# ଅନ୍ୱେଷାର ବାର୍ଷିକ ଉତ୍ସବରେ ଚାରା ରୋପଣ

**ରାଉରକେଲା, ୩୦।୭(ବିପ୍ଳବ ରଞ୍ଜନ ଦାଶ)**



ଅନ୍ୱେଷା ତରଫରୁ ଆୟୋଜିତ କାର୍ଯ୍ୟକ୍ରମରେ କର୍ମକର୍ତ୍ତା ଓ ସଦସ୍ୟ।

ସାମାଜିକ ଅନୁଷ୍ଠାନ ଅନ୍ୱେଷା ତରଫରୁ ଅନୁଷ୍ଠାନର ୧୧୫ତମ ବାର୍ଷିକ ଉତ୍ସବ ତଥା ସାମୂହିକ ଜନ୍ମଦିବସ ସେକ୍ଟର ୮ ସ୍ଥିତ 'ଆଶାର ଆଲୋକ' ଆଶ୍ରମଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଅନ୍ୱେଷାର ଅଧକ୍ଷ ରାଜେନ୍ଦ୍ର ପ୍ରସାଦ ପଣ୍ଡାଙ୍କ ଆବାହକତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ସଭାପତି କଳ୍ପନା ଶତପଥୀ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ସମ୍ପାଦିକା ରଶ୍ମିତା ପଣ୍ଡା ସଂଯୋଜନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଜୁଲାଇରେ ଜନ୍ମ ହୋଇଥିବା ଅନୁଷ୍ଠାନର ସଦସ୍ୟ, ଆଶାର ଆଲୋକର ସଦସ୍ୟମାନେ ଯୋଗଦେଇ ଚାରାରୋପଣ କରି ତଥା କେକ୍ କାଟି ଜନ୍ମ ଦିନ ପାଳନ କରିଥିଲେ। ପ୍ରାରମ୍ଭରେ ଆବାହକ ପଣ୍ଡା, ସଭାପତି ଶତପଥୀ ପ୍ରମୁଖ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଜୁଲାଇରେ ଜନ୍ମ ଗ୍ରହଣ କରିଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ଉଷାରାଣୀ ଶତପଥୀ, ସୌମ୍ୟରଞ୍ଜନ ପାଢ଼ୀ, ଅର୍ଚ୍ଚନା ଦେବତା, ରୌନକ ଶତପଥୀ, ତରୁଲତା ସାମଲ, ପ୍ରଶାନ୍ତ ପାତ୍ର, ରୀଶା ଚୌଧୁରୀ ପ୍ରମୁଖଙ୍କ ପାଇଁ ଜନ୍ମଦିନର କେକ୍ କଟାଯାଇ ଆଶ୍ରମର ଅନ୍ତେବାସୀଙ୍କ ପାଇଁ ଖାଦ୍ୟପେୟର ବନ୍ଦୋବସ୍ତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଚନ୍ଦ୍ରଶେଖର ଶତପଥୀ, ମଞ୍ଜୁଲତା ପାଢ଼ୀ, ଜ୍ୟୋତ୍ସ୍ନାରାଣୀ ରାଉତ, ମାନୋକ୍ଷୀ ଘୋଷ, ସବିତା ପରିଡ଼ା, ସୌଦାମିନୀ ସିଂ, ରବର୍ଟ ହାଇଫିଲ, ସଂଗ୍ରାମ ଭୂୟାଁ, ସସ୍ମିତା ପ୍ରଧାନ, ମନୋଜ ଆଚାର୍ଯ୍ୟ, ପ୍ରଜ୍ଞାପରମିତା ଦାସ, ଧନଲକ୍ଷ୍ମୀ ବେହେରା, ମାଧବୀ ଚୌଧୁରୀ, ଧନଞ୍ଜୟ ଚୌଧୁରୀ, ଲିତାଞ୍ଜଳୀ ପତି, ସଲିତ ପତି, ଡିମ୍ପଲ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଆଶାର ଆଲୋକ ତରଫରୁ ଆଶୁତୋଷ ପ୍ରଧାନ, ଶିବାନନ୍ଦ ମାଝୀ, ଦୀପକ ସାମଲ, ସୁଜାତା ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

# ମୁଣ୍ଡା ମାର୍କେଟରେ ଗଛ ପଡ଼ି ଭାଙ୍ଗିଗଲା ୪ ଦୋକାନ

**ରାଉରକେଲା,୩୦।୭(ସଙ୍ଗୀତା ଜେନା)**

ସେକ୍ଟର-୧୯ ଥାନା ଅନ୍ତର୍ଗତ ମୁଣ୍ଡା ମାର୍କେଟରେ ବୁଧବାର ସକାଳ ୬ଟାରେ ଏକ ବିଶାଳ ବୃକ୍ଷ ଧରାଶାୟୀ ହୋଇଥିବା ସୂଚନା ମିଳିଛି। ଏହା ଧରାଶାୟୀ ହେବା ଯୋଗୁ ୪ଟି ଦୋକାନ ଏବଂ ଗୋଟିଏ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗି ପଡ଼ିଥିଲା। ଘଟଣାସ୍ଥଳରେ ଆର୍‌ଏସ୍‌ପି ଉଦ୍ୟାନ ବିଭାଗ ଟିମ୍ ପହଞ୍ଚି ଗଛକାଟି ରାସ୍ତା ସଫା କରିଥିଲେ। ତେବେ ଏଥିରେ କେହି ମୃତାହତ ହୋଇ ନ ଥିବା କୁହାଯାଉଛି।



ବିଶାଳ ବୃକ୍ଷ ଧରାଶାୟୀ ହୋଇଛି।

# ଏନ୍‌ଆଇଟିରେ ପୋର୍ଟାଲ ମାଧ୍ୟମରେ ସାଧାରଣ ନାମଲେଖା ଆରମ୍ଭ

**ରାଉରକେଲା, ୩୦।୭(ସଙ୍ଗୀତା ଜେନା)** -ବିଦେଶୀ ଛାତ୍ରଙ୍କ ସିଧାସଳଖ ଶିକ୍ଷାନୁଷ୍ଠାନରେ ପ୍ରବେଶ(ଡିଏଏସ୍‌ଏ) ଏବଂ କେନ୍ଦ୍ରୀୟ ସିଟ୍ ଆବଣ୍ଟନ ବୋର୍ଡ (ସିଏସ୍‌ଏବି)ର ଆୟୋଜକ ସଂସ୍ଥା ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ(ଏନ୍‌ଆଇଟି) ରାଉରକେଲା ଦ୍ୱାରା ପୋର୍ଟାଲ ମାଧ୍ୟମରେ ବୁଧବାର ଠାରୁ ସାଧାରଣ ନାମଲେଖା ପ୍ରକ୍ରିୟା ଆରମ୍ଭ ହୋଇଛି। ଏଥିପାଇଁ ସ୍ୱତନ୍ତ୍ର ରାଉଣ୍ଡ ଆବେଦନ ପ୍ରକ୍ରିୟା ଆହ୍ୱାନ କରାଯାଇଛି। ଉକ୍ତ ପ୍ରକ୍ରିୟାକୁ ସୁଗମ କରିବା ପାଇଁ ପ୍ରତିଷ୍ଠାନ ୨୦୨୫-୨୬ ଶିକ୍ଷାବର୍ଷ ପାଇଁ ସର୍ବଭାରତୀୟ ସ୍ତରର ଏନ୍‌ଆଇଟି, ଆଇଆଇଆଇଟି, ଆଇଆଇଇଏସ୍‌ଟି, ଏସ୍‌ପିଏ ତଥା ରାଜ୍ୟ ଓ କେନ୍ଦ୍ର ସରକାରଙ୍କ କିଛି ପ୍ରମୁଖ ପ୍ରତିଷ୍ଠାନ ଦ୍ୱାରା ଅନୁମୋଦିତ ବୈଷୟିକ ପ୍ରତିଷ୍ଠାନରେ ସ୍ନାତକ କାର୍ଯ୍ୟକ୍ରମ ପାଇଁ ପ୍ରବେଶ କରିବାକୁ ଇଚ୍ଛୁକ ଯୋଗ୍ୟ ପ୍ରାର୍ଥୀଙ୍କ ପାଇଁ ଏକ ସାଧାରଣ ପଞ୍ଜିକରଣ ପ୍ରକ୍ରିୟା ଆରମ୍ଭ କରିବାକୁ ଘୋଷଣା କରିଛି। ଏହି (ଏକକ ପୋର୍ଟାଲ) ସିଙ୍ଗଲ ୱିଣ୍ଡୋ ସିଟ୍ ଆବଣ୍ଟନ ପ୍ରକ୍ରିୟା ମାଧ୍ୟମରେ ପ୍ରାର୍ଥୀମାନଙ୍କୁ ସାହାଯ୍ୟ କରିବା ଏବଂ ବାରମ୍ବାର ଆବେଦନ(ଦୋହରାଇବା)କୁ ରୋକିବା ଏବଂ ସିଟ୍ ଖାଲି ପଡ଼ିବାକୁ ଏଡାଇବା ପାଇଁ ପ୍ରଚଳନ କରାଯାଇଛି। ଡିଏଏସ୍‌ଏ ଏବଂ ସିଏସ୍‌ଏବିର ସ୍ପେଶାଲ ୨୦୨୫ ର ଅଧ୍ୟକ୍ଷ ତଥା ଏନ୍‌ଆଇଟି ରାଉରକେଲାର ନିର୍ଦ୍ଦେଶକ ପ୍ରଫେସର କେ.ଉମା ମହେଶ୍ୱର ରାଓ ଏ ସମ୍ପର୍କରେ ସୂଚନା ପ୍ରଦାନ କରି କହିଛନ୍ତି, ଜାତୀୟ ଓ ଅନ୍ତର୍ଜାତୀୟ ଗୁରୁତ୍ୱ ଥିବା ପ୍ରତିଷ୍ଠାନରୁ ବୈଷୟିକ ଶିକ୍ଷା ଗ୍ରହଣ କରିବାକୁ ଚାହୁଁଥିବା ପ୍ରାର୍ଥୀଙ୍କଠାରୁ ଆବେଦନ ଆହ୍ୱାନ କରୁଛୁ। ଏହିପରି ଶିକ୍ଷାର୍ଥୀମାନଙ୍କ ପାଇଁ କେବଳ ଏନ୍‌ଆଇଟି, ଆଇଆଇଆଇଟି, ଏସ୍‌ପିଏ ତଥା ଅନ୍ୟ ପ୍ରତିଷ୍ଠାନଗୁଡ଼ିକରେ ପ୍ରବେଶ ପାଇବାର ସୁଯୋଗ ନୁହେଁ ବରଂ ନୂତନ ଭାବରେ ପ୍ରଚଳିତ ସମନ୍ୱିତ ପ୍ରବେଶ ପ୍ରକ୍ରିୟା ଭାରତ ସରକାରଙ୍କ ଉଚ୍ଚଶିକ୍ଷା ପ୍ରତିଷ୍ଠାନ ଗୁଡ଼ିକରେ ବିଶ୍ୱସ୍ତରୀୟ ପ୍ରବେଶକୁ ସରଳ କରିବାକୁ ପ୍ରତିବଦ୍ଧତାର ଉଦାହରଣ ମଧ୍ୟ ଅଟେ। ଏହା ବିଦେଶୀ ଛାତ୍ରମାନଙ୍କ ଦ୍ୱାରା ବାରମ୍ବାର ଆବେଦନ ତଥା ଦ୍ୱନ୍ଦକୁ ହ୍ରାସ କରିବା ସହିତ ଭାରତକୁ ଅନ୍ତର୍ଜାତୀୟ ଶୈକ୍ଷିକ ପ୍ରତିଭା ପାଇଁ ଏକ ସ୍ୱାଗତଯୋଗ୍ୟ ଗନ୍ତବ୍ୟସ୍ଥଳ ଭାବେ ସ୍ଥାନିତ ମଧ୍ୟ କରିବ ବୋଲି ରାଓ କହିଥିଲେ। ସୂଚନାଯୋଗ୍ୟ, ଜୁଲାଇ ୩୦ରୁ ଆବେଦନ ପ୍ରକ୍ରିୟାରେ ଦେୟପ୍ରଦାନ, ଡକ୍ୟୁମେଣ୍ଟ ଅପଲୋଡ୍ କରିବାର ରହିଛି। ତେବେ ଅଗଷ୍ଟ ୩ରେ ଏହା ଶେଷ ତାରିଖ ରହିଛି। ବିଦେଶ ଛାତ୍ରଙ୍କ ସିଧାସଳଖ ପ୍ରବେଶ(ଡିଏଏସ୍‌ଏ) ୨୦୨୫ ଏକ ସ୍ୱଚ୍ଛ, ଯୋଗ୍ୟତା ଆଧାରିକ ବ୍ୟବସ୍ଥା ମାଧ୍ୟମରେ ଜେଇଇ (ମେନ୍) ୨୦୨୫ ର୍ୟାଙ୍କ ଥିବା ଯୋଗ୍ୟ ଛାତ୍ରୀଛାତ୍ରଙ୍କ ପାଇଁ ପ୍ରମୁଖ ପ୍ରତିଷ୍ଠାନ ଗୁଡ଼ିକରେ ସିଧାସଳଖ ପ୍ରବେଶ ସୁବିଧା ପ୍ରଦାନ କରିବ। ସେହିପରି ଏନ୍‌ଆର୍‌ଆଇ ଏବଂ ଓସିଆଇ ବା ପିଆଇଓ ସମେତ ଅନେକ ଦେଶର ଯୋଗ୍ୟ ଛାତ୍ରଛାତ୍ରୀ ଏହି ମାଧ୍ୟମରେ ଭାରତରେ ପାଠ ପଢ଼ିବାକୁ ସୁଯୋଗ ପାଇବେ। ୩୦ଟି ଏନ୍‌ଆଇଟି, ୧୩ ଟି ଆଇଆଇଆଇଟି, ୩ଟି ଯୋଜନା ଏବଂ ସ୍ଥାପତ୍ୟ ବିଦ୍ୟାଳୟ(ଏସ୍‌ପିଏ) ତଥା ୩ଟି କେନ୍ଦ୍ର ଓ ରାଜ୍ୟର ଜିଏଫ୍ ଟିଆଇ ଶିକ୍ଷାନୁଷ୍ଠାନ ପୋର୍ଟାଲରେ ରହିଛି।

**ପୁରୁଣା ଡାକ୍ତରଖାନାରେ ୨୪ଘଣ୍ଟିଆ ସେବା ଯୋଗାଇ ଦେବାକୁ ଦାବି**

ଦେବଗଡ଼,(ଶଶାଙ୍କ ଶେଖର ଝାଙ୍କର): ପୂର୍ବରୁ ଦେବଗଡ଼ ସହରରେ ଥିବା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପ୍ରାୟ ୫ କି.ମି. ଦୂରରେ ଥିବା ନୂତନ କୋଠାକୁ ସ୍ଥାନାନ୍ତର କରାଯାଇଛି। ଏଥିଯୋଗୁ ଲୋକମାନେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏଣୁ ପୁରୁଣା ଡାକ୍ତରଖାନାରେ ୨୪ ଘଣ୍ଟିଆ ସେବା ଯୋଗାଇ ଦେବାକୁ ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ବୁଧବାର ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିସହ ଉକ୍ତ ବିଷୟରେ ସେ ଆଲୋଚନା କରିଛନ୍ତି।

## ସଂକ୍ଷେପରେ

### ମହିଳାଙ୍କ ଆତ୍ମହତ୍ୟା

ବେଲପାହାଡ଼,୩୦।୭(ସୁବାସ ପ୍ରଧାନ)

ବେଲପାହାଡ଼ ଥାନା ଅନ୍ତର୍ଗତ ଠୁଙ୍ଗିଆଡେରା ଗ୍ରାମରେ ଜଣେ ମହିଳା ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ସେ ହେଲେ ଉକ୍ତ ଗ୍ରାମର ଦୁବରାଜ ବୁଡୁଲାଙ୍କ ପତ୍ନୀ ଦୀପ୍ତି ବୁଡୁଲା (୪୦)। ମଙ୍ଗଳବାର ରାତିରେ ପରିବାର ଲୋକେ ଖାଇ ସାରିବା ପରେ ଶୋଇଥିଲେ। ବୁଧବାର ସକାଳୁ ଉଠି ଦେଖିଲା ବେଳକୁ ଦୀପ୍ତି ଘରେ ନ ଥିଲେ। ପରିବାର ଲୋକେ ଖୋଜାଖୋଜି କରିବା ପରେ ତାଙ୍କ ଘର ନିକଟ ଏକ ବରଗଛରେ ଦୀପ୍ତିଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ପାଇଥିଲେ। ସ୍ଥାନୀୟ ଡାକ୍ତରଖାନାକୁ ନିଆଯିବା ପରେ ଦୀପ୍ତିଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଆତ୍ମହତ୍ୟାର କାରଣ ଅସ୍ପଷ୍ଟ ରହିଛି। ଦୁବରାଜଙ୍କ ଅଭିଯୋଗକ୍ରମେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଏଥିସହ ମୃତଦେହ ବ୍ୟବଚ୍ଛେଦ ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ସରସ୍ୱତୀ ଶିଶୁ ବାଟିକାରେ ମାତୃ ସମ୍ମିଳନୀ

ବ୍ରଜରାଜନଗର,୩୦।୭(ବିଜୟ ବରାଡ଼)

ବ୍ରଜରାଜନଗରସ୍ଥିତ ସରସ୍ୱତୀ ଶିଶୁ ବାଟିକାରେ ମାତୃ ସମ୍ମିଳନୀ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଲଖନପୁର ଶିଶୁବାଟିକା ପ୍ରମୁଖ ତଥା ବ୍ରଜରାଜନଗର ସଙ୍କୁଳ ପ୍ରମୁଖ ଲଳିତା ବିଶ୍ୱାଳ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଯୋଗେନ୍ଦ୍ର ନାଥ ଠାକୁର ଅତିଥି ପରିଚୟ ଓ ଶିଶୁ ବାଟିକା ପ୍ରମୁଖ ବୀଣାପାଣି ପଣ୍ଡା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ୭୫ଜଣ ମହିଳା ଉପସ୍ଥିତ ଥିଲେ। ଏହି ଅବସରରେ ଶିଶୁମାନେ ଅଭିନୟ ସହ ସଙ୍ଗୀତ ପରିବେଷଣ କରିଥିଲେ। ସମ୍ପାଦକ ସାହେବ ରାଓ ଧନ୍ୟବାଦ ଦେଇଥିଲେ।

### ମିରର ଥିଏଟରର ପ୍ରତିଷ୍ଠା ଦିବସ ପାଳନ ପ୍ରସ୍ତୁତି ବୈଠକ

ବେଲପାହାଡ଼,୩୦।୭(ସୁବାସ ପ୍ରଧାନ)

ଆସନ୍ତା ଅଗଷ୍ଟ ୧୨ ତାରିଖରେ ବେଲପାହାଡ଼ସ୍ଥିତ ମିରର ଥିଏଟରର ୩୩ତମ ପ୍ରତିଷ୍ଠା ଦିବସ ପାଳନ କରାଯିବ। ଏନେଇ ବେଲପାହାଡ଼ ମିରର ଥିଏଟରଠାରେ ମଙ୍ଗଳବାର ରାତିରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ନୂଆଦିଲ୍ଲୀସ୍ଥିତ କେନ୍ଦ୍ର ସାହିତ୍ୟ ଏକାଡେମୀ ଆନୁକୂଲ୍ୟରେ ଏକ ଆଲୋଚନାଚକ୍ର ଓ କବି ସମ୍ମିଳନୀ ଅନୁଷ୍ଠିତ ହେବ। ଏହାକୁ ସଫଳତାର ସହ କରାଯିବା ପାଇଁ ବୈଠକରେ ଆଲୋଚନା ହୋଇଥିଲା। ସୁବାସ ଚନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଶ୍ରୀକର ଭୋଇ, କୈଳାସ ଚନ୍ଦ୍ର ପଟ୍ଟନାୟକ, ମିନତି ମହାପାତ୍ର, ଅବନୀକାନ୍ତ ପାଣି, ପଣ୍ଡିତ ରଘୁନାଥ ନାୟକ, ସୁରେଶ ପ୍ରଧାନ, ଡା. ଦିଲ୍ଲୀପ ନାଏକ, ଜେନାମଣି ସେଠ, ଠାକୁର ପ୍ରଧାନ, ମନୋଜ ମେହେର, ସରୋଜ ମିର୍ଦ୍ଧା, ସୌଭାଗ୍ୟ ରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଆର୍‌ଆର୍ କଲୋନୀ ବାସିନ୍ଦାଙ୍କୁ ମିଳୁନି ମୌଳିକ ସୁବିଧା

ଝାରସୁଗୁଡ଼ା,୩୦।୭(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ସଦର ବ୍ଲକ ହିର୍ମା ପଞ୍ଚାୟତ ଅଧୀନ କାଲୋପତ୍ରାଠାରେ ଏନ୍‌ଏଲ୍‌ସି କମ୍ପାନୀ ଦ୍ୱାରା ନିର୍ମିତ ବିସ୍ଥାପନ ଓ ପୁନଃସ୍ଥାପନ(ଆର୍‌ଆର୍) କଲୋନୀର ବାସିନ୍ଦାଙ୍କୁ ମୌଳିକ ସୁବିଧା ମିଳୁନାହିଁ। ଏହାକୁ ନେଇ ସେମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ସେମାନଙ୍କୁ ସୁବିଧା ଯୋଗାଇ ଦେବା ପାଇଁ ସେମାନେ ଦାବି କରିଛନ୍ତି।

ସୂଚନା ଅନୁଯାୟୀ, ହିର୍ମା ପଞ୍ଚାୟତର ଗରିଆଡ଼ିହି, କୁମ୍ଭାରୀ, ତରେଇକେଲା ଗ୍ରାମରେ ଭାରତ ସରକାରଙ୍କ ଏନ୍‌ଏଲ୍‌ସି କମ୍ପାନୀ ସ୍ଥାପନ କରାଯିବ। ଏଥିପାଇଁ ଗରିଆଡ଼ିହି ଓ କୁମ୍ଭାରୀ ଗ୍ରାମବାସୀଙ୍କୁ ବିସ୍ଥାପିତ କରାଯାଇ କମ୍ପାନୀ ପକ୍ଷରୁ ଆର୍‌ଆର୍ କଲୋନୀରେ ନିର୍ମିତ ଗୃହରେ ଥଇଥାନ କରାଯାଇଛି। ସେଠାରେ ସେମାନେ ପ୍ରାୟ ୧ ବର୍ଷ ହେବ ରହୁଥିଲେ



ଆର୍‌ଆର୍ କଲୋନୀ ରାସ୍ତା ଅଧାପନ୍ତରିଆ ହୋଇରହିଛି।

ମଧ୍ୟ ମୌଳିକ ସୁବିଧା ମିଳୁନାହିଁ। ବର୍ତ୍ତମାନ ପର୍ଯ୍ୟନ୍ତ ସେମାନଙ୍କୁ ଜମିପଟା ପ୍ରଦାନ କରାଯାଇନାହିଁ। ଏପରି କି ଦିଆଯାଇଥିବା ଘର ପାର୍ଶ୍ୱରେ ବାଉଣ୍ଡ୍ରି ନାହିଁ, ପାନୀୟ ଜଳ ସମସ୍ୟା, ଚୁକ୍ତି ଅନୁସାରେ ବିସ୍ଥାପିତକୁ ପେନ୍‌ସନ୍ ପ୍ରଦାନ ନ କରାଯିବା ଏବଂ ଡ୍ରେନେଜ୍ ବ୍ୟବସ୍ଥା ଅସମ୍ପୂର୍ଣ୍ଣ ରହିଛି। ବର୍ତ୍ତମାନ ପର୍ଯ୍ୟନ୍ତ ସ୍କୁଲ, କଲେଜ ଓ କମ୍ୟୁନିଟି ସେଣ୍ଟର କାର୍ଯ୍ୟ ମନ୍ଥର ଗତିରେ ଚାଲିଛି। ଏଭଳି ଅନେକ ସମସ୍ୟା ରହିଥିବା ନେଇ କଲୋନୀ ବାସିନ୍ଦା ବାରମ୍ବାର କମ୍ପାନୀ କର୍ତ୍ତୃପକ୍ଷ ଓ ଜିଲା ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ ସୁଫଳ ମିଳିପାରିନାହିଁ। ଏନେଇ ବିସ୍ଥାପନ ଓ ପୁନଃ ସ୍ଥାପନ ବିଭାଗର ଅଧିକାରୀ ବିଶ୍ୱକେସନ ପାଣ୍ଡେ କହିଛନ୍ତି, ଆର୍‌ଆର୍ କଲୋନୀରେ ଏହି ସବୁ କାର୍ଯ୍ୟ ବିଳମ୍ବ ହେଉଥିବାରୁ ଏଥିପାଇଁ ଆମେ ଏକ କମିଟି ଗଠନ କରିଛୁ। ଏଥିରେ ଆର୍‌ଡିସି କାର୍ଯ୍ୟାଳୟର ଜଣେ ବରିଷ୍ଠ ଅଧିକାରୀ, ଉପଜିଲାପାଳ, ବିସ୍ଥାପନ ଓ ପୁନଃ ଥଇଥାନ ବିଭାଗର ପିଡି, ଏନ୍‌ଏଲ୍‌ସି କମ୍ପାନୀର ନିର୍ଦ୍ଦେଶକ ଅଛନ୍ତି। ଏହି କମିଟି ଆର୍‌ଆର୍ କଲୋନୀ ବାସିନ୍ଦାଙ୍କ ସମସ୍ୟା ସମାଧାନ ଦିଗରେ କାର୍ଯ୍ୟ କରିବ। ଅପରପକ୍ଷରେ ଏନ୍‌ଏଲ୍‌ସି କମ୍ପାନୀର ବରିଷ୍ଠ ଅଧିକାରୀ ପ୍ରଶାନ୍ତ ପ୍ରଧାନଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

## ୧ରେ ପାଳନ ହେବ ସମ୍ବଲପୁରୀ ଦିନ୍

ଝାରସୁଗୁଡ଼ା,୩୦।୭(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ାସ୍ଥିତ ସମ୍ବଲପୁରୀ ଭାଷା ସାହିତ୍ୟ ଓ ସଂସ୍କୃତି ମଞ୍ଚ ପକ୍ଷରୁ ସ୍ଥାନୀୟ ଏକ ହୋଟେଲରେ ବୁଧବାର ପୂର୍ବାହ୍ନରେ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଗୁରୁ ସତ୍ୟ ନାରାୟଣ ବହିଦାରଙ୍କ ଜନ୍ମଦିନ ଅଗଷ୍ଟ ୧ ତାରିଖକୁ ସମ୍ବଲପୁରୀ ଦିନ୍ ଭାବେ ସମ୍ବଲପୁରୀ ଭାଷା ସାହିତ୍ୟ ଓ ସଂସ୍କୃତି ମଞ୍ଚ ଦୁଇବର୍ଷ ହେବ ପାଳନ କରିଆସୁଛି। ଆସନ୍ତା ଅଗଷ୍ଟ ୧ ତାରିଖ ସକାଳ ୯ଟାରେ ରେଳଷ୍ଟେଶନ ଛକସ୍ଥିତ କନକ ଦୁର୍ଗା ମନ୍ଦିରରେ ପୂଜାର୍ଚ୍ଚନା ପରେ ଶୋଭାଯାତ୍ରା ବାହାରି ଏମ୍‌ସିଏଲ୍ ଅଡିଟୋରିୟମରେ ପହଞ୍ଚିବ। ରାତି ୯ଟା ପର୍ଯ୍ୟନ୍ତ ହେବାକୁ ଥିବା କାର୍ଯ୍ୟକ୍ରମରେ ସମ୍ବଲପୁରୀ ଫ୍ୟାଶନ ଶୋ', ସମ୍ବଲପୁରୀ ନାଚ ଓ ଗୀତ, ରଙ୍ଗୋଲି ପ୍ରତିଯୋଗିତା ହେବ। ଏଥିସହ ସ୍ଥାନୀୟ କଳାକାର, ବିଭିନ୍ନ ସ୍କୁଲ ଓ କଲେଜ ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବେ। ସେହିପରି ପ୍ରତିଷ୍ଠିତ ସମ୍ବଲପୁରୀ ବ୍ୟଙ୍ଗ କବି ମନ ମାଷ୍ଟ୍ରେ, ଗାୟକ ଶାଶ୍ୱତ ତ୍ରିପାଠୀ ଓ ଗାୟିକା ତପସ୍ୱିନୀ ଦାସ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ ଉଦ୍‌ଘାଟନ କରିବାକୁ ଥିବାବେଳେ ଅନ୍ୟମାନଙ୍କ ମଧ୍ୟରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ, ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ଯୋଗଦେବା ପାଇଁ କାର୍ଯ୍ୟକ୍ରମ ସ୍ଥିରୀକୃତ ହୋଇଛି। ସମ୍ବଲପୁରୀ ଭାଷା ସାହିତ୍ୟ ଓ ସଂସ୍କୃତି ମଞ୍ଚର ସଂଯୋଜକ ସୁବ୍ରତ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଖବରଦାତା ସମ୍ମିଳନୀରେ ମନୋରଞ୍ଜନ ମହାପାତ୍ର, ବିମଳେନ୍ଦୁ ଭୋଳ, ମାନସୀ ପଣ୍ଡା, ବିଜୟ ବେହେରା ପ୍ରମୁଖ ଯୋଗଦେଇଥିଲେ।

## ବିଶ୍ୱ ମାନବ ଚାଲାଣ ବିରୋଧୀ ଦିବସ ପାଳିତ



ବୈଠକରେ ଉପସ୍ଥିତ ଅଧିକାରୀ ଓ ଅନ୍ୟମାନେ।

ଦେବଗଡ଼,୩୦।୭(ଶଶାଙ୍କ ଶେଖର ଝାଙ୍କର)

ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଜିତା' ଆନୁକୂଲ୍ୟରେ ସ୍ଥାନୀୟ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ବିଶ୍ୱ ମାନବ ଚାଲାଣ ବିରୋଧୀ ଦିବସ ବୁଧବାର ପାଳିତ ହୋଇଯାଇଛି। ଅନୁଷ୍ଠାନର ସମ୍ପାଦିକା ଅନୁପମା ରାଉତଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ସମ୍ମାନିତ ଅତିଥି ଭାବେ ଡିଏସ୍‌ପି (ଏଚ୍‌ଆର୍‌ପିସି)ଅମୂଲ୍ୟ ପୁନମ ଲାକ୍ରା, ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷା ପିଙ୍କିରାଣୀ ନନ୍ଦ, ସଦସ୍ୟ କୁମୁଦ ଚନ୍ଦ୍ର ଶତପଥୀ, ଜୁଭେନାଇଲ ଜଷ୍ଟିସ ବୋର୍ଡର ସଦସ୍ୟା ଗାୟତ୍ରୀ ଦ୍ୱିବେଦୀ, ମମତା ବିଶ୍ୱାଳ ଓ ଜିଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ମାନବ ଚାଲାଣ ଏବଂ ଏହାର ପ୍ରତିକାର, ବାଲ୍ୟବିବାହ, ଶିଶୁ ଯୌନ ନିର୍ଯାତନା, ଶିଶୁ ଶ୍ରମିକ ଏବଂ ଶିଶୁଚାଲାଣ ରୋକିବା ପ୍ରସଙ୍ଗରେ ଅତିଥିଭାବେ ଆଲୋଚନା କରିଥିଲେ। ଏହି ଅବସରରେ ବିଭିନ୍ନ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଯୋଗଦେଇ ଜିଲାରେ ଘଟୁଥିବା ଶିଶୁ ସମସ୍ୟା ସମ୍ପର୍କରେ ମତ ଉପସ୍ଥାପନ କରିଥିଲେ। ଛାତ୍ରୀଛାତ୍ରଙ୍କୁ ନେଇ ଶିଶୁ ସୁରକ୍ଷା ସମ୍ପର୍କିତ ଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଦେବଗଡ଼ ମହିଳା ମହାବିଦ୍ୟାଳୟ, ଦେବଗଡ଼ ମହାବିଦ୍ୟାଳୟ, ଆଦର୍ଶ ସ୍ନାତକ ମହାବିଦ୍ୟାଳୟର ଛାତ୍ରୀଛାତ୍ର, ବିଭିନ୍ନ ଥାନାର ଅଧିକାରୀ, ମହିଳା ଶିଶୁ ଡେସ୍କ କର୍ମକର୍ତ୍ତା, ଚାଇଲ୍ଡ ହେଲ୍ପଲାଇନ୍‌ର କର୍ମୀ, ୱାନ୍‌ଷ୍ଟପ୍ ସେଣ୍ଟର ଓ ଜିଲା ସମାଜ ମଙ୍ଗଳ ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ। ଅନୁଷ୍ଠାନର କର୍ମୀ ମନ୍ଦୋଦରୀ ସାହୁ, ସୌମ୍ୟ ମହାନ୍ତି, ଅରୁଣ ଦାସ, ପଞ୍ଚାନନ ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶ୍ରଦ୍ଧାଞ୍ଜଳି ସାହୁ ଧନ୍ୟବାଦ ଦେଇଥିଲେ।

## ଗୁରୁ ଭଗବାନ ସାହୁଙ୍କ ଜୟନ୍ତୀ ପାଳିତ

ଲଇକେରା,୩୦।୭(ରଞ୍ଜନ କୁମାର ମେହେର)

ଝାରସୁଗୁଡ଼ା ଜିଲା ଲଇକେରା ପଞ୍ଚାୟତ ସମିତି ଅଧୀନ ହାୟର ସେକେଣ୍ଡାରୀ ସ୍କୁଲଠାରେ ସାହିତ୍ୟର ସ୍ୱର ନିରଞ୍ଜନା ଆନୁକୂଲ୍ୟରେ ବୁଧବାର ପୂର୍ବାହ୍ନରେ ଗୁରୁ ଭଗବାନ ସାହୁଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଅନୁଷ୍ଠାନର ସମ୍ପାଦକ ତଥା ଅଧ୍ୟାପକ ପ୍ରମୋଦ କୁମାର ସିଂହ ସ୍ୱାଗତ ଭାଷଣ ଦେଇଥିଲେ। ଅନୁଷ୍ଠାନର ସଭାପତି, ବରିଷ୍ଠ ନାଟ୍ୟକାର, ନିର୍ଦ୍ଦେଶକ ରୋହିତ ପଟେଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଲଇକେରା ହାଇୟର ସେକେଣ୍ଡାରୀ ସ୍କୁଲ ଅଧ୍ୟକ୍ଷ ସୁଶାନ୍ତ ରଥ, ମୁଖ୍ୟବକ୍ତା ଶାନ୍ତିଲତା ହାଁସଦା, ସମ୍ମାନିତ ଅତିଥି ଭାବେ ରସାୟନ ବିଜ୍ଞାନ ବିଭାଗର ଅଧ୍ୟାପକ ସୁଦିପ ପୁରୋହିତ, ସୁପ୍ରଭା ନାୟକ, ରୁଦ୍ରାକ୍ଷ ପ୍ରଧାନ, ରାସେଶ୍ୱର ସାହୁ, ଚନ୍ଦ୍ରିକା ମାଝୀ, ଜେମିନୀ ନେଟି ପ୍ରମୁଖ ଯୋଗଦେଇଥିଲେ। ୧୯୫୦ ମସିହାରୁ ଗୁରୁ ଭଗବାନ ସାହୁ ପାଦରେ ଚାଲିଚାଲି ପଶ୍ଚିମଓଡ଼ିଶା ଏବଂ ପଡୋଶୀ ଛତିଶଗଡ଼ ଅଞ୍ଚଳରେ ନିଜ ନାଟକ ଅନୁଷ୍ଠାନ ମାଧ୍ୟମରେ କଳା, ସଂସ୍କୃତିର ପ୍ରଚାର ପ୍ରସାର କରିଥିଲେ। ଆଗାମୀ ଦିନରେ ଗୁରୁ ଭଗବାନ ସାହୁଙ୍କ ଉପରେ ବିଭିନ୍ନ ଶିକ୍ଷା ଅନୁଷ୍ଠାନରେ ଆଲୋଚନାଚକ୍ର କରାଯିବା ପାଇଁ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଗୁରୁ ଚରଣ ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ଗୁରୁ ଭଗବାନ ସାହୁଙ୍କ ଉପରେ ଛାତ୍ରୀ ମାମି ମହାପାତ୍ର, ଅନ୍ନପୂର୍ଣ୍ଣା ସାହୁ କବିତା ପାଠ କରିଥିଲେ। ଜଗନ୍ନାଥ ମେହେର ଧନ୍ୟବାଦ ଦେଇଥିଲେ।

## ଜିଲା ଦକ୍ଷତା ବିକାଶ ମିଶନ ବୈଠକ

ଦେବଗଡ଼,୩୦।୭(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଜିଲା ଦକ୍ଷତା ବିକାଶ ମିଶନ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ କବୀନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲା ଦକ୍ଷତା ବିକାଶ ତଥା ନିଯୋଜନ ଅଧିକାରୀ କେ. ରୋଜା ଦାରା ୨୦୨୪-୨୫ ଆର୍ଥିକ ବର୍ଷର ଉପଲବ୍ଧି ଉପରେ ବିବରଣୀ ପ୍ରଦାନ କରିଥିଲେ। ଏହାପରେ ଚଳିତବର୍ଷ ପାଇଁ ଜିଲାରେ ତାଲିମ ଦେବାକୁ ଇଚ୍ଛୁକ ତାଲିମ ପ୍ରଦାନକାରୀ ସଂସ୍ଥାଗୁଡିକ ସେମାନଙ୍କ ଯୋଜନା ଉପସ୍ଥାପନ କରିଥିଲେ। ଜିଲାରେ ସୁଚାରୁରୂପେ ତାଲିମ କାର୍ଯ୍ୟକାରୀ କରିବା ନିମନ୍ତେ ଜିଲାପାଳ ମତପ୍ରକାଶ କରିଥିଲେ। ଏହି ବୈଠକରେ ଜିଲା ଶ୍ରମ ଅଧିକାରିଣୀ ପଦ୍ମାବତୀ ମାରାଣ୍ଡି, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୁତାର, ଅବିନାଶ ପୁରୀଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

## ଦୁର୍ଘଟଣା ରୋକିବାକୁ ଗୁରୁତ୍ୱ



ବୈଠକରେ ଜିଲାପାଳଙ୍କ ସମେତ ଅନ୍ୟ ଅଧିକାରୀ।

ଦେବଗଡ଼,୩୦।୭(ଶଶାଙ୍କ ଶେଖର ଝାଙ୍କର)

### ଜିଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ

ଦେବଗଡ଼ ଜିଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ମୋଟର ଯାନ ନିରୀକ୍ଷକ ଶିର୍ବଚ୍ଛ ଦଳେଇଙ୍କ ତତ୍ତ୍ୱାବଧାନରେ ମାସିକ ଜିଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ ଜିଲାପାଳ କବୀନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜିଲାରେ ସଡ଼କ ଦୁର୍ଘଟଣା କିଭଳି ରୋକାଯାଇ ପାରିବ ସେ ଉପରେ ଗୁରୁତ୍ୱାରୋପ କରିଥିଲେ। ବିଶେଷକରି ଦୁର୍ଘଟଣା ରୋକିବା ପାଇଁ ଆଞ୍ଚଳିକ ପରିବହନ ବିଭାଗ ଓ ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ କଡ଼ାକଡ଼ି ଚେକିଂ କରିବା ସହିତ ଟ୍ରାଫିକ୍ ନିୟମ ପାଳନ ଉପରେ ଆଲୋଚନା କରାଯାଇଥିଲା। ରିଆମାଳରୁ ଏନ୍‌ଏଚ୍ ୫୩ ରାସ୍ତାର ସୁରକ୍ଷା ନିମନ୍ତେ ସାଇନେଜ୍ ବୋର୍ଡ, ତିଲେଇବଣିରୁ ବଂଜାରୀ ପର୍ଯ୍ୟନ୍ତ ରାସ୍ତାର ଉନ୍ନତୀକରଣ, ସାଧାରଣ ଜନତାଙ୍କ ଦ୍ୱାରା ପୌରାଞ୍ଚଳରେ ରାସ୍ତାରେ ବାଲି, କଂକ୍ରିଟ୍ ଓ ଇଟା ଅବରୋଧ, ସୁରକ୍ଷା ମାନଦଣ୍ଡ ଅନୁଯାୟୀ ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଢାବା ଓ ବିଦ୍ୟାଳୟ ପାର୍ଶ୍ୱରେ ସୁରକ୍ଷା ଦୃଷ୍ଟିକୋଣରୁ ବେଆଇନ ମଦ ବିକ୍ରୟ, ବସ ଟର୍ମିନାଲ ଓ ହେଲ୍‌ମେଟ ଚେକିଂ କଟକଣା ଉପରେ ଆଲୋଚନା ହୋଇଥିଲା । ବୈଠକରେ ଆରକ୍ଷୀ ଅଧୀକ୍ଷକ ଅନିଲ କୁମାର ମିଶ୍ର, ଉପଜିଲାପାଳ ପରକ୍ଷିତ ସାହୁ, ଜିଲା ଶିକ୍ଷା ଅଧିକାରୀ ଗେଂଦ୍ରା କୁଜୁର, ଅଧିକ୍ଷଣ ଯନ୍ତ୍ରୀ ରାସ୍ତା ଓ ଗୃହ ବିଭାଜନ ଅଭିଷେକ ଓଝା, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଧନଞ୍ଜୟ ମହାନ୍ତ, ଅବକାରୀ ଇନ୍ସପେକ୍ଟର ସନ୍ତୋଷ କୁମାର ସାହୁ ,ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୁତାର, ସିଦ୍ଧାର୍ଥ ଗୁରୁ, ସତ୍ୟନାରାୟଣ ମିଶ୍ର , ସଂସ୍କାର କୁମୁଦ ବନ୍ଧୁ ଶତପଥୀ ଓ ବିଭିନ୍ନ ଲାଇନ ଡିପାର୍ଟମେଣ୍ଟ ର ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଗ୍ରୁପ୍ ଲୋନ୍ ଦେବା ନାଁରେ ମହିଳାଙ୍କୁ ଠକେଇ

ବେଲପାହାଡ଼,୩୦।୭(ସୁବାସ ପ୍ରଧାନ)

ବେଲପାହାଡ଼ ଥାନା ଅଞ୍ଚଳରେ ମହିଳାମାନେ ଗ୍ରୁପ୍ ଲୋନ୍ ନାଁରେ ଠକେଇର ଶିକାର ହୋଇଛନ୍ତି। ଏକାଧିକ ମହିଳାଙ୍କଠାରୁ ୨୨୦୦ ଟଙ୍କା ଲେଖାଏ ନେଇ ୪ ଜଣ ଦୁର୍ବୃତ୍ତ ଫେରାର ହୋଇଯାଇଛନ୍ତି। ଫଳରେ ଠକେଇର ଶିକାର ହୋଇଥିବା ମହିଳାମାନେ ବୁଧବାର ଥାନାରେ ଅଭିଯୋଗ କରିଛନ୍ତି। ରଣ ଲଗାଣକାରୀ ଏକ ସଂସ୍ଥା ଜରିଆରେ ଲୋନ୍ ଦେବାକୁ କହି କେତେଜଣ ଯୁବକ ବେଲପାହାଡ଼ ଥାନା ଅଧୀନ କଗୁଯୋର, ମହିଯୋର, ଛୁଆଲିବେର୍ଣ୍ଣା ଅଞ୍ଚଳର କେତେଜଣ ମହିଳାଙ୍କୁ ସାକ୍ଷାତ କରିଥିଲେ। ୨୨୦୦ ଟଙ୍କା ଦେଲେ ୫୦ ହଜାର ଟଙ୍କାର ଲୋନ୍ କରାଇବାକୁ ପ୍ରଲୋଭନ ଦେଖାଇ ସେମାନଙ୍କଠାରୁ ଟଙ୍କା ନେଇଥିଲେ। ହେଲେ ଏବାବଦୀୟ ରସିଦ୍ ସେମାନଙ୍କୁ ଦେଇ ନ ଥିଲେ। ଫଳରେ ମହିଳାମାନେ ଗାନ୍ଧୀଛକରେ ଥିବା ସେମାନଙ୍କ ଅଫିସକୁ ଯାଇଥିଲେ। ହେଲେ ଉକ୍ତ ଅଫିସ ଖାଲିକରି ଦୁର୍ବୃତ୍ତମାନେ ଫେରାର ହୋଇଯାଇଥିଲେ। ଏହାପରେ ମହିଳାମାନେ ଠକେଇର ଶିକାର ହୋଇଥିବା ଜାଣିପାରି ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଆଇନ ଅନୁଯାୟୀ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେମାନେ ଦାବି କରିଛନ୍ତି।

## ରାଜସ୍ୱ ନିରୀକ୍ଷକଙ୍କ ନୂତନ କାର୍ଯ୍ୟାଳୟ, ବାସଭବନ କୋଠା ଉଦ୍‌ଘାଟିତ

ଦେବଗଡ଼,୩୦।୭(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ତହସିଲ ଅଧୀନ ନୂଆଁବାଲିରୋଇଠାରେ ନୂତନ ଭାବେ ନିର୍ମିତ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଏବଂ ବାସଭବନ କୋଠା ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଜିଲାପାଳ କବୀନ୍ଦ୍ର କୁମାର ସାହୁ ଏହାକୁ ଉଦ୍‌ଘାଟନ କରିଥିଲେ। ଦେବଗଡ଼ ରାଜସ୍ୱ ନିରୀକ୍ଷକ ମଦନ ସୁନ୍ଦର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ଦେବଗଡ଼ ତହସିଲଦାର କର୍ଣ୍ଣ ମଲ୍ଲିକ, ଅତିରିକ୍ତ ତହସିଲଦାର ଦୟାଳ ଓମ୍‌ପ୍ରକାଶ ସାହୁ, ଡେପୁଟି କଲେକ୍ଟର ସୁଶ୍ରୀ ରେଖା ମହନ୍ତ, ଏକ୍ଲିନ ବାରା ଓ ତାପସ ମହାନ୍ତ ଯୋଗଦେଇଥିଲେ। ଦେବଗଡ଼ ସହର ମଧ୍ୟରେ ଦୀର୍ଘବର୍ଷ ଧରି ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଚାଲୁଥିବାବେଳେ ଖୁବ୍‌ଶୀଘ୍ର ନୂତନ କାର୍ଯ୍ୟାଳୟ କୋଠାକୁ ଏହା ସ୍ଥାନାନ୍ତର କରାଯିବ ବୋଲି ରାଜସ୍ୱ ବିଭାଗ ପକ୍ଷରୁ ସୂଚନା ମିଳିଛି।

## ହସ୍ପିଟାଲର ଭିତ୍ତିଭୂମି ସୁଦୃଢ଼, ଡାକ୍ତର ପଦବୀ ପୂରଣ କରାଯାଉ

ଝାରସୁଗୁଡ଼ା/ବ୍ରଜରାଜନଗର, ୩୦।୭
(ଆଶିଷ ରଞ୍ଜନ ଦାଶ/ବିଜୟ ବରାଡ଼)

### କେନ୍ଦ୍ର କୋଇଲା ମନ୍ତ୍ରୀଙ୍କୁ ଚିଠି ଲେଖିଲେ ଏମ୍‌ପି



PRADEEP PUROHIT
MEMBER OF PARLIAMENT
(LOK SABHA)
BARGARH, ODISHA

ROOM NO. 1252, ODISHA NIWAS, NEW DELHI-110 021

D.O. No.: PP/MP/LS/2025/212 Date: 30th Jul, 2025

Subject: Issues regarding Central Hospital, IB-Valley Area, Brajrajnagar;

Respected Shri G. Kishan Reddy Ji,

The Central Hospital of IB valley area under MCL is one of the oldest hospitals of this area. During 90's the hospital earned a good name and fame and had a great ICU and almost all departments were functioning very well. During the last few years, it is seen that most of the departments are lacking experienced doctors or say even without doctors. The ICU is not functional, the Ultrasound department is closed, X-ray department is functioning without films or with very minimum inventory. When an experienced doctor is transferred, they are relieved immediately without a similar alternative being provided. Most of the patients are referred to private hospitals located very far from Brajrajnagar.

Recently on 23rd of July 2025 a 18 Months baby boy swallowed a small piece of apple and when he suffered from breathing issue his parents took him to Central Hospital, IB Valley Area, Brajrajnagar and there were no ENT doctor available and the doctors present at that time refused to treat the baby as they were no medical equipment available with them to extract the piece of apple from throat of that baby. They were forced to take the baby to Jharsuguda District Hospital and the baby collapsed in the way.

I therefore request you to take immediate steps to fill all the vacant post of doctors and resume the functioning of ICU and other departments which are closed.

I hereby call for a high level enquiry committee into this matter. Serious action should be taken against the officials responsible for this tragic accident.

Thanking You,

Yours sincerely,
(Pradeep Purohit)

Shri G. Kishan Reddy,
Hon'ble Union Minister for Coal and Mines;
Government of India,
New Delhi

କେନ୍ଦ୍ରମନ୍ତ୍ରୀଙ୍କୁ ଲେଖାଯାଇଥିବା ଚିଠି।

ଝାରସୁଗୁଡା ଜିଲା ବ୍ରଜରାଜନଗରସ୍ଥିତ ମଣ୍ଡଳିଆ କେନ୍ଦ୍ରୀୟ ହସ୍ପିଟାଲରେ ଅନେକ ସମସ୍ୟା ରହିଛି। ତୁରନ୍ତ ଏହାର ଭିତ୍ତିଭୂମି ସୁଦୃଢ଼ କରିବା ସହ ଆବଶ୍ୟକ ଯନ୍ତ୍ରପାତି ଓ ଡାକ୍ତର ଯୋଗାଇ ଦେବା ପାଇଁ ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ ବୁଧବାର କେନ୍ଦ୍ର କୋଇଲା ଓ ଖଣିମନ୍ତ୍ରୀ ଜି. କିସନ ରେଡ୍ଡୀଙ୍କୁ ଚିଠି ଲେଖିଛନ୍ତି। କେନ୍ଦ୍ରୀୟ ହସ୍ପିଟାଲରେ ଆଇସିୟୁ କାର୍ଯ୍ୟକ୍ଷମ ନ ଥିବାବେଳେ ଅଲ୍‌ଟ୍ରାସାଉଣ୍ଡ ବିଭାଗ ବନ୍ଦ ଅଛି। ଏକ୍ସ-ରେ ବିଭାଗ ବିନା ଫିଲ୍ମ କିମ୍ବା ଅତି କମ୍ ଇନଭେଣ୍ଟରୀ ସହିତ କାର୍ଯ୍ୟ କରୁଛି । ସେହିପରି ଏଠାରୁ ଜଣେ ଅଭିଜ୍ଞ ଡାକ୍ତରଙ୍କୁ ସ୍ଥାନାନ୍ତର କରାଗଲେ ଏହାର ସମାନ ବିକଳ୍ପ ଯୋଗାଇ ଦିଆଯାଉ ନାହିଁ। ଅଧିକାଂଶ ରୋଗୀଙ୍କୁ ବ୍ରଜରାଜନଗରରୁ ବହୁତ ଦୂରରେ ଅବସ୍ଥିତ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଉଥିବା ନେଇ ଚିଠିରେ ଉଲ୍ଲେଖ କରାଯାଇଛି।

ଗତ ୨୩ ତାରିଖରେ ୧୮ ମାସର ଶିଶୁପୁତ୍ର ଛୋଟ ସେଓ ଖଣ୍ଡ ଗିଳିଦେବାରୁ ଶ୍ୱାସକ୍ରିୟାରେ ସମସ୍ୟା ହୋଇଥିଲା। ତାଙ୍କ ମାତାପିତା ତାଙ୍କୁ ଚିକିତ୍ସା ପାଇଁ ବ୍ରଜରାଜନଗରର କେନ୍ଦ୍ରୀୟ ହସ୍ପିଟାଲ, ଇବ୍ ଭ୍ୟାଲି ଏରିଆକୁ ନେଇଥିଲେ। ହେଲେ ସେଠାରେ ଇଏନ୍‌ଟି ବିଭାଗର ଡାକ୍ତର ଉପଲବ୍ଧ ନ ଥିଲେ। ସେହି ସମୟରେ ଉପସ୍ଥିତ ଡାକ୍ତରମାନେ ଶିଶୁର ଗଳାରୁ ସେଓଖଣ୍ଡ ବାହାର କରିବା ପାଇଁ କୌଣସି ଚିକିତ୍ସା ଉପକରଣ ଉପଲବ୍ଧ ନ ଥିବାରୁ ଚିକିତ୍ସା କରିବାକୁ ମନା କରିଦେଇଥିଲେ। ପରିବାର ଲୋକେ ଶିଶୁକୁ ଝାରସୁଗୁଡ଼ା ଜିଲା ଡାକ୍ତରଖାନାକୁ ନେବାକୁ ବାଧ୍ୟ ହୋଇଥିଲେ। ସେଠାରେ ଡାକ୍ତର ଶିଶୁଙ୍କୁ ମୃତ ଘୋଷଣା କରିଥିଲେ। ଉକ୍ତ ଘଟଣାର ତଦନ୍ତ ନିମନ୍ତେ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇ ଏଥିପାଇଁ ଦାୟୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ଆଗାମୀ ଦିନରେ କେନ୍ଦ୍ରୀୟ ହସ୍ପିଟାଲରେ ଏଭଳି ଘଟଣାର ପୁନରାବୃତ୍ତି ନ ଘଟିବା, ଖାଲି ଡାକ୍ତର ପଦବୀ ପୂରଣ କରିବା, ବନ୍ଦ ଥିବା ଆଇସିୟୁ ଏବଂ ଅନ୍ୟାନ୍ୟ ବିଭାଗର କାର୍ଯ୍ୟ ପୁନଃ ଆରମ୍ଭ କରିବା ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ଏମ୍‌ପି ପୁରୋହିତ ଚିଠି ଲେଖି ମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି।

## ରାସ୍ତା ବିପର୍ଯ୍ୟସ୍ତ, ଯାତାୟାତରେ ସମସ୍ୟା

ଦେବଗଡ଼,୩୦।୭(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ବାରକୋଟ ବ୍ଲକ କାଳିଆପାଳ ଗ୍ରାମପଞ୍ଚାୟତ ଅଧୀନ ପୁରୁଣା କ୍ରଶର-ନୂଆଁକେଶଲା ରାସ୍ତା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏଥିଯୋଗୁ ଗ୍ରାମବାସୀ ଯାତାୟାତ ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନେଇ ପ୍ରଶାସନକୁ ଅନେକଥର ଅବଗତ କରାଯାଇଥିଲେ ମଧ୍ୟ ସୁଫଳ ମିଳିପାରିନାହିଁ। ଫଳରେ ଗ୍ରାମବାସୀ ଅସନ୍ତୋଷ ବ୍ୟକ୍ତ କରିବା ସହ ତୁରନ୍ତ ନୂତନ ରାସ୍ତା ନିର୍ମାଣ ପାଇଁ ଅନ୍‌ଲାଇନ୍ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

ସୂଚନା ଅନୁଯାୟୀ, ରେଙ୍ଗାଲି ନଦୀବନ୍ଧ ଯୋଜନାରେ ବିସ୍ଥାପିତ ହୋଇ ଉକ୍ତ ଗ୍ରାମରେ ପ୍ରାୟ ୧୫୦ ପରିବାର ଥଇଥାନ ହୋଇଛନ୍ତି। ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା ପୁରୁଣା କ୍ରଶର ନିକଟରୁ ନୂଆଁକେଶଲା ଗ୍ରାମକୁ ସଂଯୋଗ



ବର୍ଷାରେ ରାସ୍ତା କାଦୁଅମୟ ହୋଇପଡ଼ିଛି।

କରୁଥିବା ମାଟି ରାସ୍ତା ଦୀର୍ଘବର୍ଷ ହେବ ଅବହେଳିତ ହୋଇପଡ଼ିଛି। ଏହି ରାସ୍ତାର ଉନ୍ନତୀକରଣ ତ ଦୂରର କଥା ମରାମତି ମଧ୍ୟ କରାଯାଉନାହିଁ। ବର୍ଷା ଯୋଗୁ ଏହି ରାସ୍ତା କାଦୁଅମୟ ହୋଇପଡ଼ିଛି। ଏବେ ଏହି ରାସ୍ତାରେ ସାଇକେଲ କିମ୍ବା ବାଇକ୍

### ନୂଆ ରାସ୍ତା ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ

ଯାତାୟାତ କରିବା ତ ଦୂରର କଥା, ଠିକ୍‌ଭାବେ ପାଦରେ ଚାଲି ଯିବାଆସିବା କରିବା କଷ୍ଟକର ହୋଇପଡୁଛି। ଏପରି କି ଗ୍ରାମକୁ ଆମ୍ବୁଲାନ୍ସ ଯିବା ସମୟରେ ବହୁ ଅସୁବିଧା ହେଉଛି। ଏନେଇ ଗ୍ରାମବାସୀ ପଞ୍ଚାୟତ ଓ ବ୍ଲକ କର୍ତ୍ତୃପକ୍ଷଙ୍କ ସମେତ ଜିଲା ପ୍ରଶାସନକୁ ବାରମ୍ବାର ଜଣାଇଥିଲେ ମଧ୍ୟ ସମସ୍ୟାର ସମାଧାନ ହୋଇପାରିନାହିଁ। ଅନ୍ୟ ଉପାୟ ନ ପାଇ ବୁଧବାର ଉକ୍ତ ଗ୍ରାମର ଅଶୋକ କୁମାର ସାହୁ, ସୁବ୍ରତ ସାହୁ, ରିଣ୍ଟୁ ସାହୁ, ମାନସ ସାହୁ, ମୁରଲି ଖୁଣ୍ଟିଆ, ବିଷ୍ଣୁଧର ସାହୁ, ସୁମନ୍ତ ସାହୁ, ସୁମନ୍ତ ପୃଷ୍ଟି ଓ ଅଙ୍କିତ ସାହୁଙ୍କ ସମେତ ଗ୍ରାମବାସୀ ଏନେଇ ଅନ୍‌ଲାଇନ୍ ଯୋଗେ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଦାବିପତ୍ର ପ୍ରଦାନ କରିଛନ୍ତି। ତୁରନ୍ତ ନୂତନ ରାସ୍ତା ନିର୍ମାଣ କରାଯାଇ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ସେମାନେ ଦାବି କରିଛନ୍ତି।

# ୟୁଏଏସ୍ ପ୍ରଚଳନକୁ ଶିକ୍ଷକ ସଂଘର ବିରୋଧ



ଜୟପାଟଣା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ବିରୋଧ କରାଯାଉଛି।

**ଜୟପାଟଣା,୩୦।୭ (ଓମ୍ ପ୍ରକାଶ ବୈଠାରୁ)**

ବିଦ୍ୟାଳୟରେ ଆବଶ୍ୟକ ଭିତ୍ତିଭୂମି ନ ଥାଇ ୟୁଏଏସ୍ ଲାଗୁ କରିବାକୁ ଜୟପାଟଣା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ବିରୋଧ କରିଛି। ପୂର୍ବରୁ ଏ ନେଇ ସଂଘ ପକ୍ଷରୁ ଆବଶ୍ୟକୀୟ ଭିତ୍ତିଭୂମି ଯଥା ଶିକ୍ଷକ ନିଯୁକ୍ତି, ମୋବାଇଲ ଫୋନ ପ୍ରଦାନ, ନେଟ ପ୍ୟାକ, କମ୍ପ୍ୟୁଟର ଶିକ୍ଷକ ନ ଯୋଗାଇବା ପର୍ଯ୍ୟନ୍ତ ୟୁଏଏସ୍ ପ୍ରଚଳନ ନିଷ୍ପତ୍ତିକୁ ସ୍ଥଗିତ ରଖିବା ପାଇଁ ଦାବି କରାଯାଇଥିଲା। କିନ୍ତୁ ପରିତାପର ବିଷୟ ଯେ ସାମ୍ପ୍ରତିକ ପରିସ୍ଥିତିରେ ବିଦ୍ୟାଳୟରେ ଶିକ୍ଷକ ଅଭାବ, ଶିଶୁ ବାଟିକା ପାଇଁ ଶ୍ରେଣୀଗୃହ ଅଭାବ ଅଣ ଶିକ୍ଷାଦାନ କାର୍ଯ୍ୟକ୍ରମ ଶିକ୍ଷକମାନଙ୍କ ଉପରେ ବୋଝ। ଏ ପରିସ୍ଥିତିରେ ୟୁଏଏସ୍ ଲାଗୁ କରିବା ସମ୍ଭବ ନୁହେଁ। ଏଣୁ ନିବେଦନ ପୂର୍ବକ ସଂଘ କର୍ମକର୍ତ୍ତା ତୁରନ୍ତ ବିଭିନ୍ନ ବର୍ଗର ପଦବୀକୁ ପୂରଣ କରିବା ସହିତ ଶିକ୍ଷକମାନଙ୍କୁ ବୋଝମୁକ୍ତ କରାଇଲେ ୟୁଏଏସ୍ ତଥା ଶିଶୁ ବାଟିକା ବ୍ୟବସ୍ଥା ସାକାର ହୋଇପାରିବ କହିଛନ୍ତି। ଯେ ପର୍ଯ୍ୟନ୍ତ ଭିତ୍ତିଭୂମି ନ କରାଯାଇଛି ୟୁଏଏସ୍ ବନ୍ଦ କରିବାକୁ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ପ୍ରମୋଦ କୁମାର ଠାକୁର ଓ ସାଧାରଣ ସମ୍ପାଦକ ଲଳିତ କୁମାର ନାଏକ ସରକାରଙ୍କୁ ଅନୁରୋଧ କରିଛନ୍ତି। କାର୍ଯ୍ୟକ୍ରମରେ ସଞ୍ଜୟ ପଣ୍ଡା, ରମାକାନ୍ତ ମାଝୀ, ପ୍ରଫୁଲ୍ଲ ବେହେରା, ସୁରତ ରଞ୍ଜନ ପଣ୍ଡା, ସରୋଜ ମିଶ୍ର, ଅଭୟ ଖମାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଶିକ୍ଷା ଅଧିକାରୀଙ୍କୁ ଶିକ୍ଷକ ସଂଘର ଦାବିପତ୍ର

**କର୍ଲାମୁଣ୍ଡା,୩୦।୭ (ପ୍ରଦୀପ କୁମାର ସାହୁ)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ବୁଧବାର ବ୍ଲକ ଶିକ୍ଷା ଅଧିକାରୀ ବାଞ୍ଛାନିଧି ପଣ୍ଡାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ଦର୍ଶାଯାଇଛି, ସରକାରଙ୍କ ପକ୍ଷରୁ ବିଦ୍ୟାଳୟରେ ୟୁଏଏସ୍ (ୟୁନିଫାଏଡ୍ ଅଟୋମେଶନ ସିଷ୍ଟମ) ଲାଗୁ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ହେଲେ ବିଭିନ୍ନ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି, ଶିକ୍ଷକଙ୍କୁ ମୋବାଇଲ ଫୋନ ପ୍ରଦାନ, ନେଟ୍‌ପ୍ୟାକ, କମ୍ପ୍ୟୁଟର ଶିକ୍ଷକ ନିଯୁକ୍ତି ଭଳି ଭିତ୍ତିଭୂମି ନାହିଁ। ଏହିସବୁ ବ୍ୟବସ୍ଥା ନ ହେବା ପର୍ଯ୍ୟନ୍ତ ୟୁଏଏସ୍ ଲାଗୁ ନ କରାଯାଉ ବୋଲି ଶିକ୍ଷକ ସଂଘ ଦାବି କରିଛି। ଦାବିପତ୍ର ପ୍ରଦାନ ସମୟରେ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଅନ୍ତର୍ଯ୍ୟାମୀ ମଲ୍ଲିକ, ସାଧାରଣ ସମ୍ପାଦକ ସଞ୍ଜୟ କୁମାର ଦାଶ, ଉପସଭାନେତ୍ରୀ ତୁଳାମତି ସାହୁଙ୍କ ସମେତ ସଦସ୍ୟମାନେ ଉପସ୍ଥିତ ଥିଲେ।


ଶିକ୍ଷକ ସଂଘ ପକ୍ଷରୁ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଦାବିପତ୍ର ଦିଆଯାଉଛି।

## ପଞ୍ଚାୟତ ଅଫିସରେ ଲାଗିଲା ବାୟୋମେଟ୍ରିକ ମେଶିନ

**ଲାଞ୍ଜିଗଡ଼,୩୦।୭ (ରମେଶ ଚନ୍ଦ୍ର ନାୟକ):** କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଜଗନ୍ନାଥପୁର ପଞ୍ଚାୟତ କାର୍ଯ୍ୟାଳୟରେ ବୁଧବାର କର୍ମଚାରୀମାନଙ୍କ ପାଇଁ ବାୟୋମେଟ୍ରିକ ଉପସ୍ଥାନ ମେଶିନ ଲଗାଯାଇଛି। ଜିଲାରେ ପ୍ରଥମେ କେସିଙ୍ଗା ବ୍ଲକର ତୁଣ୍ଡଲା ପଞ୍ଚାୟତରେ ଗତ ୨୪ ତାରିଖରେ ଏହି ବାୟୋମେଟ୍ରିକ ଉପସ୍ଥାନ ଆରମ୍ଭ ହୋଇଥିଲା। ଜଗନ୍ନାଥପୁର ପଞ୍ଚାୟତରେ ଏହି ବ୍ୟବସ୍ଥା ପ୍ରଚଳନ ପରେ ପଞ୍ଚାୟତର ସମସ୍ତ କର୍ମଚାରୀ ଠିକ୍ ସମୟରେ କାର୍ଯ୍ୟାଳୟକୁ ଆସି ନିୟମାନୁଯାୟୀ କାର୍ଯ୍ୟାଳୟ ବନ୍ଦ ହେଲାପରେ ହିଁ ଯାଇପାରିବେ ବୋଲି ସରପଞ୍ଚ ମୁଗାନା ମାଝୀ ପ୍ରକାଶ କରିଛନ୍ତି। ଆଦିବାସୀ ଅଧ୍ୟୁଷିତ ଏହି ବ୍ଲକରେ ଲୋକଙ୍କ ସରଳତାର ସୁଯୋଗ ନେଇ ଅଧିକାଂଶ ସରକାରୀ କାର୍ଯ୍ୟାଳୟରେ ତାଲା ଝୁଲୁଥିବା ଦେଖିବାକୁ ମିଳୁଛି। ବିଭିନ୍ନ ବିଭାଗର କର୍ମଚାରୀମାନେ ଅଧିକାଂଶ ସମୟରେ ଅନୁପସ୍ଥିତ ରହୁଥିବା ଯୋଗୁ ଲୋକେ ନାହିଁନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସମସ୍ତ ସରକାରୀ କାର୍ଯ୍ୟାଳୟରେ ଏହି ବ୍ୟବସ୍ଥା କରାଗଲେ କର୍ମଚାରୀମାନେ ଠିକ୍ ସମୟରେ ଆସି ନିଜ କାର୍ଯ୍ୟ ସୁଚାରୁରୂପେ ତୁଲାଇବେ ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ମତ ଦେଇଛନ୍ତି।

## ସଂକ୍ଷେପରେ

### ୧୧୯ତମ ଶିକ୍ଷା ଚେତନା ଅଭିଯାନ

**କଲମପୁର, ୩୦।୭(ଗଣେଶରାମ ବାଗ):** କଳାହାଣ୍ଡି ଜିଲା କଲମପୁର ବ୍ଲକ ବଡକୁଟ୍ରୁ ପଞ୍ଚାୟତ ଉଚ୍ଚ ବିଦ୍ୟାପୀଠଠାରେ ନେତାଜୀ ସେବା ସଂଗଠନ, ପ୍ରଫେସର ଭୁବନେଶ୍ୱର ବେହେରା ମେମୋରିଆଲ ୟୁଥ ଅର୍ଗାନାଇଜେସନର ମିଳିତ ଆନୁକୂଲ୍ୟରେ ୧୧୯ତମ ଶିକ୍ଷା ଚେତନା ଅଭିଯାନ ଓ ଅମୃତ ପାଠ୍ୟସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରଭାତ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ବ୍ଲକ ଅଧକ୍ଷା ତଥା ବଡକୁଟ୍ରୁ ପାକ୍ସ ସଭାନେତ୍ରୀ ମଞ୍ଜୁଳା ସାହୁ ମୁଖ୍ୟ ଅତିଥି, ଗୋଷ୍ଠୀ ଶିକ୍ଷା ଅଧିକାରୀ ମଧୁସ୍ମିତା ନାଏକ ମୁଖ୍ୟବକ୍ତା, ସମିତି ସଭ୍ୟ ବିକ୍ରମ କେଶରୀ ନାଏକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବେଦପ୍ରକାଶ ପଣ୍ଡା ଅତିଥି ପରିଚୟ ଓ ଲଳିତ କୁମାର ବିଶି ସ୍ୱାଗତ ଭାଷଣ ଦେଇଥିଲେ। ଏଥିରେ ଶ୍ରୀଜଗନ୍ନାଥ ସଂସ୍କୃତି, ଓଡ଼ିଆ ଭାଷା ସାହିତ୍ୟ, ବିଜ୍ଞାନ, ଗଣିତ, ଇତିହାସ ଓ ନଗର ବିଜ୍ଞାନ, ମହାପୁରୁଷଙ୍କ ଜୀବନୀ ଓ ସ୍ୱାଧୀନତା ସଂଗ୍ରାମ ସମ୍ବନ୍ଧୀୟ ପ୍ରଶ୍ନମଞ୍ଚର ଆୟୋଜନ କରାଯାଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ରାଧାମୋହନ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

### ପଞ୍ଚାୟତ ହାଇସ୍କୁଲରେ ବୃକ୍ଷରୋପଣ କାର୍ଯ୍ୟକ୍ରମ

**ଖଡ଼ିଆଳ,୩୦।୭ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ପଞ୍ଚାୟତ ହାଇସ୍କୁଲ କେନ୍ଦୁପାଟିରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପାନ ଇଣ୍ଡିଆ ପ୍ଲାଣ୍ଟେଶନ ଡ୍ରାଇଭ ଅଭିଯାନର ଅଂଶ ଭାବରେ ଶ୍ରୀ ସତ୍ୟସାଇ ସେବା ସମିତି ଖଡ଼ିଆଳ ଆନୁକୂଲ୍ୟରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ହାଇସ୍କୁଲର ପ୍ରଧାନ ଶିକ୍ଷକ ସଜନୀକାନ୍ତ ଜୋଷୀ, ସୁନିତା ଦଳାଇ ଅତିଥି ଭାବେ ଯୋଗଦେଇ ବୃକ୍ଷ ରୋପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଛାତ୍ରୀଛାତ୍ର, ଶିକ୍ଷକ ଓ ଅଙ୍ଗନୱାଡ଼ି କର୍ମୀ ସାମିଲ ହୋଇ ମୋଟ ୭୦ଟି ଚାରା ରୋପଣ କରିଥିଲେ। ପରିବେଶ ସୁରକ୍ଷା ପ୍ରତି ସଚେତନତା ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ବୋଲସେବା ସମିତି ପକ୍ଷରୁ କୁହାଯାଇଛି।

### ବରିଷ୍ଠ ନାଗରିକଙ୍କ ପରଲୋକ

**ଲାଞ୍ଜିଗଡ଼,୩୦।୭(ରମେଶ ଚନ୍ଦ୍ର ନାୟକ):** କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଭୁର୍ଟିଗଡ଼ର ବରିଷ୍ଠ ନାଗରିକ ତଥା ଅଞ୍ଚଳର ଜଣାଶୁଣା ବ୍ୟକ୍ତିତ୍ୱ ଲାଲଝରୁ ନାଏକଙ୍କ ଭବାନୀପାଟଣାସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ତାଙ୍କୁ ୬୫ ବର୍ଷ ହୋଇଥିଲା। କିଛିଦିନ ତଳେ ଅସୁସ୍ଥ ହୋଇପଡିବାରୁ ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ ଭବାନୀପାଟଣା ନେଇଥିଲେ। ସେଠାରେ ଚିକିତ୍ସାଧୀନ ଭାବେ ତାଙ୍କର ମୃତ୍ୟୁ ଘଟିଥିଲା। ଗାଁ ଶ୍ମଶାନରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଛି। ତାଙ୍କ ବିୟୋଗରେ ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ ଦିଶାରୀ, ପୂର୍ବତନ ମନ୍ତ୍ରୀ ବଳଭଦ୍ର ମାଝୀ, ଲାଞ୍ଜିଗଡ଼ ବ୍ଲକ ଅଧକ୍ଷା କମଳା ପାତ୍ର, ସମାଜସେବୀ ହରିଶଙ୍କର ପାତ୍ର, ପୂର୍ବତନ ବ୍ଲକ ଅଧକ୍ଷ ମନୋହର ହରପାଲ, ଲାଞ୍ଜିଗଡ଼ ପ୍ରେସ କ୍ଲବର ସଭାପତି ସୁଶୀଲ କୁମାର ବାଗ ପ୍ରମୁଖ ଗଭୀର ଶୋକବ୍ୟକ୍ତ କର ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି।

### ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

**ଥୁଆମୂଳ ରାମପୁର, ୩୦।୭ (ଦୁର୍ଗା କୀର୍ତ୍ତି):** କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ବୁଧବାର ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଓଡ଼ିଶା ସରକାରଙ୍କ ଆନୁକୂଲ୍ୟରେ ବ୍ଲକସ୍ତରୀୟ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଆୟୋଜିତ ହୋଇଯାଇଛି। ଏଥିରେ ସାଂସଦଙ୍କ ବ୍ଲକ ପ୍ରତିନିଧି ପବିତ୍ର ନାଏକ ମୁଖ୍ୟଅତିଥି ଓ ବିଧାୟକଙ୍କ ବ୍ଲକ ପ୍ରତିନିଧି ମାଣିକ୍ୟ ଚନ୍ଦ୍ର ନାଏକ, ସରପଞ୍ଚ ସଂଘ ସଭାପତି ବଳଭଦ୍ର ଜାନି, କିଆପଦର ସରପଞ୍ଚ ଲାଖିଧ ମାଝୀ, ଗ୍ରାମ ବିକାଶ ଅଧିକାରୀ ମାନସୀ ସିଂ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଶିବିରରେ ମୋଟ ୨୮୧ ଜଣ ଭିନ୍ନକ୍ଷମ ଅଂଶଗ୍ରହଣ କରିଥିଲେ। ଏଥିରେ ବିଭିନ୍ନ ବିଭାଗର ଡାକ୍ତର ଯୋଗଦେଇ ଭିନ୍ନକ୍ଷମଙ୍କୁ ଚିହ୍ନଟ କରି ସାର୍ଟିଫିକେଟ ପ୍ରଦାନ କରିଥିଲେ। ଏହାସହିତ ୪୩ ଜଣଙ୍କୁ ବସ୍‌ପାସ୍ ଓ ୩୨ଜଣଙ୍କୁ ଟ୍ରେନ୍ ପାସ୍, ୨୪ ଜଣଙ୍କୁ ଭିନ୍ନକ୍ଷମ ଭତ୍ତା କାର୍ଡ, ୩ ଜଣଙ୍କୁ ଟ୍ରାଇସାଇକେଲ ଓ ଜଣଙ୍କୁ ହୁଇଲଚେୟାର ପ୍ରଦାନ କରାଯାଇଥିଲା।

## ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକ

**ଭବାନୀପାଟଣା,୩୦।୭(ଉତ୍ତମ କୁମାର ଦାଶ)**


ଜିଲା ସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ।

କଳାହାଣ୍ଡି ଜିଲାସ୍ତରୀୟ ୭୯ତମ ସାଧୀନତା ଦିବସ ପାଳନ ପାଇଁ ବୁଧବାର ଅପରାହ୍ନରେ ଭବାନୀପାଟଣାସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ପାୱାର ସଚିନ ପ୍ରକାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ବୈଠକର ନିଷ୍ପତ୍ତି ଅନୁଯାୟୀ ସ୍ଥାନୀୟ ଲାଲ ବାହାଦୁର ଷ୍ଟାଡିୟମଠାରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ୯ଟା୧୫ରେ ଜାତୀୟ ପତାକା ଉତ୍ତୋଳନ, ପରେଡ ଉତ୍ସବ, ବିଦ୍ୟାଳୟ, ମହାବିଦ୍ୟାଳୟ ସ୍ତରୀୟ ବିଭିନ୍ନ ପ୍ରତିଯୋଗିତା, ସନ୍ଧ୍ୟାରେ ସ୍ଥାନୀୟ ଟାଉନ ହଲଠାରେ ଜିଲା ସଂସ୍କୃତି ପରିଷଦ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ସ୍ଥିର କରାଯାଇଛି। ବୈଠକରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଦୟାମୟ ପାଢୀ, ଭାରତୀୟ ପ୍ରଶାସନିକ ସେବା (ପ୍ରୋବେଶନ) ଅନିମେଷ ପ୍ରଧାନ, ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ନିହାରେନ୍ଦ୍ର ପଣ୍ଡା, ଜିଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲା ପଞ୍ଚାୟତ ଅଧିକାରୀ ନୃସିଂହ ଚରଣ ପଟ୍ଟନାୟକ, ପୌରପାଳିକା ନିର୍ବାହୀ ଅଧିକାରୀ ଚିନ୍ମୟ କୁମାର ନାଏକ, ପୋଲିସ ଆର.ଆଇ. ସୁରେଶ କୁମାର ବଳିଆରସିଂ, ଆସିଷ୍ଟାନ୍ତ କମାଣ୍ଡାଣ୍ଟ ମହେନ୍ଦ୍ର ଭୋଇଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, ଶିକ୍ଷାନୁଷ୍ଠାନ, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ ଧନ୍ୟବାଦ ଅର୍ପଣ କରିଥିଲେ।

## ଅଭିଭାବକ-ଶିକ୍ଷୟିତ୍ରୀ ଶିକ୍ଷକ ବୈଠକ

**ଖଡ଼ିଆଳ,୩୦।୭ (ସୁଜିତ କୁମାର ପ୍ରଧାନ)**

ନୂଆପଡା ଜିଲା ଖଡ଼ିଆଳସ୍ଥିତ ପିଏମ୍ ଶ୍ରୀ ରାଜା ଆର୍ତ୍ତତ୍ରାଣ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ବୁଧବାର ଦ୍ୱିତୀୟ ଅଭିଭାବକ, ଶିକ୍ଷୟିତ୍ରୀଶିକ୍ଷକ ତଥା ବିଦ୍ୟାଳୟ ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ପଣ୍ଡା ଅଧ୍ୟକ୍ଷତା କରିଥିଲେ। ବିଜ୍ଞାନ ଶିକ୍ଷକ ଅଶୋକ କୁମାର ବେହେରା ଆସ ସ୍କୁଲ ଯିବା ଅଭିଯାନ, ମା'ଙ୍କ ପାଇଁ ଗଛଟିଏ ଓ ଭିନ୍ନକ୍ଷମ ଶିକ୍ଷାର୍ଥୀମାନଙ୍କ ନିମନ୍ତେ ବିଦ୍ୟାଳୟରେ ରହିଥିବା ସୁବିଧାସୁଯୋଗ ଏବଂ ଅଭିଭାବକ ଓ ଶିକ୍ଷକଙ୍କ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ଶିକ୍ଷକ ଗୌରାଙ୍ଗ କୁମାର ସାହୁ ସ୍ୱାଗତ ଅଭିଭାଷଣ ପ୍ରଦାନ କରି ସୁରଭି କାର୍ଯ୍ୟକ୍ରମ, ଛାତ୍ରୀଛାତ୍ରଙ୍କୁ ପୋଷାକ, ଜୋତା ଆଦି ଉପକରଣ ବିତରଣ ସମ୍ପର୍କରେ ଆଲୋଚନା କରିଥିଲେ। ଛାତ୍ରୀଛାତ୍ରଙ୍କ କ୍ୟାରିୟର ଗଠନରେ ପିତାମାତାଙ୍କ ଭୂମିକା ବିଷୟରେ ଶିକ୍ଷକ ପ୍ରଭୁଦତ୍ତ ପୁରୋହିତ ଆଲୋଚନା କରି ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷୟିତ୍ରୀ ରାଜଶ୍ରୀ ଦଣ୍ଡସେନା ବାଳିକାମାନଙ୍କ ସୁରକ୍ଷା ଓ ନିରାପତ୍ତା ବ୍ୟବସ୍ଥା ବିଷୟରେ କହିଥିଲେ।

## ଭିନ୍ନକ୍ଷମ ଶିକ୍ଷାର୍ଥୀଙ୍କୁ ସହାୟକ ଉପକରଣ ବିତରଣ

**ଭବାନୀପାଟଣା,୩୦।୭ (ଉତ୍ତମ କୁମାର ଦାଶ)**

ସରକାରଙ୍କ ତରଫରୁ ଭିନ୍ନକ୍ଷମ ଶିକ୍ଷାର୍ଥୀଙ୍କୁ ଉତ୍ସାହିତ କରିବା ପାଇଁ ବିଭିନ୍ନ ପ୍ରକାର ସହାୟତା ଯୋଗାଇ ଦିଆଯାଉଛି। ମଙ୍ଗଳବାର ଭବାନୀପାଟଣା ବାପୁଜୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ସମଗ୍ର ଶିକ୍ଷା ପକ୍ଷରୁ ଅଖିଳ ଭାରତୀୟ ଶିକ୍ଷା ସମାଗମ ଉତ୍ସବ ପାଳନ ଅବସରରେ ଭିନ୍ନକ୍ଷମ ଶିକ୍ଷାର୍ଥୀଙ୍କୁ ସହାୟକ ଉପକରଣ ବିତରଣ କରାଯାଇଛି। ଜିଲା ଶିକ୍ଷାଧିକାରୀ ରାଧାକାନ୍ତ ଛତ୍ରିଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ବୈତାରୁ ଦୀପ, ସମ୍ମାନିତ ଅତିଥି ଭାବେ ଭବାନୀପାଟଣା ବିଇଓ ଆଚାରୀ ଶବର ଯୋଗ ଦେଇଥିଲେ। ସମଗ୍ର ଶିକ୍ଷାର ଜିଲା ଅନ୍ତର୍ନିବେଶୀ-ଶିକ୍ଷା ସଂଯୋଜିକା ଲିପିକା ଅପରାଜିତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ଦିବ୍ୟାଙ୍ଗ ଛାତ୍ରଙ୍କୁ ଶ୍ରବଣ ସାମଗ୍ରୀ, ବ୍ରେଲି କିଟ, ହୁଇଲ ଚେୟାର, ଟ୍ରାଇ ସାଇକେଲ ପ୍ରଭୃତି ସାମଗ୍ରୀ ପ୍ରଦାନ କରାଯାଇଥିଲା।

## କିଶୋର ନ୍ୟାୟ ଅଧିକାର ସଚେତନତା ଶିବିର

**ନୂଆପଡ଼ା,୩୦।୭ (ମକାରୁ ବେମାଲ)**

ନୂଆପଡ଼ା ସଦର ବ୍ଲକ ଦର୍ଲିମୁଣ୍ଡା ପଞ୍ଚାୟତ ସୁନସୁନିଆ ମହାମାୟା ଆଇନ ମହାବିଦ୍ୟାଳୟ ପରିସରରେ ବୁଧବାର ଜିଲା ଆଇନସେବା ପ୍ରାଧିକରଣ ଅନୁକୂଲ୍ୟରେ କିଶୋର ନ୍ୟାୟ (ବାଳକଙ୍କ ଯତ୍ନ ଓ ସୁରକ୍ଷା) ଅଧିନିୟମ ଓ ବାଧ୍ୟତାମୂଳକ ଶିକ୍ଷା ଅଧିକାର ଆଇନ ଉପରେ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଆଇନ ମହାବିଦ୍ୟାଳୟ ଅଧକ୍ଷ ଡ. ଅନୀଲ ତାଣ୍ଡିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶିବିରରେ ଜିଲା ଆଇନସେବା ପ୍ରାଧିକରଣ ସଚିବ ନବନୀତା ଦାଶ ଯୋଗଦେଇ ବାଧ୍ୟତାମୂଳକ ଶିକ୍ଷା ଅଧିକାର ଆଇନ ଓ ଏହି ଆଇନ ଅନ୍ତର୍ଗତ ଶିଶୁଙ୍କ ମୌଳିକ ଅଧିକାର ସୁରକ୍ଷିତ ରଖିବାରେ ପ୍ରାଧିକରଣର ଭୂମିକା ବିଷୟରେ ଛାତ୍ରୀଛାତ୍ରଙ୍କୁ ସଚେତନ କରିଥିଲେ। ଶିଶୁ ମଙ୍ଗଳ ସମିତି ସଦସ୍ୟ ନାରାୟଣ ପ୍ରସାଦ ଜୋଷୀ କିଶୋର ନ୍ୟାୟ ଅଧିନିୟମ ବିଷୟରେ ବୁଝାଇଥିଲେ।

## ଜିଲାସ୍ତରୀୟ ଚେସ୍ ପ୍ରତିଯୋଗିତା ଉଦ୍‌ଯାପିତ



ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

**ଭବାନୀପାଟଣା,୩୦।୭(ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଭବାନୀପାଟଣା ତାରିଣୀ ମନ୍ଦିର ରୋଡସ୍ଥିତ ସ୍ୱାମୀ ବିବେକାନନ୍ଦ ପବ୍ଲିକ ସ୍କୁଲଠାରେ ମଙ୍ଗଳବାର ଜିଲାସ୍ତରୀୟ ଚେସ୍ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଜିଲାର ଶତାଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ୧୭ ବର୍ଷ ବୟସ ବିଭାଗରେ ସ୍ୱାଭିମାନ ପାତ୍ର ପ୍ରଥମ, ପଲକ ରାଣୀ ଦ୍ୱିତୀୟ ଓ ଆଶୁତୋଷ ମୁଣ୍ଡ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ୧୫ ବର୍ଷ ବୟସ ବିଭାଗରେ ଶ୍ରୀୟାଂଶୁ ସୁତାର ପ୍ରଥମ, ରବି ଶଙ୍କର ପଣ୍ଡା ଦ୍ୱିତୀୟ ଓ ଯଶକନ୍ୟା ସାହୁ ତୃତୀୟ ସ୍ଥାନରେ ରହିଥିଲେ। ୧୧ବର୍ଷ ବିଭାଗରେ ଶ୍ରୟାଂଶୁ ନାଏକ ପ୍ରଥମ, ସୂର୍ଯ୍ୟାଂଶୁ ସାହୁ ଦ୍ୱିତୀୟ ଓ ଦିବ୍ୟାଂଶ ପଧାନ ତୃତୀୟ ହୋଇଥିଲେ। ଉଦଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ କଳାହାଣ୍ଡି କିସ ବିଦ୍ୟାଳୟର ଉପ କାର୍ଯ୍ୟନିର୍ବାହୀ ଅଧିକାରୀ ଦୁଷ୍ମନ୍ତ କୁମାର ପ୍ରଧାନ, ସମ୍ମାନିତ ଅତିଥି ଭାବେ ସିନିଅର ନ୍ୟାଶନାଲ ଚେସ୍ ଅରବିଟର ରବୀନ୍ଦ୍ର ସାହୁ, ବରିଷ୍ଠ ଚିତ୍ରଶିଳ୍ପୀ ମୁକୁନ୍ଦ ରେଙ୍ଗୀ ପ୍ରମୁଖ ଯୋଗଦେଇ ଉତ୍ସାହିତ କରିଥିଲେ। କଳାହାଣ୍ଡି ଚେସ୍ ଏକାଡେମୀ ଅଧ୍ୟକ୍ଷ ଶିବରାମ ନାୟକ ସଭା ପରିଚାଳନା କରିଥିବା ବେଳେ ଏକାଡେମୀର ଧନମନ୍ତ ବେମାଲ, ପବିତ୍ର ମହାନନ୍ଦ, ଦୁଲେଶ୍ୱର ଶବର, ସରିତା ବାଗେଲ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।

## ଗୋରୁଙ୍କ କବ୍‌ଜାରେ ଲାଞ୍ଜିଗଡ଼ ମାର୍କେଟ

**ଲାଞ୍ଜିଗଡ଼,୩୦।୭(ରମେଶ ଚନ୍ଦ୍ର ନାୟକ):** କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଲାଞ୍ଜିଗଡ଼ ମୁଖ୍ୟ ମାର୍କେଟ ଗୋରୁଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ବିଶେଷ କରି ସନ୍ଧ୍ୟା ସମୟରେ ବିଭିନ୍ନ ଛକରେ ଗୋରୁଙ୍କ ଭିଡ ଜମୁଥିବା ଦେଖିବାକୁ ମିଳିଛି। ଏଥିଯୋଗୁ ଟ୍ରାଫିକ ସମସ୍ୟା ସୃଷ୍ଟି ହେବା ସହ ଜରୁରିକାଳୀନ ସ୍ୱାସ୍ଥ୍ୟ ସେବା ବ୍ୟାହତ ହେଉଛି। ଏପରି କି ଛୋଟବଡ଼ ଦୁର୍ଘଟଣା ମଧ ଘଟୁଛି। ଅପରାହ୍ନ ୪ଟାରୁ ରାତି ୯ଟା ପର୍ଯ୍ୟନ୍ତ ସହରର ବିଭିନ୍ନ ସ୍ଥାନରେ ଗୋରୁ ରୁଣ୍ଡ ହେଉଥିବା ବେଳେ ରାତିରେ ଆଖପାଖ ଚାଷ ଜମିକୁ ଯାଇ ଧାନ ଫସଲ ନଷ୍ଟ କରୁଛନ୍ତି। ଏହାକୁ ନେଇ ଚାଷୀ ଓ ଗୋରୁ ମାଲିକ ମଧ୍ୟରେ ସର୍ବଦା କଳହ ଦେଖିବାକୁ ମିଳୁଛି। ଏଥିପ୍ରତି ଲାଞ୍ଜିଗଡ଼ ପଞ୍ଚାୟତ ଓ ବ୍ଲକ ପ୍ରଶାସନ ପକ୍ଷରୁ ତରନ୍ତ ପଦକ୍ଷେପ ନେବା ପାଇଁ ସାଧାରଣରେ ଦାବି ହେଉଛି।

## ସିନାପାଲିରେ ଗଙ୍ଗାଧର ଜୟନ୍ତୀ ପ୍ରସ୍ତୁତି ସଭା


ପ୍ରସ୍ତୁତି ବୈଠକରେ ଉପସ୍ଥିତ ସମିତି କର୍ମକର୍ତ୍ତା ଓ ଅନ୍ୟମାନେ।

**ସିନାପାଲି,୩୦।୭ (ମନଫୁଲ ମେହେର)**

ନୂଆପଡ଼ା ଜିଲ୍ଲାର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଗଙ୍ଗାଧର ସାରସ୍ୱତ ସମିତି ତରଫରୁ ସିନାପାଲିଠାରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳନ ନିମନ୍ତେ ବୁଧବାର ପ୍ରସ୍ତୁତି ସଭା ଅନୁଷ୍ଠିତ ହୋଇଯାଇଛି। ସମିତି ସଭାପତି ବୈଷ୍ଣବ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଆଲୋଚନା କରାଯାଇ ବିଭିନ୍ନ ଦାୟିତ୍ୱ ବଣ୍ଟନ କରାଯାଇଥିଲା। ଜୟନ୍ତୀ ସମାବେଶରେ ମୁଖ୍ୟଅତିଥି ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ବିଶିଷ୍ଟ ଅତିଥି କବି ତଥା ଜିଲାପାଳ ମଧୁସୂଦନ ଦାସ, ମୁଖ୍ୟବକ୍ତା ପ୍ରବଚିକା ବିଜୟିନୀ ଶତପଥୀ ଓ ସମ୍ମାନିତ ଅତିଥି ସୁସାହିତ୍ୟିକ ସୁଶିଳ କୁମାର ବାଗ ଯୋଗଦେବେ। ଏ ଅବସରରେ ଛାତ୍ରୀଛାତ୍ରଙ୍କୁ ନେଇ ବକ୍ତୃତା ପ୍ରତିଯୋଗିତା ଏବଂ ଜିଲା ଓ ଜିଲା ବାହାର କବିମାନଙ୍କୁ ନେଇ କବିତା ପାଠୋତ୍ସବ ଅନୁଷ୍ଠିତ ହେବ। ସଭା ପ୍ରାରମ୍ଭରେ ସମ୍ପାଦକ ତରୁଣ କୁମାର ମେହେର ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡମ୍ବରୁଧର ମେହେର, ନାରାୟଣ ପାତ୍ର, ନବୀନଚନ୍ଦ୍ର ମେହେର, ଈଶ୍ୱର ପ୍ରସାଦ ମେହେର, ଲୋକନାଥ ମେହେର, ତ୍ରିନାଥ ମେହେର, ବଂଶୀଧର ଜଗତ, ସୁରଜ କୁମାର ମେହେର ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ଧବଚରଣ ପଧାନ ଧନ୍ୟବାଦ ଦେଇଥିଲେ।

## ଆବାସ ଯୋଜନାରେ ସାମିଲ ପାଇଁ ଜିଲାପାଳଙ୍କ ଦ୍ୱାରସ୍ଥ

**ନୂଆପଡ଼ା,୩୦।୭ (ମକାରୁ ବେମାଲ)**

ନୂଆପଡ଼ା ସଦର ବ୍ଲକ ଡୁମେରପାଣି ପଂଚାୟତ ହଳଦି ଗାଁର ଗରିବ ହିତାଧିକାରୀ ଆବାସ ଯୋଜନାରେ ସାମିଲ ପାଇଁ ବୁଧବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଶ୍ରମିକନେତା ଭକ୍ତବନ୍ଧୁ ଧରୁଆଙ୍କ ନେତୃତ୍ୱରେ ସେମାନେ ଅତିରିକ୍ତ ଜିଲାପାଳ ସୁବାସ ଚନ୍ଦ୍ର ରଏତଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ସୂଚନା ଅନୁଯାୟୀ ହଳଦି ଗାଁର ଗରିବ ହିତାଧିକାରୀ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଖଣ୍ଡିଆ ପାଇବା ପାଇଁ ଅନ୍‌ଲାଇନରେ ଆବେଦନ କରିଥିଲେ। ହେଲେ ଗତ ୨୪ ତାରିଖ ପ୍ରକାଶିତ ତାଲିକାରେ ଗାଁର ଯୋଗ୍ୟ ୧୬ ଜଣ ହିତାଧିକାରୀଙ୍କ ନାମ ନାହିଁ। ଏ ସମ୍ପର୍କରେ ସେମାନେ ଗାଁର ୱାର୍ଡମେମ୍ବରଙ୍କଠାରୁ ଜାଣିବା ପରେ ବୁଧବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ଅତିରିକ୍ତ ଜିଲାପାଳଙ୍କୁ ସାକ୍ଷାତ କରି ହିତାଧିକାରୀ ଆପତ୍ତି କରିଥିଲେ ଯେ, ଆମେ ଅତ୍ୟନ୍ତ ଗରିବ ଶ୍ରେଣୀର। ଅନ୍‌ଲାଇନରେ ବାରମ୍ବାର ଆବେଦନ କଲା ପରେ ମଧ ଆବାସ ଯୋଜନାରେ ଗୃହ ଖଣ୍ଡିଏ ପାଇପାରୁନାହୁଁ। ଅତିରିକ୍ତ ଜିଲାପାଳ ରଏତ ଏହା ଉପରେ ତଦନ୍ତ କରି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ନିଶ୍ଚୟ ସାମିଲ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଦାବିପତ୍ର ପ୍ରଦାନ ସମୟରେ କଲ୍ୟାଣ ଲାଲ ସାହୁ, ଗୋପାଳ ସାହୁ, ମଧୁ ପାଣ୍ଡେ, ନନ୍ଦ କୁମାର ମହାନନ୍ଦ, କୁଶଳ ମହାନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

## ମଡେଲ ଡିଗ୍ରୀ କଲେଜ ରାସ୍ତା ଶୋଚନୀୟ

**ଖଡ଼ିଆଳ,୩୦।୭ (ସୁଜିତ କୁମାର ପ୍ରଧାନ)**


ଖାଲଖମା ପୂର୍ଣ୍ଣ କଲେଜ ରାସ୍ତା।

ନୂଆପଡ଼ା ଜିଲା ଖଡ଼ିଆଳ ସହରର ପୁଟୁପଡ଼ାଠାରେ ଅବସ୍ଥିତ ମଡେଲ ଡିଗ୍ରୀ କଲେଜ ରାସ୍ତା ଶୋଚନୀୟ ହୋଇପଡିଛି। କଲେଜ ଯିବା ପାଇଁ ଥିବା କେନାଲ ରାସ୍ତା ଖାଲଖମା ପୂର୍ଣ୍ଣ ରହିଛି। ଲଗାଣ ବର୍ଷା ଯୋଗୁ ଗର୍ତ୍ତରେ ପାଣିଜମିବା ସାଙ୍ଗକୁ ରାସ୍ତା କାଦୁଅ ପଚପଚ ହୋଇଯାଇଛି। ଫଳରେ ବହୁ କଷ୍ଟରେ ଛାତ୍ରୀଛାତ୍ର ଯାତାୟାତ କରୁଛନ୍ତି। ୨୦୧୬ ମସିହାରେ କଲେଜ ସ୍ଥାପନ ହେବା ପରଠାରୁ ୯ବର୍ଷ ବିତି ଯାଇଥିଲେ ମଧ ଭଲ ରାସ୍ତାଟିଏ ନାହିଁ। ପୁଟୁପଡା ମୁଖ୍ୟ ରାସ୍ତାଠାରୁ ଦୁଇ କିଲୋମିଟର ରାସ୍ତାରେ ବଡ ବଡ ଖାଲ ସୃଷ୍ଟି ହୋଇଥିବାରୁ ପିଲାମାନେ ଯିବା ସମୟରେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ବାରମ୍ବାର ଅଭିଯୋଗ ସତ୍ତ୍ୱେ କେହି ଶୁଣୁ ନ ଥିବା କହନ୍ତି କଲେଜ କର୍ତ୍ତୃପକ୍ଷ ଓ ଛାତ୍ରୀଛାତ୍ର। ଏହି ସମସ୍ୟା ଯୋଗୁ ଅଧିକାଂଶ ପିଲା ସବୁଦିନ କଲେଜ ଯିବାକୁ ଇଚ୍ଛା ପ୍ରକାଶ କରୁ ନ ଥିବା ଅଭିଯୋଗ କରଛନ୍ତି। କଲେଜ ପିଲାଙ୍କୁ ଛାଡିଦେଲେ କେନାଲ ପାଖ ଗାଁର ଲୋକେ ଏହି ରାସ୍ତା ଉପରେ ନିର୍ଭର କରନ୍ତି। ହେଲେ ବର୍ଷା ଦିନରେ ରାସ୍ତାରେ ଯିବା ବେଳେ ସେମାନଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡେ ବୋଲି କେତେଜଣ ଗ୍ରାମବାସୀ ପ୍ରକାଶ କରିଛନ୍ତି। ଜିଲା ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ନେଇ ଲୋୟର ଇନ୍ଦ୍ର କେନାଲ ଡିଭିଜନ ସୁପରିଣ୍ଟେଣ୍ଡିଂ ଇଞ୍ଜିନିୟର ଗୋବର୍ଦ୍ଧନ ନାଏକଙ୍କୁ ପଚାରିବାରୁ ରାସ୍ତା ନିର୍ମାଣ ପାଇଁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ପ୍ରସ୍ତାବ ଦିଆଯାଇଛି। ସେଠାରୁ ଆପ୍ରୁଭ ହୋଇ ଆସିଲେ କାମ ଆରମ୍ଭ ହେବ ବୋଲି ପ୍ରକାଶ କରିଥିଲେ।

## ସଂକ୍ଷେପରେ

### ଛାତ୍ରୀଛାତ୍ରଙ୍କ ସୁରକ୍ଷାକୁ ଗୁରୁତ୍ୱ

**ବରଗଡ଼,୩୦।୭(ପ୍ରେମାନନ୍ଦ ଖମାରୀ):** ବରଗଡ଼ ଜିଲା ଅମ୍ବାଭୋନା ସ୍ଥିତ ପିଏମଶ୍ରୀ କେଦାରନାଥ ଆଦିବାସୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ବୁଧବାର ଶିକ୍ଷକ, ଅଭିଭାବକ ଏବଂ ବିଦ୍ୟାଳୟ ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସୁବାସ ଚନ୍ଦ୍ର ରଥଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଆସ ସ୍କୁଲ ଯିବା କାର୍ଯ୍ୟକ୍ରମ ଉପରେ ଆଲୋଚନା ହୋଇଥିଲା। ଶିକ୍ଷୟିତ୍ରୀ ଉପମା ପ୍ରଧାନ ଏହି କାର୍ଯ୍ୟକ୍ରମ ଉପରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ବିଦ୍ୟାଳୟରେ ଛାତ୍ରୀଛାତ୍ରମାନଙ୍କ ପାଇଁ ନିରାପଦ ପରିବେଶ ସୃଷ୍ଟି, ବାଳିକା ମାନଙ୍କର ସୁରକ୍ଷା ଓ ନିରାପତ୍ତା ପାଇଁ ସଚେତନତା ଓ କର୍ମ କ୍ଷେତ୍ରରେ ମହିଳା କର୍ମଚାରୀଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା ବିଷୟ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଶିକ୍ଷକ ମନୋହର ସାହୁ, ସୈରନ୍ଧ୍ରୀ ରଥ ପ୍ରମୁଖ ପରିଷ୍କାର ଓ ପରିଚ୍ଛନ୍ନତା ବିଷୟରେ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ। ଶିକ୍ଷୟିତ୍ରୀ ଗୌରୀ ସେଠ, ଶିକ୍ଷକ ଶୁଭାଶିଷ ଜଗତ, ବିଶନାଥ ସାହୁ ପ୍ରମୁଖ ବିଭିନ୍ନ ଉପାଦେୟ ବିଷୟ ଉପରେ ଆଲୋକପାତ କରିଥିଲେ। ଜାତୀୟ ଶିକ୍ଷା ନୀତି ଉପରେ ପ୍ରଧାନ ଶିକ୍ଷକ ଗୁରୁତ୍ୱ ପ୍ରଦାନ କରିଥିଲେ।

### ବିଦ୍ୟାଳୟ ପରିଚାଳନା କମିଟି ବୈଠକ

**ପଦ୍ମପୁର,୩୦।୭ (ପ୍ରଦୀପ୍ତ ଦାଶ):** ରାଜବୋଡାସମ୍ବର ବ୍ଲକ କନସିଂହା କ୍ଲଷ୍ଟର ଅନ୍ତର୍ଗତ ଖୁଜେନ ପ୍ରାଥମିକ ବିଦ୍ୟାଳୟରେ ବିଦ୍ୟାଳୟ ପରିଚାଳନା କମିଟି ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ମାଧବ ବରିହା ବିଦ୍ୟାଳୟ କମିଟି ବୈଠକର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ପରିଚାଳନା କମିଟି ସଭାପତିଙ୍କ ସମେତ ଅନ୍ୟ ସଭ୍ୟାସଭ୍ୟ ଯୋଗଦାନ କରିଥିଲେ। ବିଦ୍ୟାଳୟର ଆନୁସଙ୍ଗିକ, ଶୈକ୍ଷିକ ଉନ୍ନତି ବିଷୟରେ ଆଲୋଚନା କରିଥିଲେ। ସହକାରୀ ଶିକ୍ଷୟିତ୍ରୀ ସାବିତ୍ରୀ ଧରୁଆ ଧନ୍ୟବାଦ ଅର୍ପଣ କରିଥିଲେ।



ଉଚ୍ଛେଦକୁ ନେଇ ଜନସାଧାରଣ ଓ ପୋଲିସ ମୁହାଁମୁହିଁ ହୋଇଛନ୍ତି।

# ଉଚ୍ଛେଦ ସମୟରେ ପୋଲିସ-ଜନତା ମୁହାଁମୁହିଁ

**ବରଗଡ଼,୩୦।୭(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ସହରସ୍ଥିତ ଲମ୍ଭା ବିଲଡିଂ ଛକରୁ ଭଟଲି ରୋଡ୍ ଛକ ରାସ୍ତାପାର୍ଶ୍ୱରେ ବୁଧବାର ଜବରଦଖଲ ଉଚ୍ଛେଦ ଆରମ୍ଭ ହୋଇଛି। ବିନା ଲିଖିତ ନୋଟିସ୍‌ରେ ପ୍ରଶାସନ ପକ୍ଷରୁ ବୋଲଡୋଜର ଲଗାଇ ଉଚ୍ଛେଦ କରାଯାଇଥିବା ଲୋକେ ଅଭିଯୋଗ କରିଛନ୍ତି । ଏହାକୁ ନେଇ ଜନତା ଓ ପୋଲିସ ମୁହାଁମୁହିଁ ହୋଇଥିଲେ। ଅନ୍ୟପଟେ ଉତ୍ତେଜନା ମଧ୍ୟରେ ଉଚ୍ଛେଦ ପ୍ରକ୍ରିୟା ଚାଲିଥିଲା। ତେବେ ମଙ୍ଗଳବାର ଜିଲାପାଳ ଆଦିତ୍ୟ ଗୋୟଲଙ୍କୁ ସମସ୍ୟା ନେଇ ଅବଗତ କରିବା ସତ୍ତ୍ୱେ ବର୍ଷା ସମୟରେ ଉଚ୍ଛେଦ କରାଯାଇଥିବା ଯୋଗୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟପଟେ ରାସ୍ତାପାର୍ଶ୍ୱରେ ଡ୍ରେନ(ନାଳା) ନିର୍ମାଣ ପାଇଁ ଏହି ଉଚ୍ଛେଦ ପ୍ରକ୍ରିୟା ଚାଲିଥିବା ବିଭାଗୀୟ ଅଧିକାରୀମାନେ କହିଛନ୍ତି।

**ବରଗଡ଼ ଲମ୍ଭା ବିଲଡ଼ିଂ ଛକରୁ ଭଟଲି ରୋଡ୍ ଛକରେ ଜବରଦଖଲ ଉଚ୍ଛେଦ**

ସୂଚନା ଅନୁଯାୟୀ, ସହରର ଲମ୍ଭା ବିଲଡ଼ିଂ ଛକରୁ ଭଟଲି ରୋଡ୍ ଛକ ରାସ୍ତାପାର୍ଶ୍ୱରେ ଜବରଦଖଲରେ ରହିଥିବା ବାସଗୃହ, ଦୋକାନ ଗୃହକୁ ୪୮ଘଣ୍ଟା ମଧ୍ୟରେ ଖାଲି କରିବା ପାଇଁ ଗତ ୨୭ତାରିଖରେ ପୌର ପ୍ରଶାସନ ଡାକବାଜି ଯନ୍ତ୍ରରେ ସୂଚନା ଦେଇଥିଲା। ସମ୍ପୃକ୍ତ ସ୍ଥାନ ଖାଲି ନ କଲେ ତାକୁ ଉଚ୍ଛେଦ କରାଯିବ ବୋଲି ଡାକବାଜି ଯନ୍ତ୍ରରେ ଘୋଷଣା କରାଯାଇଥିଲା। ତେବେ ଏହି ସୂଚନା ପାଇବା ପରେ ସ୍ଥାନୀୟ ଲୋକେ ଜିଲାପାଳ ଗୋୟଲଙ୍କୁ ଭେଟି ଥିଲେ। ବର୍ଷା, ଝଡ଼ତୋଫାନ ଲାଗି ରହିଥିବା ଏବଂ ପ୍ରାକୃତିକ ବିପର୍ଯ୍ୟୟ ଆଶଙ୍କା ରହିଥିବା ଯୋଗୁ ଉଚ୍ଛେଦକୁ ସାମୟିକ ସ୍ଥଗିତ ରଖିବା ପାଇଁ ଅଞ୍ଚଳବାସୀ ଜିଲାପାଳଙ୍କୁ ନିବେଦନ କରିଥିଲେ।

ଅପରପକ୍ଷେ ପୂର୍ବରୁ ଡାକବାଜି ଯନ୍ତ୍ରରେ ଘୋଷଣା ମୁତାବକ ବୋଲଡୋଜର ଧରି ବିଭାଗୀୟ କର୍ମଚାରୀମାନେ ସହରସ୍ଥିତ ଲମ୍ଭା ବିଲଡ଼ିଂ ଛକରୁ ଭଟଲି ରୋଡ୍ ଛକପାର୍ଶ୍ୱ ରାସ୍ତା ଜବରଦଖଲ ଉଚ୍ଛେଦ ପାଇଁ ବାହାରି ଥିଲେ। ବ୍ୟାପକ ପୋଲିସ ମୁତୟନରେ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଉଚ୍ଛେଦ ସମୟରେ ଉତ୍ତେଜନା ମଧ୍ୟ ପ୍ରକାଶ ପାଇଥିଲା ଏବଂ ବିନା ଲିଖିତ ନୋଟିସ୍‌ରେ ଉଚ୍ଛେଦକୁ ସ୍ଥାନୀୟ କେତେଜଣ ଲୋକ ବିରୋଧ ମଧ୍ୟ କରିଥିଲେ। ମାତ୍ର ପୋଲିସ ଲଗାଇ ପ୍ରଶାସନ ପକ୍ଷରୁ ଉଚ୍ଛେଦ ସନ୍ଧ୍ୟା ପ୍ରାୟ ୬ଟା ପର୍ଯ୍ୟନ୍ତ ଚାଲିଥିଲା। ତେବେ ରାସ୍ତା ଜବରଦଖଲ ଯୋଗୁ ସହରର ଯେଉଁଠି ଅଧିକ ଟ୍ରାଫିକ ସମସ୍ୟା ଉପୁଜିଛି ଏବଂ ଯେଉଁ ସ୍ଥାନକୁ ଉଚ୍ଛେଦ ପାଇଁ ସହରବାସୀ ଦୀର୍ଘଦିନରୁ ଦାବି କରି ଆସୁଛନ୍ତି, ସେଥିପ୍ରତି ପ୍ରଶାସନ କାହିଁକି ନୀରବ ରହୁଛି ବୋଲି ସ୍ଥାନୀୟ ଲୋକେ ପ୍ରଶ୍ନ କରିଛନ୍ତି। ସ୍ଥାନୀୟ ଜଣେ ବରିଷ୍ଠ ନାଗରିକ ତଥା ପାୱାର ଅଫ୍ ଦିବ୍ୟାଙ୍ଗର ମୁଖ୍ୟ ସଂଯୋଜକ ରତନଲାଲ ଅଗ୍ରୱାଲ କହିଛନ୍ତି, ଉଚ୍ଛେଦ ପ୍ରକ୍ରିୟା ବେଆଇନଭାବେ ଚାଲିଛି। ମନମୁଖୀ ମାପଚୁପରେ ବିଭାଗୀୟ କର୍ମଚାରୀମାନେ ଉଚ୍ଛେଦ କରୁଛନ୍ତି। ମଙ୍ଗଳବାର ଅଞ୍ଚଳବାସୀ ଜିଲାପାଳଙ୍କୁ ଭେଟିଥିଲେ। ଆଗକୁ ନୂଆଖାଇ, ରାକ୍ଷୀପୂର୍ଣ୍ଣିମା ଆସିବା ସହିତ ବର୍ଷା ଲାଗି ରହିଥିବା ଯୋଗୁ ବର୍ତ୍ତମାନ ଉଚ୍ଛେଦ ନ କରିବା ପାଇଁ ନିବେଦନ କରିଥିଲୁ। ଜିଲାପାଳ କେବଳ ଡ୍ରେନ ନିର୍ମାଣ ପାଇଁ ଉଚ୍ଛେଦ କରାଯିବ ବୋଲି କହିଥିଲେ। ମାତ୍ର ଏବେ ଉଚ୍ଛେଦ ପ୍ରକ୍ରିୟାରେ ଉପସ୍ଥିତ ପ୍ରଶାସନିକ ଅଧିକାରୀମାନେ ସ୍ୱେଚ୍ଛାଚାରିତା କରୁଛନ୍ତି ଏବଂ ମନଇଚ୍ଛା ଉଚ୍ଛେଦ କରୁଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ଅନ୍ୟପଟେ ଉଚ୍ଛେଦ ସମୟରେ ଉପସ୍ଥିତ ତହସିଲଦାର ସୋନାଲି ପଟ୍ଟନାୟକ ଉଚ୍ଛେଦ ପ୍ରକ୍ରିୟା ଚାଲିଛି ବୋଲି କହିଥିଲେ।

## ଅଭିଭାବକ, ଶିକ୍ଷକ ସଂଘ ବୈଠକ

**ବରଗଡ଼, ୩୦।୭ (ପ୍ରେମାନନ୍ଦ ଖମାରୀ)**

ବରଗଡ଼ ରାଣା ପ୍ରତାପ ଉଚ୍ଚ ବିଦ୍ୟାଳୟ ପରିସରରେ ୨୦୨୫-୨୬ ଶିକ୍ଷାବର୍ଷର ଦ୍ୱିତୀୟ ଅଭିଭାବକ-ଶିକ୍ଷକ ସଂଘ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସୁଦୀପ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଅବସରପ୍ରାପ୍ତ ଶିକ୍ଷକ କପିଳ ବାଗ ଯୋଗଦେଇ ଆସ ସ୍କୁଲ ଯିବା ଅଭିଯାନରେ ଡ୍ରପ ଆଉଟ ଛାତ୍ରୀଛାତ୍ର କିପରି ସ୍କୁଲକୁ ଫେରିବେ ସେ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ଶିକ୍ଷକ ଗୋପବନ୍ଧୁ ପୁରୋହିତ, ଜ୍ୟୋତ୍ସ୍ନା ତ୍ରିପାଠୀ, ନିଳୀମା ପ୍ରଧାନ, ସୁନୀତା ମିଶ୍ର ପ୍ରମୁଖ ଉପସ୍ଥିତ ରହି ନିରାପଦ ପରିବେଶ, ମା' ପାଇଁ ଗଛଟିଏ, ସ୍ୱଚ୍ଛତା ପକ୍ଷ, ସୁରଭି, ସ୍କୁଲ ପୋଷାକ ବଣ୍ଟନ, ଛାତ୍ରୀଛାତ୍ରଙ୍କ କ୍ୟାରିଅର ଗଠନ, ଭିନ୍ନକ୍ଷମ ଶିକ୍ଷାର୍ଥୀଙ୍କ ପାଇଁ ଉର୍ଦ୍ଦିଷ୍ଟ ବିଭିନ୍ନ ସୁବିଧା ସୁଯୋଗ ଆଦି ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ଏହି ଅବସରରେ ଅଭିଭାବକମାନେ ପାଠପଢା ପାଇଁ ବିଦ୍ୟାଳୟରେ ଖାଲିଥିବା ଶିକ୍ଷକ ପଦବୀ ପୂରଣ ଓ ଛାତ୍ରୀଛାତ୍ରଙ୍କ ସୁରକ୍ଷା ପାଇଁ ସ୍କୁଲ ଖେଳ ପଡିଆରେ ପ୍ରାଚୀର ନିର୍ମାଣ, ଏକ ଅତିରିକ୍ତ ଶ୍ରେଣୀ କୋଠରୀ ନିର୍ମାଣ ପାଇଁ ଗଠନ ମୂଳକ ପ୍ରସ୍ତାବ ଆଗତ କରି ପ୍ରଧାନ ଶିକ୍ଷକଙ୍କୁ ପଦକ୍ଷେପ ନେବା ପାଇଁ ଅନୁରୋଧ କରିଥିଲେ।

## ନୂତନ ଜାତୀୟ ରାଜପଥ ଦାବିକଲେ ଏମ୍‌ପି ପୁରୋହିତ



କେନ୍ଦ୍ର ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀଙ୍କୁ ଦାବି ପତ୍ର ପ୍ରଦାନ କରୁଛନ୍ତି ଏମ୍‌ପି।

**ପଦ୍ମପୁର,୩୦।୭ (ପ୍ରଦୀପ୍ତ ଦାଶ)**

ଓଡ଼ିଶାରେ ନୂତନ ଜାତୀୟ ରାଜପଥର ଚୂଡ଼ାନ୍ତ ଅନୁମୋଦନ ଏବଂ ଘୋଷଣା ପାଇଁ ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ ଅନୁରୋଧ କରିଛନ୍ତି। ବଲାଙ୍ଗୀର-ପାଟଣାଗଡ଼ ନୂଆ ଜାତୀୟ ରାଜପଥ ପାଇଁ କେନ୍ଦ୍ରମନ୍ତ୍ରୀ ନୀତିନ ଗଡକରୀଙ୍କ ନିକଟରେ ବୁଧବାର ସେ ଏହି ଦାବି କରିଛନ୍ତି। ପଶ୍ଚିମ ଓଡ଼ିଶା ପାଇଁ ଏହି ନୂଆ ଜାତୀୟ ରାଜପଥ ବହୁ ଗୁରୁତ୍ୱ ବହନ କରୁଛି । ଦୀର୍ଘ ଦିନରୁ ଲୋକଙ୍କ ଏହି ଦାବି ରହି ଆସିଛି। ଆଞ୍ଚଳିକ ବିକାଶ, ପୂର୍ବ, ପଶ୍ଚିମ ଉତ୍ତର, ଦକ୍ଷିଣ ଏବଂ ସାମୁଦ୍ରିକ ଉପକୂଳ ଅଞ୍ଚଳର ସାମଗ୍ରିକ ସଂଯୋଗ ଦିଗରେ ଏହି ନୂଆ ଜାତୀୟ ରାଜପଥ ବେଶ ଗୁରୁତ୍ୱ। ବର୍ଦ୍ଧିତ ସଂଯୋଗୀକରଣ ଓ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟଟନ ଏବଂ ସାଂସ୍କୃତିକ କେନ୍ଦ୍ର ଗୁଡିକୁ ସଂଯୋଗ କରି ପର୍ଯ୍ୟଟନକୁ ଯଥେଷ୍ଟ ବୃଦ୍ଧି କରିପାରିବ। ଏହି କ୍ଷେତ୍ର ଗୁଡିକରେ ସଂଯୋଗୀକରଣକୁ ସୁଦୃଢ଼ କରିବା ଦ୍ୱାରା ଆଇନ ଶୃଙ୍ଖଳା ପରିଚାଳନା ଅଧିକ ପ୍ରଭାବଶାଳୀ ହେବ। ସାମଗ୍ରିକ ସାମାଜିକ, ଆର୍ଥିକ ଅଭିବୃଦ୍ଧିକୁ ପ୍ରୋତ୍ସାହନ ମିଳିବ ବୋଲି ଏମ୍‌ପି ପ୍ରଦୀପ ପୁରୋହିତ କହିଛନ୍ତି।

## ବାବେବିରା ଉଚ୍ଚ ବିଦ୍ୟାଳୟରେ ବନ ମହୋତ୍ସବ

**ଅତାବିରା,୩୦।୭(ଯୁଧିଷ୍ଠିର ମହାପାତ୍ର)**

ଅତାବିରା ବ୍ଲକ ଅଧୀନ ବାବେବିରା ଉଚ୍ଚ ବିଦ୍ୟାଳୟରେ ଇକୋ କ୍ଲବ ଓ ପାୱାର ଅଫ ଦିବ୍ୟାଙ୍ଗ ତରଫରୁ ବନମହୋତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଅତାବିରା ଥାନା ଅଧିକାରୀ ପ୍ରକାଶ କୁମାର କର୍ଣ୍ଣ ଯୋଗଦେଇଥିବାବେଳେ ସମ୍ମାନିତ ଅତିଥିଭାବେ ସତ୍ୟନାରାୟଣ ବାରିକ, ହୃଷିକେଶ ବେହେରା, ପାୱାର ଅଫ ଦିବ୍ୟାଙ୍ଗସର ସଭାପତି ଶ୍ୟାମସୁନ୍ଦର ଅଗ୍ରୱାଲ, ଉପସଭାପତି ଅଶୋକ କୁମାର ଅଗ୍ରୱାଲ, ସଂଯୋଜକ ସୂର୍ଯ୍ୟକାନ୍ତି ସାହୁ, ଆବାହକ ସୁମନ୍ତ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ପ୍ରକୃତିବନ୍ଧୁ ଅମୃତ କୁମାର ବାରିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ତରୁଣ ପଧାନ, ଶାନ୍ତନୁ ଧରୁଆ, ଲକ୍ଷ୍ମଣ କୁମ୍ଭାର ଓ ସଂଯୁକ୍ତା ରଣା ସହଯୋଗ କରିଥିଲେ। ବିଦ୍ୟାଳୟ ପରିସରରେ ବିଭିନ୍ନ ପ୍ରକାରର ୧୦୦ଟି ଚାରା ରୋପଣ କରାଯାଇଥିଲା।




ଚାରା ରୋପଣ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର।

# ଡ୍ରେନେଜ୍ ସମସ୍ୟା ନେଇ ବର୍ଷିଲେ

**ସ୍ୱତନ୍ତ୍ର ସମୀକ୍ଷା ବୈଠକ ଡାକିଲେ କାଉନ୍‌ସିଲର**

**ପଦ୍ମପୁର,୩୦।୭(ପ୍ରଦୀପ୍ତ ଦାଶ)**

ପଦ୍ମପୁର ଏନ୍ଏସି ୨ ନମ୍ବର ୱାର୍ଡର ବିଭିନ୍ନ ସମସ୍ୟାକୁ ନେଇ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟାଳୟରେ ସ୍ୱତନ୍ତ୍ର ସମୀକ୍ଷା ବୈଠକ ଡାକି କାଉନସିଲର କୁନାଲ ପାଣିଗ୍ରାହୀ ଅସନ୍ତୋଷ ଝାଡିଛନ୍ତି। କାର୍ଯ୍ୟ ନିର୍ବାହୀ ଅଧିକାରୀ ରାମଚନ୍ଦ୍ର ମାଝୀଙ୍କ ଉପସ୍ଥିତିରେ କୁନାଲ ୨ ନମ୍ବର ୱାର୍ଡରେ ଭୁଲ ରାସ୍ତା ନିର୍ମାଣ ଯୋଗୁ ଲୋକଙ୍କ ଘରେ ପାଣି ପଶୁଛି ଓ ରାସ୍ତାରେ ପାଣି ଜମା ରହୁଛି ବୋଲି କହିଥିଲେ। ବର୍ଷା ସମୟରେ ପାଣି ଜମି ରହୁଥିବାରୁ ୱାଡବାସୀ ଅସୁବିଧା ଭୋଗୁଥିବା ଅଭିଯୋଗ କରିଛନ୍ତି। ବର୍ଷାଜଳ ନିଷ୍କାସନ ଓ ଡ୍ରେନେଜ ସମସ୍ୟା, ବର୍ଷା ଦିନ ପୂର୍ବରୁ କେନାଲ ସଫା ନ ହେବା ନେଇ ସମସ୍ତ ଅଧିକାରୀଙ୍କ ଉପରେ ପ୍ରବଳ ବର୍ଷିଥିଲେ। ଯଥାଶୀଘ୍ର ଏସବୁ ସମାଧାନ ନେଇ ତ୍ୱରିତ ପଦକ୍ଷେପ ନେବାକୁ ସେ ଦାବି କରିଥିଲେ। ବିଶେଷକରି ମାଷ୍ଟର କଲୋନୀ, ଶାନ୍ତିନଗର, ନେହେରୁ ଗଳିର ସମସ୍ୟା ନେଇ ସେ ବୈଠକରେ ଉଦ୍‌ବେଗ ପ୍ରକାଶ କରିଥିଲେ। ଏହାସହ ୱାର୍ଡର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ, ସଫେଇ କାମ, ପ୍ରଧାନମନ୍ତ୍ରୀ ଆବାସ, ଭତ୍ତା, ୱାର୍ଡର ସୌନ୍ଦର୍ଯ୍ୟକରଣ, ଟିକସ ସଂଗ୍ରହ ଆଦିର ସମୀକ୍ଷା ହୋଇଥିଲା। ସମୀକ୍ଷା ବୈଠକରେ ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀ, ଟିକସ,କଲେକ୍ଟର, ସାନିଟେସନ ଅଫିସର, କନିଷ୍ଠ ଯନ୍ତ୍ରୀ, ପ୍ରୋଗ୍ରାମ ଆସିଷ୍ଟାଣ୍ଟ, ଜଳସାଥୀ, ସ୍ୱଚ୍ଛ ସାଥୀଙ୍କ ସହ ଅନ୍ୟ ଅଧିକାରୀ ଉପସ୍ଥିତଥିଲେ। ତୁରନ୍ତ ଏସବୁ ସମସ୍ୟା ଉପରେ ଗୁରୁତ୍ୱ ଦିଆଯିବ ବୋଲି ଅଧିକାରୀମାନେ କହିଛନ୍ତି।



କାଉନସିଲରଙ୍କ ସମୀକ୍ଷା ବୈଠକ।

## ସମ୍ପୂର୍ଣ୍ଣତା ଅଭିଯାନ ସମ୍ମାନ ସମାରୋହ: ପାଇକମାଳ ବ୍ଲକ ପୁରସ୍କୃତ

**ପାଇକମାଳ,୩୦।୭(ବଡ ଶତପଥୀ )**



ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ପୁରସ୍କୃତ କରାଯାଉଛି।.

ଭୁବନେଶ୍ୱର ଲୋକସେବା ଭବନ ରାଜ୍ୟ କନଭେନସନ ସଭାଗୃହରେ ଯୋଜନା ଓ ସଂଯୋଜକ ବିଭାଗ ଓଡ଼ିଶା ସରକାର ଦ୍ୱାରା ମଙ୍ଗଳବାର ଆକାଂକ୍ଷୀ ବ୍ଲକ ଓ ଆକାଂକ୍ଷୀ ଜିଲାକୁ ନେଇ କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣତା ଅଭିଯାନ ସମ୍ମାନ ସମାରୋହରେ ପାଇକମାଳ ବ୍ଲକ ପୁରସ୍କୃତ ହୋଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପାଇକମାଳ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଫୁଲ୍ଲ କୁମାର ଓଡ୍ଡୁଙ୍କୁ ବ୍ରୋଞ୍ଜ ପଦକ ଦେଇ ପୁରସ୍କୃତ କରିଥିଲେ। ଏହି ଅବସରରେ ମୁଖ୍ୟ ଶାସନ ସଚିବ ମନୋଜ କୁମାର ଆହୁଜା ଓ ଉନ୍ନୟନ କମିଶନର ଅନୁ ଗର୍ଗ ପ୍ରମୁଖ ଉପସ୍ଥିତ ଥିଲେ। ବରଗଡ଼ ଜିଲାର ପାଇକମାଳ ଆକାଂକ୍ଷୀ ବ୍ଲକ ଭାବରେ ଉନ୍ନତିମୂଳକ କାର୍ଯ୍ୟକ୍ରମକୁ ନେଇ ମୁଖ୍ୟମନ୍ତ୍ରୀଙ୍କ ଠାରୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବ୍ରୋଞ୍ଜ ପଦକ ପାଇଥିଲେ। ବ୍ଲକ ତରଫରୁ ଆକାଂକ୍ଷୀ ବ୍ଲକ ଫେଲୋ ମଧୁସ୍ମିତା ବେହେରା, ସିଡିପିଓ ବାସନ୍ତୀ ପୂର୍ତ୍ତୀ,ମେଡିକାଲ ଅଫିସର ଡ. ସୁଭ୍ର ପ୍ରକାଶ ସେନାପତି,ଏଇଇ ପ୍ରଭାତ କୁମାର ତ୍ରିପାଠୀ,ଏଏଓ ନୂତନ କୁମାର ସୋରେନ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ପାଇକମାଳ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅଭିଭାବକ ବୈଠକ

**ପାଇକମାଳ,୩୦।୭ (ବଡ ଶତପଥୀ)**

ବରଗଡ଼ ଜିଲା ପାଇକମାଳ ସରକାରୀ ଉଚ୍ଚ ବିଦ୍ୟାଳୟରେ ଦ୍ୱିତୀୟ ଅଭିଭାବକ ବୈଠକ ପ୍ରଧାନ ଶିକ୍ଷକ ଡ. ଦାଦଶ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। କର୍ମୁ ବିଶାଳ, ସୁରଥ କୁମାର ସାହୁ ଓ ଡୋଳା ମଣି ମାହାର ଦୀପ ପ୍ରଜ୍ୱଳନ କରି ବୈଠକକୁ ଉଦ୍‌ଘାଟନ କରିଥିଲେ। ବୈଠକରେ ୧୦୫ ଜଣ ଅଭିଭାବକ ଯୋଗଦାନ କରିଥିଲେ। ବିଦ୍ୟାଳୟ ବିକାଶ କମିଟିର ସଦସ୍ୟ ବିନୋଦ କୁମାର କାଳିଆ, ଟାଇଲ ଚନ୍ଦ୍ର ଭୋଇ ଓ କୁସୁମ କୁମର ରାଓ ପ୍ରମୁଖ ଯୋଗଦାନ କରି ବିଦ୍ୟାଳୟର ସୁରକ୍ଷା ଓ ନିରାପତ୍ତା ବିଷୟରେ ସୂଚନା ପ୍ରଦାନ କରିଥିଲେ। ଜ୍ୟୋର୍ତିମୟୀ ପଟ୍ଟନାୟକ ବିଦ୍ୟାଳୟରେ ବାଳିକାମାନଙ୍କ ପାଇଁ ଥିବା ସମସ୍ତ ପ୍ରକାର ସୁବିଧା ସମ୍ପର୍କରେ ଉଲ୍ଲେଖ କରିଥିଲେ। ପ୍ରଧାନ ଶିକ୍ଷକ ଆସ ସ୍କୁଲ ଯିବା ଅଭିଯାନ, ବିଦ୍ୟାଳୟ ନିରାପତ୍ତା, ମା 'ଙ୍କ ପାଇଁ ଗଛ ଟିଏ, ସ୍ୱଚ୍ଛତା ପକ୍ଷ, ସୁରଭି ୨୦୨୫, ଗଣବେଶ, ଛାତ୍ରବୃତ୍ତି ଓ ଛାତ୍ରୀଛାତ୍ରଙ୍କ ଉପଲବ୍ଧି ସମ୍ପର୍କରେ ଅବଗତ କରାଇଥିଲେ। ଅଭିଭାବକମାନେ ବିଭିନ୍ନ ଗଠନମୂଳକ ମତାମତ ପ୍ରଦାନ କରିଥିଲେ। ତ୍ରିଲୋଚନ ନାୟକ ମଞ୍ଚ ପରିଚାଳନା ଓ ବବିତା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ରାସ୍ତା ନିର୍ମାଣକଲେ ଗ୍ରାମବାସୀ





ରାସ୍ତା ନିର୍ମାଣ କରିଥିବା ଗ୍ରାମବାସୀ।.

**ଝାରବନ୍ଧ,୩୦।୭(ଦେବେନ୍ଦ୍ର ସାହୁ)**

ଝାରବନ୍ଧଠାରୁ ମାତ୍ର ୨ କିଲୋମିଟର ରାସ୍ତାକୁ ପ୍ରଶାସନ, ଜନପ୍ରତିନିଧି ନିର୍ମାଣ କରିପାରି ନ ଥିଲେ। ଶେଷରେ ଉକ୍ତ ରାସ୍ତା ଉପରେ ନିର୍ଭରଶୀଳ ଲେରଗାଁ, ଶାଖାଡୁଙ୍ଗୁରି, ଶକ୍ତି ଗ୍ରାମର କଲେଜ ପଢୁଆ ଝିଅ, ପୁଅ, ଅଭିଭାବକ, ଗ୍ରାମବାସୀ ମିଳିତଭାବେ ନିର୍ମାଣ କରିଛନ୍ତି। ପ୍ରଶାସନ ଓ ଜନପ୍ରତିନିଧି ନିକଟରେ ଅନେକ ଥର ଗୁହାରି କରିଥିଲେ ସୁଦ୍ଧା କୌଣସି ସୁଫଳ ମିଳି ନ ଥିଲା। ଫଳରେ ଗ୍ରାମବାସୀମାନେ ଶ୍ରମଦାନ କରି ରାସ୍ତା ନିର୍ମାଣ କରିଥିଲେ। ଝାରବନ୍ଧ ଠାରେ ସମସ୍ତ ପ୍ରକାର ସରକାରୀ,ବେସରକାରୀ ପ୍ରତିଷ୍ଠାନ ଥିବାରୁ ପ୍ରତିଦିନ ଏହି ରାସ୍ତାରେ ଯାତାୟାତ ଲାଗିରହିଥାଏ। କିନ୍ତୁ ରାସ୍ତାରେ ଖାଲଖମା ସହ କାଦୁଅ ଜମା ହୋଇ ରହିଥାଏ। ଯାହାଫଳରେ ଯା' ଆସରେ ସମସ୍ୟା ସୃଷ୍ଟି ହୋଇଥାଏ।

# ୫ରୁ ତାଲା ବନ୍ଦ ଆନ୍ଦୋଳନ ଚେତାବନୀ

**ଅତାବିରା, ୩୦।୭(ଯୁଧିଷ୍ଠିର ମହାପାତ୍ର)**



ବିଦ୍ୟାଳୟ ସମ୍ମୁଖରେ ଉପସ୍ଥିତ ଗ୍ରାମବାସୀ ଓ ଅଭିଭାବକମାନେ।

ବରଗଡ଼ ଜିଲା ଅତାବିରା ବ୍ଲକ ଲରାସରା ପଞ୍ଚାୟତ ଖଇରପାଲିସ୍ଥିତ ସରକାରୀ ୟୁଜିଏମ୍‌ଇ ସ୍କୁଲରେ ଶିକ୍ଷକ ଅଭାବରୁ ପାଠପଢ଼ାରେ ବ୍ୟାଘାତ ହେଉଥିବା ଅଭିଭାବକ ଅଭିଯୋଗ କରିଛନ୍ତି । ଏହାକୁ ନେଇ ବୁଧବାର ସ୍କୁଲ କମିଟି ଓ ଶିକ୍ଷକଙ୍କ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବାର୍ଷିକ କାର୍ଯ୍ୟଖସଡ଼ା ପ୍ରସ୍ତୁତ କରାଯାଇଥିଲା । ତେବେ ଏହି ବୈଠକ ସରିବା ପରେ ସ୍କୁଲ ପରିଚାଳନା କମିଟି ଅଧ୍ୟକ୍ଷ ସୁଦାମ ଭୋଇଙ୍କ ସଭାପତିତ୍ୱରେ ପୁଣି ଅଭିଭାବିକା ଓ ଅଭିଭାବକଙ୍କୁ ନେଇ ସ୍କୁଲରେ ଶିକ୍ଷକ ପଦବୀ ପୂରଣ ନେଇ ଏକ ସଭା ସାଢ଼େ ୪ଟାରେ ହୋଇଥିଲା । ଗତ ଶିକ୍ଷାବର୍ଷରୁ ଏଠାରେ ଖାଲିପଡ଼ିଥିବା ଶିକ୍ଷକ ପଦବୀ ପୂରଣ ନେଇ ୪ଥର ଦାବିପତ୍ର ତତ୍କାଳୀନ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ସୁଶ୍ରୀ ମିଶ୍ରାଣୀ କୁମ୍ଭାର ଏବଂ ରତ୍ନମୟୀ ପୁରୋହିତଙ୍କୁ ପରିଚାଳନା କମିଟି ପକ୍ଷରୁ ଦିଆଯାଇଥିବା ସତ୍ତ୍ୱେ ତାହା କାର୍ଯ୍ୟକାରୀ ହୋଇ ନ ଥିବା ଆଲୋଚନା ହୋଇଥିଲା। ଆସନ୍ତା ସୋମବାର ସୁଦ୍ଧା ଖାଲିଥିବା ଶିକ୍ଷକ ପଦବୀ ପୂରଣ ନ ହେଲେ ଅଗଷ୍ଟ ୫ରୁ ସ୍କୁଲ ଗେଟ୍‌ରେ ତାଲା ପକାଇ ଧାରଣା ଦେବାକୁ ନିଷ୍ପତ୍ତି ନିଆଯାଇଥିବା କମିଟି ଅଧ୍ୟକ୍ଷ ଭୋଇ ଜଣାଇଛନ୍ତି।

- **ଶିକ୍ଷକ ପଦବୀ ପୂରଣ କର**
- **ଖଇରପାଲିସ୍ଥିତ ସରକାରୀ ୟୁଜିଏମ୍‌ଇ ସ୍କୁଲରେ ଶିକ୍ଷକ ଅଭାବ**

ସୂଚନାଯୋଗ୍ୟ, ଗତ ଶିକ୍ଷାବର୍ଷରୁ ଶିକ୍ଷକ ପଦବୀ ଖାଲିପଡ଼ିଛି। ସ୍କୁଲରେ ଶିଶୁବାଟିକାରୁ ଅଷ୍ଟମ ଶ୍ରେଣୀ ଯାଏ ଏବେ ୨୬୬ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି । ସରକାରଙ୍କ ନିୟମ ୩୫:୧ ଅନୁପାତରେ ୭ରୁ ୮ ଜଣ ଶିକ୍ଷକ ରହିବା କଥା। ତେବେ ବର୍ତ୍ତମାନ ପ୍ରଧାନଶିକ୍ଷକଙ୍କୁ ମିଶାଇ ୫ଜଣ ଶିକ୍ଷୟିତ୍ରୀ ଶିକ୍ଷକ ରହିଛନ୍ତି । ୫ ଶିକ୍ଷକ କିଭଳି ୯ଟି ଶ୍ରେଣୀ ସମ୍ଭାଳିବେ ବୋଲି କମିଟି ପ୍ରଶାସନକୁ ପ୍ରଶ୍ନ କରିଛି। ପୁଣି କମିଟି କହିଛି, ସେହି ୫ ଜଣଙ୍କ ମଧ୍ୟରୁ ଜଣେ ପୁରୁଷ ଶିକ୍ଷକଙ୍କୁ ସିଆର୍‌ସିସି କରି ଗୋଷ୍ଠୀ ଶିକ୍ଷାକେନ୍ଦ୍ର କାର୍ଯ୍ୟାଳୟକୁ ନେବା ପାଇଁ ପ୍ରସ୍ତୁତି ଚାଲିଛି। ଏପରି ହେଲେ ସ୍କୁଲରେ କେବଳ ଜଣେ ପ୍ରଧାନଶିକ୍ଷକଙ୍କୁ ଛାଡ଼ିଦେଲେ ଆଉ କେହି ପୁରୁଷ ଶିକ୍ଷକ ରହିବେ ନାହିଁ । ଫଳରେ କେବଳ ୩ ଶିକ୍ଷୟିତ୍ରୀଙ୍କୁ ନେଇ ସ୍କୁଲ ଚାଲିବ। ଏଠାରୁ କୌଣସି ଶିକ୍ଷକଙ୍କୁ ଛଡ଼ାଯିବ ନାହିଁ। ଏଠାରେ ଖାଲିଥିବା ଶିକ୍ଷକ ପଦବୀ ଶୀଘ୍ର ପୂରଣ କରିବାକୁ ସେମାନେ ଦାବି କରିଛନ୍ତି। ଏହାର ଖିଲାପ ହେଲେ ନିଶ୍ଚିତ ଭାବେ କମିଟି ତାଲା ବନ୍ଦ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛନ୍ତି। ଏନେଇ ଅତାବିରା ଗୋଷ୍ଠୀ ଶିକ୍ଷା ଅଧିକାରୀ ଅତିରିକ୍ତ ଦାୟିତ୍ୱରେ ଥିବା ଭେଡେନ ବିଇଓ ମହିନ୍ଦ୍ର ମଲ୍ଲିକଙ୍କୁ ପଚାରିବାରୁ, ଏହି ସ୍କୁଲର ସ୍ଥିତି ବିଷୟରେ ତଦନ୍ତକରି ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ପ୍ରକାଶ କରିଥିଲେ।

## ପଞ୍ଚାୟତ ଅଫିସରେ ଲାଗିଲା ବାୟୋମେଟ୍ରିକ ମେଶିନ

**ଲାଞ୍ଜିଗଡ଼,୩୦।୭ (ରମେଶ ଚନ୍ଦ୍ର ନାୟକ):** କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଜଗନ୍ନାଥପୁର ପଞ୍ଚାୟତ କାର୍ଯ୍ୟାଳୟରେ ବୁଧବାର କର୍ମଚାରୀମାନଙ୍କ ପାଇଁ ବାୟୋମେଟ୍ରିକ ଉପସ୍ଥାନ ମେଶିନ ଲଗାଯାଇଛି। ଜିଲାରେ ପ୍ରଥମେ କେସିଙ୍ଗା ବ୍ଲକର ତୁଣ୍ଡଲା ପଞ୍ଚାୟତରେ ଗତ ୨୪ ତାରିଖରେ ଏହି ବାୟୋମେଟ୍ରିକ ଉପସ୍ଥାନ ଆରମ୍ଭ ହୋଇଥିଲା। ଜଗନ୍ନାଥପୁର ପଞ୍ଚାୟତରେ ଏହି ବ୍ୟବସ୍ଥା ପ୍ରଚଳନ ପରେ ପଞ୍ଚାୟତର ସମସ୍ତ କର୍ମଚାରୀ ଠିକ୍ ସମୟରେ କାର୍ଯ୍ୟାଳୟକୁ ଆସି ନିୟମାନୁଯାୟୀ କାର୍ଯ୍ୟାଳୟ ବନ୍ଦ ହେଲାପରେ ହିଁ ଯାଇପାରିବେ ବୋଲି ସରପଞ୍ଚ ମୁଗାନା ମାଝୀ ପ୍ରକାଶ କରିଛନ୍ତି। ଆଦିବାସୀ ଅଧ୍ୟୁଷିତ ଏହି ବ୍ଲକରେ ଲୋକଙ୍କ ସରଳତାର ସୁଯୋଗ ନେଇ ଅଧିକାଂଶ ସରକାରୀ କାର୍ଯ୍ୟାଳୟରେ ତାଲା ଝୁଲୁଥିବା ଦେଖିବାକୁ ମିଳୁଛି। ବିଭିନ୍ନ ବିଭାଗର କର୍ମଚାରୀମାନେ ଅଧିକାଂଶ ସମୟରେ ଅନୁପସ୍ଥିତ ରହୁଥିବା ଯୋଗୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

# ଭାଙ୍ଗିଲା ଘର, ଖାଇଲା ଧାନଚାଉଳ

■ ଆତଙ୍କିତ ଅଞ୍ଚଳବାସୀ

## ବଣାଇଁକୁ ଫେରିଲେ ୨ ଗୋଠଛଡ଼ା ଦନ୍ତା

**ବଣାଇଁ,୩୦।୭(ପ୍ରଦୀପ ତ୍ରିପାଠୀ)**

ପ୍ରାୟ ୬ ମାସର ବ୍ୟବଧାନ ପରେ ବଣାଇଁକୁ ଫେରିଛନ୍ତି ୨ ଗୋଠଛଡା ଦନ୍ତା। ଅଞ୍ଚଳରେ ଛୋଟେ- ବଡେ ନାମରେ ଦୁହେଁ ପରିଚିତ। ଛୋଟେ ୧୦ ଦିନ ତଳେ ବଣାଇଁ ଅଞ୍ଚଳକୁ ଆସିଥିବାବେଳେ ମଙ୍ଗଳବାର ବଡେ ପହଞ୍ଚିଛି। ଏହାପରେ ୨ ଦନ୍ତା ମିଶି ଅଞ୍ଚଳରେ ତାଣ୍ଡବ ଆରମ୍ଭ କରିଦେଇଛନ୍ତି। ବଣାଇଁ ବନାଞ୍ଚଳ ଅନ୍ତର୍ଗତ ବଡପୋଷ ଗ୍ରାମରେ ଏହି ଗୋଠଛଡ଼ା ଦନ୍ତା (ବଡେ) ବଢି ନଦୀରେ ପାର ହୋଇ ବିଳମ୍ବିତ ରାତି ବଡପୋଷ ଗ୍ରାମର ଟପୋ ସାହିରେ ପଶିଥିଲା। ଶଙ୍କର କିଷାନଙ୍କ ଘର ଭାଙ୍ଗିବା ସହିତ ଧାନ ଚାଉଳ ନଷ୍ଟ କରିଦେଇଛି। ଶଙ୍କରଙ୍କ ପରିବାର



ଲୋକେ ଭୟଭୀତ ହୋଇ ଘର ସମ୍ମୁଖ ପଟେ ଦୌଡ଼ି ପଳାଇ ନିଜ ଜୀବନ ରକ୍ଷା କରିଥିଲେ। ଅନ୍ୟ ହାତୀଟି ତଳିତା ଓ କନ୍ତସରା ଗ୍ରାମରେ ଥିବା କଦଳୀ ବଗିଚାରେ ପଶି ବ୍ୟାପକ ନଷ୍ଟ କରିଥିବା ଜଣାପଡିଛି। ଅଞ୍ଚଳବାସୀ ଭୟଭୀତ ଅବସ୍ଥାରେ ଅଛନ୍ତି। ଏବେ ୨ ଗୋଠଛଡା ଦନ୍ତା ବଣାଇଁ ବନବିଭାଗ ପାଇଁ ମୁଣ୍ଡ ବ୍ୟଥାର କାରଣ ସାଜିଛି।

# କବି ବିନୋଦ ଚନ୍ଦ୍ରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

**ସୁନ୍ଦରଗଡ଼,୩୦।୭(ଜୟ ନାରାୟଣ ମେଣ୍ଟୁଲି)**



ସୁନ୍ଦରଗଡର ବରପୁତ୍ର ତଥା ଗ୍ରାମପଥ କବିତାର ସ୍ରଷ୍ଟା ଓ ବିଶିଷ୍ଟ ସାହିତ୍ୟିକ କବି ବିନୋଦ ଚନ୍ଦ୍ର ନାୟକଙ୍କ ଏକ ପ୍ରତିମୂର୍ତ୍ତି ବୁଧବାର ଅପରାହ୍ନରେ ସ୍ଥାନୀୟ ଭବାନୀ ଶଙ୍କର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଉନ୍ମୋଚିତ ହୋଇଯାଇଛି। ବିଶିଷ୍ଟ ପ୍ରାବନ୍ଧିକ ଡକ୍ଟର ବିଭୂତିଭୂଷଣ ପଣ୍ଡା ଓ ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପ୍ରଧାନ ଅତିଥିଭାବେ ଯୋଗଦେଇ କବି ନାୟକଙ୍କ ଏହି ପ୍ରତିମୂର୍ତ୍ତିକୁ ଆନୁଷ୍ଠାନିକଭାବେ ଉନ୍ମୋଚନ କରିଥିଲେ। କବି ବିନୋଦ ଚନ୍ଦ୍ର ନାୟକ ସ୍ମୃତି କମିଟି ଆନୁକୂଲ୍ୟରେ ଏବଂ ସୁନ୍ଦରଗଡ ଏଜୁକେଶନାଲ ଟ୍ରଷ୍ଟ ସହଯୋଗରେ ତଥା ସୁନ୍ଦରଗଡ ଜିଲା ଲେଖିକା ଲେଖକଙ୍କ ଉଦ୍ୟମରେ କବି ପାଠ ପଢିଥିବା ଏହି ବିଦ୍ୟାଳୟରେ ପ୍ରତିଷ୍ଠା କରାଯାଇଛି। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ,ଛାତ୍ରୀଛାତ୍ର ଯୋଗଦେଇଥିଲେ। ବିନୋଦ ସ୍ମୃତି କମିଟିର ଆବାହକ ରାଜ କିଶୋର ଷଡ଼ଙ୍ଗୀ ସଭାପତିତ୍ୱ କରି ପ୍ରତିମୂର୍ତ୍ତି ସ୍ଥାପନର ସଂଘର୍ଷ ତଥା କବି ଜୀବନୀ ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଜିଲା ଶିକ୍ଷା ଅଧିକାରୀ ପଧାନ କବି ବିନୋଦଙ୍କ ସାହିତ୍ୟିକ ଜୀବନ ସମସ୍ତଙ୍କୁ ଅନୁପ୍ରାଣିତ କରିଥାଏ ବୋଲି କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥିଭାବେ ବରିଷ୍ଠ ଆଇନଜୀବୀ ନିମାଇଁ ଚରଣ ନାଏକ, ଲକ୍ଷ୍ମୀ ନାରାୟଣ ହୋତା କବିଙ୍କ କବିତା ଓ ଜୀବନୀ ସମ୍ପର୍କରେ ଆଲୋଚନା କରିଥିଲେ। ମୁଖ୍ୟ ଅତିଥି ଡକ୍ଟର ମିଶ୍ର ତାଙ୍କ ବକ୍ତବ୍ୟରେ କବିଙ୍କ କାବ୍ୟ କୃତ ସମ୍ପର୍କରେ ଆଲୋଚନା କରିଥିଲେ। ଡକ୍ଟର ଚିରବ୍ରତ ଦତ୍ତ, ସୁପ୍ରିୟା ପାଲ, ବୀର ବିକ୍ରମ ସିଂହଦେଓ, ବେଣୁମାଧବ ତ୍ରିପାଠୀ, ଅଶୋକ ମହାନ୍ତି, ଅମାତ୍ୟ ପଧାନଗଣେଶ ତ୍ରିପାଠୀ, ରାମେଶ୍ୱର ପଟେଲ, ଶରତ ଚନ୍ଦ୍ର ପାଣ୍ଡେ, ଶୁଭଶ୍ରୀ ରାୟ, ରାଜୁ ଠାକୁର, ଜୀବେଶ୍ୱରୀ ପଟେଲ, ସୁଷମା ପଟେଲ ପ୍ରମୁଖ ସାହିତ୍ୟିକ ଯୋଗ ଦେଇଥିଲେ। ଯୁବ ଗାଳ୍ପିକ ବିବିଧ ବିଶ୍ୱ ଧନ୍ୟବାଦ ପ୍ରଦାନ କରିଥିଲେ।

# ୪ ଟ୍ରକ୍, ଟିପ୍ପର ମାଲିକ ସଂଘର ଖବରଦାତା ସମ୍ମିଳନୀ

**ଲହୁଣୀପଡା,୩୦।୭(ଦାଶରଥି ପଣ୍ଡା)**

ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ ରାଜାମୁଣ୍ଡା ପଞ୍ଚାୟତ ସଭା ଗୃହଠାରେ ଲହୁଣୀପଡା, ବଣେଇ, ରାଜାମୁଣ୍ଡା, କଲେଇପୋଷ ଟ୍ରକ ଓ ଟିପର ମାଲିକ ସଂଘ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ବୁଧବାର ଅନୁଷ୍ଠିତ ହୋଇଥିଲା। ଏଥିରେ ୪ଟି ସଂଘର ସଭାପତି ସମ୍ପାଦକ ରଣଜିତ ସାହୁ, ସଞ୍ଜୟ କୁମାର ଦାସ, ରାକେଶ ପ୍ରଧାନ, ବିଭୂତି ଭୂଷଣ କର, ସଞ୍ଜୀବ କୁମାର ଖଟୁଆ, ବିଜୟ କୁମାର ଠାକୁର ଯୋଗଦେଇ ଥିଲେ। ଲହୁଣୀପଡା ବ୍ଲକ ଅନ୍ତର୍ଗତ ଭୁଟୁଡା ପଞ୍ଚାୟତ ରନ୍ତା ଗ୍ରାମରେ ଥିବା କୁରୁମିତର ଲୌହ ଖଣି (ଓଏମସି) ଉପରେ ଅନେକ ବର୍ଷ ହେଲା ନିର୍ଭର କରି ଆସୁଛନ୍ତି ସମ୍ପୃକ୍ତ ଅଞ୍ଚଳର ଟ୍ରକ ଓ ଟିପ୍ପର ମାଲିକମାନେ। କିନ୍ତୁ ଦେଢ଼ ମାସ ହେବ ଉକ୍ତ ଖଣିରୁ ଲୋଡିଂ ମିଳୁନାହିଁ। ଫଳରେ ଗାଡି ମାଲିକମାନେ ନାହିଁ ନ ଥିବା ଅସୁବିଧା ସମ୍ମୁଖୀନ ହେବା ସହିତ ମାସିକ କିସ୍ତି ଦେଇ ପାରୁ ନ ଥିବାରୁ ଫାଇନାନ୍ସ କମ୍ପାନୀର ଜୁଲୁମ ପାଇଁ ମାନସିକ ସ୍ତରରେ ଚାପଗ୍ରସ୍ତ ହେଉଥିବା ଜଣାପଡିଛି। ପ୍ରାୟ ପାଞ୍ଚ ହଜାର ଟ୍ରକ ଓ ଟିପର ମାଲିକଙ୍କ ସମେତ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଜଡିତ ଥିବା ପ୍ରାୟ ୧୨ ହଜାର ପରିବାର ଏବେ ଦୁର୍ଦ୍ଦିନରେ ଗତି କରୁଥିବା ସୂଚନା ଦେଇଛନ୍ତି। ଏହି ସମସ୍ୟାର ସମାଧାନ ପାଇଁ ପ୍ରଶାସନ ଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ମଧ୍ୟ ବିଫଳ ହେବାରୁ ବାଧ୍ୟ ହୋଇ ଆମ୍ଭେମାନେ ଖବରଦତା ସମ୍ମିଳନୀ ମାଧ୍ୟମରେ ପ୍ରଶାସନ ଓ ସରକାରଙ୍କ ପୁଣି ଦୃଷ୍ଟି ଆକର୍ଷଣ କରିଛନ୍ତି। ଏହାପରେ ଯଦି ପ୍ରଶାସନ ଓ ସରକାରଙ୍କ ପକ୍ଷରୁ ଦୃଢ଼ ପଦକ୍ଷେପ ଗ୍ରହଣ କରା ନ ଯାଏ ପରବର୍ତ୍ତୀ ସମସ୍ୟା ପାଇଁ ସରକାର ଦାୟୀ ରହିବେ ବୋଲି ସମବେତ ମାଲିକ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।



ଖବରଦାତା ସମ୍ମିଳନୀରେ ସଂଘ କର୍ମକର୍ତ୍ତା।

# ବିଦ୍ୟାଳୟରେ ତାଲା ପକାଇଲେ ଗ୍ରାମବାସୀ



ବିଦ୍ୟାଳୟରେ ତାଲା ପକାଇ ଛାତ୍ରୀଛାତ୍ର ଓ ଅଭିଭାବକ ଧାରଣା ଦେଇଛନ୍ତି।

**ବଣାଇଁ,୩୦।୭(ପ୍ରଦୀପ ତ୍ରିପାଠୀ)**

### ବଦଳି ବାତିଲ ନେଇ ପ୍ରତିଶ୍ରୁତି ପରେ ଖୋଲିଲା ତାଲା

ସୁନ୍ଦରଗଡ଼ ଜିଲା ବଣାଇଁ ବ୍ଲକ ଅନ୍ତର୍ଗତ ସରସରା ବଲାଙ୍ଗ ପ୍ରାଥମିକ ବିଦ୍ୟାଳୟରେ ବୁଧବାର ଗ୍ରାମବାସୀ ଓ ଅଭିଭାବକ ତାଲା ପକାଇଥିବା ଜଣାପଡିଛି। ଗ୍ରାମବାସୀଙ୍କ କହିବା ଅନୁଯାୟୀ, ବିଦ୍ୟାଳୟରେ ମୋଟ ୫୬ ଜଣ ଛାତ୍ରୀଛାତ୍ର ପାଠ ପଢ଼ନ୍ତି। ତାଙ୍କ ପାଇଁ ବିଦ୍ୟାଳୟରେ ୩ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ରହିଥିଲେ। କିନ୍ତୁ ଗତ ୨ ଦିନ ତଳେ ୩ ଜଣଙ୍କ ମଧ୍ୟରୁ ଜଣେ ଶିକ୍ଷୟିତ୍ରୀଙ୍କୁ ବଦଳି ଆଦେଶ ମିଳିବା ପରେ ଉତ୍ତେଜନା ବୃଦ୍ଧି ପାଇବା ସହିତ ପ୍ରତିବାଦରେ ତାଲା ପକାଇ ଥିବା ଜଣାପଡିଛି । ବିଦ୍ୟାଳୟର ଶିକ୍ଷୟିତ୍ରୀ ଲିପସାମୟୀ ନାୟକଙ୍କୁ ଜମ୍ବିରପୋଷ ବିଦ୍ୟାଳୟକୁ ବଦଳି କରି ଦିଆଯାଇଥିଲା। ବଣାଇଁ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବାବୁରାମ ମହାନ୍ତ ଘଟଣା ସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଇବା ସହିତ ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କୁ ବଦଳି କରାଯିବ ନାହିଁ ବୋଲି ପ୍ରତିଶ୍ରୁତି ଦେଲା ପରେ ବିଦ୍ୟାଳୟର ତାଲା ଖୋଲିଥିଲା ଓ ପାଠପଢା ଚାଲିଥିଲା।

## ଆବାସ ଯୋଜନାରେ ସାମିଲ ପାଇଁ ଜିଲାପାଳଙ୍କ ଦ୍ୱାରସ୍ଥ

**ନୂଆପଡ଼ା,୩୦।୭ (ମକାରୁ ବେମାଲ)**

ନୂଆପଡ଼ା ସଦର ବ୍ଲକ ଡୁମେରପାଣି ପଂଚାୟତ ହଳଦି ଗାଁର ଗରିବ ହିତାଧିକାରୀ ଆବାସ ଯୋଜନାରେ ସାମିଲ ପାଇଁ ବୁଧବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଶ୍ରମିକନେତା ଭକ୍ତବନ୍ଧୁ ଧରୁଆଙ୍କ ନେତୃତ୍ୱରେ ସେମାନେ ଅତିରିକ୍ତ ଜିଲାପାଳ ସୁବାସ ଚନ୍ଦ୍ର ରଏତଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ସୂଚନା ଅନୁଯାୟୀ ହଳଦି ଗାଁର ଗରିବ ହିତାଧିକାରୀ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଖଣ୍ଡିଆ ପାଇବା ପାଇଁ ଅନ୍‌ଲାଇନରେ ଆବେଦନ କରିଥିଲେ। ହେଲେ ଗତ ୨୪ ତାରିଖ ପ୍ରକାଶିତ ତାଲିକାରେ ଗାଁର ଯୋଗ୍ୟ ୧୬ ଜଣ ହିତାଧିକାରୀଙ୍କ ନାମ ନାହିଁ। ଏ ସମ୍ପର୍କରେ ସେମାନେ ଗାଁର ୱାର୍ଡମେମ୍ବରଙ୍କଠାରୁ ଜାଣିବା ପରେ ବୁଧବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ଅତିରିକ୍ତ ଜିଲାପାଳଙ୍କୁ ସାକ୍ଷାତ କରି ହିତାଧିକାରୀ ଆପତ୍ତି କରିଥିଲେ ଯେ, ଆମେ ଅତ୍ୟନ୍ତ ଗରିବ ଶ୍ରେଣୀର। ଅନ୍‌ଲାଇନରେ ବାରମ୍ବାର ଆବେଦନ କଲା ପରେ ମଧ୍ୟ ଆବାସ ଯୋଜନାରେ ଗୃହ ଖଣ୍ଡିଏ ପାଇପାରୁନାହୁଁ। ଅତିରିକ୍ତ ଜିଲାପାଳ ରଏତ ଏହା ଉପରେ ତଦନ୍ତ କରି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ନିଶ୍ଚୟ ସାମିଲ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଦାବିପତ୍ର ପ୍ରଦାନ ସମୟରେ କଲ୍ୟାଣ ଲାଲ ସାହୁ, ଗୋପାଳ ସାହୁ, ମଧୁ ପାଣ୍ଡେ, ନନ୍ଦ କୁମାର ମହାନନ୍ଦ, କୁଶଳ ମହାନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

# ମହାବୀର ପର୍ବତରେ ବୀଜ ବପନ, ଚାରାରୋପଣ

**ବଡ଼ଗାଁ,୩୦।୭(ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଠାରୁ ଦକ୍ଷିଣ ପୂର୍ବ ଦିଗରେ ଅବସ୍ଥିତ ମହାବୀର ପର୍ବତ। ପ୍ରକୃତିର ମନୋରମ ପରିବେଶ ଏଠାରେ ଦେଖିବାକୁ ମିଳେ। ଦୀର୍ଘ ବର୍ଷ ପୂର୍ବେ ଏହି ପର୍ବତ ଅତି ଘଞ୍ଚ ଓ ବନ୍ୟ ପ୍ରାଣୀଙ୍କ ପାଇଁ ଉତ୍ତମ ପରିବେଶ ଥିଲା। ହେଲେ ପ୍ରାୟ ୨୦ ରୁ ୨୫ ବର୍ଷ ମଧ୍ୟରେ ପର୍ବତରେ ବୃକ୍ଷ ହାନି ଯୋଗୁ ଜଙ୍ଗଲ କ୍ଷୟ ହୋଇଛି। ପର୍ବତରେ ଥିବା ଅନେକ ଝରଣା ବର୍ଷା ଋତୁ ପରେ ଶୁଷ୍କ ହୋଇଯାଉଛି। ପର୍ବତର ସୁନ୍ଦର ପ୍ରାକୃତିକ ପରିବେଶକୁ ଆହୁରି ସୁନ୍ଦର କରିବା ପାଇଁ ଗତ ୬ ବର୍ଷ ହେଲା ଚେମଠାପଡା ଗ୍ରାମର ଅବସରପ୍ରାପ୍ତ ଇଞ୍ଜିନିୟର ଅଜେକ କୁମାର ପ୍ରଧାନ ସ୍ଥାନୀୟ ଆଜାଦ ହିନ୍ଦ ୟୁଥ କ୍ଲବର ଯୁବକମାନଙ୍କ ସହଯୋଗରେ ପ୍ରତିବର୍ଷ ବୀଜ ବପନ ଓ ଚାରା ରୋପଣ କରିଆସୁଛନ୍ତି। ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ଆଜାଦ ହିନ୍ଦ ୟୁଥ କ୍ଲବର କାର୍ଯ୍ୟକର୍ତ୍ତା ଆକାଶ, କେଦାର, ସଞ୍ଜୟ, ରାଜୁ, ବିକି, ମିହିର, ସଞ୍ଜୀବ, ଶ୍ୟାମ ସୁନ୍ଦର, ସୁମନ୍ତ, ବସନ୍ତ, କୁନାଲ, ବିଶ, ପପୁ , ମନୋରଞ୍ଜନ ପ୍ରମୁଖ ଯୁବକ ମାନେ ଶୁକ୍ରବାର ଗାଁର ରାସ୍ତା ପାର୍ଶ୍ୱ ଓ ଜଙ୍ଗଲରେ ଚାରା ରୋପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଜିଲା ପରିଷଦ ସଭ୍ୟ ଅମୀୟ କୁମାର ପ୍ରଧାନ ଉଦ୍‌ଘାଟନ କରିଥିଲେ। ସେ ଯୁବକମାନଙ୍କୁ ଚାରା ରୋପଣର ଆବଶ୍ୟକତା ଉପରେ ବୁଝାଇଥିଲେ ଓ ଯୁବକମାନଙ୍କ ସହିତ ମିଶି ଚାରା ରୋପଣ କରିଥିଲେ। ରବିବାର ଯୁବକମାନେ ସକାଳୁ ମହାବୀର ପର୍ବତ ଅଭିମୁଖେ ଯାତ୍ରା କରିଥିଲେ। ବିଗତ ବର୍ଷ ଗୁଡ଼ିକରେ ବୁଣା ଯାଇଥିବା ମଞ୍ଜିରୁ ହୋଇଥିବା ଶତାଧିକ ଲିମ୍ବ, ଜାମୁ ଗଛର ଯତ୍ନ ନେବା ସହିତ ୧୨ ଶହ ଆମ୍ବ, ପଣସ ଓ ଜାମୁ ଚାରା ରୋପଣ କରିଥିଲେ। ଏହା ସହିତ ପଣସ ବୀଜ ବୁଣିଥିଲେ। ତେବେ ବିଗତ ବର୍ଷ ଗୁଡିକରେ ବୀଜରୁ ଶତାଧିକ ଲିମ୍ବ ଗଛ ହୋଇଥିଲେ ମଧ୍ୟ କିଛି ବର୍ଷ ହେଲା ଜାମୁ ଚାରା ହୋଇପାରି ନ ଥିଲା। କିନ୍ତୁ କେତେକ ସ୍ଥାନରେ ପ୍ରାୟ ଶହେରୁ ଊର୍ଦ୍ଧ୍ୱ ଜାମୁ ଗଛ ହୋଇଥିବାରୁ ଯୁବକଙ୍କ ମଧ୍ୟରେ ଉତ୍ସାହ ଦେଖା ଦେଇଥିଲା। ତେଣୁ ଚଳିତ ବର୍ଷ ଜାମୁ ଚାରା ଉପରେ ଗୁରୁତ୍ୱ ଦେଇ ଅଧିକ ଚାରା ରୋପଣ କରାଯାଇଥିବା ଇଞ୍ଜିନିୟର ଅଜେକ କୁମାର ପ୍ରଧାନଙ୍କ ଠାରୁ ସୂଚନା ମିଳିଛି। ପରିବେଶ ସୁରକ୍ଷା ଓ ସୁସ୍ଥ ପରିବେଶ ତିଆରି କରିବା ଉଦ୍ଦେଶ୍ୟରେ ମନନିବେଶ କରିଥିବା ଇଞ୍ଜିନିୟର ପ୍ରଧାନଙ୍କୁ ତାଙ୍କ ଏହି ମହତ୍ୱ କାର୍ଯ୍ୟରେ ଭଉଣୀ ଗୀତାଞ୍ଜଳି ପ୍ରଧାନ, ଭାଇ ଅମୀୟ କୁମାର ପ୍ରଧାନ, ସ୍ତ୍ରୀ ଅନୁରାଧା ପ୍ରଧାନ, ଗ୍ରାମର ସୁରତ ରାମ ପ୍ରଧାନ ଓ ଯୁବକମାନେ ସହଯୋଗ କରିଆସୁଛନ୍ତି।



ପର୍ବତରେ ଚାରା ରୋପଣ କରିବାକୁ ଯାଉଥିବା କ୍ଲବ ସଦସ୍ୟ।

# ଗ୍ରାମ ଉତ୍ଥାନ ସଂଶାଧନ କେନ୍ଦ୍ରରେ ପ୍ରକଳ୍ପ ଭ୍ରମଣ କାର୍ଯ୍ୟକ୍ରମ



ବନ ବନ୍ଧୁ ପରିଷଦ ରାଉରକେଲା ଚେପ୍ଟରର ମହିଳା ସମିତିର କର୍ମକର୍ତ୍ତା।

**ବଡ଼ଗାଁ,୩୦।୭( ଅଶୋକ ଷଡଙ୍ଗୀ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ଜରଙ୍ଗଲୋଇ ଗ୍ରାମସ୍ଥିତ ଗ୍ରାମ ଉତ୍ଥାନ ସଂଶାଧନ କେନ୍ଦ୍ରରେ ବନ ବନ୍ଧୁ ପରିଷଦ ରାଉରକେଲା ଚେପ୍ଟରର ମହିଳା ସମିତି ଦ୍ୱାରା ବୁଧବାର ଏକ ଦିବସୀୟ ପ୍ରକଳ୍ପ ଭ୍ରମଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହିଳା ସମିତିର ଅଧ୍ୟକ୍ଷା ସଙ୍ଗୀତା ଅଗ୍ରୱାଲଙ୍କ ନେତୃତ୍ୱରେ ସଭ୍ୟାମାନେ ବିଭିନ୍ନ ବିକାଶ ମୂଳକ କାର୍ଯ୍ୟ ଅବଲୋକନ କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ କେନ୍ଦ୍ର ପରିସରରେ ଥିବା ତ୍ରୟମ୍ବେକେଶର ଶିବ ମନ୍ଦିରରେ ପୂଜାର୍ଚ୍ଚନା କଲାପରେ ସମିତି ସଭ୍ୟାମାନେ କମ୍ପ୍ୟୁଟର ପ୍ରଶିକ୍ଷଣ କେନ୍ଦ୍ର, ସିଲେଇ ପ୍ରଶିକ୍ଷଣ କେନ୍ଦ୍ର, ଏକଲ ଅନ ହୁଇଲ ପରି ଯୋଜନା ବିଷୟରେ କହିଥିଲେ। ଏହାପରେ କେନ୍ଦ୍ର ପରିସରର ସମସ୍ତ ସ୍ଥାନ ବୁଲି ଦେଖିଥିଲେ। ସମିତି କର୍ମକର୍ତ୍ତା ଓ ସଭ୍ୟାମାନେ ଜୈବିକ ସାରରେ ଉତ୍ପାଦିତ ଧାନ, ଲେମ୍ବୁ, ଚିକୁ, ଆମ୍ବ ବାଟିକା, ଜୈବିକ ଖତ ଉତ୍ପାଦନ କେନ୍ଦ୍ର, ଜିବାମୃତ, କୀଟ ନିୟନ୍ତ୍ରକ ନିର୍ମାଣ, ଏଜୋଲା ଟେଙ୍କ, ନର୍ସରୀ ଓ ପୋଷଣ ବାଟିକା ଆଦି ବିକାଶ ମୂଳକ କାର୍ଯ୍ୟ ଗୁଡ଼ିକୁ ଦେଖି ଖୁସି ବ୍ୟକ୍ତ କରିବା ସହ ସମର୍ପିତ ପ୍ରୟାସକୁ ପ୍ରଶଂସା କରିଥିଲେ। ଗ୍ରାମ ଉତ୍ଥାନ ଯୋଜନାର କେନ୍ଦ୍ରୀୟ ସହ ଯୋଜନା ପ୍ରମୁଖ ଅର୍ଜୁନ ଶର୍ମା, ଲାଲ ମୋହନ ମହତୋ, ରାଜ୍ୟ ସଂଯୋଜକ ପଙ୍କଜ ଦାସ, ରଞ୍ଜିତ କୁମାର, ପ୍ରକଳ୍ପ ପ୍ରମୁଖ କୃତାର୍ଥ ପ୍ରଧାନଙ୍କ ସହିତ ମହିଳା ସମିତିର ୧୬ ଜଣ ସଭ୍ୟା ଯୋଗଦେଇଥିଲେ।

# ପିଏମଶ୍ରୀ ସରକାରୀ ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟରେ ଅଭିଭାବକ ବୈଠକ

**କୁତ୍ରା,୩୦।୭ (ଦେବାଶିଷ ସାହୁ)**

ଅଭିଭାବକ, ଶିକ୍ଷୟିତ୍ରୀ, ଶିକ୍ଷକ ତଥା ବିଦ୍ୟାଳୟ ପରିଚାଳନା ଓ ଉନ୍ନୟନ କମିଟି ବୈଠକ ବୁଧବାର ପିଏମଶ୍ରୀ ସରକାରୀ ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟ କୁତ୍ରାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଆଲୁମିନୀ ସଭାପତି ଶଙ୍କର ପ୍ରସାଦ ଟପ୍ପୋ, ବରିଷ୍ଠ ଶିକ୍ଷକ ଡ.ବିଭୀଷଣ ବାରିକ, ଦୀପିକା କେର୍କେଟା, ଅନୁୱର ଅହମଦ, ଅବିନାଶ କର, ଜସ୍ମିନ ମିଞ୍ଜଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ। ଏହି ଅବସରରେ ଅଧାରୁ ପାଠ ଛାଡ଼ିଥିବା ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟକୁ ଫେରାଇ ଆଣିବା, ସମସ୍ତ ଛାତ୍ରୀଛାତ୍ରଙ୍କ ପାଠପଢ଼ା ସୁନିଶ୍ଚିତ କରିବା, ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରୀଛାତ୍ରଙ୍କ ରକ୍ଷା ଓ କାର୍ଯ୍ୟରତ ମହିଳା ଶିକ୍ଷୟିତ୍ରୀ ସୁରକ୍ଷା ପ୍ରତି ନିଆଯାଇଥିବା ପଦକ୍ଷେପ, ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ଉନ୍ନତ ପରିମଳ ବ୍ୟବସ୍ଥା ଓ ବିଦ୍ୟାଳୟ ପରିସରରେ ସ୍ୱଚ୍ଛତା କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବା, ପରିବେଶ ସୁରକ୍ଷା ପାଇଁ ମା' ପାଇଁ ଗଛଟିଏ ଅଭିଯାନରେ ପ୍ରତ୍ୟେକ ଅଭିଭାବକଙ୍କୁ ସାମିଲ କରି ଗୋଟେ ଗୋଟେ ଆମ୍ବ ଚାରା ପ୍ରଦାନ, ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କ ସୁରକ୍ଷା ତଥା ପାଠପଢ଼ା ପ୍ରତି ଧ୍ୟାନ ଦେବା ପ୍ରମୁଖ ପ୍ରସଙ୍ଗ ଗୁଡ଼ିକ ଡ. ବାରିକ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମକୁ ଧୃତିସୁନ୍ଦର ସାହୁ ପରିଚାଳନା କରିଥିବା ବେଳେ ଅବିନାଶ କର ଧନ୍ୟବାଦ ଅର୍ପଣ କରିଥିଲେ।



ବୈଠକରେ ମଞ୍ଚାସୀନ ଅତିଥି।

# ଦେଢ଼ବର୍ଷ ହେଲା ଦରମା ପାଇନାହାନ୍ତି ଶିକ୍ଷୟିତ୍ରୀ

**ଟେନ୍‌ସା,୩୦।୭(ସମୀର କୁମାର ପାଢ଼ୀ)**

### ପାଉଣା ନ ମିଳିଲେ ବିଇଓ ଅଫିସରେ ଆମରଣ ଅନଶନ ଚେତାବନୀ

ସୁନ୍ଦରଗଡ଼ ଜିଲା କୋଇଡା ବ୍ଲକ କାଲାଟା ଗ୍ରାମପଞ୍ଚାୟତର କାଲାଟା ମୁଣ୍ଡା ବସ୍ତି ସରକାରୀ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ସୁପ୍ରଭା ଦେ ବକେୟା ଦରମା ଦେଢ଼ ବର୍ଷ ହେଲା ପାଇ ନାହାଁନ୍ତି। ବକେୟା ପାଉଣା ମିଳିଲେ ହୃଦ୍‌ଘାତ ପୀଡିତା ସ୍ୱାମୀଙ୍କ ଅପରେଶନ କରିବେ। ଏନେଇ ସେ କୋଇଡା ବିଇଓଙ୍କ ଠାରୁ ଆରମ୍ଭ କରି ଜିଲା ଶିକ୍ଷା ଅଧିକାରୀ, ଜିଲାପାଳଙ୍କ ପର୍ଯ୍ୟନ୍ତ ଦୌଡ଼ି ଦୌଡ଼ି ନୟାନ୍ତ ହେଲେଣି। ହେଲେ କିଛି ସୁଫଳ ମିଳିନାହିଁ। ତାଙ୍କ କହିବା ଅନୁଯାୟୀ, ଓଟିଇଟି ପରୀକ୍ଷା ଦେଇ କୋଇଡା ବ୍ଲକର ୧୩ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ପାସ କରିଥିଲେ। ୯/୧/୨୦୨୩ ଠାରୁ ସମସ୍ତେ ରେଗୁଲାର ହୋଇଥିଲେ। ୧/୨/୨୦୨୩ ଠାରୁ ସରକାରଙ୍କ ନିୟମ ଅନୁଯାୟୀ ଫୁଲ ଦରମା ପାଇଥିଲେ। ହେଲେ ୯/୧/୨୦୨୩ ଠାରୁ ୩୧/୧/୨୦୨୪ ଏକ ବର୍ଷର ବକେୟା ଦରମା ପାଇ ନ ଥିଲେ। ଗତ ୧୦/୫/୨୦୨୪ ତାରଖରେ ୧୨ଜଣ ଶିକ୍ଷୟିତ୍ରୀ ଶିକ୍ଷକ ବକେୟା ଦରମା ପାଇଥିଲେ। କିନ୍ତୁ ସୁପ୍ରଭା ଦେ ବକେୟା ଦରମା ପାଇ ନ ଥିଲେ। ଗତ ମଙ୍ଗଳବାର କୋଇଡା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଅଫିସରେ ଧାରଣାରେ ବସିବେ ବୋଲି କୋଇଡା ଥାନା ଅଧିକାରୀଙ୍କୁ ଲିଖିତ ଜଣାଇଥିଲେ ମଧ୍ୟ ସେ ତାଙ୍କ ଅଭିଯୋଗକୁ ଗ୍ରହଣ କରି ନ ଥିଲେ । ଏନେଇ କୋଇଡା ଥାନା ଅଧିକାରୀ ଜ୍ୟୋତି ରଞ୍ଜନ ପତିଙ୍କୁ ପଚାରିବାରୁ, ଜଣେ ଶିକ୍ଷୟିତ୍ରୀ ଆସିଥିଲେ। ଆମେ ବିଇଓଙ୍କୁ ଥାନାକୁ ଡକାଇ ଆଲୋଚନା କରିଛୁ। ଖୁବ ଶୀଘ୍ର ତାଙ୍କ ପଇସା ପାଇବେ ବୋଲି କହିଥିଲେ। କୋଇଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଭିମନ୍ୟୁ ବେହେରାଙ୍କୁ ପଚାରିବାରୁ, ଆମ ଅଫିସର ଜଣେ କିରାଣୀ ସୁପ୍ରଭାଙ୍କ ଟଙ୍କା ଉଠାଇ ନେଇଛନ୍ତି। ଆମେ ତାଙ୍କ ନାଁରେ କୋଇଡା ଥାନାରେ ଅଭିଯୋଗ କରିଥିଲୁ। ପୋଲିସ ମଧ୍ୟ ତାଙ୍କୁ ଗିରଫ କରିଥିଲା। ଏବେ ସେ କିରାଣୀ ଚାକିରୀରୁ ସସପେଣ୍ଡ ହୋଇଛନ୍ତି। ସୁପ୍ରଭା କେମିତି ତାଙ୍କ ଟଙ୍କା ପାଇବେ ସେ ନେଇ ଚେଷ୍ଟା କରୁଛୁ ବୋଲି କହିଛନ୍ତି। ଏଠାରେ ପ୍ରଶ୍ନ ଉଠେ ଯେ, ଉପରସ୍ତ ଅଧିକାରୀଙ୍କ ବିନା ଦସ୍ତଖତରେ ଜଣେ କିରାଣୀ କିପରି ଟଙ୍କା ଉଠାଇ ପାରିବେ। ସୁପ୍ରଭା ଅଭିଯୋଗ କରିଥିବା ଜିଲାପାଳ ମନୋଜ ସତ୍ୟବାନ ମହାଜନ ଓ ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାତ ପ୍ରଧାନ ବଦଳି ହୋଇ ଗଲେଣ। ଏବେ ନୂଆ କରି ଆସିଥିବା ଜିଲାପାଳ ଓ ଜିଲା ଶିକ୍ଷା ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଇ ସୁପ୍ରଭାଙ୍କୁ ତୁରନ୍ତ ତାଙ୍କ ବକେୟା ଦରମା ଦେବାକୁ ଦାବି ହେଉଛି। ଯଦି ତୁରନ୍ତ ତାଙ୍କୁ ବକେୟା ୪ ଲକ୍ଷ ଟଙ୍କା ନ ମିଳେ ତେବେ ସେ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଅଫିସରେ ଆମରଣ ଅନସନ କରିବେ ବୋଲି ସୁପ୍ରଭା ଚେତାବନୀ ଦେଇଛନ୍ତି।

# ବିଶ୍ୱ ଦରବାରରେ ପହଞ୍ଚିବ ସମ୍ବଲପୁରୀ ଭାଷା, ସଂସ୍କୃତି

**ସମ୍ବଲପୁର,୩୦।୭(ବି.ଶଙ୍କର)**




ଖବରଦାତା ସମ୍ମିଳନୀରେ ଆୟୋଜକ ସମ୍ବଲପୁରୀ ଏକତା ମଞ୍ଚ ସଭାପତି ସମୀର ରଞ୍ଜନ ବାବୁ ସୂଚନା ଦେଉଛନ୍ତି।

ସମ୍ବଲପୁରୀ ଦିନ୍ ଉତ୍ସବ ଗୋଟିଏ ଦିନ ପରେ ସମ୍ବଲପୁର ଗଙ୍ଗାଧର ମୁକ୍ତ ମଣ୍ଡପରେ ପାଳିତ ହେବ। ଏଥି ସକାଶେ ସମସ୍ତ ପ୍ରକାଶ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ସୁସଜ୍ଜିତ ମଣ୍ଡପ ସମ୍ବଲପୁରୀ କଳାକାର, କବି, ସାହିତ୍ୟିକ, ଗବେଷକ, ଅତିଥି ଓ ସମ୍ବର୍ଦ୍ଧିତ ହେବାକୁ ଥିବା ପ୍ରତିଭା ଏବଂ ସମ୍ବଲପୁରୀ ପ୍ରେମୀଙ୍କ ଅପେକ୍ଷାରେ ରହିଛି। ବୁଧବାର ଅପରାହ୍ନ ୫ଟାରେ ସମ୍ବଲପୁର ଜିଲା ସାମ୍ବାଦିକ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଆୟୋଜକ ସମ୍ବଲପୁରୀ ଏକତା ମଞ୍ଚ ସଭାପତି ସମୀର ରଞ୍ଜନ ବାବୁ ଏହା କହିଛନ୍ତି। ସେ କହିଥିଲେ, ସମ୍ବଲପୁର ଅଞ୍ଚଳର ଭାଷା, ସଂସ୍କୃତି, ଐତିହ୍ୟ, ପରମ୍ପରା, ପୋଷାକ, ଖାଦ୍ୟ, ନୃତ୍ୟ, ଗୀତ ଓ ବାଦ୍ୟକୁ ବିଶ୍ୱ ଦରବାରରେ ପହଞ୍ଚାଇବା ଲକ୍ଷ୍ୟ ନେଇ ସମ୍ବଲପୁର ଦିନର ପରିକଳ୍ପନା କରାଯାଇଛି। ତେଣୁ ସମ୍ବଲପୁରୀ ଭାଷା ଓ ସାହିତ୍ୟିକ ଋଦ୍ଧିମନ୍ତ କରିବା ନେଇ ବିବିଧ କାର୍ଯ୍ୟକ୍ରମ କରିବାକୁ ସ୍ଥିରକୃତ ହୋଇଛି। ଏହିକ୍ରମରେ ୩୧ ତାରିଖ ପୂର୍ବାହ୍ନ ୧୦ଟାରେ ସମ୍ବଲପୁରୀ ସଂସ୍କୃତି ଓ ପରମ୍ପରା ଶୀର୍ଷକ ଝୋଟି ପ୍ରତିଯୋଗୀତା ହେବ। ଏଥିସହ ସମ୍ବଲପୁରୀ ପୋଷାକର ଫେଶନ ଶୋ ହେବା ସହ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ଏବଂ ସାଂସ୍କୃତିକ ଅନୁଷ୍ଠାନର କଳାକାରମାନେ ସମ୍ବଲପୁରୀ ନୃତ୍ୟ, ଗୀତ ଓ ବାଦ୍ୟ ପରିବେଷଣ କରିବେ। ସେହିପରି ଅଗଷ୍ଟ ୧ ତାରିଖ ସମ୍ବଲପୁରୀ ଦିନରେ ସଂସ୍କୃତି ଓ ପରମ୍ପରାଭିତ୍ତିରେ ନୃତ୍ୟ ଓ ଗୀତ ପରିବେଶିତ ହେବ। ଏହି ମୁଖ୍ୟ ଉତ୍ସବରେ ରାଜ୍ୟର ବିଭିନ୍ନ ବିଭାଗୀୟ ମନ୍ତ୍ରୀଙ୍କ ସମେତ ବିଧାୟକମାନେ ସାମିଲ ହୋଇ ସମ୍ବଲପୁରୀ ପ୍ରେମୀଙ୍କୁ ଉତ୍ସାହିତ କରିବା କାର୍ଯ୍ୟକ୍ରମ ରହିଛି। ସମ୍ବଲପୁର ଭାଷା, ସଂସ୍କୃତି, ନାଟକ, କଳା କ୍ଷେତ୍ରରେ ଉଲେଖନୀୟ ଅବଦାନ ସକାଶେ ନୃତ୍ୟଶିଳ୍ପୀ ଜ୍ୟୋସ୍ନାମୟୀ ମିଶ୍ର (୮୦ ବର୍ଷ), ନାଟ୍ୟକାର ଗଦାଧର ବାରିକ, ଯୁବ କଳାକାର ରୋସନ ଭରଦ୍ୱାଜ ଓ ମୁନିଆ ପାଣିଗ୍ରାହୀ ଏବଂ ଶିଶୁ କଳାକାର ଭବ୍ୟାଭାରତ ଦାଶଙ୍କୁ ସମ୍ବଲପୁରୀ ସମ୍ମାନ-୨୦୨୫ରେ ସମ୍ମାନୀତ କରାଯିବ। ଅପରପକ୍ଷେ ସମ୍ବଲପୁରୀ ଭାଷାର ଗୌରବ ଗୁରୁ ସତ୍ୟନାରାୟଣ ବହିଦାରଙ୍କ କମଲିବଜାରସ୍ଥିତ ସାଧନା ଗୃହକୁ ସମ୍ବଲପୁରୀ ସଂଗ୍ରହାଳୟ କରିବାକୁ ଜିଲା ପ୍ରଶାସନ ଏବଂ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ସଭାପତି ବାବୁ କହିଛନ୍ତି।

ଖବରଦାତା ସମ୍ମିଳନୀରେ ସମ୍ପାଦକ ସୂର୍ଯ୍ୟ ପ୍ରକାଶ ଗୁରୁ, ସାହିତ୍ୟିକ ଆବାହକ କମଳ ଲୋକଚନ ପଣ୍ଡା, ଆର୍ଟ ଆଣ୍ଡ କ୍ରାଫ୍ଟ ଆବାହକ ମନୋଜ ଚୌଧୁରୀ, ସଂଗୀତ ଉପଦେଷ୍ଟା ତ୍ରିଲୋଚନ ତ୍ରିପାଠୀ, ଆବାହକ ଡାକ୍ତର ସଞ୍ଜିବ କୁମାର ମିଶ୍ର, ସାଂସ୍କୃତିକ ଆବାହକ ଅମିତ କୁମାର ପତି, ଉପସଭାପତି ନନ୍ଦକିଶୋର ସାହୁ, ଯୁଗ୍ମସଂପାଦକ ଅରୁଣ ଦାଶ ଓ ବିନୟରାମ ଗୋପାଳ ଅଗ୍ରୱାଲ, କୋଷାଧ୍ୟକ୍ଷ ରାଜୀବ ଲୋଚନ ସାହୁ, ସୌମ୍ୟଜିତ ପଟ୍ଟନାୟକ, ଧରଣୀଧର ନାଥ, ରାଜକୁମାର ଜାଲ, ମୋହନ ଦାଶ, ସୌମିକ ବାବୁ ଉପସ୍ଥିତ ରହି ସମ୍ବଲପୁରୀ ଦିନ ବିଷୟରେ ସୂଚିତ କରିଥିଲେ।

### ଦିନକ ପରେ ସମ୍ବଲପୁରୀ ଦିନ୍

## ଚଳିତବର୍ଷ ଦୁଇଦିନ ହେବ ସମ୍ବଲପୁରୀ ଦିନ୍

**ସମ୍ବଲପୁର,୩୦।୭(ଭବାନୀ ଶଙ୍କର ଭୋଇ)**

### ସମ୍ବଲପୁରୀ ଦିନ୍ ପାଇଁ ପଶ୍ଚିମାଞ୍ଚଳ ଏକତା ମଞ୍ଚର ପ୍ରସ୍ତୁତି ଚୂଡ଼ାନ୍ତ

ସମ୍ବଲପୁରୀ ଭାଷା ସଂସ୍କୃତିର ପ୍ରଚାରକ ଗୁରୁ ସତ୍ୟନାରାୟଣ ବହିଦାରଙ୍କ ଜନ୍ମଦିନ ଅଗଷ୍ଟ ୧ ତାରିଖରେ ସମ୍ବଲପୁର ଦିନ୍‌ଭାବେ ପାଳନ କରାଯାଇଥାଏ। ହେଲେ ଚଳିତ ବର୍ଷ ସମ୍ବଲପୁରରେ ଦୁଇ ଦିନିଆ ରାଜ୍ୟସ୍ତରୀୟ ସମ୍ବଲପୁରୀ ଦିନ୍ କାର୍ଯ୍ୟକ୍ରମ ଆୟୋଜନ ପାଇଁ ବୁଧବାର ପ୍ରସ୍ତୁତି ବୈଠକରେ ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ସୂଚନା ଦିଆଯାଇଛି। ସମ୍ବଲପୁରୀ କବିତା ପାଠ କାର୍ଯ୍ୟକ୍ରମ ଜୁଲାଇ ୩୧ରେ ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଡେରାରେ ହେବା ନେଇ ସ୍ଥିର କରାଯାଇଥିବା ପଶ୍ଚିମାଞ୍ଚଳ ଲେଖକ ମଞ୍ଚର ସଂଯୋଜକ ଡ. ସ୍ୱୟଂ ପ୍ରକାଶ ପଣ୍ଡା କହିଛନ୍ତି। ୭୫ଜଣ କବିଙ୍କୁ ସମ୍ବଲପୁରୀ କବିତା ପାଠ ପାଇଁ ପଞ୍ଜୀକୃତ କରାଯାଇଥିବା ଡ. ପଣ୍ଡା ସୂଚନା ଦେଇଛନ୍ତି। ୩୧ ସନ୍ଧ୍ୟାରେ ୨୧ଟି ସାଂସ୍କୃତିକ ଦଳ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିବା ନେଇ ସାଂସ୍କୃତିକ ସଂଯୋଗ ଦଶରଥ ମେହେର ବୈଠକରେ ସୂଚନା ଦେଇଥିଲେ। ତେବେ ଅଗଷ୍ଟ ୧ ତାରିଖରେ ହେବାକୁ ଥିବା ରାଜ୍ୟସ୍ତରୀୟ ସମ୍ବଲପୁରୀ ଦିନ୍ କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଭାବେ ନିମନ୍ତ୍ରିତ ସାଂସ୍କୃତିକ ଦଳଗୁଡ଼ିକୁ ସୁଯୋଗ ଦିଆଯିବା ନେଇ ଅନ୍ୟତମ ସାଂସ୍କୃତିକ ସଂଯୋଜକ ଗୁରୁ କୃଷ୍ଣଚନ୍ଦ୍ର ବାଗ ସୂଚନା ଦେଇଛନ୍ତି। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ରାଜ୍ୟସ୍ତରୀୟ ସମ୍ବଲପୁରୀ ଦିନ୍ କାର୍ଯ୍ୟକ୍ରମରେ ଯୋଗଦେବାକୁ ସହମତି ପ୍ରକାଶ କରିଥିବା ସମ୍ବଲପୁରୀ ଦିନ୍‌ର ସଂଯୋଜକ ଡ. ପ୍ରମୋଦ ରଥ ସୂଚନା ଦେଇଛନ୍ତି। ଚଳିତବର୍ଷ ପାଇଁ ସମ୍ବଲପୁରୀ ନାଟକର ମହାନାୟକ ସୁରେନ୍ଦ୍ର ବୀର ଭୁବନ ଭୋଇଙ୍କୁ ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଜାତୀୟ ସମ୍ମାନ ପ୍ରଦାନ ନିମନ୍ତେ ସ୍ଥିର କରାଯାଇଛି। ଦୁଇଦିନ ଧରି ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଡେରାରେ ବିଭିନ୍ନ ରକମର ସମ୍ବଲପୁରୀ ଖାଦ୍ୟ ଏବଂ କପଡାର ଷ୍ଟଲ ବ୍ୟବସ୍ଥା କରାଯିବା ନେଇ ବୈଠକରେ ସଂଯୋଜକ ନିଶିକାନ୍ତ ବିଶ୍ୱାଳ ସୂଚନା ଦେଇଥିଲେ। ବୈଠକରେ ପଶ୍ଚିମାଞ୍ଚଳ ଏକତା ମଞ୍ଚ, ନାରୀଶକ୍ତି, ପଶ୍ଚିମାଞ୍ଚଳ ଲେଖକ ମଞ୍ଚ ଏବଂ ପଶ୍ଚିମାଞ୍ଚଳ ଯୁବମଞ୍ଚ ସଦସ୍ୟମାନେ ଉପସ୍ଥିତ ଥିଲେ।

### ସଂକ୍ଷେପରେ

## ଟ୍ରାକ୍ଟର ଚାପାରେ ଦ୍ୱିତୀୟ ଶ୍ରେଣୀ ଛାତ୍ରୀଙ୍କ ମୃତ୍ୟୁ

### ଉତ୍ତେଜନା, ମୃତଦେହ ରଖି ରାସ୍ତା ଅବରୋଧ

**ସମ୍ବଲପୁର,୩୦।୭(ପ୍ରମୋଦ ବହିଦାର)**

ସ୍କୁଲ ସମ୍ମୁଖରେ ଟ୍ରାକ୍ଟର ଚାପାରେ ଜଣେ ଛାତ୍ରୀଙ୍କ ମୃତ୍ୟୁ ଘଟିଛି। ମୃତା ବୁର୍ଲା ଥାନା ଅନ୍ତର୍ଗତ କୁଦଆମଲିପାଲି ପ୍ରାଥମିକ ସ୍କୁଲର ଦ୍ୱିତୀୟ ଶ୍ରେଣୀ ଛାତ୍ରୀ ମେହକ ସୁନା(୭)। ଛାତ୍ରୀ ଜଣକ ପାଠ ପଢ଼ିବାକୁ ସ୍କୁଲ ଯାଇଥିଲେ। ବୁଧବାର ସ୍କୁଲ ସମ୍ମୁଖ ଦେଇ ଏକ ଟ୍ରାକ୍ଟର ଯାଉଥିବା ବେଳେ ରାସ୍ତାରେ ଥିବା ମେହକଙ୍କ ଉପରେ ଟ୍ରାକ୍ଟର ମାଡି ଯାଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଭିମସାର ନେଇଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଛାତ୍ରୀଙ୍କ ମୃତ୍ୟୁକୁ ନେଇ ସ୍କୁଲ ସମ୍ମୁଖରେ ଉତ୍ତେଜନା ପ୍ରକାଶ ପାଇଥିଲା। ଭୀମ ଆର୍ମିର ରାଜ୍ୟ ସଭାପତି ଲଙ୍କେଶ ରାବଣଙ୍କ ସମେତ ବହୁ ସଂଖ୍ୟାରେ ସ୍ଥାନୀୟ ଲୋକ ମୃତାଙ୍କ ପରିବାରକୁ କ୍ଷତିପୂରଣ ଦାବି କରି ରାସ୍ତାରେ ମୃତଦେହ ରଖି ଅବରୋଧ କରିଥିଲେ। ତାଙ୍କ ମାତାପିତା ଦିନ ମଜୁରିଆ ଭାବେ କାମ କରନ୍ତି। ଅନ୍ୟ ଝିଅଟି ଦିବ୍ୟାଙ୍ଗ ହୋଇଥିବାରୁ ତାଙ୍କର ସମସ୍ତ କଥା ବୁଝିବା ସହ ପାଠ ପଢା ଦାୟିତ୍ୱ ପ୍ରଶାସନ ଗ୍ରହଣ କରୁ ବୋଲି ଦାବି କରିଥିଲେ। ସନ୍ଧ୍ୟାରେ ରେଡକ୍ରସ ପକ୍ଷରୁ ୩୦ହଜାର ଟଙ୍କାର ସହାୟତା ଯୋଗାଇ ଦିଆଯାଇ ପରିବାରର ଅନ୍ୟାନ୍ୟ ସୁବିଧା ପାଇଁ ବିଚାର କରିବାକୁ ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦିଆଯିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ବୁର୍ଲା ପୋଲିସ ଚାଳକଙ୍କୁ ଗିରଫ କରିବା ସହ ଟ୍ରାକ୍ଟର ଜବତ କରିଛି। ଜିଲା ଶିକ୍ଷାଅଧିକାରୀ ଘଟଣାର ତଦନ୍ତ କରି ସ୍କୁଲ କର୍ତ୍ତୃପକ୍ଷଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

## ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପ୍ରବେଶ ଉତ୍ସବ

**ସମ୍ବଲପୁର,୩୦।୭(ବି.ଶଙ୍କର)**

ଯୁକ୍ତ ୨ ପ୍ରଥମ ପର୍ଯ୍ୟାୟ ନାମଲେଖା ପରେ ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟରେ ପାଠପଢା ଆରମ୍ଭ ହୋଇଛି। ବୁଧବାର ନବାଗତା ଛାତ୍ରୀଙ୍କ ପାଇଁ ପ୍ରବେଶ ଉତ୍ସବ ଆୟୋଜିତ ହୋଇଥିଲା। ଅଧ୍ୟକ୍ଷା ପ୍ରଫେସର କଳ୍ପନା ମେହେର ଏଥିରେ ସଭାପତିତ୍ୱ କରିଥିଲେ। ଜାତୀୟ ସେବା ସଂସ୍ଥା, ଯୁବ ରେଡକ୍ରସ ସମିତି, ବିଭିନ୍ନ ପ୍ରକାରର ଛାତ୍ରବୃତ୍ତି, ପୁସ୍ତକାଳୟ, ଶିକ୍ଷାଜ୍ୟୋତି ପୋର୍ଟାଲ, ଜେଇ ଏବଂ ନିଟ୍ କୋଚିଂ, ରାଣୀ ଲକ୍ଷ୍ମୀବାଈ ଆତ୍ମରକ୍ଷା ତାଲିମ ଭଳି ଛାତ୍ରୀ ସହାୟକ ସଂସ୍ଥାଗୁଡ଼ିକର ଅଧିକାରୀମାନେ ସମ୍ୟକ ସୂଚନା ଦେଇଥିଲେ। ଛାତ୍ରୀ ଏବଂ ଅଧ୍ୟାପିକା ଓ ଅଧ୍ୟାପକମାନେ ସ୍ୱପରିଚୟ ପ୍ରଦାନ କରିଥିଲେ। ପ୍ରଶାସନିକ ଅଧିକାରୀ ପ୍ରଫେସର ଯୋଗେଶ ଚନ୍ଦ୍ର ଭୋଇ ମହାବିଦ୍ୟାଳୟର ଗୌରବାବହ ଐତିହ୍ୟ ଓ ପରମ୍ପରା ସମ୍ପର୍କରେ ଆଲୋଚନା କରିଥିଲେ। ମାତାପିତା ଓ ଗୁରୁଜନଙ୍କୁ ଶ୍ରଦ୍ଧା, ଭକ୍ତି ବିନୟପୂର୍ଣ୍ଣ ବ୍ୟବହାର ସହ ମୋବାଇଲ ବ୍ୟବହାରକୁ ନିୟନ୍ତ୍ରଣରେ ରଖି ପାରିଲେ ସଫଳତା ଆଦୌ ଦୂର ନୁହଁ ବୋଲି କହିଥିଲେ। ଏକାଡେମିକ ଅଧିକାରୀ ପ୍ରଫେସର ମଧୁସ୍ମିତା ବିଶ୍ୱାଳ ଧନ୍ୟବାଦ ପ୍ରଦାନ କରିଥିଲେ। ଉପଅଧିକାରୀ ପ୍ରଫେସର ପୁରୁଷୋତ୍ତମ କୁମ୍ଭ ମଞ୍ଚାସୀନ ଥିଲେ। ଉତ୍ସବରେ ଅନୁଷ୍ଠାନର ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀଙ୍କ ସହିତ ନବାଗତ ଛାତ୍ରୀମାନେ ଉପସ୍ଥିତ ଥିଲେ।

# ବିଦ୍ୟୁତ୍ ବିଲ୍ ସଂଶୋଧନ ଶିବିର



ଟିପିଡବ୍ଲ୍ୟୁଓଡିଏଲ ଆୟୋଜିତ ଶିବିରରେ ବିଭାଗୀୟ ଅଧିକାରୀ ଓ ଅନ୍ୟମାନେ।

**ସମ୍ବଲପୁର,୩୦।୭(ବି.ଶଙ୍କର)**

### ଉପକୃତ ହେଲେ ୪ ହଜାରରୁ ଉର୍ଦ୍ଧ୍ୱ ଉପଭୋକ୍ତା

ଟାଟା ପାୱାର ୱେଷ୍ଟର୍ନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିଡବ୍ଲ୍ୟୁଓଡିଏଲ) ପକ୍ଷରୁ ବିଦ୍ୟୁତ୍ ବିଲ ସଂଶୋଧନ ଶିବିର ଆୟୋଜିତ ହୋଇଯାଇଛି। ଟିପିଡବ୍ଲ୍ୟୁଓଡିଏଲର ସମସ୍ତ ସେକ୍ସନ, ସବ୍‌ଡିଭିଜନ ଏବଂ ଡିଭିଜନ ଅଫିସଗୁଡ଼ିକରେ ଶିବିର ହୋଇଥିଲା। ସମଗ୍ର ପଶ୍ଚିମ ଓଡ଼ିଶାର ଉପଭୋକ୍ତାଙ୍କ ବିବାଦୀୟ ବିଦ୍ୟୁତ୍ ବିଲ୍‌ର ତୁରନ୍ତ ସମାଧାନ ସୁନିଶ୍ଚିତ କରିବା ଏହି ଶିବିରର ମୁଖ୍ୟ ଲକ୍ଷ୍ୟ ରହିଥିଲା ବୋଲି ବୁର୍ଲା ସ୍ଥିତ ଟିପିଡବ୍ଲ୍ୟୁଓଡିଏଲ କର୍ପୋରେଟ୍ କାର୍ଯ୍ୟାଳୟ ଯୋଗାଯୋଗ ଏବଂ ସରକାରୀ ସମ୍ପର୍କ ମୁଖ୍ୟ ବିଭାଗ ପକ୍ଷରୁ ସୂଚିତ କରାଯାଇଛି। ଏହି ତିନିଦିନିଆ ଶିବିରରେ ପଶ୍ଚିମ ଓଡ଼ିଶାର ସମସ୍ତ ୯ଟି ଜିଲାରୁ ମୋଟ୍ ୪,୦୦୨ ଜଣ ବିଦ୍ୟୁତ୍ ଉପଭୋକ୍ତା ଅଂଶଗ୍ରହଣ କରିଥିଲେ। ଏଥିମଧ୍ୟରୁ ୧,୨୩୪ ଉପଭୋକ୍ତାଙ୍କ ବିବାଦୀୟ ବିଲ ତୁରନ୍ତ ସମାଧାନ କରାଯାଇଥିଲା। ଏଥି ସହିତ ୨,୭୬୮ ଜଣ ଉପଭୋକ୍ତାଙ୍କର ବିଲ୍ ସମ୍ବନ୍ଧୀୟ ପ୍ରଶ୍ନର ତଦନ୍ତ କରିବା ପରେ ସେମାନଙ୍କ ବିଲରେ ଥିବା ତ୍ରୁଟି ସମାଧାନ କରାଯାଇଥିଲା। ସେହିପରି ଟିପିଡବ୍ଲ୍ୟୁଓଡିଏଲ ପକ୍ଷରୁ ଏହାର ସମ୍ବଲପୁର ପୂର୍ବ ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ ଭୁତାପଡ଼ାଠାରେ ଗତ ଜୁଲାଇ ୨୫ରେ ଏକ ଗ୍ରାହକ ଅଭିଯୋଗ ସମାଧାନ ଶିବିର ଆୟୋଜନ କରାଯାଇଥିଲା। ଯେଉଁଠାରେ ଉପଭୋକ୍ତାଙ୍କ ବିବାଦୀୟ ବିଲ ଏବଂ ଦୀର୍ଘଦିନର ଧରି ପଡ଼ି ରହିଥିବା ବିଦ୍ୟୁତ ସଂଯୋଗ ସମ୍ବନ୍ଧୀୟ ଅଭିଯୋଗର ତ୍ୱରିତ ନିରାକରଣ କରାଯାଇଥିଲା।

## ଚାଷୀ ସଚେତନ ହେଲେ ଆର୍ଥିକ ଉନ୍ନତି ହେବ

### ଲରିଆପାଲିରେ ମଞ୍ଜି ବଣ୍ଟନ କାର୍ଯ୍ୟକ୍ରମ

**କୁଚିଣ୍ଡା,୩୦।୭(ବିରଞ୍ଚି ଝର୍କା)**

ସମ୍ବଲପୁର ଜିଲ୍ଲା ବାମରା ବ୍ଲକ ଲରିଆପାଲିଠାରେ ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ଯୋଜନା ମାଧ୍ୟମରେ ମଙ୍ଗଳବାର ଆଇଟିଡିଏ(ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା)ପକ୍ଷରୁ ହିତାଧିକାରୀଙ୍କୁ ଖରିଫ ଫସଲ ଚାଷ ପାଇଁ ପାଇଁ ଉନ୍ନତ କିସମର ମଞ୍ଜି, ଜୈବିକ ସାର ଓ କୀଟନାଶକ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ହେମସାଗର ଭୋଇଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ବଣ୍ଟନ ଓ ସଚେତନତା କାର୍ଯ୍ୟକ୍ରମରେ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବିନାରାୟଣ ନାଏକ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସେ ତାଙ୍କ ବକ୍ତବ୍ୟରେ ଜନଜାତି ବର୍ଗଙ୍କୁ ସ୍ୱାବଲମ୍ବୀ କରିବା ଲକ୍ଷ୍ୟରେ ସରକାର ଜନଜାତି ଜୀବିକା ମିଶନ ଯୋଜନାରେ ଏହି କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ତେଣୁ ଏହାର ଉପଯୋଗ କରି ଆର୍ଥିକ ଉନ୍ନତି କରିବାକୁ ସେ ଜନସାଧାରଣଙ୍କୁ କହିଥିଲେ। ଏଥିରେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଉପଜିଲାପାଳ ଗୌରବମୟ ପ୍ରଧାନ, ବାମରା ବ୍ଲକ ଅଧ୍ୟକ୍ଷା ପିଙ୍କି ଧୁରୁଆ, ଲରିଆପାଲି ସରପଞ୍ଚ ସୁନିତା ଲାକ୍ରା, କବରିବାହାଲ ସରପଞ୍ଚ ଭାଗିନ୍ଦ୍ର କିଷାନ, ସମିତି ସଭ୍ୟ ଶୁକ୍ରୁ କୁଜୁର ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଆଇଟିଡିଏ ପ୍ରକଳ୍ପ ପରିଚାଳିକା ସ୍ନେହପ୍ରଭା ସାହୁ ସଭା ପରିଚାଳନା କରିଥିଲେ। ଏହି ଅବସରରେ ଅତିଥିମାନେ ୭୦ଜଣଙ୍କୁ ବାଦାମ ମଞ୍ଜି, ୩୦ ଜଣଙ୍କୁ ଟମାଟୋ, ୬୦ ଜଣଙ୍କୁ ଲଙ୍କା, ୫୦ ଜଣଙ୍କୁ ଝୁଡୁଙ୍ଗ ଓ ୩୦ ଜଣଙ୍କୁ ଭେଣ୍ଡି ମଞ୍ଜି ଏଭଳି ୨୫୦ଜଣ ମହିଳା ଓ ପୁରୁଷ ହିତାଧିକାରୀଙ୍କୁ ମଞ୍ଜି, ଜୈବିକ ସାର, କୀଟନାଶକ ପ୍ରଦାନ କରିଥିଲେ।

# ନାକଟିଦେଉଳ ବ୍ଲକକୁ ମିଳିଲା ସମ୍ପୂର୍ଣ୍ଣତା ଅଭିଯାନ ସମ୍ମାନ



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମ୍ମାନିତ କରୁଛନ୍ତି।

**ନାକଟିଦେଉଳ,୩୦।୭(ବୈକୁଣ୍ଠନାଥ ସାହୁ)**

ଆକାଂକ୍ଷୀ ଜିଲା ଓ ଆକାଂକ୍ଷୀ ବ୍ଲକ କାର୍ଯ୍ୟକ୍ରମ ଅଧୀନରେ ସମ୍ପୂର୍ଣ୍ଣତା ଅଭିଯାନ ସମ୍ମାନ ପାଇଛି ସମ୍ବଲପୁର ଜିଲାର ନାକଟିଦେଉଳ ବ୍ଲକ। ୬ଟି ମୁଖ୍ୟ ସୂଚକାଙ୍କ ମଧ୍ୟରୁ ୩ଟିରେ ପରିପୂର୍ଣ୍ଣତା ଆଣି ଏହି ବ୍ଲକ ତାମ୍ରଫଳକ ସମ୍ମାନରେ ସମ୍ମାନିତ ହୋଇଛି। ମଙ୍ଗଳବାର ଭୁବନେଶ୍ୱରଠାରେ ଏକ ସମ୍ମାନ ସମାରୋହ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ଏହି ପୁରସ୍କାର ପ୍ରଦାନ କରିଛନ୍ତି। ଏହି ଅବସରରେ ସମ୍ବଲପୁର ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ପାତ୍ର, ଡେପୁଟି ଡାଇରେକ୍ଟର ପ୍ରକାଶ ଚନ୍ଦ୍ର ଦେଓ, ଏବିଏଫ କୃଷ୍ଣଚନ୍ଦ୍ର ପଣ୍ଡା, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଅମୂଲ୍ୟରତ୍ନ ମହନ୍ତ, ସିଡିପିଓ ରେବତୀ ବେହେରାଙ୍କ ସମେତ ବ୍ଲକର ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ହୀରାକୁଦ ଜଳଭଣ୍ଡାର: ବନ୍ଦ ହେଲା ଆଉ ୬ ଗେଟ୍

**ସମ୍ବଲପୁର,୩୦।୭(ପ୍ରମୋଦ ବହିଦାର)**

### ୧୨ଟି ସ୍ଲୁଇସ୍ ଗେଟ୍‌ରେ ବନ୍ୟାଜଳ ନିଷ୍କାସନ

ଉପରମୁଣ୍ଡାରେ ବର୍ଷା ହ୍ରାସ ପାଇବାରୁ ହୀରାକୁଦ ଜଳଭଣ୍ଡାରକୁ ବନ୍ୟାଜଳ ପ୍ରବେଶ ପରିମାଣ ହ୍ରାସ ପାଇଛି। ବୁଧବାର ଜଳଭଣ୍ଡାରର ଆହୁରି ୬ଟି ସ୍ଲୁଇସ୍ ଗେଟ୍‌କୁ ବନ୍ଦ କରି ଦିଆଯାଇ ବର୍ତ୍ତମାନ ମୋଟ ୧୨ଟି ଗେଟ୍ ଜରିଆରେ ଅତିରିକ୍ତ ବନ୍ୟାଜଳ ନିଷ୍କାସନ କରାଯାଉଛି। ରାତି ସାଢ଼େ ୯ଟା ସୁଦ୍ଧା ହସ୍ତଗତ ହୋଇଥିବା ଖବର ଅନୁସାରେ ହୀରାକୁଦ ଜଳଭଣ୍ଡାରର ଜଳପତ୍ତନ ୬୨୧.୫୮ ଫୁଟ୍ ରହିଛି। ଏହି ସମୟରେ ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ହାରାହାରି ୧ ଲକ୍ଷ ୩୫ ହଜାର ୧୪୩ ଘନଫୁଟ୍ ଜଳ ପ୍ରବେଶ କରୁଥିବା ବେଳେ ପ୍ରତି ସେକେଣ୍ଡରେ ହାରାହାରି ମୋଟ ୨ ଲକ୍ଷ ୧୯ ହଜାର ୩୯୯ ଘନଫୁଟ୍ ଅତିରିକ୍ତ ବନ୍ୟାଜଳ ନିଷ୍କାସିତ ହେଉଛି। ସେଥିମଧ୍ୟରୁ ବାମପାର୍ଶ୍ୱର ୮ ଓ ଦକ୍ଷିଣ ପାର୍ଶ୍ୱସ୍ଥ ୪ ଟି ମିଶି ମୋଟ୍ ୧୨ଟି ସ୍ଲୁଇସ୍ ଗେଟ୍ ମାଧ୍ୟମରେ ମହାନଦୀକୁ ପ୍ରତି ସେକେଣ୍ଡରେ ହାରାହାରି ୧ ଲକ୍ଷ ୮୦ ହଜାର ୦୬୦ ଘନଫୁଟ୍ ଜଳ ନିଷ୍କାସିତ ହେଉଛି। ସେହିପରି ଶକ୍ତି ଉତ୍ପାଦନ ପାଇଁ ପାୱାର ଚ୍ୟାନେଲରେ ୩୫,୩୨୯ ଘନଫୁଟ୍, ଶିଳ୍ପସଂସ୍ଥା ପାଇଁ ୨୩୪ ଘନଫୁଟ୍ ଏବଂ ଜଳ ସେଚନ ପାଇଁ ବରଗଡ଼ କେନାଲରେ ୩୦୫୮, ଶାସନ କେନାଲରେ ୬୩୦ ଓ ସମ୍ବଲପୁର କେନାଲରେ ୮୮ ଘନଫୁଟ୍ ଜଳ ମିଶି ମୋଟ୍ ୩୭୭୬ ଘନଫୁଟ୍ ଜଳ ନିଷ୍କାସନ କରାଯାଉଛି। ସେହିପରି ଜଳଭଣ୍ଡାର ପାଣିପାଗ ନିମନ୍ତ୍ରଣ କକ୍ଷ ସୂଚନା ଅନୁସାରେ ଗତ ୨୪ ଘଣ୍ଟା ମଧ୍ୟରେ ଉପରମୁଣ୍ଡରେ ୪.୮୦ ମିଲିମିଟର ଓ ତଳମୁଣ୍ଡରେ ୧୧.୨୩ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

# ଏସ୍‌ଏମ୍‌ସି ଆୟୁକ୍ତଙ୍କୁ ଭେଟିଲା ଅଟୋ ଚାଳକ ସଂଘ

**ସମ୍ବଲପୁର,୩୦।୭(ବି.ଶଙ୍କର)**

ସମ୍ବଲପୁର ଅଇଁଠାପାଲି ବସ୍ ଟର୍ମିନାଲସ୍ଥିତ ଅଟୋଷ୍ଟାଣ୍ଡରେ ବିବିଧ ସମସ୍ୟା ଲାଗି ରହିଛି। ସମସ୍ୟାଗୁଡ଼ିକର ଯଥାଶୀଘ୍ର ସମାଧାନ କରିବାକୁ ବୀର ସୁରେନ୍ଦ୍ର ସାଏ(ଭିଏସ୍‌ଏସ) ଅଟୋ ଚାଳକ ସଂଘ ଦାବି କରିଛି। ଏନେଇ ବୁଧବାର ସଂଘର ପ୍ରତିନିଧି ମଣ୍ଡଳୀ ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ରେହାନ ଖେତ୍ରୀଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଛନ୍ତି। ମୁଖ୍ୟତଃ ବସ ଟର୍ମିନାଲ ଅଟୋ ଷ୍ଟାଣ୍ଡ ଭିତରେ ବ୍ୟାଟେରୀ ଚାର୍ଜିଂ ପଏଣ୍ଟ ନିର୍ମାଣ କରାଯାଉଛି। ଯାହାକି ନିୟମ ବିରୋଧ ବୋଲି କହିଥିଲେ। ଭିଏସ୍‌ଏସ ଅଟୋ ଚାଳକ ସଂଘ ଉପଦେଷ୍ଟା ସଞ୍ଜିତ ମହାନ୍ତି, ସୌରୀନାରାୟଣ ପାଣିଗ୍ରାହୀ, ସାଧାରଣ ସମ୍ପାଦକ ପ୍ରେମାନନ୍ଦ ମିଶ୍ର, ଉପସଭାପତି ବୀରେନ୍ଦ୍ର ସାହୁ, ଯୁବନେତା ଦେବଜ୍ୟୋତି ପଟ୍ଟନାୟକ, ଛାତ୍ରନେତା ସୁମିତ ପଟେଲ, ଏସ.କେ. ନୁରୁଦ୍ଦିନ, ଜୟପ୍ରକାଶ ସାହୁ, ସନ୍ତୋଷ ବିଭାର, ବିଭୀଷଣ କାଣ୍ଡଙ୍କ ସହ ସଂଘର ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# କାର୍ଯ୍ୟଭାର ଗ୍ରହଣ କଲେ ନୂତନ ଉତ୍ତରାଞ୍ଚଳ ଶିକ୍ଷା ନିର୍ଦ୍ଦେଶକ

**ସମ୍ବଲପୁର,୩୦।୭(ବି.ଶଙ୍କର)**



ଅମୂଲ୍ୟ କୁମାର ପଧାନ।

ଉତ୍ତରାଞ୍ଚଳ ଜୋନର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକଭାବେ ଅମୂଲ୍ୟ କୁମାର ପଧାନ ବୁଧବାର କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ସମ୍ବଲପୁର ଶିକ୍ଷା ବିଭାଗର କର୍ମଚାରୀ ଓ ଅଧିକାରୀମାନେ ତାଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ କରିଥିଲେ। ରାଜ୍ୟରେ ଜଣେ ଦକ୍ଷ ଶିକ୍ଷା ପ୍ରଶାସକ ଭାବେ ପଧାନଙ୍କ ସ୍ୱତନ୍ତ୍ର ପରିଚୟ ରହିଛି। ମୁଖ୍ୟତଃ ଗଞ୍ଜାମ ଓ ସୁନ୍ଦରଗଡ଼ର ଜିଲା ଶିକ୍ଷା ଅଧିକାରୀ ଭାବେ ସେ ସଫଳତାର ସହ କାର୍ଯ୍ୟ କରିଛନ୍ତି। ତାଙ୍କର ନିଯୁକ୍ତିକୁ ସମ୍ବଲପୁର ଶିକ୍ଷକ ମହଲରେ ସ୍ୱାଗତ କରାଯାଇଛି। ଏଥିସହ ଉତ୍ତରାଞ୍ଚଳ ଜୋନର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ଭାବେ ବିଭିନ୍ନ ବିକାଶମୁଖି କାର୍ଯ୍ୟ କରିବେ ବୋଲି ଆଶା ରହିଛି। ଆଞ୍ଚଳିକ ଶିକ୍ଷା କାର୍ଯ୍ୟାଳୟରେ ଶିକ୍ଷକ, କର୍ମଚାରୀମାନେ ପଧାନଙ୍କୁ ଫୁଲତୋଡା ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ।

# ୨୫୫ଜଣଙ୍କୁ ଘରଡିହ ପଟ୍ଟା ବଣ୍ଟନ

**ଜମନକିରା,୩୦।୭(ରବୀନ୍ଦ୍ର ପ୍ରସାଦ ଦାନୀ)**



ମନ୍ତ୍ରୀ ରବିନାରାୟଣ ନାଏକ ଘରଭଙ୍ଗା ସହାୟତା ଚେକ୍ ପ୍ରଦାନ କରୁଛନ୍ତି।

### ୬୦ଜଣଙ୍କୁ ଶ୍ରମ, ୪୭ ଜଣଙ୍କୁ ରାଶନ କାର୍ଡ ବାଣ୍ଟିଲେ ମନ୍ତ୍ରୀ

ସମ୍ବଲପୁର ଜିଲା ଜମନକିରା ବ୍ଲକ ପରିସରରେ ବୁଧବାର ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବିନାରାୟଣ ନାଏକ ବିଭିନ୍ନ ପ୍ରକାରର କାର୍ଡ ବଣ୍ଟନ କରିଛନ୍ତି। ଏଥିରେ ନୂତନ ଭାବେ ୬୦ଜଣଙ୍କୁ ଲେବର କାର୍ଡ, ୪୭ଜଣଙ୍କୁ ରାଶନ କାର୍ଡ, ୪୧ଜଣଙ୍କୁ ନୂତନ ଭତ୍ତା, ୨୫୫ ଜଣଙ୍କୁ ବସୁନ୍ଧରା ଯୋଜନାରେ ନୂତନ ଘରଡିହି ପଟ୍ଟା, ୩୦ଜଣଙ୍କୁ ଜଙ୍ଗଲ ଜମି ପଟ୍ଟା, ଗୁହାଳ ପାଇଁ ୧୬ ଜଣଙ୍କୁ କାର୍ଯ୍ୟାଦେଶ ଏବଂ ବର୍ଷାରେ ଘର ଭାଙ୍ଗିଯାଇଥିବା ୬ ଜଣଙ୍କୁ ୪୦୦୦ ଟଙ୍କା ଲେଖାଏ ସହାୟତା ରାଶି ଚେକ୍ ଆକାରରେ ପ୍ରଦାନ କରାଯାଇଥିଲା। ମନ୍ତ୍ରୀ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ବହୁମୁଖି ଯୋଜନା ବିଷୟରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଡ଼ିଓ ରବୀନ୍ଦ୍ର କୁମାର ସେଠୀ, ତହସିଲଦାର ପ୍ରଭିଣା ବିଲୁଙ୍ଗ, ଏମ୍‌ପି ପ୍ରତିନିଧି ରମେଶ କୁମାର ସାହୁ, ଜିଲା ପରିଷଦ ସଭ୍ୟ ଦୁବରାଜ କିସାନ, ଜମନକିରା ମଣ୍ଡଳ ସଭାପତି ବିଜୟ କୁମାର ନାଏକ, ଗୁଣ୍ଡୁରୁଟୁଆଁ ମଣ୍ଡଳ ସଭାପତି ମନୋଜ କୁମାର ମାଝୀ, ସମାଜ ସେବୀ ଦୁଷ୍ମନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ପଞ୍ଚାୟତ ଓ ବ୍ଲକ ସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହି କାର୍ଡ ବଣ୍ଟନରେ ସହଯୋଗ କରିଥିଲେ।

# ଓଡ଼ିଶା ସରକାର
# ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
## ଅଧିସୂଚନା

**No. RDM-LAA-KPD-0015-2024-12278 /R&DM, dated 29.03.2025**

**No.XX-05:-** ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ କେନ୍ଦ୍ରାପଡ଼ା ଜିଲ୍ଲାର ଆର୍ସେଲର ମିତ୍ତଲ ନିପନ ଷ୍ଟିଲ ଇଣ୍ଡିଆ (AMNSI) ପ୍ରା.ଲି. ଦ୍ୱାରା ବାର୍ଷିକ ୨୪ ମେଟ୍ରିକ ଟନ ଇସ୍ପାତ କାରଖାନା ପ୍ରକଳ୍ପ ପ୍ରତିଷ୍ଠା ନିମନ୍ତେ ଓଡ଼ିଶା ଶିଳ୍ପ ଭିତ୍ତିଭୂମି ଉନ୍ନୟନ ନିଗମ ଦ୍ୱାରା **ମୌଜା-ବନବିହାରୀପୁର**, ତହସିଲ-ମହାକାଳପଡ଼ା, ଜିଲ୍ଲା- କେନ୍ଦ୍ରାପଡ଼ା ରେ ନିମ୍ନ ତପସିଲ ମତେ ପ୍ରାୟ **ଏ. ୩୧୧.୩୩୫ ଡି.** ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ।
ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013) ର ୧୧(୧) ଧାରା ରେ ଉପରୋକ୍ତ ଜୋଉ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀ ରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି ।
ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ର ଧାରା ୧୧(୧) ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।
ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ଉଚ୍ଚତା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧- ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ- ଆର୍ସେଲର ମିତ୍ତଲ ନିପନ ଷ୍ଟିଲ ଇଣ୍ଡିଆ (AMNSI) ପ୍ରା.ଲି. ଦ୍ୱାରା ବାର୍ଷିକ ୨୪ ମେଟ୍ରିକ ଟନ ଇସ୍ପାତ କାରଖାନା ପ୍ରତିଷ୍ଠା ନିମନ୍ତେ ।
୨- ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ- Chief General Manager (Land) IDCO, Bhubaneswar
୩- କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ- ସାର୍ବଜନୀନ ଉଦ୍ଦେଶ୍ୟରେ ଆର୍ସେଲର ମିତ୍ତଲ ନିପନ ଷ୍ଟିଲ ଇଣ୍ଡିଆ (AMNSI) ପ୍ରା.ଲି. ଦ୍ୱାରା ବାର୍ଷିକ ୨୪ ମେଟ୍ରିକ ଟନ ଇସ୍ପାତ କାରଖାନା ପ୍ରକଳ୍ପ ନିର୍ମାଣ ନିମନ୍ତେ ଜମି ଆବଶ୍ୟକ ।
୪- ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ- ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଘୋଷଣାନାମା ଚିଠି ସଂଖ୍ୟା ୭୩୬୮ ତା ୧୩.୦୩.୨୦୨୪ ରିଖ ପ୍ରକାରରେ ଜମି ଅଧିଗ୍ରହଣ ନିମନ୍ତେ ଧାରା ୮ (୨) ରେ ଅନୁମୋଦନ ହୋଇଅଛି ।
୫- ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ - ଉପ ଜିଲ୍ଲାପାଳ, କେନ୍ଦ୍ରାପଡ଼ା।
୬- ଜମିର ବିବରଣୀ-

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | ପ୍ଲଟ୍ ର ମୋଟ ରକବା | ଅଧିସୂଚୀତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| କେନ୍ଦ୍ରାପଡ଼ା | ମହାକାଳପଡ଼ା | ବନବିହାରୀପୁର | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ. ୩୧୧.୩୩୫ | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, କେନ୍ଦ୍ରାପଡ଼ାଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିହେବ ମିଳିପାରିବ ।
ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

**PVT. LAND SCHEDULE**
**Name of the Village : Banabiharipur**
**Name of the P.S. & No. : Mahakalpada No.-148**
**Name of the Tahasil: Mahakalpada**
**Name of the District : Kendrapada**

| Sl No | Khata No | Plot No | Total area (In Ac.) | Proposed area to be acquired (In Ac.) | Kissam | Name of theTenant |
|---|---|---|---|---|---|---|
| 1 | 1 | 78 (P) | 2.230 | 2.060 | ଶାରଦ ତିନି | କୃପାସିନ୍ଧୁ ସ୍ୱାଇଁ ପି: ଚଇଁ ସ୍ୱାଇଁ, ଗୋପିନାଥ ସ୍ୱାଇଁ, ବାଉରୀବନ୍ଧୁ ସ୍ୱାଇଁ ପି: ମୁକ୍ତି ସ୍ୱାଇଁ ଜା: ପଧାନ, ଧରଣୀ ଧର ଖଟୁଆ, ଶିବ ଖଟୁଆ, ରାମ ଖଟୁଆ, କାମ ଖଟୁଆ, ଶୁଦାମ ଖଟୁଆ ପି: ଦଇ ଖଟୁଆ, ଗୁରୁଚରଣ ଖଟୁଆ ପି: ଶ୍ରୀନିବାସ ଖଟୁଆ, ନିଶାକର ସାମଲ, ପ୍ରସାନ୍ତ ସାମଲ, ବାନାମ୍ବର ସାମଲ ପି: ପୁରସ୍ତମ ସାମଲ, ମନ୍ମଥ ସାମଲ, ରତ୍ନାକର ସାମଲ, ପ୍ରଭାକର ସାମଲ, ଶୁନାକର ସାମଲ ପି: ଦାମ ସାମଲ, ହରି ରାଉତ, ପରି ରାଉତ ପି: କଣ୍ଟୁରି ରାଉତ, ଧଡି ସ୍ୱାଇଁ ପି: ଶୁଦର୍ଶନ ସ୍ୱାଇଁ ଜା: ଖଣ୍ଡାୟତ, ଉଛବ ସ୍ୱାଇଁ ପି: ଅନନ୍ତ ସ୍ୱାଇଁ ଜା: ପଧାନ, ପ୍ରଫୁଲ ନାଥ ପି: ସୁନା ନାଥ ଜା: ଯୋଗି ବା:, ଶ୍ରୀଧର ସେଠି ପି: କାଶି ସେଠି, ମୁରଲୀ ସେଠି ପି: ବିକଳ ସେଠି, ପଦନ ସେଠି ପି: ଗିରିଧାରୀ ସେଠି ଜା: ଧୋବା ବା: ବଡକୁଳ, ଇଶ୍ୱର ବେହେରା, କେସର ବେହେରା, ବରଜୁ ବେହେରା, ଧ୍ରୁବ ବେହେରା, ସୁରତି ବେହେରା, କ୍ଷିର ବେହେରା ପି: ମନ୍ଦର ବେହେରା, କୈଳାସ ବେହେରା, ପ୍ରକାଶ ବେହେରା, ଦଇତାରୀ ବେହେରା, ଗୟା ବେହେରା ପି: ମଥୁରି ବେହେରା ଜା: କେଉଟ ବା: ଆଠବାଟିଆ, ଶରତ ଚନ୍ଦ୍ର ପରିଡା ପି: ନିତ୍ୟାନନ୍ଦ ପରିଡା ଜା: ମହାଲାଏକ ବା: ରଘୁନାଥପୁର, ପାଣ୍ଡବ ସାମଲ ପି: ପ୍ରାଣକୃଷ୍ଣ ସାମଲ ଜା: ଖଣ୍ଡାୟତ ବା: ବଡଗାଁ, ଫକିର ରାଉତ, ଭଜି ରାଉତ, ଯୁଧିଷ୍ଠିର ରାଉତ, ରତ୍ନାକର ରାଉତ, ନନ୍ଦକିଶୋର ରାଉତ ପି: ଦିନବନ୍ଧୁ ରାଉତ ଜା: ପଧାନ ବା: ଗୋବର୍ଦ୍ଧନପୁର, ଦୋଳଗୋବିନ୍ଦ ଖଟୁଆ ପି: ଦୁର୍ଯ୍ୟୋଧନ ଖଟୁଆ ବା: |
| 2 | 11/8 | 78/334 | 0.220 | 0.220 | ଶାରଦ ତିନି | ଲାଲ ମୋହନ ହାତୀ ପି:କୃପାସିନ୍ଧୁ ହାତୀ ଜା: ଖଣ୍ଡାୟତ ବା: ଚୁନବେଲାରୀ |
